

'ମହାଦେବ' ଅକ୍ଷୟ

▶ପୃଷ୍ଠା ୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-210 ◆BHUBANESWAR ◆SATURDAY ◆25 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୧୦ ◆ଭୁବନେଶ୍ୱର ◆ଶନିବାର ◆୨୫ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


### ଗୋଳାବାରୁଦ କାରଖାନାରେ ଭୟଙ୍କର ବିସ୍ଫୋରଣ



## ୮ ମୃତ; ୭ ଗୁରୁତର

■ **ମୁମ୍ବାଇ, ୨୪।୧ (ଏଜେନ୍ସି):** ମହାରାଷ୍ଟ୍ର ଭଣ୍ଡାରା ସ୍ଥିତ ସେନାର ଗୋଳାବାରୁଦ କାରଖାନାର ଲଙ୍ଗ୍ ଟର୍ମ ପ୍ଲାନିଂ ସେକ୍ସନ (ଏଲ୍‌ଟିପି)ରେ ବଡ଼ ଅଘଟଣ ଘଟିଛି। ଶୁକ୍ରବାର ସକାଳ ୧୦ଟା ୩୦ରେ ଏଠାରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏହାର ଶବ୍ଦ ପ୍ରାୟ ୫ କିମି ଦୂରକୁ ଶୁଭିଛି। କାରଖାନାର ଛାତ ଭୁଶୁଡ଼ି ଯାଇଛି। ଲୁହା ଏବଂ ପଥର ଖଣ୍ଡ ଚାରିଆଡ଼େ ବ୍ୟାପିଯାଇଛି। ଏହି ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ୭ ଜଣ ଗୁରୁତର ଆହତ ହୋଇଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି କୁହାଯାଉଛି। ଛାତର ଅବଶେଷ ତଳେ ୧୩ରୁ ୧୪ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଏବେ ଉଦ୍ଧାରକାର୍ଯ୍ୟ ଜାରି ରହିଛି ବୋଲି ଜିଲ୍ଲାପାଳ ସଞ୍ଜୟ ▶ପୃଷ୍ଠା-୭



### ଅଭିନୟରୁ ଆଧ୍ୟାତ୍ମିକ ଜଗତ

## ମମତା କୁଲକର୍ଣ୍ଣୀ କିନ୍ନର ଆଖଡ଼ା ମହାମଣ୍ଡଳେଶ୍ୱର

■ **ପ୍ରୟାଗରାଜ, ୨୪।୧ (ଏଜେନ୍ସି):** ବଲିଉଡ ଅଭିନେତ୍ରୀ ମମତା କୁଲକର୍ଣ୍ଣୀଙ୍କ ପରିଚୟ ବଦଳି ଯାଇଛି। ସେ ଶୁକ୍ରବାର ପ୍ରୟାଗରାଜର ସଙ୍ଗମ ତଟରେ ନିଜର ପିଣ୍ଡଦାନ କରି କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ହୋଇଛନ୍ତି। ଏବେ ସେ ମମତା କୁଲକର୍ଣ୍ଣୀରୁ ଯାମାଇ ମମତା ନନ୍ଦ ଗିରି ପାଲଟି ଯାଇଛନ୍ତି। ଏହା ପୂର୍ବରୁ ମମତା ଆଜି ସକାଳେ ସାଧ୍ୱୀ ବେଶରେ ମହାକୁମ୍ଭର କିନ୍ନର ଆଖଡ଼ାରେ ପହଞ୍ଚି ଥିଲେ। ସେ ଗେରୁଆ ବସ୍ତ୍ର ପିନ୍ଧି ବେକରେ ରୁଦ୍ରାକ୍ଷ ମାଳା ଏବଂ କାନ୍ଧରେ ବ୍ୟାଗ୍ ପକାଇ ଥିଲେ। କିନ୍ନର ଆଖଡ଼ାରେ ପହଞ୍ଚିବା ପରେ ▶ପୃଷ୍ଠା-୭

### କାଳ ହେଲା ସେଲ୍‌ଫି

## ଟ୍ରେନ୍‌ରୁ ଖସିପଡ଼ି ଛାତ୍ରୀ ମୃତ



■ **କେନ୍ଦୁଝର, ୨୪।୧ (ସମିସ):** ପୁରୀ-ବଡ଼ବିଲ ଇଣ୍ଟରସିଟିରେ ସାଙ୍ଗମାନଙ୍କ ସହ ସେଲ୍‌ଫି ନେବା ବେଳେ ଟ୍ରେନ୍‌ରୁ ଖସି ଜଣେ ମେଧାବୀ ଛାତ୍ରୀଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ, କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଡଲଙ୍ଗ ଗ୍ରାମର ନମ୍ରତା ବେହେରା। ସେ କମ୍ପ୍ୟୁଟର୍ ସାଇନ୍ସରେ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ଟପର୍ ଭାବେ ଉତ୍ତୀର୍ଣ୍ଣ ହେବା ପରେ ଭୁବନେଶ୍ୱରର ଏକ ଘରୋଇ ମ୍ୟାନେଜମେଣ୍ଟ ଓ ଟେକ୍ନୋଲୋଜି କଲେଜରେ ପାଠ ପଢୁଥିଲେ। ଶୁକ୍ରବାର ସେ ଭୁବନେଶ୍ୱରରୁ ଆଉ ୪ ସାଙ୍ଗଙ୍କ ସହ ପୁରୀ-କେନ୍ଦୁଝରଗଡ଼-ବଡ଼ବିଲ ଟ୍ରେନ୍‌ରେ ଘରକୁ ଫେରିବା ବେଳେ ଏହି ଅଘଟଣ ଘଟିଛି। ତାଙ୍କର ଦୁଇ ସାଙ୍ଗ ଟାଙ୍ଗିରିଆପାଳ ଷ୍ଟେସନରେ ଓହ୍ଲାଇ ପଡ଼ିଥିଲେ। ଟାଙ୍ଗିରିଆପାଳ-ଶଗଡ଼ପଟା ଷ୍ଟେସନ ମଝିରେ ନମ୍ରତା ଅନ୍ୟ ଦୁଇ ସାଙ୍ଗଙ୍କ ସହ ବଗି ଗେଟ୍ ପାଖରେ ସେଲ୍‌ଫି ନେବା ବେଳେ ଖସି ପଡ଼ିଥିଲେ।

### ୱାକଫ୍ ସଂଶୋଧନ ଜେପିସିରେ ହଙ୍ଗାମା

# ୧୦ ସାଂସଦ ନିଲମ୍ବିତ

**ବଜେଟ ଅଧିବେଶନରେ ଉପସ୍ଥାପନ ହେବ ରିପୋର୍ଟ**

**ତରବରିଆ ରିପୋର୍ଟ ପ୍ରସ୍ତୁତିକୁ ବିରୋଧୀଙ୍କ ବିରୋଧ**

■ **ନୂଆଦିଲ୍ଲୀ, ୨୪।୧ (ସମିସ):** ପ୍ରବଳ କଥା କଟାକଟି, ହୋହଲ୍ଲା ଓ ବିରୋଧ ମଧ୍ୟରେ ୱାକଫ୍ ସଂଶୋଧନ ନିମନ୍ତେ ଗଠିତ ସଂସଦୀୟ କମିଟି (ଜେପିସି)ର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଆଜି (ଜାନୁଆରୀ ୨୪) ଅନୁଷ୍ଠିତ ବୈଠକକୁ ଜେପିସିର ଅନ୍ତିମ ବୈଠକ ବୋଲି ଅଧ୍ୟକ୍ଷ ଜଗଦମ୍ବିକା ପାଲ୍ ସୂଚନା ଦେବା ସହ ଏହି ରିପୋର୍ଟ ଆଗାମୀ ସଂସଦ ଅଧିବେଶନରେ ଉପସ୍ଥାପନ କରାଯିବ ବୋଲି ଘୋଷଣାକୁ ବିରୋଧୀ ସାଂସଦମାନେ ବିରୋଧ କରିଛନ୍ତି। ତରବରିଆ ଭାବରେ ଜେପିସି ବୈଠକ ଓ ରିପୋର୍ଟ ପ୍ରସ୍ତୁତିକୁ ନେଇ ହୁରିୟତ ନେତା ମୀରୱାଇଜ୍ ପ୍ରବଳ ବିରୋଧ କରିଛନ୍ତି। ଯାହାକୁ ନେଇ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇଥିଲା ଓ ଅଧ୍ୟକ୍ଷ ଶ୍ରୀ ପାଲ୍ ବିରୋଧୀ ପକ୍ଷର ୧୦ ସାଂସଦଙ୍କୁ ବୈଠକରୁ ନିଲମ୍ବିତ କରିଥିଲେ।

ୱାକଫ୍ ସଂଶୋଧନ ଚିଠାରେ ପ୍ରସ୍ତାବିତ ପରିବର୍ତ୍ତନ ବା ସଂଶୋଧନ ନିମନ୍ତେ ପର୍ଯ୍ୟାପ୍ତ ସମୟ ପ୍ରଦାନ କରା ନ ଯିବା ବିରୋଧୀ ସାଂସଦମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିଲ୍ଲୀ ନିର୍ବାଚନକୁ ଦୃଷ୍ଟିରେ ରଖି ୱାକଫ୍ ସଂଶୋଧନ ବିଧେୟକ ରିପୋର୍ଟକୁ ସଂସଦରେ ତରବରିଆ ଭାବରେ ଉପସ୍ଥାପନ ପାଇଁ ସରକାର ଚାହୁଁଛନ୍ତି ଓ ସରକାରୀ ଦଳର ସାଂସଦମାନେ ସେହି ଅନୁସାରେ କାର୍ଯ୍ୟ କରୁଥିବା ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ ଅଭିଯୋଗ କରିଛନ୍ତି। ଜେପିସି ବୈଠକ ଏକ ତମାସାରେ ପରିଣତ ହୋଇଛି ଏବଂ ଏହାକୁ ସରକାର ନିୟନ୍ତ୍ରଣ କରୁଛନ୍ତି ବୋଲି ଶ୍ରୀ ବାନାର୍ଜୀ ଅଭିଯୋଗ କରିଛନ୍ତି।

ଜାମ୍ମୁ କଶ୍ମୀର ହୁରିୟତ ନେତା ମୀରୱାଇଜ୍ ଉମର ଫାରୁକ୍ ପ୍ରସ୍ତାବିତ ସଂଶୋଧନକୁ ୱାକଫ୍ ବୋର୍ଡ଼ର ସ୍ୱାଧୀନତା ଉପରେ ହସ୍ତକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ନୂତନ ବ୍ୟବସ୍ଥାରେ ୱାକଫ୍ ସମ୍ପତ୍ତିକୁ ସରକାରୀ ସମ୍ପତ୍ତିରେ ପରିଣତ କରିବାର ଅଧିକାର ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଅତ୍ୟନ୍ତ ▶ପୃଷ୍ଠା-୭

# 'ପଶ୍ଚିମ'କୁ ପ୍ରତାରଣା

## ▶ ବିକାଶ ପରିଷଦରେ ପଡ଼ିରହିଛି ୭୦୦ କୋଟି ଟଙ୍କା

### ମଞ୍ଜୁର ହୋଇଥିବା ୮୦% ପ୍ରକଳ୍ପ ଆରମ୍ଭ ହୋଇନାହିଁ

### ପଶ୍ଚିମ ଓଡ଼ିଶା ବିକାଶ ପାଇଁ ସରକାର ଅନାଗ୍ରହୀ: ବିଜେଡି

### ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଏବେ ମୃତପ୍ରାୟ: କଂଗ୍ରେସ




■ **ଭୁବନେଶ୍ୱର, ୨୪।୧ (ସମିସ):** ପ୍ରତ୍ୟେକ ନିର୍ବାଚନ ସମୟରେ ପଶ୍ଚିମ ଓଡ଼ିଶାକୁ ବିଜେପି ସର୍ବାଧିକ ଗୁରୁତ୍ୱ ଦେଇ ଆସିଛି। ୨୦୧୯ରେ ରାଜ୍ୟରୁ ୮ ଜଣ ସାଂସଦ ନିର୍ବାଚିତ ହୋଇଥିବାବେଳେ କେବଳ ପଶ୍ଚିମ ଓଡ଼ିଶାରୁ ଏମାନଙ୍କ ସଂଖ୍ୟା ଥିଲା ୫। ଗତ ୨୦୨୪ ନିର୍ବାଚନରେ ଆନୁପାତିକ ସଫଳତା ଦୃଷ୍ଟିରୁ ବିଜେପି ଲୋକସଭା କ୍ଷେତ୍ରଗୁଡ଼ିକରେ ପଶ୍ଚିମ ଓଡ଼ିଶାରୁ ସର୍ବାଧିକ ଭୋଟ ପାଇଛି। ମାତ୍ର ଯେଉଁ ପଶ୍ଚିମ ଓଡ଼ିଶାବାସୀ ବିଜେପିକୁ ଭୋଟ ଅଜାଡ଼ି ଦେଇଛନ୍ତି; ସେହି ପଶ୍ଚିମ ଓଡ଼ିଶାକୁ ରାଜ୍ୟ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଉପେକ୍ଷା କରି ଚାଲିଥିବା ଅଭିଯୋଗ ହୋଇଛି। ଧାନ କ୍ରୟ କ୍ଷେତ୍ରରେ ପଶ୍ଚିମ ଓଡ଼ିଶାର ଚାଷୀ ସବୁଠାରୁ ଅଧିକ ଶୋଷଣର ଶିକାର ହୋଇଛନ୍ତି। ପଶ୍ଚିମ ଓଡ଼ିଶାର ସମ୍ବଲପୁର ନୂଆପଡ଼ା, ସୋନପୁର, ବଲାଙ୍ଗୀର, ସୋନପୁର, ଝାରସୁଗୁଡ଼ା ଆଦି ଜିଲ୍ଲାରେ ପ୍ରାୟ ୪୭ ହଜାର ହେକ୍ଟର ଜମିକୁ ଜଳସେଚନ ପାଇଁ ପ୍ରସ୍ତାବିତ ୩୦ଟି ପ୍ରକଳ୍ପର କାର୍ଯ୍ୟାଦେଶକୁ ଦିନକ ତଳେ ଜଳସମ୍ପଦ ବିଭାଗ ରଦ୍ଦ କରିଛି। ସବୁଠାରୁ ବିଡ଼ମ୍ବନା ହେଉଛି ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ପୂର୍ବବର୍ଷର ବକେୟା ଓ ଚଳିତ ବର୍ଷର ୫୦୦ କୋଟି ଟଙ୍କା ଅନୁଦାନକୁ ମିଶାଇ ୭୦୦ କୋଟି ଟଙ୍କା ପଡ଼ିଥିଲେ ବି ଏଥିରେ ଏଯାଏ ହାତ ବାଜିନାହିଁ। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ୬୫ ଦିନ ବାକି ଥିବାବେଳେ ବିକାଶମୂଳକ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏପରିକି ପୂର୍ବ ବର୍ଷରୁ ମଞ୍ଜୁର ହୋଇଥିବା ପ୍ରକଳ୍ପରୁ ୮୦% କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଇ ପାରିନାହିଁ।

ପଶ୍ଚିମ ଓଡିଶାର ସାମଗ୍ରିକ ବିକାଶ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ ହୋଇଥିଲା। ଏଥିରେ ବରଗଡ଼, ବଲାଙ୍ଗିର, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲା ସହ ଅନୁଗୋଳ ଜିଲ୍ଲାର ଦୁଇଟି ଉପଖଣ୍ଡକୁ ସାମିଲ କରାଯାଇଥିଲା। ସମାନୁପାତିକ ବିକାଶ ନିମନ୍ତେ ଗଠିତ ଏହି ବିକାଶ ପରିଷଦକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରୁଥିଲେ ଓ ଏହା ମାଧ୍ୟମରେ ପଶ୍ଚିମ ଓଡ଼ିଶାର ସମସ୍ତ କ୍ଷେତ୍ରରେ ବିକାଶ ହୋଇ ପାରୁଥିଲା। ଏହାର ଆବଶ୍ୟକତା ଓ ଗୁରୁତ୍ୱ ବଢ଼ି ଚାଲିବା ସହିତ ସରକାରୀ ଅନୁଦାନ ମଧ୍ୟ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାର ବୃଦ୍ଧି କରିଥିଲେ। ଗତ କିଛି ବର୍ଷ ହେଲା ପୂର୍ବ ସରକାର ପରିଷଦକୁ ୫୦୦ କୋଟି ଲେଖାଏଁ ଟଙ୍କା ଅନୁଦାନ ପ୍ରଦାନ କରୁଥିଲେ ଓ ବିଜେପି କ୍ଷମତାକୁ ଆସିବା ପରେ ଅନୁରୂପ ଭାବରେ ୫୦୦ କୋଟିଟଙ୍କା ମଞ୍ଜୁର କରିଛନ୍ତି। ନିର୍ବାଚନ ଆଚରଣ ବିଧି ଯୋଗୁଁ ଗତ ଆର୍ଥିକ ବର୍ଷ ସମୟରେ ଖର୍ଚ୍ଚ ହୋଇ ପାରି ନ ଥିବା ପ୍ରାୟ ୨୦୦ କୋଟି ଟଙ୍କା ସହ ଏବର ସରକାର ମଞ୍ଜୁର କରିଥିବା ୫୦୦ କୋଟି ଟଙ୍କାକୁ ମିଶାଇ ପ୍ରାୟ ୭୦୦ କୋଟି ଟଙ୍କା ପରିଷଦ ପାଣିରେ ପଡ଼ି ରହିଛି। ମାତ୍ର ବର୍ଷ ସରିବାକୁ ବସିଥିଲେ ବି ଏଥିରୁ ଟଙ୍କାଟିଏ ବି ଖର୍ଚ୍ଚ ହୋଇ ପାରନାହି। ଏପରିକି ଯେଉଁ ପ୍ରକଳ୍ପଗୁଡ଼ିକ ପୂର୍ବ ସରକାର ସମୟରେ ମଞ୍ଜୁରି ▶ପୃଷ୍ଠା-୭

## ରାଜ୍ୟସଭା ଛାଡ଼ିଲେ ୱାଇଏସ୍‌ଆର କଂଗ୍ରେସର ଆଉ ଜଣେ ସାଂସଦ

■ **ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି):** ୱାଇଏସ୍‌ଆର କଂଗ୍ରେସ ପାର୍ଟିର ଆଉ ଜଣେ ସାଂସଦ ରାଜ୍ୟସଭାରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି। ସେ ହେଉଛନ୍ତି ବିଜୟ ସାଏ ରେଡୀ। ରାଜ୍ୟସଭାରେ ୱାଇଏସ୍‌ଆର କଂଗ୍ରେସ ସଂସଦୀୟ ଦଳର ନେତା ଥିବା ରେଡୀ ଆଜି ଏହି ସୂଚନା ଦେବା ସହିତ ସକ୍ରିୟ ରାଜନୀତିରୁ ଅବସର ଗ୍ରହଣ କରିଥିବା ଜଣାଇଛନ୍ତି। ଏଥିପାଇଁ ତାଙ୍କ ଉପରେ କୌଣସି ଚାପ ନଥିଲା ଏବଂ ସଂପୂର୍ଣ୍ଣ ରୂପେ ବ୍ୟକ୍ତିଗତ କାରଣରୁ ସେ ରାଜନୀତି ଛାଡୁଛନ୍ତି। ଆସନ୍ତାକାଲି ରାଜ୍ୟସଭାରୁ ଇସ୍ତଫା ଦେବା ସହିତ ଚାଷ କରିବା ଲାଗି ନିଜ ଗାଁକୁ ଚାଲିଯିବେ। ଏହାସହିତ ସ୍ପଷ୍ଟ କରିଛନ୍ତି, କୌଣସି ପଦପଦବୀ କିମ୍ବା ଅର୍ଥ ଲୋଭରେ ଇସ୍ତଫା ଦେଇନାହାନ୍ତି। ସେ କୌଣସି ରାଜନୈତିକ ଦଳରେ ସାମିଲ ହେବେ ନାହିଁ ବୋଲି ରେଡୀ କହିଛନ୍ତି।

ରେଡୀଙ୍କ ଇସ୍ତଫା ସହିତ ରାଜ୍ୟସଭାରେ ୱାଇଏସ୍‌ଆରସିପିର ସଭ୍ୟ ସଂଖ୍ୟା ୭କୁ ଖସି ଆସିଛି। ଗତବର୍ଷ ଏହି ପାର୍ଟିର ତିନି ଜଣ ସାଂସଦ ରାଜ୍ୟସଭାରୁ ଇସ୍ତଫା ଦେଇଥିଲେ। ଫଳରେ ପାର୍ଟିର ▶ପୃଷ୍ଠା-୭

### ବିଜେଡିର ସଂସଦୀୟ ଦଳ ବୈଠକ ୨୮ରେ

## ସପ୍ତରଥୀଙ୍କୁ ଗୁରୁମନ୍ତ୍ର ଦେବେ ନବୀନ



■ **ଭୁବନେଶ୍ୱର, ୨୪।୧ (ସମିସ):** ଆସନ୍ତା ୩୧ରୁ ଆରମ୍ଭ ହେବ ସଂସଦର ବଜେଟ ଅଧିବେଶନ। ଏହା ପୂର୍ବରୁ ଆସନ୍ତା ୨୮ ତାରିଖରେ ବିଜୁ ଜନତା ଦଳର ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହେବ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ବୈଠକରେ ସଂସଦରେ ଦଳର ଆଗାମୀ ରଣନୀତି ସମ୍ପର୍କରେ ଆଲୋଚନା ହେବ। ଆଗାମୀ ବଜେଟ୍ ଅଧିବେଶନ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଦଳର ସାଂସଦମାନେ ରାଜ୍ୟ ସ୍ୱାର୍ଥ ସମ୍ପର୍କରେ ପ୍ରଭାବୀ ପ୍ରଦର୍ଶନ କରିବେ ସେଥିନେଇ ସୁପ୍ରିମୋ ପରାମର୍ଶ ଦେବେ।

ବିଜେଡି ହାତରେ ଏବେ ପୁଳାପୁଳା ପ୍ରସଙ୍ଗ। କୋଇଲା ରାଜଭାଗ ବୃଦ୍ଧିଠାରୁ ଆରମ୍ଭ କରି ପୋଲାଭରମ୍, ମହାନଦୀ, ଆଦିବାସୀଙ୍କ ବର୍ଗକୁ ସ୍ୱୀକୃତି, ଆଦିବାସୀଙ୍କ ଭାଷାକୁ ସ୍ୱତନ୍ତ୍ର ଅନୁଚ୍ଛେଦରେ ସ୍ଥାନ ଦେବା ଆଦି ପ୍ରସଙ୍ଗ ଉପରେ ବିଜେଡି କେନ୍ଦ୍ର ସରକାରଙ୍କୁ ଘେରିବ। କ୍ୟାପିଟାଲ ରିଂ ରୋଡ଼, ଉପକୂଳ ରାଜପଥ, ଜାତୀୟ ରାଜପଥ, ଜାତୀୟ ଜଳପଥ ସମ୍ପର୍କରେ କେନ୍ଦ୍ରୀୟ ଅବହେଳାକୁ ସଂସଦରେ ବିଜେଡି ଉଠାଇବାର ସମ୍ଭାବନା ରହିଛି। ଏହାବ୍ୟତୀତ ରାଜ୍ୟରେ ଆଇଟି ପାର୍କ, ସେମିକଣ୍ଡକ୍ଟର ପାର୍କ, ଏମ୍‌ଏସ୍‌ଏମ୍‌ଇ ପାର୍କ, ଟେକ୍ସଟାଇଲ୍ ପାର୍କ ଓ ଇଣ୍ଡଷ୍ଟ୍ରିଆଲ କରିଡ଼ର ସ୍ଥାପନ ଦାବିକୁ ଉପେକ୍ଷା କରାଯାଇଥବାରୁ ଏହି ପ୍ରସଙ୍ଗ ମଧ୍ୟ ସଂସଦରେ ଉଠିପାରେ।

ସବୁଠାରୁ ବଡ଼ କଥା ହେଉଛି ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ। ୨୦୨୪ରେ ନିଜ ନିର୍ବାଚନୀ ଇସ୍ତାହାରରେ ବିଜେପି ଏହି ପ୍ରସଙ୍ଗକୁ ସ୍ଥାନ ଦେଇଥିଲା। ଇତିମଧ୍ୟରେ ୧୦ ବର୍ଷ ବିତି ଯାଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବାରେ କେନ୍ଦ୍ର ସରକାର ପଛଘୁଞ୍ଚା ଦେଇଛନ୍ତି। ▶ପୃଷ୍ଠା-୭

## ମୋରମ ଗାଡ଼ି ଛଡ଼ାଇନେଲେ ମନ୍ତ୍ରୀଙ୍କ ପୁତୁରା

■ **ଯାଜପୁର, ୨୪।୧ (ସମିସ):** ସୁକିନ୍ଦା ବିଧାୟକ ତଥା ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପୁତୁରାଙ୍କ ଏକ ଦବଙ୍ଗଗିରି ଭାଇରାଲ ଭିଡିଓକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମନ୍ତ୍ରୀଙ୍କ ପୁତୁରା ରଶ୍ମିରଞ୍ଜନ ବେହୁରା ଏକ ମୋରମ ଗାଡ଼ିକୁ ଜୋର୍ ଜବରଦସ୍ତ ସରକାରୀ କର୍ମଚାରୀଙ୍କଠାରୁ ଛଡ଼ାଇ ନେଉଥିବା ଦେଖିବାକୁ ମିଳିଛି। ଉକ୍ତ ଭିଡିଓଟି ସୁକିନ୍ଦା ବନଖଣ୍ଡ ଅନ୍ତର୍ଗତ ବନ୍ଧଗାଁ ଜଙ୍ଗଲ ଜମି ଅଞ୍ଚଳର ବୋଲି କୁହାଯାଉଛି। ଆଜି ଉକ୍ତ ଜଙ୍ଗଲ ଜମିରୁ ଚୋରା ମୋରମ ଚାଲାଣ ହେଉଥିବା ଖବର ପାଇ ସୁକିନ୍ଦା ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ମୋରମ ଗାଡ଼ିକୁ ଜବତ କରିବା ପାଇଁ ଅଟକାଇ ଥିଲେ। ସେହି ସମୟରେ ରଶ୍ମିରଞ୍ଜନ ଘଟଣାସ୍ଥଳରେ ପହଞ୍ଚି ଫରେଷ୍ଟର ନବ ବେହେରାଙ୍କ ସହିତ ଯୁକ୍ତିତର୍କ କରିବା ସହ ହାଇୱାକୁ ଛଡ଼ାଇ ନେଇଥିଲେ। ଏସବୁ ଦୃଶ୍ୟ ମୋବାଇଲରେ ଘୁରି ବୁଲୁଛି। ଶାସକ ଦଳର ଏଭଳି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଉଥିବାବେଳେ ଏ ସମ୍ପର୍କରେ ଫରେଷ୍ଟରଙ୍କୁ ପଚାରିବାରୁ ଉକ୍ତ ଗାଡ଼ିରେ ଯାଉଥିବା ମୋରମର କାଗଜପତ୍ର ରହିଥିବା ସାମ୍ବାଦିକଙ୍କୁ ଉତ୍ତର ଦେଇଛନ୍ତି। ତେବେ ପ୍ରଶ୍ନ ଉଠୁଛି ଯେ, ଯଦି ସବୁ ଠିକ୍ ଥିଲା, ତେବେ କାହିଁକି ଗାଡ଼ିକୁ ଫରେଷ୍ଟର ଅଟକାଉଥିଲେ।


**SIKSHA 'O' ANUSANDHAN**

# SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


### ଏନ୍‌କାଉଣ୍ଟରରେ ମୃତ୍ୟୁ ପରେ ଜଣାପଡ଼ିଲା ପରିଚୟ

# କେକେବିଏନ୍ ନେତା ଥିଲେ ନିଆଳିର ବାଉରୀବନ୍ଧୁ

**ମୁଣ୍ଡ ଉପରେ ଥିଲା ୩ ରାଜ୍ୟର ୧୮ ଲକ୍ଷ ଟଙ୍କା ଇନାମ୍**

**୧୨ ବର୍ଷ ତଳେ ଶୁଦ୍ଧିକ୍ରିୟା ସାରିଦେଇଥିଲେ ପରିବାର**

**ଶବ ଗ୍ରହଣ କରିବାକୁ ମନାକଲେ ପରିବାର ଲୋକେ**

■ **ଭୁବନେଶ୍ୱର/ନିଆଳି, ୨୪।୧ (ସମିସ):** ନୂଆପଡ଼ା-ଛତିଶଗଡ଼ ସୀମାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ପ୍ରାଣ ହରାଇଥିବା ନକ୍ସଲମାନଙ୍କ ମଧ୍ୟରେ କଟକ ଜିଲ୍ଲା ନିଆଳି ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଖବର ଆଜି ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ପୁଲିସ ଏନକାଉଣ୍ଟରେ ମୃତ୍ୟୁ ଘଟିଥିବା ୧୬ଜଣ ମାଓବାଦୀଙ୍କ ମଧ୍ୟରୁ ଆଲୋକ ଓରଫ୍ ମୁନ୍ନା ଓରଫ୍ ବାଉରୀବନ୍ଧୁ ସେଠୀ ନାମରେ ଥିବା ଯୁବକର ଘର କଟକ ଜିଲ୍ଲା ନିଆଳି ଥାନା କୁଳଶ୍ରୀ ଗାଁରେ ବୋଲି ପୁଲିସ ସୂଚନାରୁ ଜଣାପଡ଼ିଛି। ବାଉରୀବନ୍ଧୁ ୨୦ ବର୍ଷ ତଳେ ଓଡ଼ିଶାର ଜଣେ ଚର୍ଚ୍ଚିତ ମାଓନେତାଙ୍କ ସଂସ୍ପର୍ଶରେ ଆସି ଗାଁ ଛାଡ଼ି ମାଓ ସଂଗଠନରେ ମିଶିଥିବା ଗାଁ ଲୋକେ କହିଛନ୍ତି।



ହେଲେ ସେ ମାଓ ସଂଗଠନରେ ସାମିଲ ହୋଇଥିବା ନେଇ ତା'ର ପରିବାର ଲୋକେ କିଛି ସୁରାକ୍ ପାଇ ନ ଥିବା କହିଛନ୍ତି।

କୁଳଶ୍ରୀ ଗ୍ରାମବାସୀଙ୍କ କହିବା କଥା ହେଲା, ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକ କଲେଜରେ ୨୦୦୦ ମସିହାରେ ନାମ ଲେଖାଇଥିଲା ବାଉରୀ। ଏହି କଲେଜରେ ପଢ଼ିବାବେଳେ ଓଡ଼ିଶାର ଜଣେ ଚର୍ଚ୍ଚିତ ମାଓନେତାଙ୍କ ସଂସ୍ପର୍ଶରେ ଆସିଥିଲା। ୨୦୦୫ରେ କୁଳଶ୍ରୀ ସ୍କୁଲ ପଡ଼ିଆରେ ଜନଗର୍ଜନ ସମାବେଶ ନାଁରେ ବାଉରୀବନ୍ଧୁ ଆୟୋଜନ କରିଥିଲା ଏକ ବିରାଟ ସମାବେଶ। ସମାବେଶକୁ ସେତେବେଳେ ପୁଲିସ ବିରୋଧ କରିବାରୁ ଜୟୀ ରାଜଗୁରୁଙ୍କ ନାଁରେ ହୋଇଥିଲା କାର୍ଯ୍ୟକ୍ରମ। ପରବର୍ତ୍ତୀ ସମୟରେ ପାରାଦୀପରେ ଏକ ମିଟିଂ ଥିବା କହି ଘରୁ ବାହାରିଯାଇଥିବା ବାଉରୀବନ୍ଧୁ ଆଉ ବାହୁଡ଼ି ନ ଥିଲା। ଏପରିକି ପରିବାର ସହ ବି ବାଉରୀବନ୍ଧୁର କୌଣସି ▶ପୃଷ୍ଠା-୭

ସମ୍ପୂର୍ଣ୍ଣା

ସକାଳ THE SAKALA www.sakalaepaper.com

# ରୋବଟ୍ ଭାକ୍ୟୁମ୍ କ୍ଲିନର୍

## ହାତରେ ଉଠାଇବ ଜିନିଷ



ରୋବୋରକ୍ ବିଶ୍ୱର ପ୍ରଥମ ରୋବଟ୍ ଭାକ୍ୟୁମ୍ କ୍ଲିନର୍‌କୁ ଲଞ୍ଚ କରିଛି । ଏହି ଡିଭାଇସ୍‌ର ନାଁ 'Saros Z70' ରଖାଯାଇଛି । ଏହି ନୂତନ ପ୍ରକାର ରୋବଟ୍ ଭାକ୍ୟୁମ୍ କ୍ଲିନର୍‌କୁ ସିଇସି ୨୦୨୫ ଶୋ'ରେ ପରିଚିତ କରାଯାଇଛି । ତେବେ ଏହା ଏମିତି ଏକ ଭାକ୍ୟୁମ୍ କ୍ଲିନର୍ ଯାହା ଘର ସଫା କରିବା ସହ ରାସ୍ତାରେ ପଡ଼ିଥିବା ଜିନିଷଗୁଡ଼ିକୁ ଉଠାଇବାକୁ ସକ୍ଷମ । ସେହିପରି ଏଥିରେ ଏକ ଷ୍ଟିକ୍ ଲାଗିଛି, ଯାହା ଅବିକଳ ହାତ ଭଳି କାମ କରିବ । ଏହା କେବଳ ଜିନିଷ ଉଠାଇବ ନାହିଁ, ବରଂ ତାହାକୁ ଉଠାଇ କୌଣସି ଭଲ ଜାଗାରେ ରଖିବାକୁ ବି ସକ୍ଷମ । ଏପରିକି ଲୋକେ ଚାହିଁଲେ ସେହି ଜିନିଷକୁ ସେମାନଙ୍କ ଇଚ୍ଛା ମୁତାବକ ସ୍ଥାନରେ ରଖିପାରିବେ । ଅବଶ୍ୟ ଏନେଇ ରୋବରକ୍ ଆପ୍‌କୁ ଉପଯୋଗ କରିବାକୁ ହେବ । ତେବେ ଏହି ରୋବଟ୍ ଭାକ୍ୟୁମ୍ କ୍ଲିନର୍ ୩୦୦ ଗ୍ରାମ୍‌ରୁ କମ୍ ଓଜନ ବିଶିଷ୍ଟ ଜିନିଷ ଉଠାଇପାରିବ । ଏଣୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଏହି ଭାକ୍ୟୁମ୍ କ୍ଲିନର୍ ଘର ସଫା ସମୟରେ ଚଟାଣେ ପଡ଼ିଥିବା ମୋଜା, ଖେଳନା ଏବଂ ଛୋଟ ଟାୱେଲ ଭଳି ହାଲୁକା ସାମଗ୍ରୀକୁ ସହଜରେ ଉଠାଇପାରିବ । ଏହାର ଦାମ୍ ଏ ଯାଏଁ ସ୍ଥିର କରାଯାଇ ନାହିଁ । ତେବେ ଏହି ଡିଭାଇସ୍ ଏହି ବର୍ଷ ଆମେରିକାରେ ଉପଲବ୍ଧ ହେବ ।

# ଭିନ୍ନ ଏକ ପରିବାର

## ୩ ଫୁଟରେ ସୀମିତ ମହିଳାଙ୍କ ଉଚ୍ଚତା



ବିଶ୍ୱରେ ଏମିତି ଅନେକ ଅଛନ୍ତି, ଯେଉଁମାନେ ନିଜର ଶାରୀରିକ ବିଲକ୍ଷଣ ପାଇଁ ଚର୍ଚ୍ଚାରେ କେନ୍ଦ୍ରବିନ୍ଦୁ ପାଲଟିଥାନ୍ତି । ଝାଡ଼ଖଣ୍ଡ, ଗୋଡ୍ଡାର ପଥରଗାମାରେ ଏମିତି ଏକ ପରିବାର ଅଛି, ଏଠାରେ ଜଣେ କି ଦୁଇଜଣ ନୁହଁନ୍ତି, ବରଂ ପୂରା ପରିବାର ଲୋକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି । ଏହାର କାରଣ ହେଉଛି, ଏହି ପରିବାରରେ ଯେତେ ଜଣ ମହିଳା ଅଛନ୍ତି, ସମସ୍ତ ଉଚ୍ଚତା ମାତ୍ର ୩ଫୁଟ । ଏହି ପରିବାରରେ ମୋଟ ଚାରିଜଣ ମହିଳା ରହିଛନ୍ତି । ଆଉ ଏହି ଚାରି ଜଣ ମହିଳାଙ୍କ ଉଚ୍ଚତା ୨.୫ରୁ ୩ ଫୁଟ ମଧ୍ୟରେ । ୭୦ ବର୍ଷୀୟ ଗାୟତ୍ରୀ ଦତ୍ତା, ତାଙ୍କର ୫୮ ବର୍ଷର ଝିଅ, ୧୬ରୁ ୧୭ ବର୍ଷ ବୟସର ଦୁଇ ନାତୁଣୀ ୩ଫୁଟ ଉଚ୍ଚତା ବିଶିଷ୍ଟ । ତେବେ କମ୍ ଉଚ୍ଚତା ସତ୍ତ୍ୱେ ସେ ସାରା ଜୀବନ ସ୍ୱାବଲମ୍ବୀ ହୋଇପାରିଥିବା ଗାୟତ୍ରୀ ଦତ୍ତା କୁହନ୍ତି । ଗାୟତ୍ରୀ ସରକାରୀ ଶିକ୍ଷୟିତ୍ରୀ ଭାବେ ଅବସର ନେବା ପରେ ଏକ ଦୋକାନ ଚଳାଉଛନ୍ତି । ନିଜ ପରି ସେ ନିଜ ଝିଅ ଓ ଦୁଇ ନାତୁଣୀଙ୍କୁ ମଧ୍ୟ ସ୍ୱାବଲମ୍ବୀ ହୋଇ ବଞ୍ଚିବାକୁ ପ୍ରେରଣା ଯୋଗାଇଛନ୍ତି । ବର୍ତ୍ତମାନ ତାଙ୍କର ଦୁଇ ନାତୁଣୀଙ୍କ ମଧ୍ୟରୁ ଜଣେ ଏକାଦଶ ଏବଂ ଅନ୍ୟ ଜଣେ ଦ୍ୱାଦଶରେ ପଢ଼ୁଛନ୍ତି । ତେବେ ଗାୟତ୍ରୀଙ୍କ ଆତ୍ମବିଶ୍ୱାସ ଏବଂ ଦୃଢ଼ତା ସହ ବଞ୍ଚିବାର ଶୈଳୀ ପୂରା ସମାଜ ପାଇଁ ପ୍ରେରଣା କହିଲେ କିଛି ଭୁଲ୍ ହେବ ନାହିଁ । ଏତେ କମ୍ ଉଚ୍ଚତା ହେଲେ ବି ପରିବାରର କୌଣସି ମହିଳା କେବେ ଅନୁଶୋଚନା କରିନାହାନ୍ତି କି ଜୀବନରେ କେବେ ବି ହାର ମାନିନାହାଁନ୍ତି । ବରଂ ଆତ୍ମବିଶ୍ୱାସ ଓ ସାହସର ସହ ବଞ୍ଚିବାକୁ ସ୍ୱୀକାର କରିଛନ୍ତି । ତେବେ ଗାୟତ୍ରୀଙ୍କ ନାତୁଣୀ ଲିପିକା ସିହ୍ନାଙ୍କ କହିବାନୁସାରେ, ପୂରା ଜିଲ୍ଲାରେ ସେ ସମସ୍ତଙ୍କଠାରୁ ଭିନ୍ନ ତେଣୁ ସେ ନିଜ ପାଇଁ ଗର୍ବ ଅନୁଭବ କରନ୍ତି । ଭବିଷ୍ୟତରେ ସେ ଚାଟାର୍ଡ ଆକାଉଣ୍ଟ ହେବାର ସ୍ୱପ୍ନ ଦେଖିଛନ୍ତି । ଅନ୍ୟ ପକ୍ଷରେ ଲିପିକାଙ୍କ ଭଉଣୀ ଡାକ୍ତର ହେବାକୁ ସ୍ୱପ୍ନ ଦେଖୁଛନ୍ତି ।

# 'କନ୍ନପ୍ପା'ର ପୋଷ୍ଟର୍ ରିଲିଜ୍

## ମହାଦେବଙ୍କ ଭୂମିକାରେ ଅକ୍ଷୟ

ବଲିଉଡ୍‌ର ଅନେକ ଲୋକପ୍ରିୟ ତାରକା ଏବେ ସାଉଥ୍ ମୁହାଁ ହୋଇଥିବା ବେଳେ ଏବେ ଅଭିନେତା ଅକ୍ଷୟ କୁମାର ଏକ ତେଲୁଗୁ ଫିଲ୍ମରେ ଡେବ୍ୟୁ କରିବାକୁ ଯାଉଛନ୍ତି । ତିନି ଦଶନ୍ଧିରୁ ଅଧିକ ସମୟ ଧରି ବଲିଉଡ୍‌ରେ ରାଜ୍ କରିଥିବା ଅକ୍ଷୟ ତେଲୁଗୁ ଫିଲ୍ମ 'କନ୍ନପ୍ପା'ରେ ନଜର ଆସିବେ । ଏଥିରେ ଅକ୍ଷୟ, ଭଗବାନ ଶିବଙ୍କ ଭୂମିକାରେ ଦେଖାଯିବେ । ଇତିମଧ୍ୟରେ ଫିଲ୍ମର ନିର୍ମାତା ଏକ ପୋଷ୍ଟର୍ ଜାରି କରି ଫିଲ୍ମରେ ଅକ୍ଷୟଙ୍କ ଲୁକ୍ ବିଷୟରେ ସୂଚନା ଦେଇଛନ୍ତି । ସେ ଗୋଟିଏ ହାତରେ ତ୍ରିଶୂଳ ଧରିଥିବାବେଳେ ଅନ୍ୟ ହାତଟିରେ ଡମ୍ବରୁ ଧରିଛନ୍ତି । ସେହିଭଳି ତାଙ୍କ ଗଳା ନୀଳରଙ୍ଗର ଦେଖାଯାଉଛି । ତେବେ ଏହାର ପୋଷ୍ଟର୍ ଦେଖି ଲାଗୁଛି, ଫିଲ୍ମ ନିର୍ମାତା ଏହାକୁ ନିର୍ମାଣ ବେଳେ ପ୍ରତିଟି ଦିଗ ପ୍ରତି ଧ୍ୟାନ ଦେଇଛନ୍ତି । ଏଥିରେ ସାଉଥ୍ ସୁପରଷ୍ଟାର ପ୍ରଭାସ ଅତିଥି କଳାକାର ଭାବେ ନଜର ଆସିବେ । ଏଥିରେ ତାଙ୍କୁ ନନ୍ଦୀ ଭୂମିକାରେ ଦେଖିବାକୁ ମିଳିବ । ମୋହନ ବାବୁଙ୍କ ନିର୍ମିତ 'କନ୍ନପ୍ପା'ରେ ବିଷ୍ଣୁ ମାଞ୍ଚୁ ଲିଡ୍ ରୋଲରେ ଦେଖାଯିବେ । ଶିବଙ୍କ ଉପରେ ଆଧାରିତ ଏହି ପୌରାଣିକ ଚଳଚ୍ଚିତ୍ରରେ ପ୍ରଭାସ, ଅକ୍ଷୟ କୁମାର, ମୋହନଲାଲ, ମଧୁ, ମୋହନ ବାବୁ, କାଜଲ ଅଗ୍ରୱାଲ ଓ ବ୍ରହ୍ମାନନ୍ଦମ ପ୍ରମୁଖ କଳାକାର ଅଭିନୟ କରଛନ୍ତି । ଏହା ଏପ୍ରିଲ୍ ୨୫ରେ ସିନେମା ହଲ୍‌ରେ ରିଲିଜ୍ ହେବ । ତେବେ ଏହା ଅକ୍ଷୟଙ୍କର ପ୍ରଥମ ସାଉଥ୍ ଚଳଚ୍ଚିତ୍ର ନୁହେଁ, କାରଣ ସେ ପୂର୍ବରୁ ଏକ କନ୍ନଡ଼ ଏବଂ ତାମିଲ ଫିଲ୍ମରେ ଅଭିନୟ କରିଥିଲେ । ୧୯୯୩ରେ 'ଅଶାନ୍ତ' ନାମକ ଏକ ଦ୍ୱିଭାଷୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ, ଯାହାକି କନ୍ନଡରେ 'ବିଷ୍ଣୁ ବିଜୟା' ନାଁରେ ମୁକ୍ତିଲାଭ କରିଥିଲା । ଏହା ବାସ୍ତବରେ ତାଙ୍କର ପ୍ରଥମ ସାଉଥ୍ ଫିଲ୍ମ ଥିଲା । ବହୁ ବର୍ଷ ପରେ ସେ ଶଙ୍କରଙ୍କ '୨.୦'ରେ ତାମିଲ ଡେବ୍ୟୁ କରିଥିଲେ, ଯେଉଁଥିରେ ରଜନୀକାନ୍ତ ଅଭିନୟ କରିଥିଲେ । ସେହିପରି 'କନ୍ନପ୍ପା' ତାଙ୍କର ତୃତୀୟ ସାଉଥ୍ ଫିଲ୍ମ ହେବାକୁ ଥିବାବେଳେ ତେଲୁଗୁ ଭାଷାରେ ଏହା ତାଙ୍କର ପ୍ରଥମ ଫିଲ୍ମ ଅଟେ ।



# ଜାତୀୟ ମତଦାତା ଦିବସ



ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାନର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପ୍ରତି ପାଞ୍ଚ ବର୍ଷରେ ଥରେ ନାଗରିକମାନେ ଏହି ଅସ୍ତ୍ରକୁ ବ୍ୟବହାର କରି ଗଣତନ୍ତ୍ରକୁ ମଜଭୁତ କରିବାରେ ସହାୟକ ହୁଅନ୍ତି । ନିର୍ବାଚନ କମିସନର ପ୍ରତିଷ୍ଠା ଦିବସ ଜାନୁଆରୀ ୨୫ ତାରିଖକୁ ଜାତୀୟ ମତଦାତା ଦିବସ ଭାବେ ପାଳନ କରାଯାଏ । ୨୦୧୧ରେ ପ୍ରଥମ ଥର ପାଇଁ ଜାନୁଆରୀ ୨୫ ତାରିଖକୁ ଜାତୀୟ ମତଦାତା ଦିବସ ଭାବେ ପାଳନ କରାଯିବା ସହ ପ୍ରତ୍ୟେକ ବର୍ଷ ଏହି ଦିନଟିକୁ ଭୋଟରମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ଦିବସ ପାଳନର ଉଦ୍ଦେଶ୍ୟ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ସାଧାରଣ ନାଗରିକ ବିଶେଷ କରି ଯୁବବର୍ଗର ଭୋଟରଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଭାରତ ଏକ ଧର୍ମ ନିରପେକ୍ଷ ସାର୍ବଭୌମ ରାଷ୍ଟ୍ର ଘୋଷିତ ହୋଇଥିଲା, ଏହାର ପୂର୍ବଦିନ ଅର୍ଥାତ୍ ଜାନୁଆରୀ ୨୫ତାରିଖ ଦିନ ନିର୍ବାଚନ କମିସନ ପ୍ରତିଷ୍ଠା କରାଯାଇଥିଲା । ଏହାସହ ୨୧ ବର୍ଷରୁ ଅଧିକ ପ୍ରତ୍ୟେକ ନାଗରିକଙ୍କୁ (ଉଭୟ ସ୍ତ୍ରୀ ଓ ପୁରୁଷ) ମତଦାନ ଅଧିକାର ମିଳିଲା । ୧୯୮୮ ମସିହାରେ ସମ୍ବିଧାନ ସଂଶୋଧନ କରାଯାଇ ମତଦାତାଙ୍କ ବୟସ ସୀମା ୨୧ରୁ ୧୮ କୁ ଖସାଇ ଦିଆଗଲା । ସ୍ୱାଧୀନ ଭାରତର ପ୍ରଥମ ଭୋଟର୍ ହେଉଛନ୍ତି ହିମାଚଳ ପ୍ରଦେଶର ଶ୍ୟାମ୍ ଶରନ ନେଗୀ । ସ୍ୱାଧୀନତା ପରେ ୧୯୫୧ରେ ହୋଇଥିବା ପ୍ରଥମ ସାଧାରଣ ନିର୍ବାଚନରେ ସେ ପ୍ରଥମେ ଭୋଟ୍ ଦେଇଥିଲେ । ନିର୍ବାଚନ ଭଳି ଗଣତନ୍ତ୍ରର ମହାନ ପର୍ବରେ ଯେପରି ପ୍ରତିଟି ନାଗରିକ ସାମିଲ ହେବେ ଏବଂ ନିଜ ପସନ୍ଦର ନେତା ବାଛିବେ, ସେଥିପାଇଁ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଜାତୀୟ ମତଦାତା ଦିବସ ପାଳନ କରାଯାଏ । ଆଜି ବି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର ଭୋଟର ପରିଚୟପତ୍ର ନାହିଁ । ଏଭଳି ପରିସ୍ଥିତିରେ ଏକ ସ୍ୱତନ୍ତ୍ର ଦିବସ ଭୋଟରମାନଙ୍କୁ ସଚେତନ କରାଏ । ଏହି ଅବସରରେ ଭାରତର ନିର୍ବାଚନ ଆୟୋଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଇବାକୁ ଉଦ୍ୟମ କରାଯାଏ । 'ମୋ ଭୋଟ ମୋ ଅଧିକାର' ଖାଲି କଥାରେ ନ ରହୁ ବାସ୍ତବତା ରୂପ ନେଉ ।

# କଳା ଗାଜର

ଶୀତଦିନେ ଗାଜରର ଉତ୍ପାଦନ ଅଧିକ । ଗାଜରରେ ଲୋକେ ସାଲାଡ୍ କିମ୍ବା ହାଲୁଆ ପ୍ରସ୍ତୁତ କରି ଖାଇବାକୁ ଭଲପାଆନ୍ତି । ଆମ ରାଜ୍ୟରେ ସାଧାରଣତଃ ନାଲି ତଥା କମଳା ରଙ୍ଗ ଗାଜର ମିଳିଥାଏ । ହେଲେ କଳା ରଙ୍ଗ ଗାଜର ବି ଅଛି ଏବଂ ଏହାର ହାଲୁଆକୁ ମଧ୍ୟ ଲୋକେ ବେଶ୍ ପସନ୍ଦ କରନ୍ତି । ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଏହି କଳା ଗାଜର ହାଲୁଆ ମିଳିଥାଏ । ଏହା ବେଶ୍ ସ୍ୱାଦିଷ୍ଟ । କଳା ଗାଜରର ଚାଷ ଶୀତଦିନେ କରାଯାଏ । କଳା ଗାଜରର ମଧ୍ୟ ଅନେକ ସ୍ୱାସ୍ଥ୍ୟ ଉପକାରିତା ଅଛି । କଳା ଗାଜର ବିଟାକ୍ୟାରୋଟିନ୍‌ରେ ଭରପୂର । ସେହିପରି ଏହା ହେଉଛି ଭିଟାମିନ୍ ଏ'ର ଏକ ଉତ୍ତମ ସ୍ରୋତ । ଦୃଷ୍ଟିଶକ୍ତି ପାଇଁ ଏହା ଖୁବ୍ ଉତ୍ତମ । ନିତିଦିନ କଳା ଗାଜର ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । କେବଳ ସେତିକି ନୁହେଁ, କଳା ଗାଜରରେ ଫାଇବର ମଧ୍ୟ ଖୁବ୍ ଅଧିକ ଥାଏ । ଏହା ପାଚନକ୍ରିୟାକୁ ଠିକ୍ ଭାବେ ରଖିବାରେ ସାହାଯ୍ୟ କରେ । ଅନ୍ୟପଟେ କଳା ଗାଜରରେ ଭିଟାମିନ୍ ସି' ଥାଏ, ଯାହାକି ଇମ୍ୟୁନୋ ସିଷ୍ଟମକୁ ମଜଭୁତ ରଖିଥାଏ ।



# ଝରଣାର ସୁରକ୍ଷାରେ 'ସ୍ପିରିଟ୍ ଅଫ୍ ବାର୍ଡ'



ବିଶ୍ୱରେ ଅନେକ ପ୍ରକାରର ଜନଜାତି ଅଛନ୍ତି । ସେମାନଙ୍କର ଚାଲିଚଳଣି, ପରମ୍ପରା, ବେଶପୋଷାକ ଭିନ୍ନ ହୋଇଥାଏ । ସେମିତି ଏକ ଜନଜାତି ହେଲେ ପାପୁଆ ନ୍ୟୁଗିନିରେ ରହୁଥିବା 'ୱି ତୋଆଇ' ଜନଜାତି । ଏହି ଜନଜାତିଙ୍କର ଏକ ଭିନ୍ନ ବେଶଭୂଷାର ଭିଡିଓ ଡାନିଏଲ ନାମକ ଜଣେ ଯୁବକ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ଏହି ଜନଜାତି ସେମାନଙ୍କର ଏକ ପବିତ୍ର ଝରଣାକୁ ବାହାର ଲୋକଙ୍କଠାରୁ ସୁରକ୍ଷା ଦେବା ପାଇଁ ଭୟାନକ ତଥା ଅଜବ ବେଶ ଧାରଣ କରନ୍ତି । ଏ ଲାଗି ସେମାନେ ନିଜକୁ ବିଶେଷ ଭାବେ ପ୍ରସ୍ତୁତ କରିଥାନ୍ତି । ସେମାନେ ଅଜବ ପୋଷାକ ସହ ଭୟାନକ ବିଶାଳ ମୁଖା ପିନ୍ଧି ଝରଣା କୂଳରେ ବସନ୍ତି । ଉକ୍ତ ପୋଷାକରେ ମାଟି, କାଦୁଅ ଲାଗିଥାଏ । ତା'ସହ ହାତରେ ସେମାନେ ଏକ ବଡ଼ ବାଡ଼ି ଧରିଥାନ୍ତି । ଅବଶ୍ୟ ସେମାନଙ୍କର ଏହି ଭୟଙ୍କର ପୋଷାକ ଓ ମୁଖା ହିଁ ଏହି ଜନଜାତିକୁ ସ୍ୱତନ୍ତ୍ର କରିଥାଏ । ବିଶେଷକରି ମୁଖା ହିଁ ହେଉଛି ସେମାନଙ୍କର ମୁଖ୍ୟ ପରିଚୟ । ଏହି ମୁଖାରେ ଏକ ବଡ଼ ନାକ ମଧ୍ୟ ଥାଏ । ଯାହାକୁ ଦେଖିଲେ ଭୟ ଲାଗିବା ଥୟ । ତେବେ ଏହି ଜନଜାତିର ସମସ୍ତ ଲୋକ ଏହି ବେଶରେ ସବୁବେଳେ ନଜର ଆସନ୍ତି ନାହିଁ । ଝରଣା ସୁରକ୍ଷାରେ ଯାଉଥିବା ଲୋକେ ହିଁ ଏହି ବିଚିତ୍ର ପୋଷାକ ପିନ୍ଧି ଭିନ୍ନ ରୂପରେ ନଜର ଆସନ୍ତି । ସେମାନଙ୍କର ଏହି ବେଶଭୂଷା ଯୋଗୁଁ ସେମାନଙ୍କୁ 'ସ୍ପିରିଟ୍ ଅଫ୍ ବାର୍ଡ' ବୋଲି କୁହାଯାଏ । ଅନ୍ୟପଟେ ଏହି ଜନଜାତିଙ୍କର ଉକ୍ତ ବେଶଭୂଷା ଏବଂ ରକ୍ଷାତ୍ମକ ସ୍ଥିତି ସେମାନଙ୍କ ବିଶ୍ୱାସ ଓ ରୀତିନୀତିର ଏକ ଅଂଶ ହୋଇଥାଏ ।

# ଦଣ୍ଡ ଉପକରଣ ଥିଲା ଟ୍ରେଡ୍‌ମିଲ୍

ଆଜିର ସମୟରେ ପ୍ରତ୍ୟେକ ବ୍ୟକ୍ତି ଫିଟ୍ ରହିବା ପାଇଁ ଖୁବ୍ ସଚେତନ । କିଏ ରାସ୍ତାଘାଟ, ପାର୍କରେ ଚଲାବୁଲା, ଯୋଗ ପ୍ରାଣାୟମ ଆଦି କରୁଛନ୍ତି ତ ଆଉ କିଏ ପୁଣି ଜିମ୍ ଯାଇ ନିଜକୁ ଫିଟ୍ ରଖିବାକୁ ଚେଷ୍ଟା କରୁଛନ୍ତି । ତେବେ ଜିମ୍‌ରେ ଫିଟ୍‌ନେସ୍ ପାଇଁ ବିଭିନ୍ନ ପ୍ରକାର ମେସିନ୍ ଅଛି । ସେଥିରୁ ଅନ୍ୟତମ ଟ୍ରେଡ୍‌ମିଲ୍ । ଏଥିରେ ଲୋକେ ଚାଲି ଚାଲି ଝାଳ ବୁହାଇ ନିଜକୁ ଫିଟ୍ ରଖୁଛନ୍ତି । ହେଲେ ପୂର୍ବରୁ ଏହାକୁ ଫିଟ୍‌ନେସ୍ ମେସିନ୍ ଭାବେ ବ୍ୟବହାର କରଯାଉ ନ ଥିଲା । ଏହା ପ୍ରଥମେ କଏଦୀଙ୍କୁ ସଜା ଦେବା ପାଇଁ ଉଦ୍ଦିଷ୍ଟ ଥିଲା । ଊନବିଂଶ ଶତାବ୍ଦୀରେ ଇଂଲଣ୍ଡ ଜେଲ୍‌ରେ କଏଦୀଙ୍କୁ ଦଣ୍ଡ ଦେବା ପାଇଁ ନୂଆ ନୂଆ ଉପାୟର ସନ୍ଧାନ କରାଯାଉଥିଲା । ଏହି ସମୟରେ ଟ୍ରେଡ୍‌ମିଲକୁ ପରିଚିତ କରାଗଲା । ସେତେବେଳେ ଟ୍ରେଡ୍‌ମିଲ୍ ଫିଟ୍‌ନେସ୍ ମେସିନ୍ ନୁହେଁ, ସଜା ଦେବାର ମେସିନ୍ ଭାବେ ପରିଚିତ ଥିଲା । ସେ ସମୟରେ କଏଦୀଙ୍କୁ ସଜା ଦେବା ପାଇଁ ସେହି ମେସିନ୍‌ରେ ଦୁଇ ଘଣ୍ଟା ଚାଲିବା, ଏପରିକି ପୂରା ଦିନ ଚାଲିବା ପାଇଁ ଦଣ୍ଡ ପ୍ରଦାନ କରାଯାଉଥିଲା । କଏଦୀଙ୍କୁ ସୁଧାରିବା ପାଇଁ ଯଦିଓ ଏଭଳି ଦଣ୍ଡ ଦିଆଯାଉଥିଲା । ତଥାପି ଅସଲରେ ଏହା ଥିଲା ସେମାନଙ୍କ ପାଇଁ ଶାରୀରିକ ଓ ମାନସିକ ଅତ୍ୟାଚାର । ଏହି ମେସିନର ଉଦ୍ଦେଶ୍ୟ କଏଦୀଙ୍କୁ ଶାରୀରିକ ଓ ମାନସିକ ରୂପରେ ହତୋତ୍ସାହିତ କରିବା । ଏହି ମେସିନ୍ ଦ୍ୱାରା ଏକସଙ୍ଗେ ୨୪ କଏଦୀଙ୍କୁ ବ୍ୟସ୍ତ ରଖାଯାଇ ପାରୁଥିଲା । ଟ୍ରେଡ୍‌ମିଲ୍‌ରେ ଖରାଦିନେ କଏଦୀମାନଙ୍କୁ ୧୦ ଘଣ୍ଟା ଓ ଶୀତଦିନେ ୭ ଘଣ୍ଟା ବ୍ୟସ୍ତ ରଖାଯାଉଥିଲା । ଏହାକୁ ଚଳାଇ ପରିଶ୍ରମର କୌଣସି ମୂଲ୍ୟ ନ ଥିବା ସେମାନଙ୍କୁ ବୁଝାଯାଉଥିଲା । ଏଭଳି ଦଣ୍ଡ ବିଧାନ ଥକ୍କାପଣ, ନିରାଶା ଓ ଯନ୍ତ୍ରଣାରେ ଭରପୂର ଥିଲା । ଧୀରେ ଧୀରେ ଏହାକୁ ଏତେ କ୍ରୂର ବୋଲି ବିବେଚନା କରାଗଲା ଯେ, ୧୮୯୮ରେ ଇଂଲଣ୍ଡ ଏହାକୁ ବନ୍ଦ କରିଦେଲା । ଅନ୍ୟପକ୍ଷରେ ଟ୍ରେଡ୍‌ମିଲର ଆବିଷ୍କାର ସାର୍ ୱିଲିୟମ୍ କ୍ୟୁବିଟ୍ ୧୮୧୮ ରେ କରିଥିଲେ । ୱିଲିୟମ୍ ଜଣେ ସିଭିଲ ଇଞ୍ଜିନିୟର୍ ଥିଲେ । ଏହାର ନାଁ ରଖିଥିଲେ 'ଟ୍ରେଡ୍‌ହ୍ୱିଲ୍' ।



## ଆଜିର ଇତିହାସ

- ୧୭୫୫: ମସ୍କୋ ବିଶ୍ୱବିଦ୍ୟାଳୟର ସ୍ଥାପନା ।
- ୧୮୮୦: କେଶବ ଚନ୍ଦ୍ର ସେନଙ୍କ ଦ୍ୱାରା ଭାରତୀୟ ବ୍ରାହ୍ମ ସମାଜର ପ୍ରତିଷ୍ଠା ।
- ୧୮୮୧: ଆଲେକ୍‌ଜାଣ୍ଡର ଗ୍ରାହମ୍ ବେଲ୍ ଓ ଥମ୍‌ସ ଆଲ୍‌ଭା ଏଡିସନ୍‌ଙ୍କ ଦ୍ୱାରା ଓରିଏଣ୍ଟାଲ ଟେଲିଫୋନ୍ କମ୍ପାନି ପ୍ରତିଷ୍ଠା ।
- ୧୯୨୪- ଫ୍ରାନ୍ସରେ ଶୀତକାଳୀନ ଅଲିମ୍ପିକ୍ସର ଆୟୋଜନ କରାଗଲା ।
- ୧୯୭୧- ହିମାଚଳ ପ୍ରଦେଶକୁ ରାଜ୍ୟର ମାନ୍ୟତା ମିଳିଲା ।
- ୧୯୮୦: ମଦର ଟେରେସାଙ୍କୁ ଭାରତ ରତ୍ନ ପ୍ରଦାନ ।
- ୨୦୦୪- ମହାକାଶଯାନ ଅପରଚ୍ୟୁନିଟି ମଙ୍ଗଳଗ୍ରହରେ ସଫଳତା ପୂର୍ବକ ଅବତରଣ କଲା ।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ । ବ୍ୟବହାରରେ ପରିବର୍ତ୍ତନ ଆଣିବେ । ସମାଜସେବା କାର୍ଯ୍ୟ ପାଇଁ ପ୍ରସ୍ତୁତ ରହିବେ । ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କଠିନ ପରିଶ୍ରମ କରିବେ । ଅଧିକ ଖର୍ଚ୍ଚାନ୍ତ ହେବେ ।

**ବୃଷ:** ଚିନ୍ତାରେ ରହିବେ । ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ । ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ । ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**ମିଥୁନ:** ଯାନବାହାନ କିଣିବା ଯୋଗ ଅଛି । କୌଣସି କାର୍ଯ୍ୟକୁ ଶେଷ କରିବାରେ ବିଳମ୍ବ ହେବ । ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ । ପାରିବାରିକ ଜୀବନ ସୁଖମୟ ହେବ ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ । ପୈତୃକ ସମ୍ପତ୍ତି ବିକ୍ରି କରିବା ଯୋଜନା କରିବେ । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ । ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ । ପରିବାରରେ ହସଖୁସିର ପରିବେଶ ରହିବ । ସମ୍ମାନ ହାନି ଯୋଗ ଅଛି । ଚାଷ କ୍ଷେତ୍ରରେ ଲାଭ ମିଳିବ । ଘରେ ପୂଜାପାଠ ଆୟୋଜନ କରିବେ ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ । ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ । ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ । ଜାଗା ତଥା ଯାନବାହାନ କିଣିପାରନ୍ତି ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ବିବାହ ସମସ୍ୟା ସମାଧାନ ହେବ । ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ । ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । କୌଣସି ନୂଆ କାମ ଆରମ୍ଭ କରିବେ । ଉଚ୍ଚଶିକ୍ଷା ପାଇଁ ଭଲ ସମୟ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ ।

**ମକର:** ବାପାମାଆଙ୍କ ସହଯୋଗ ମିଳିବ । ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ । ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ । ବ୍ୟବସାୟରୁ ଆଶାଜନକ ଲାଭ ମିଳିବ । ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପଢ଼ା ପାଇଁ ଅର୍ଥ ନିବେଶ କରିବେ । ଦୂରସ୍ଥାନକୁ ବୁଲିବା ଯୋଜନା କରିବେ । ଧାର କରଜରୁ ନିବୃତ୍ତ ରହିବେ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ ।

ଡାଲମିଆ ସିମେଣ୍ଟ କାରଖାନାରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ଦୁର୍ଘଟଣା ପଛରେ କମ୍ପାନୀର ଦାୟିତ୍ୱହୀନତା

**ରାଉରକେଲା, ୨୪।୧(ସମିସ):** ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ କାରଖାନାରେ ଲାଇନ୍-୨ ପାୱାର ପ୍ଲାଣ୍ଟରେ ବଙ୍କର୍ ଧସିବା ଯୋଗୁଁ କୋଇଲା ପାହାଡ଼ ତଳେ ଚାପି ହୋଇ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ଆରମ୍ଭ ହୋଇଛି। ଆଜି ରାଉରକେଲା କାରଖାନା ଓ ବାଷ୍ପିତ୍ର ବିଭାଗର ୬ ବରିଷ୍ଠ ଅଧିକାରୀ କାରଖାନାରେ ପହଞ୍ଚି ତନ୍ନତନ୍ନ କରି ସବୁ ଦିଗକୁ ଯାଞ୍ଚ କରିଛନ୍ତି। ସେମାନଙ୍କୁ ସହାୟତା କରିବା ପାଇଁ ଏହି ସଂକ୍ରାନ୍ତୀୟ ଦେଶର ଏକ୍ସପର୍ଟ ସିଏସଆଇଆର (କାଉନସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ)ର ୨ଜଣ ବୈଜ୍ଞାନିକ ଚେନ୍ନାଇରୁ ଆସି ପହଞ୍ଚିଛନ୍ତି। ଦୁର୍ଘଟଣା କାହିଁକି ଘଟିଲା, ବଙ୍କର୍ କାହିଁକି ଭାଙ୍ଗିଲା, କେବେ ଶେଷଥର ପାଇଁ ମେଣ୍ଟେନାନ୍ସ ହୋଇଥିଲା; ସେସବୁର ବିଶ୍ଳେଷଣ ଆରମ୍ଭ



ହୋଇଛି। ସେମାନେ ଏହି ଦୁର୍ଘଟଣା ଉପରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କର କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟକୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଅପରପକ୍ଷେ, ପାୱାରପ୍ଲାଣ୍ଟ ସମ୍ପୂର୍ଣ୍ଣ ବନ୍ଦ ପରେ ଲାଇନ-୨ରେ ଉତ୍ପାଦନ ବନ୍ଦ ହୋଇଛି। ସିମେଣ୍ଟ ଉତ୍ପାଦନ ଠପ୍ ହୋଇଯାଇଥିବାରୁ ଡାଲମିଆ ସିମେଣ୍ଟ କାରଖାନାକୁ ଦୈନିକ କୋଟି କୋଟି ଟଙ୍କା ଉତ୍ପାଦନ ଜନିତ କ୍ଷତି ସହିବାକୁ ପଡୁଥିବା ସୂଚନା ମିଳିଛି।

ଏ ସଂପର୍କରେ ରାଉରକେଲାର କାରଖାନା ଓ ବାଷ୍ପିତ୍ର ବିଭାଗ ଉପନିର୍ଦ୍ଦେଶକ ଇଂ ବିଭୁ ପ୍ରସାଦ କହିଛନ୍ତି ଦୁର୍ଘଟଣା ପଛରେ କାରଖାନା କର୍ତ୍ତୃପକ୍ଷଙ୍କ ଚରମ

**କାରଖାନା ଓ ବାଷ୍ପିତ୍ର ବିଭାଗର ତଦନ୍ତ ଆରମ୍ଭ**

**ସହଯୋଗ କରିବେ ସିଏସ୍ଆଇଆର୍‌ର ୨ ବୈଜ୍ଞାନିକ**

**ଲାଇନ-୨ରେ ସିମେଣ୍ଟ ଉତ୍ପାଦନ ଠପ୍**

ଅବହେଳା ଜଳଜଳ ଦିଶୁଛି। ବଏଲର ଷ୍ଟ୍ରକଚରାଲଗୁଡ଼ିକୁ ନିୟମିତ ବ୍ୟବଧାନରେ ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ଏପରି ଦୁର୍ଘଟଣା ଘଟିଛି। କାରଖାନାର ସୁରକ୍ଷା ଅଧିକାରୀମାନେ କ'ଣ କରୁଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେମାନେ ନିୟମିତ ଷ୍ଟ୍ରକଚରଗୁଡ଼ିକୁ ଅନୁଧ୍ୟାନ କରି ଏହାର ରିପୋର୍ଟ ଫେକ୍ଟ୍ରି ଅକ୍ୟୁପାୟରଙ୍କୁ ଦେବା କଥା। କିନ୍ତୁ ତାହା ଖିଲାପ ହୋଇଛି। ସେଥିପାଇଁ ଫାକ୍ଟ୍ରି ଅକ୍ୟୁପାୟର ଓ କାରଖାନା ମ୍ୟାନେଜରଙ୍କ ନାମରେ ବିଭାଗ ପକ୍ଷରୁ ରାଜଗାଙ୍ଗପୁର ଥାନାରେ ଏତାଲା ଦିଆଯାଇ ସେ ଦୁହିଁଙ୍କୁ ଗିରଫ ପାଇଁ ଲେଖାଯାଇଛି ବୋଲି ସେ କହିଛନ୍ତି। ଦୁର୍ଘଟଣାର କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ଆସିନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଡାଲମିଆ ସିମେଣ୍ଟ କାରଖାନାର ଲାଇନ-୨ ପାୱାର ପ୍ଲାଣ୍ଟରେ ମୋଟ ୨ଟି ୨୭ମେଗାୱାଟ କ୍ଷମତା ବିଶିଷ୍ଟ ମୋଟ ୫୪ ମେଗାୱାଟ କ୍ଷମତାର ବଏଲର ପ୍ଲାଣ୍ଟ ରହିଥିଲା। ସେଥିମଧ୍ୟରୁ ଗୋଟିଏ ବଏଲର୍ ପ୍ଲାଣ୍ଟରେ ଷ୍ଟ୍ରକ୍ଚର ଭାଙ୍ଗିଯିବାରୁ ସେଠାରେ ଥିବା କୋଇଲା ଗୁଣ୍ଡ ଧସି ୩ ଶ୍ରମିକଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା।

# ରାତିରେ ଘନ କୁହୁଡ଼ି; ୧୮ ଜିଲ୍ଲାକୁ ଆଲର୍ଟ

ଦୃଶ୍ୟମାନ ଦୂରତ୍ୱ ୫ ମିଟରକୁ ହ୍ରାସ

**ଭୁବନେଶ୍ୱର,୨୪।୧(ସମିସ):** ରାତିରେ ଓଡ଼ିଶାକୁ ଆଚ୍ଛାଦିତ କରୁଛି ଘନ କୁହୁଡ଼ି। ରାଜ୍ୟର ବିଭିନ୍ନ ସ୍ଥାନରେ ସୃଷ୍ଟି ହେଉଥିବା ଘନ କୁହୁଡ଼ି ଯୋଗୁଁ ଯାତାୟାତ ପ୍ରଭାବିତ ହୋଇଛି। ଗୁରୁବାର ରାତି ପ୍ରାୟ ୧୧ଟାରୁ ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ଶୁକ୍ରବାର ସକାଳ ପ୍ରାୟ ୯ଟା ପର୍ଯ୍ୟନ୍ତ ଲାଗି ରହିଥିଲା। ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ହ୍ରାସ ପାଉଥିବାର ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଏପରି ସ୍ଥିତି ଆଗାମୀ ୩ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡିଶାରେ କୁହୁଡ଼ିର ପ୍ରଭାବ ଅଧିକ ରହିବ। ରାତି ୨ଟାରୁ ସକାଳ ୯ଟା ପର୍ଯ୍ୟନ୍ତ କୁହୁଡ଼ିର ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହେବ। ତେଣୁ ଘାଟି ରାସ୍ତା ସହ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଏହି ସମୟରେ ଗାଡ଼ି ଚଳାଚଳ ବନ୍ଦ ରଖିବାକୁ କୁହାଯାଇଛି। ବିଶେଷକରି ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଯାଜପୁର, ଗଞ୍ଜାମ, ଗଜପତି, ନୟାଗଡ଼, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼, ଅନୁଗୁଳ ଓ କୋରାପୁଟ ଶନିବାର ରାତିରୁ ରବିବାର ସକାଳ ମଧ୍ୟରେ ଜିଲ୍ଲାରେ ଘନ କୁହୁଡ଼ି ଦେଖାଦେବ। ସେହିପରି ୨୬ ରାତିରୁ ୨୭ ତାରିଖ ସକାଳ ମଧ୍ୟରେ ୧୧ ଜିଲ୍ଲାପାଇଁ ଘନ କୁହୁଡ଼ି ଜନିତ ଚେତାବନୀ ଜାରି କରାଯାଇଛି। ଘନ କୁହୁଡ଼ି ଯୋଗୁଁ ଏହି ସବୁ ଜିଲ୍ଲାରେ ୫୦ ମିଟରରୁ କମ୍ ଦୃଶ୍ୟମାନ କ୍ଷମତା ରହିବ। କିଛି ଜିଲ୍ଲାରେ 'ଜିରୋ ଭିଜିବିଲିଟି' ମଧ୍ୟ ହେବାର ଆଶଙ୍କା ରହିଛି। ସାଟେଲାଇଟ୍ ସୂଚନା ଅନୁସାରେ ଗତ ୨୪ ଘଣ୍ଟାରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ଯାଜପୁର ଏବଂ କେନ୍ଦୁଝର ଜିଲ୍ଲାର ଅନେକ ସ୍ଥାନରେ ଘନକୁହୁଡି ଅନୁଭୂତ ହୋଇଛି। ଚାନ୍ଦବାଲି, ପୁରୀ ଓ ଭୁବନେଶ୍ୱରରେ ଦୃଶ୍ୟମାନ ଦୂରତ୍ୱ ଶୂନ୍‌କୁ ହ୍ରାସ ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପାହାଡ଼ିଆ ଅଞ୍ଚଳ ମଧ୍ୟରୁ ଜି ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ରହିଥିବା ବେଳେ ସମତଳ ଅଞ୍ଚଳ ମଧ୍ୟରୁ ଫୁଲବାଣୀରେ ୧୦.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ପାରଳାଖେମୁଣ୍ଡି ଓ ଝାରସୁଗୁଡ଼ାରେ ସର୍ବାଧିକ ୩୩.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ତାପମାତ୍ରା ୧୯.୫ ଡିଗ୍ରୀ, କଟକରେ ୧୮.୮ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି।

## ଧାନକିଣାରେ ଅବ୍ୟବସ୍ଥା ନେଇ ତାତିଲେ ଚାଷୀ

# ପାରଳାଖେମୁଣ୍ଡି ୭ ଘଣ୍ଟା ଅଚଳ



**ପାରଳାଖେମୁଣ୍ଡି, ୨୪।୧(ସମିସ):** ଧାନକିଣାରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଆଜି ଗଜପତି ଜିଲ୍ଲାରେ ଚାଷୀ ଅସନ୍ତୋଷ ବିସ୍ଫୋରକ ରୂପ ନେଇଛି। ନବନିର୍ମାଣ କୃଷକ ସଂଗଠନର ଡାକରାରେ ହଜାରେରୁ ଉର୍ଦ୍ଧ୍ୱ ଚାଷୀ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆନ୍ଦୋଳନରତ ଚାଷୀମାନେ ଜିଲ୍ଲାପାଳଙ୍କ ଅଫିସ୍‌ର ପ୍ରବେଶ ପଥକୁ ସିଲ୍ କରିବା ସହ ପାରଳାଖେମୁଣ୍ଡି ସହରର ପ୍ରବେଶ ପଥକୁ ମଧ୍ୟ ଦୀର୍ଘ ୭ଘଣ୍ଟା ଧରି ଅବରୋଧ କରିବାରୁ ଜନଜୀବନ ବାଧାପ୍ରାପ୍ତ ହୋଇଥିଲା। ପୁଲିସ୍ ସେମାନଙ୍କୁ ହଟାଇବା ପାଇଁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲା। ଏପରିକି, ପୁଲିସ୍ ଓ ଚାଷୀମାନଙ୍କ ମଧ୍ୟରେ ଧସ୍ତାଧସ୍ତି ଭଳି ପରିସ୍ଥିତି ଉପୁଜିଥିଲା। ଶେଷରେ ଉପଜିଲ୍ଲାପାଳ ଘଟଣାସ୍ଥଳକୁ ଆସି ଆଲୋଚନା କରିବା ସହ ପ୍ରତିଶ୍ରୁତି ଦେବା ପରେ ଅପରାହ୍ଣ ପ୍ରାୟ ୫ଟା ବେଳକୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନାନୁଯାୟୀ, ଗଜପତି ଜିଲ୍ଲାରେ ଗତ ୭ତାରିଖରୁ ମଣ୍ଡି ଖୋଲିଲାଣି। କିନ୍ତୁ ଟୋକନ୍ ପାଇଥିବା ଚାଷୀଙ୍କ ଧାନ ବିକ୍ରି ହୋଇପାରୁନି। ଏହି ଅବ୍ୟବସ୍ଥାକୁ କେନ୍ଦ୍ର କରି ଆଜି କାଳ ପ୍ରାୟ ୧୦ଟାରେ ଚାଷୀମାନେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚାଷୀମାନେ ପ୍ରଥମେ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କର ଏକା ଜିଦ୍, ଜିଲ୍ଲାପାଳ ଆସି ଆଲୋଚନା କରନ୍ତୁ। କିନ୍ତୁ ଜିଲ୍ଲାରେ ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଯୋଗୁ ଜିଲ୍ଲାପାଳ ଘଟଣାସ୍ଥଳକୁ ଆସିନଥିଲେ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ବୃଦ୍ଧି ପାଇଥିଲା। ଉତ୍ତେଜିତ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରବେଶ ପଥକୁ ସିଲ୍ କରିବା ସହ ପାରଳାଖେମୁଣ୍ଡି ସହରର ପ୍ରବେଶ ପଥକୁ ମଧ୍ୟ ଅବରୋଧ କରିଥିଲେ। ଶେଷରେ ଅପରାହ୍ଣ ପ୍ରାୟ ୫ଟାରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଏବଂ ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକ ପ୍ରମୁଖ ମିଳିତ ଭାବେ ଚାଷୀ ନେତାଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଆଜିର ଏହି ଆନ୍ଦୋଳନରେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ର ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ସମେତ ହଜାରେରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ।

# ବସ୍ତା ବସ୍ତା ଧାନ ପୋଡ଼ିଦେଲେ



**ନିଆଳି, ୨୪।୧(ସମିସ):** ବାରମ୍ବାର ଦାବି ସତ୍ତ୍ୱେ ମଣ୍ଡି ନ ଖୋଲିବାରୁ ବସ୍ତା ବସ୍ତା ଧାନ ପୋଡ଼ିଲେ ଚାଷୀ। ନିଆଳି ବ୍ଲକ ଦେବୀ-କନ୍ଦଳ ଦ୍ୱୀପାଞ୍ଚଳ ରାଣିଓଳା ସେବା ସମବାୟ ସମିତିରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ତେବେ ପରେ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହେବା ସହ ଧାନମଣ୍ଡି ଖୋଲିଥିଲା।

ଚାଷୀଙ୍କ ପାଖକୁ ଗତ ୬ ତାରିଖରୁ ଧାନ ଦେବା ପାଇଁ ଟୋକନ ଆସିଥିଲେ ମଧ୍ୟ ବାରମ୍ବାର ତାରିଖ ପରିବର୍ତ୍ତନ ଯୋଗୁଁ ମଣ୍ଡି ଖୋଲିପାରି ନଥିଲା। ଶୁକ୍ରବାର ମଣ୍ଡି ଖୋଲିବ ବୋଲି ଚାଷୀଙ୍କୁ ଅଖା ଦିଆଯାଇଥିବା ବେଳେ ଶେଷ ମୁହୂର୍ତ୍ତରେ ବାତିଲ୍ ହୋଇଯାଇଥିଲା। ଖବର ପ୍ରଚାରିତ ହେବା ପରେ ଶତାଧିକ ଚାଷୀ ସେମାନଙ୍କ ଧାନ ଆଣି ସିଠାଲୋ-ଅଡଶପୁର କସର୍ଦ୍ଦା ସତ୍‌ସଙ୍ଗ ମନ୍ଦିର ଛକରେ ରଖି ରାସ୍ତା ଅବରୋଧ କରିଥିଲେ। ଏହାସହ ଧାନରେ ନିଆଁ ଲଗାଇ ଦେଇଥିଲେ। ଦିନ ୧୧ଟା ବେଳେ ନିଆଳି ତହସିଲଦାର ଲିଲନ୍ ପ୍ରସାଦ ସାହୁ ଘଟଣାସ୍ଥଳରେ ଚାଷୀଙ୍କ ସହ ଆଲୋଚନା କରିବା ପରେ ଦିନ ୧ଟା ବେଳେ କସର୍ଦ୍ଦା ସାଇମନ୍ଦିର ନିକଟ ପଡ଼ିଆରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଥିଲା। ନିଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ତହସିଲଦାର, ନୋଡାଲ୍ ଅଧିକାରୀ ଅଞ୍ଜନ ସେଠୀ, ସତ୍ୟନାରାୟଣ ସାହୁ, ସମିତିର ସଭାପତି ଅଭିମନ୍ୟୁ ସ୍ୱାଇଁ, କସର୍ଦ୍ଦା ସରପଞ୍ଚ ସୁରେଶ ପଟ୍ଟନାୟକ, ରାଣୀଓଳା ସରପଞ୍ଚ ତ୍ରିନାଥ ମହାନ୍ତି, ଚାଷୀ ଅରୁଣ ସ୍ୱାଇଁ, ଅକ୍ଷୟ ବିରାଟ, ବଚ୍ଛନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■ ପଣ୍ଡା ଅଳଙ୍କାର ଲୁଟ୍ ଓ ଗୁଳିକାଣ୍ଡ ଘଟଣା

# ବିହାରରୁ ଆଉ ଜଣେ ଡକାୟତ ଗିରଫ

**ବ୍ୟାସନଗର, ୨୪।୧(ସମିସ):** ଗତ ୪ ତାରିଖରେ ପାଣିକୋଇଲି ପଣ୍ଡା ଅଳଙ୍କାରରୁ ଲୁଟ୍ ଘଟଣାରେ ପୁଲିସ ଆଜି ଜଣେ ଫେରାର ଡକାୟତକୁ ବିହାରରୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲା, ବିହାର ଛାପ୍ରା ଜିଲ୍ଲା ଦୋରିଗଞ୍ଜ ଥାନା ଅନ୍ତର୍ଗତ ଭାରପୁର ଗ୍ରାମର ଦେବନାଶ ଚୌଧୁରୀଙ୍କ ପୁଅ ମନଜିତ କୁମାର ଆର୍ଯ୍ୟ (୨୩)। ତା' ପାଖରୁ ଦୁଇଟି ବନ୍ଧୁକ, ୫ଟି ଗୁଳି, ୩ଟି ଖୋଳା, ଗୋଟିଏ ମୋବାଇଲ, ୱାଇଫାଇ ରାଉଟର୍, ନାଲି ରଙ୍ଗର ବାଇକ୍ ଜବତ କରାଯାଇଛି। ପୂର୍ବରୁ ଏହି ଘଟଣାରେ ସ୍ଥାନୀୟ ଲୋକେ ଦୁଇଜଣଙ୍କୁ ଗିରଫ କରି ପୁଲିସ ଜିମା ଦେଇଥିଲେ। ତେବେ ଆଉ କିଛି ଅଭିଯୁକ୍ତ ଫେରାର୍ ଥିବା ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

**୫ଗୁଳି, ୨ବନ୍ଧୁକ ଓ ବାଇକ୍ ଜବତ**

ସୂଚନା ମୁତାବକ, ଗତ ୪ ତାରିଖ ଦିନ ପାଣିକୋଇଲିର ପଣ୍ଡା ଅଳଙ୍କାର ଭିତରେ ଦ୍ୱିନ ଦ୍ୱିପ୍ରହରରେ ଡକାୟତମାନେ ପଶି ଲୁଟ କରି ଫେରାର ହେଉଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ଡକାୟତମାନେ ଗୁଳିମାଡ଼ କରି ଦୁଇଜଣଙ୍କୁ ହତ୍ୟା କରିଥିବା ବେଳେ ଅନ୍ୟ କେତେକ ଆହତ ହୋଇଥିଲେ। ଘଟଣା ପରଠାରୁ ଫେରାର ଡକାୟତଙ୍କୁ ଧରିବା ପୁଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ଲୋକଙ୍କ ଦ୍ୱାରା ଧରାପଡ଼ିଥିବା ଦୁଇ ଡକାୟତଙ୍କୁ ରିମାଣ୍ଡରେ ନେଇ ପୁଲିସ୍ ପଚରାଉଚରା କରିବା ପରେ ଏହାର ଚେର ବିହାରରେ ବୋଲି ଜଣାପଡ଼ିଥିଲା। ପରେ ଏକ ସ୍ୱତନ୍ତ୍ର ଟିମ୍ ବିହାରରେ ଡେରା ପକାଇ ସେଠାରୁ ମନଜିତକୁ କାବୁ କରିଥିବା ଜଣାପଡ଼ିଛି। ପାଣିକୋଇଲି ପୁଲିସ୍ ଏନେଇ ୭/୨୫ରେ ଏକ ମାମଲା ରୁଜୁ କରି ମନଜିତକୁ କୋର୍ଟ ଚାଲାଣ କରିଛି। ଯାଜପୁର ରୋଡ୍ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପାଣିକୋଇଲି ଥାନା ଅଧିକାରୀ ରଞ୍ଜିତ ମହାନ୍ତି, କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ତାପମାତ୍ରା (ଡିଗ୍ରୀ ସେଲସିୟସ)

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୯.୬ | ୧୯.୧ |
| ଚାନ୍ଦବାଲି | ୩୦.୮ | ୨୦.୮ |
| କଟକ | ୨୮.୮ | ୧୮.୮ |
| ପାରାଦୀପ | ୩୦.୧ | ୨୦.୨ |
| ଭୁବନେଶ୍ୱର | ୩୨.୪ | ୧୯.୫ |
| ଗୋପାଳପୁର | ୨୯.୮ | ୧୫.୩ |
| ପୁରୀ | ୨୯.୨ | ୨୦.୧ |
| ଅନୁଗୋଳ | ୩୨.୩ | ୧୩.୬ |
| ବାରିପଦା | ୨୮.୬ | ୧୮.୫ |
| ଝାରସୁଗୁଡ଼ା | ୩୩.୮ | ୧୩.୪ |
| କେନ୍ଦୁଝରଗଡ଼ | ୩୧.୩ | ୧୪.୫ |
| ସମ୍ବଲପୁର | ୩୩.୪ | ୧୬.୩ |
| ସୁନ୍ଦରଗଡ଼ | ୩୩.୨ | ୧୪.୭ |
| ହୀରାକୁଦ | ୩୨.୩ | ୧୫.୯ |
| ତାଳଚେର | ୩୧.୮ | ୧୭.୦ |
| ଭବାନୀପାଟଣା | ୩୨.୫ | ୧୩.୯ |
| ବଲାଙ୍ଗିର | - | ୧୬.୭ |
| କୋରାପୁଟ | ୩୦.୦ | ୧୧.୭ |
| ଫୁଲବାଣୀ | ୨୭.୭ | ୧୦.୫ |
| ଟିଟିଲାଗଡ଼ | ୩୩.୦ | ୧୭.୨ |
| ମାଲକାନଗିରି | ୩୨.୬ | ୧୬.୦ |
| ସୋନପୁର | ୩୨.୫ | ୧୫.୦ |
| ଦାରିଙ୍ଗବାଡ଼ି | ୩୦.୦ | ୧୨.୫ |
| ନୟାଗଡ଼ | - | ୧୫.୪ |
| ବୌଦ୍ଧ | ୨୯.୫ | ୧୪.୦ |
| ଛତ୍ରପୁର | ୩୦.୭ | ୧୬.୦ |
| ପାରଳାଖେମୁଣ୍ଡି | ୩୩.୮ | ୧୪.୦ |
| ରାୟଗଡ଼ା | ୩୧.୮ | ୧୫.୨ |
| ଭଦ୍ରକ | ୩୨.୭ | ୧୭.୦ |
| ଯାଜପୁର | ୩୧.୨ | ୧୪.୮ |
| ଢ଼େଙ୍କାନାଳ | ୩୨.୦ | ୧୭.୬ |
| ବରଗଡ଼ | ୩୨.୫ | ୧୫.୮ |
| ଦେଓଗଡ଼ | ୨୯.୮ | ୧୫.୦ |
| ନୂଆପଡ଼ା | ୩୧.୪ | ୧୫.୪ |
| ନବରଙ୍ଗପୁର | ୩୨.୦ | ୧୪.୦ |
| ଖୋର୍ଦ୍ଧା | ୩୦.୦ | ୧୫.୦ |
| ଜଗତସିଂହପୁର | ୩୨.୫ | ୧୫.୨ |
| କେନ୍ଦ୍ରାପଡ଼ା | - | ୧୫.୦ |
| ରାଉରକେଲା | ୩୧.୫ | ୧୩.୨ |

**ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୁଭେଚ୍ଛା**

**ଭୁବନେଶ୍ୱର,୨୪।୧(ସମିସ):** ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଆମେରିକୀୟ ପାଣିପାଗ ସମାଜ ଦ୍ୱାରା ପୁରସ୍କୃତ ହୋଇଥିବା ଡଃ ମହାପାତ୍ରଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ଏକ୍ସରେ ଉଲ୍ଲେଖ କହିଛନ୍ତି ଯେ ଭାରତ ମହାସାଗର ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବାତ୍ୟାର ପୂର୍ବାନୁମାନ ଏବଂ ଚେତାବନୀ ପ୍ରଣାଳୀକୁ ସୁଦୃଢ଼ କରିବାରେ ଡଃ ମହାପାତ୍ରଙ୍କର ଯୁଗାନ୍ତକାରୀ ଅବଦାନ ରହିଛି। ଏହା ଉଭୟ ଭାରତ ଏବଂ ଓଡ଼ିଶା ପାଇଁ ଅତ୍ୟନ୍ତ ଗର୍ବ ଆଣିଛି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜ ଏକ୍ସ ହ୍ୟାଣ୍ଡେଲରେ ଡଃ ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଘୂର୍ଣ୍ଣିବାତ୍ୟାର ପୂର୍ବାନୁମାନ ଏବଂ ଚେତାବନୀ ପ୍ରଣାଳୀକୁ ବୃଦ୍ଧି କରିବା ପାଇଁ ଡଃ ମହାପାତ୍ର ଏହି ପୁରସ୍କାର ପାଇଥିବାରୁ ଓଡିଶା ତାଙ୍କ ସଫଳତା ପାଇଁ ଗର୍ବିତ ବୋଲି ଉଲ୍ଲେଖ କହିଛନ୍ତି।

## ପ୍ରାକ୍ ବଜେଟ ବୈଠକରେ ମାନସମନ୍ଥନ

# ଶିଳ୍ପ ଓ କୃଷି ଉଦ୍ୟୋଗକୁ ଗୁରୁତ୍ୱ

**ଭୁବନେଶ୍ୱର,୨୪।୧(ସମିସ):** ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତି ବେଳେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ। ଗ୍ରାମାଞ୍ଚଳବାସୀ ଓ ଅର୍ଥନୈତିକ

**୨୦୨୫-୨୬ ସୁଦ୍ଧା ୬୫ ହଜାର ନିଯୁକ୍ତି ଲକ୍ଷ୍ୟ**

**ଗ୍ରାମାଞ୍ଚଳ ଓ ଗରିବ ଲୋକଙ୍କୁ ଅଗ୍ରାଧିକାର: ମୁଖ୍ୟମନ୍ତ୍ରୀ**

ଅନଗ୍ରସର ଲୋକମାନଙ୍କୁ ବଜେଟରେ ଗୁରୁତ୍ୱ ମିଳିବ। ପ୍ରାକ୍ ବଜେଟ ବୈଠକରେ ଅଧ୍ୟକ୍ଷତା କରିବା ପରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ। ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରରେ ଶୁକ୍ରବାର ଆୟୋଜିତ ପ୍ରାକ୍ ବଜେଟ୍ ଆଲୋଚନା ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ, ନାଗରିକ ସମାଜ ଓ ପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି।



ବର୍ତ୍ତମାନ ସୁଦ୍ଧା ୨୦ ହଜାର ନିଯୁକ୍ତି ଦିଆସରିଛି ଏବଂ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪୦ ହଜାର ନିଯୁକ୍ତି ଦିଆଯିବ। ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆମ ସରକାର ୬୫ ହଜାର ନିଯୁକ୍ତି ଦେବାର ଲକ୍ଷ୍ୟ ରଖିଛନ୍ତି। ଶିଳ୍ପ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା ଅଢେଇ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ଅନୁମୋଦନ କରାଯାଇଛି, ଯାହା ଦ୍ୱାରା ୧ ଲକ୍ଷ ୧୦ ହଜାର ନିଯୁକ୍ତି ସୃଷ୍ଟି ହେବ। ଚଳିତ ବର୍ଷର ବଜେଟ ସମୃଦ୍ଧ ଓଡିଶା ଗଠନ ପାଇଁ ନିଶ୍ଚିତ ଭାବେ ଏକ ପୂର୍ଣ୍ଣାଙ୍ଗ ରୂପରେ ଆସିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ଗତ ବର୍ଷ ପରି ଏଥର ମଧ୍ୟ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାକୁ ଲୋକାଭିମୁଖୀ କରିବା ପାଇଁ ଜନସାଧାରଣଙ୍କଠାରୁ ବହୁମୂଲ୍ୟ ମତାମତ ଆହ୍ୱାନ କରାଯାଇଛି। ବିଭିନ୍ନ ମାଧ୍ୟମରେ ଆସୁଥିବା ଏହି ପରାମର୍ଶଗୁଡିକୁ ଅନୁଧ୍ୟାନ ଓ ତର୍ଜମା କରାଯାଇ ଚଳିତ ବଜେଟରେ ସ୍ଥାନିତ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପଞ୍ଚାନନ କାନୁନଗୋ, ଶଶୀଭୂଷଣ ବେହେରା, ନିରଞ୍ଜନ ପୂଜାରୀ, ପୂର୍ବତନ ଅର୍ଥ ସଚିବ ରବି ନାରାୟଣ ସେନାପତି, ଉପେନ୍ଦ୍ରନାଥ ବେହେରା, ସମୀର ମହାନ୍ତି, ସଜ୍ଜନ ଶର୍ମାଙ୍କ ସମେତ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୪ ଜଣ ବିଶିଷ୍ଟ ବ୍ୟକ୍ତି ଆଗାମୀ ବଜେଟ ଉପରେ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ। ଏ ବାବଦରେ ସାଧାରଣ ଲୋକ ଜାନୁଆରୀ ୩୧ ତାରିଖ ସୁଦ୍ଧା ଇ-ମେଲ ଓ ହ୍ୱାଟ୍ସଆପ୍, ୱେବ୍ ପୋର୍ଟାଲ ମାଧ୍ୟମରେ ସେମାନଙ୍କ ମତାମତ ଦେବା ପାଇଁ ବ୍ୟବସ୍ଥା କରାଯାଇଛି।







ସକାଳ THE SAKALA
www.sakalaepaper.com

## କଦମପାଳରେ ବିଶ୍ୱଶାନ୍ତି ମହାଯଜ୍ଞ



ଜାରକା, ୨୪।୧(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କଦମପାଳ ଗ୍ରାମର ହରିବୋଲିଆ ମଠ ବଟେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଅଙ୍କୁରାରୋପଣ, କଳସ ଯାତ୍ରା, ଗୋପୂଜା, ଗୁରୁପୂଜା, ସୂର୍ଯ୍ୟ ପୂଜା, ଧରିତ୍ରୀ ପୂଜା, ଯଜ୍ଞ ଆରମ୍ଭ, ଅଗ୍ନି ସ୍ଥାପନ, ଭଜନ ସମାରୋହ ଓ ପ୍ରେମ ସାଗର ବାବାଙ୍କ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ କଦମପାଳ ଓ ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ।

● ଏନ୍‌ପିଏସ୍ ଶିକ୍ଷକ ସଂଘ ନିର୍ବାଚନ

## ମନୋରଞ୍ଜନ ସଭାପତି, ମୁକ୍ତେଶ୍ୱର ସମ୍ପାଦକ

ବିଞ୍ଝାରପୁର, ୨୪।୧(ସମିସ): ବିଞ୍ଝାରପୁର ବ୍ଲକ୍ କଲ୍ୟାଣପୁରସ୍ଥ ବରୁଣେଶ୍ୱର ଆଦର୍ଶ ବିଦ୍ୟାଳୟରେ ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇ ଏନପିଏସ ଶିକ୍ଷକ ସଂଘ ଗଠନ କରାଯାଇଛି। ଏହି ସଂଘର ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଛି। କ୍ଷୀରୋଦ ମଲ୍ଲିକଙ୍କ ସଭାପତିତ୍ୱରେ ନୂତନ କର୍ମକର୍ତ୍ତା ଚୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଦ୍ୟନାଥ ପରିଡ଼ା, ପରାମର୍ଶଦାତା ଅନିରୁଦ୍ଧ ରାଉଳ ସଂଘୀୟ ନୀତି ନିର୍ଦ୍ଧାରଣ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରସ୍ତାବ ଓ ସମର୍ଥନ କ୍ରମେ ସଭାପତି ଭାବେ ମନୋରଞ୍ଜନ ଧଳ, ସମ୍ପାଦକ ଭାବେ ମୁକ୍ତେଶ୍ୱର ଜେନା, ଉପସଭାପତି ମହମଦ ଓକିଲ, ସହସମ୍ପାଦକ ଅକ୍ଷୟ ସେଠୀ, କୋଷାଧ୍ୟକ୍ଷ ଭାବେ ପ୍ରଭାତ ସାହୁଙ୍କୁ ମନୋନୀତ କରଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ଅନିରୁଦ୍ଧ ରାଉଳ, କ୍ଷୀରୋଦ ମଲ୍ଲିକ, ବୈଦ୍ୟନାଥ ପରିଡ଼ା ଓ ସଂଗଠନ ସମ୍ପାଦକ ଭାବେ ସୌମେନ୍ଦ୍ର ସାମଲଙ୍କୁ ଚୟନ କରାଯାଇଥିଲା। ସଂଘର ଗାରିମା ବଜାୟ ରଖିବା ସହ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ନୂତନ ସଭାପତି ମନୋରଞ୍ଜନ ଧଳ କହିଛନ୍ତି। ବିକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଗତି ପ୍ରଶିକ୍ଷଣ ଶିବିର



ମଙ୍ଗଳା,୨୪।୧(ସମିସ): ବିଂଝାରପୁର ବ୍ଲକ୍ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ଅଧୀନ କନ୍ୟା ବିଦ୍ୟାଶ୍ରମରେ ପ୍ରଗତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଂଯୋଜିକା କ୍ରିଷ୍ଣା ଗୌତମୀ ନାଥଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ପ୍ରଧାନ ଶିକ୍ଷକ ଅଜୟ ମଲିକ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ପ୍ରକାଶ ଚନ୍ଦ୍ର ସାହୁ, ମନୋଜ ମହାଲିକ, ବିରଞ୍ଚିନାରାୟଣ କର, ଅଚ୍ୟୁତାନନ୍ଦ ଧଳ, ଅକ୍ଷୟ ସେଠୀ ଯୋଗ ଦେଇଥିଲେ। ଏହି ଶିବିରରେ ୧୦୦ ଜଣ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବରୁଣେଶ୍ୱର ମଡେଲ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରା ଧନ୍ୟବାଦ ଦେଇଥିଲେ।

## ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ



ଦାନଗଦି,୨୪।୧(ସମିସ): ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳର କୁସୁନପୁରସ୍ଥ ଦେବ ଇଣ୍ଟରନ୍ୟାସନାଲ ସ୍କୁଲରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିସହ ଇଣ୍ଡିଆନ ମେଡିକାଲ ଆସୋସିଏସନ୍ ପକ୍ଷରୁ ଡା. ହରିଦାସ କୁଣ୍ଡୁ ମେମୋରିଆଲ ସ୍ୱାସ୍ଥ୍ୟ ସଚେତନତା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଡା. ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ ଡେଣ୍ଟିଷ୍ଟ ଡା. ବିକାଶ ନାୟକ, ପ୍ରସୂତି ବିଶେଷଜ୍ଞ ଡା. ରୂପା ବର୍ଷାନି ଘୋଷ, ନ୍ୟୁରୋ ସର୍ଜରୀ ଡା. ଜିଏସ ଷଡ଼ଙ୍ଗୀ, ଚକ୍ଷୁ ରୋଗ ବିଶେଷଜ୍ଞ ଡା. ସୁରେନ୍ଦ୍ର ସାହୁଙ୍କ ସହ ବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ ରଣା ଓ ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ ଓ ବଲବୀର ସିଂ ଦୁଇ ପୁଣ୍ୟାତ୍ମା ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଧ୍ୟକ୍ଷ ବୁଦ୍ଧଦେବ ରାଉତ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ବୀଣାପାଣି ୟୁଥ୍ କ୍ଲବ୍‌ର ବାର୍ଷିକୋତ୍ସବ

ଟମକା, ୨୪।୧(ସମିସ): ସ୍ଥାନୀୟ ଥାନା ଅନ୍ତର୍ଗତ ଉପରଟମକାର ଅଗ୍ରଣୀ ସଂଗଠନ ବୀଣାପାଣି ୟୁଥ୍ କ୍ଲବର ୪୨ତମ ବାର୍ଷିକୋତ୍ସବରେ କ୍ରୀଡ଼ା ପ୍ରତିଯୋଗିତା ଓ ରାଜେଶ ମେମୋରିଆଲ ଖେଳ ପୁରସ୍କାର ବିତରଣ ଉତ୍ସବ ହୋଇଯାଇଛି। ୧୬ ତାରିଖରେ ଆରମ୍ଭ ହୋଇଥିବା ଦୌଡ଼, ଅଙ୍କକଷା, ଭଲିବଲ, ବ୍ୟାଡ଼ମିଣ୍ଟନ, କ୍ରିକେଟ୍, ପୁଚି ଖେଳ, ଉଚ୍ଚଡିଆଁ, ଲମ୍ବଡିଆଁ, ଡିସ୍କସ୍ ଥ୍ରୋ, ସଟପୁଟ୍ ଥ୍ରୋ, ଲାଖବିନ୍ଧା, ନୃତ୍ୟ, ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି କିଆଝର ସରପଞ୍ଚ ରାଜଲକ୍ଷ୍ମୀ ମହାପାତ୍ର, ସମ୍ମାନିତ ଅତିଥି ସମିତିସଭ୍ୟା ଗୌରୀବାଳା ମୁର୍ମୁ ଯୋଗଦେଇ ପୁରସ୍କାର ଦେଇଥିଲେ। କ୍ଲବ୍‌ର ସଭାପତି ସୌମ୍ୟରଞ୍ଜନ ମହାପାତ୍ର ସଭାପତିତ୍ୱ, ନୃପମଣି ଦାସ, ମଦନ ଦାସ, ରାଜୁ ଦାସ ଖେଳ ପରିଚାଳନା କରିଥିଲେ। କ୍ଲବ୍‌ର ଉପଦେଷ୍ଟା ପୂର୍ବତନ ସରପଞ୍ଚ ଦ୍ୱାରିକାନାଥ ଦାସ, କିସାନ ମୁଣ୍ଡା, ଦିଲ୍ଲୀପ ପ୍ରଧାନ, ମଦନ ତନ୍ତୀ, ଭାଗୀରଥି ତନ୍ତୀ, ରାଜେଶ ଦାସ, ବିଦ୍ୟାଧର ଦାସ, ଡିଜେ ରାଜୁଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

ପ୍ରଶାସନ ନିଦାବିଷ୍ଟୁ

# ଧୂଳିଗଡ଼ ଜଙ୍ଗଲରୁ ଦିବାଲୋକରେ କାଠ ଓ ମୋରମ ଲୁଟ୍

ଦାନଗଦି, ୨୪।୧(ସମିସ)

ଦାନଗଦି ବ୍ଲକ୍ ଅନ୍ତର୍ଗତ ଧୂଳିଗଡ଼ ଜଙ୍ଗଲରୁ ସପ୍ତାହେ ଧରି ଦିନ ଦ୍ୱିପ୍ରହରରେ ଲୁଟ୍ ଚାଲିଛି ମୋରମ ଓ କାଠ। ଏହି ଜଙ୍ଗଲଟି ବହୁ ପୁରାତନ ଜଙ୍ଗଲ। ଧୀରେ ଧୀରେ ଏହି ଝାଟି ଜଙ୍ଗଲ ଲୋପ ପାଇବାକୁ ବସିଲାଣି। ଏହି ଜଙ୍ଗଲରେ ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ଜଙ୍ଗଲରେ ଏବେ ଗଛ କଟା ଓ ମୋରମ ଖୋଳା ନିର୍ଭୟରେ ଚାଲିଛି। ଦିନ ଦ୍ୱିପ୍ରହରରେ ଅବାଧରେ ଜଙ୍ଗଲ ଲୁଟ୍ ଚାଲିଛି। ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ମାଫିଆମାନେ ଲୁଟ୍ କରିଚାଲିଛନ୍ତି। ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

୩୦ ଏକରର ଏହି ପୁରାତନ ଜଙ୍ଗଲ ଶିଳ୍ପାଞ୍ଚଳ ନିକଟରେ ଅବସ୍ଥିତ। ଏହାକୁ ବଞ୍ଚାଇ ରଖିଲେ ପରିବେଶ ପ୍ରଦୂଷିତ ହୁଅନ୍ତା ନାହିଁ। ଏହି ଜଙ୍ଗଲରେ ବହୁ ଔଷଧୀୟ ଗଛ ସହ ଶାଳ, ଚାକୁଣ୍ଡା, ପିଆଶାଳ, ଆକାଶିଆ, ଅର୍ଜୁନ ଆଦି ବହୁ ମୂଲ୍ୟବାନ ଗଛ ଲୋପ ପାଉଛି। କୋଟି କୋଟି ଟଙ୍କା ବ୍ୟୟରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଉଛି। କିନ୍ତୁ ପୁରୁଣା ଜଙ୍ଗଲର ସୁରକ୍ଷା ପାଇଁ କାହାର ନଜର ନାହିଁ। ଏହି ଜଙ୍ଗଲ ପାଖରେ ବେଆଇନ ଭାବେ ଜୁଆ ଖେଳ, କୁକୁଡ଼ା ଲଢେଇ ଓ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ରାତିରେ ଚୋରଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ଜଙ୍ଗଲ ଭିତରୁ ମୋରମ ଲୁଟ୍ ଚାଲିଛି। ଦୈନିକ



୨୦/୩୦ ଟ୍ରିପ୍‌ରୁ ଅଧିକ ମୋରମ କିଛି ଦିନ ଭିତରେ ଉଠିଗଲାଣି।

ଚୋରା ଦେଶୀମଦ ବେପାରୀଙ୍କ ଆଡ୍ଡାସ୍ଥଳୀ ବି ଏହି ଜଙ୍ଗଲ। ଏହି ଜଙ୍ଗଲକୁ ଲାଗି ରହିଥିବା ସାହିର କିଛି ଲୋକ ଦେଶୀ ମହୁଲି ଜଙ୍ଗଲ ଭିତରେ ଲୁଚାଇ ନିର୍ଭୟରେ ବିକ୍ରି କରୁଛନ୍ତି। ପୁଲିସ ସବୁ ଜାଣି ଚୋରାମଦ ବେପାରୀଙ୍କୁ ଗିରଫ କରୁନାହିଁ।

ଏ ଜଙ୍ଗଲରେ ଚାଲୁଥିବା ବେଆଇନ କାରବାରକୁ ବିରୋଧ କରୁଥିବା ସାମାଜିକ କର୍ମୀଙ୍କ ଉପରେ ଆକ୍ରମଣ ହେଉଛି। ଏସବୁ ଘଟଣାରେ ପୁଲିସ କିନ୍ତୁ ଚୁପ୍। ଦିନ ଦ୍ୱିପ୍ରହରରେ ମଦ ବେପାରୀ, ଆକ୍ରମଣକାରୀ ବୁଲୁଥିବାବେଳେ ପୁଲିସ ଧରୁନାହିଁ। ଜଙ୍ଗଲ ଭିତରକୁ ଘର ମାଡ଼ିଗଲାଣି। ଶିଳ୍ପ ସନ୍ନିକଟ ଗାଁକୁ ପ୍ରଦୂଷଣରୁ ରକ୍ଷା ପାଇଁ କାରଖାନା କର୍ତ୍ତୃପକ୍ଷଙ୍କୁ ବୃକ୍ଷରୋପଣ ପାଇଁ ବାରମ୍ବାର ପ୍ରଶାସନ କହୁଥିବାବେଳେ ଗୋଦାରା କୋଡେ ଯେତେ, ମାଡ଼େ ସେତେ ଭଳି ବହୁ ପୁରୁଣା ଜଙ୍ଗଲ ଲୋପ ପାଇବାକୁ ବସିଲାଣି। ତେଣୁ ବନ ବିଭାଗ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପୁରାତନ ଜଙ୍ଗଲକୁ ବଞ୍ଚାଇ ରଖିବାକୁ ସାଧାରଣରେ ଦାବି ହେଉଛି।

■ ଜିନ୍ଦଲ ପକ୍ଷରୁ କୁମ୍ଭିରଗାଡ଼ିଆରେ ଖୋଲିଲା ଟେଲରିଂ ସେଣ୍ଟର

## ଫୁଟ୍‌ବଲ କୋଚିଂ ସେଣ୍ଟରରେ ଉପକରଣ ବଣ୍ଟନ



ଦାନଗଦି, ୨୪।୧(ସମିସ)

ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ସିଏସ୍‌ଆର ବିଭାଗ ପକ୍ଷରୁ କୁମ୍ଭିରଗାଡ଼ିଆ ଗାଁରେ ଟେଲରିଂ ସେଣ୍ଟର ଖୋଲାଯାଇଥିବାବେଳେ ସୋଲେଇ ଫୁଟ୍‌ବଲ କୋଚିଂ ସେଣ୍ଟରରେ ଉପକରଣ ବଣ୍ଟନ କରାଯାଇଛି। ଜେଏସ୍‌ଏଲ୍ ଯୁବ ଓ ମହିଳାଙ୍କ ଦକ୍ଷତା ବିକାଶକୁ ଦୃଷ୍ଟିରେ ରଖି କୁମ୍ଭିରଗାଡ଼ିଆ ଗାଁରେ ଟେଲରିଂ କେନ୍ଦ୍ର ଖୋଲିଛି। ଲକ୍ଷ୍ୟ ହେଉଛି କିଶୋରୀ ଓ ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚଜି) ସଦସ୍ୟାଙ୍କୁ ଦକ୍ଷତା ବିକାଶର ସୁଯୋଗ ପ୍ରଦାନ କରିବା। ଯାହା ସେମାନଙ୍କୁ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ସକ୍ଷମ କରିବ। ସମିତି ସଭ୍ୟ ପ୍ରଶାନ୍ତ ଜେନା ଓ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଉପସ୍ଥିତିରେ ସ୍ଥାନୀୟ ସରପଞ୍ଚ ବିନୋଦ ଚନ୍ଦ୍ର ଦଲେଇ ଏହି କେନ୍ଦ୍ରର ଉଦଘାଟନ କରିଥିଲେ। ଏହି କେନ୍ଦ୍ରର ନେତୃତ୍ୱ ଜିନ୍ଦଲ ଟେଲରିଂ ଇନଷ୍ଟିଚ୍ୟୁଟର ସ୍ନାତକ ଝୁନାରାଣୀ ବିଶ୍ୱାଲ ନେବେ। ସେ ପ୍ରଶିକ୍ଷକ ଭାବେ ମଧ୍ୟ କାର୍ଯ୍ୟ କରିବେ। ଶ୍ରୀ ଦଲେଇ କହିଛନ୍ତି, ଛାତ୍ରଛାତ୍ରୀ ଦକ୍ଷତା ହାସଲ କରିବେ ଓ ସେଗୁଡ଼ିକୁ ସେମାନଙ୍କ ଜୀବିକା ନିର୍ବାହ ପାଇଁ ବ୍ୟବହାର କରିବେ। ସେମାନଙ୍କର ବ୍ୟକ୍ତିଗତ ଅଭିବୃଦ୍ଧି ଓ ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବେ। ସେହିପରି ଜିନ୍ଦଲର ସିଏସଆର ଅଧୀନରେ ସ୍ଥାନୀୟ ବିଧବା ମହିଳାଙ୍କୁ ସାହାଯ୍ୟ କରାଯାଇଛି।

ଅନ୍ୟପକ୍ଷରେ ସୋଲେଇ ଫୁଟବଲ୍ କୋଚିଂ ସେଣ୍ଟରରେ ୨୦ ଜଣ ଯୁବ ଖେଳାଳିଙ୍କୁ ଫୁଟବଲ୍ ଉପକରଣ ପ୍ରଦାନ କରାଯାଇଛି। ସୋଲେଇ ଗାଁରେ ଅବସ୍ଥିତ ଓ ଜେଏସଏଲ ଦ୍ୱାରା ପରିଚାଳିତ ଏହି କୋଚିଂ ସେଣ୍ଟର ସ୍ଥାନୀୟ ଯୁବକଙ୍କୁ ଉଚ୍ଚମାନର କ୍ରୀଡା ତାଲିମ ପ୍ରଦାନ କରିଆସୁଛି। ଦିଲ୍ଲୀର ସୁଦେବ ଫୁଟବଲ୍ ଏକାଡେମୀର ଜଣେ କୋଚ୍ ୯ରୁ ୧୩ ବର୍ଷ ବୟସର ଯୁବ ଖେଳାଳିଙ୍କୁ ତାଲିମ ଦେଉଛନ୍ତି। ସ୍ଥାନୀୟ ସରପଞ୍ଚ ଶ୍ରୀମତୀ କାଗାଜୀ ପାତ୍ର ଖେଳାଳିଙ୍କୁ ଜର୍ସି, ଷ୍ଟଡ୍, ଫୁଟବଲ୍ ଓ ଅନ୍ୟାନ୍ୟ ଖେଳ ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁକାନ୍ତ ରଥ, ସଞ୍ଜୟ ମହାନ୍ତି, ଚିନ୍ମୟ ଅଗ୍ରୱାଲ ଓ ଭାରତ ଶର୍ମାଙ୍କ ସମେତ ଅନେକ ଜିନ୍ଦଲ କର୍ମଚାରୀ ଯୋଗ ଦେଇଥିଲେ।

## ନେତାଜୀ ସ୍ମୃତି ସଂସଦ ପକ୍ଷରୁ ନେତାଜୀଙ୍କ ଜୟନ୍ତୀ

ବ୍ୟାସନଗର, ୨୪।୧(ସମିସ): ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ନେତାଜୀ ସ୍ମୃତି ସଂସଦ ପକ୍ଷରୁ ନାୟକ ଭବନରେ ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନେତାଜୀ ଯୁବଶକ୍ତି ଶୀର୍ଷକ ଆଲୋଚନା ସଭାକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ନେତା ଡ. ଦୁଷ୍ମନ୍ତ ନାୟକ, ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନ, ଶିକ୍ଷାବିତ ଅଶ୍ୱିନୀ ଦାସ, ଆମ୍ବେଦକର ସ୍ମୃତି ସଂସଦ ସମ୍ପାଦକ ବାବୁଲାଲ ଗୁରୁ, ସମାଜସେବୀ ଅର୍ଜୁନ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ସିଂ, ସାମ୍ବାଦିକ ପବିତ୍ର ରଞ୍ଜନ ମହାନ୍ତି ପ୍ରମୁଖ ଆଲୋଚନାଚକ୍ରରେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଅବଦାନ ଅତୁଳନୀୟ ଓ ଅବିସ୍ମରଣୀୟ ବୋଲି କହିଥିଲେ। ସଂସଦର ସମ୍ପାଦକ ବିକାଶ ଦାସ ବିବରଣୀ ପାଠ କରିଥିଲେ। ପରେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ତ୍ରିଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସନ୍ତୋଷ ବରାଳ, ରମେଶ ରାଉତ, ଲାଲମଣି ମୁଣ୍ଡା, ପାନି କିସ୍କୁ, ମାଳତୀ ହାଁସଦା, ସନ୍ତୋଷ ପୃଷ୍ଟି, କାହ୍ନୁ ମୁଖି, ଗଙ୍ଗା ନାୟକ ଓ କୌଶଲ୍ୟା ମୁଖି ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ଡୋଲିପୁର ନେତାଜୀ ନଗରରେ ନେତାଜୀଙ୍କ ପ୍ରତିମୂର୍ତ୍ତି କରାଯିବାକୁ ସଭାପତି ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ମୁଗୁପାଳ ଶାଖା ପୋଷ୍ଟ ଅଫିସ୍‌ର ନୂତନ ଗୃହ ଉଦ୍‌ଘାଟିତ

କୁଆଖିଆ,୨୪।୧(ସମିସ): ରସୁଲପୁର ବ୍ଲକ୍ ମୁଗୁପାଳଠାରେ ଥିବ ଶାଖା ପୋଷ୍ଟ ଅଫିସ୍‌ର ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ଡାକ ବିଭାଗ ପକ୍ଷରୁ ଚାଲିଥିବା ଗ୍ରାମୀଣ ବ୍ୟବସାୟ ଅଧିଗ୍ରହଣ ନେଟୱାର୍କ ୨୦୨୪-୨୫ ଆଧାରରେ ଏହି ଅପଗ୍ରେଡେସନ୍ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଡାକ ଅଧୀକ୍ଷକ ଶୁଭ୍ରକାଶ ନାୟକ, ଧର୍ମଶାଳା ସବ୍‌ଡିଭିଜନ୍‌ର ପୋଷ୍ଟାଲ୍ ଇନ୍ସପେକ୍ଟର କୁମାର ପ୍ରସାଦ ଜେନା ଅତିଥି ଭାବେ ଯୋଗଦେଇଥିଲେ। ଡାକ ଅଧୀକ୍ଷକ ଓ ଡାକ ନିରୀକ୍ଷକ ମୁଗୁପାଳ ଶାଖା ଆଗକୁ ଆହୁରି ଭଲ ବ୍ୟବସାୟ କରିବ ବୋଲି ଆଶା ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ଲୋକେ ଯେପରି ପୋଷ୍ଟ ଅଫିସ୍‌ରେ ଖାତା ଖୋଲି ଆର୍ଥିକ କାରବାର କରିପାରିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ଗୁରୁତ୍ୱ ପ୍ରଦାନ କରିଥିଲେ। ମୁଗୁପାଳ ପୋଷ୍ଟ ଅଫିସ୍ ଗତ ଆର୍ଥିକ ବର୍ଷରେ ଯାଜପୁର ଡିଭିଜନର ୨୫୧ଟି ଶାଖା ମଧ୍ୟରୁ ସର୍ବାଧିକ ଖାତା ଖୋଲି ପାରିଥିଲା। ଶାଖା ପରିଚାଳକ ମନୋରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଧନେଶ୍ୱର ମହାନ୍ତି ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ



ବ୍ୟାସନଗର,୨୪।୧(ସମିସ): ଯାଜପୁରରୋଡ୍ ଉମାପଦାସ୍ଥ ସତସଙ୍ଗ ବିହାରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସ ବ୍ୟାପୀ କାର୍ଯ୍ୟକ୍ରମର ପ୍ରତ୍ୟୁଷରୁ ବେଦ ନହବତ୍, ଉଷାକୀର୍ତ୍ତନ, ପ୍ରାତଃକାଳୀନ ବିନତୀ ପ୍ରାର୍ଥନା, ସଦଗ୍ରନ୍ଥାଦି ପାଠ ପରେ ପୂର୍ବାହ୍ନରେ ସମ୍ପାଦକ ନିତ୍ୟାନନ୍ଦ ନାୟକ ଓ କୋଷାଧ୍ୟକ୍ଷ କୀର୍ତ୍ତନ ସ୍ୱାଇଁଙ୍କ ଉପସ୍ଥିତରେ ପୂର୍ବତନ କାଉନସିଲର ତପନ ନାୟକ ଉତ୍ସବକୁ ଉଦଘାଟନ କରିଥିଲେ। ପରେ ଠାକୁରଙ୍କୁ ସୁସଜ୍ଜିତ ରଥରେ ନଗର ପରିକ୍ରମା କରାଯାଇଥିଲା। ଅପରାହ୍ନରେ ପଦ୍ମାଳୟା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ସୁରଞ୍ଜନା ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ବରିଷ୍ଠ ସହ-ପ୍ରତିଋତ୍ୱିକ ଡମ୍ବରୁଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସତସଙ୍ଗ ସଭାରେ ମୁଖ୍ୟଅତିଥି ଭାବେ ଦେଓଘର ସତସଂଘ କେନ୍ଦ୍ର ସହସମ୍ପାଦକ ପ୍ରତିଋତ୍ୱିକ ଡା. ବିନାୟକ ମହାପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ କେଦାରନାଥ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହପ୍ରତିଋତ୍ୱିକ ଶ୍ରୀଧର ସୁନ୍ଦର ମିଶ୍ର, ନିମନ୍ତ୍ରିତ ଅତିଥି ଭାବେ ସ୍ଥାନୀୟ କାଉନସିଲର ଶିବାନନ୍ଦ ନାୟକ, ସହ-ପ୍ରତିଋତିକ୍ ଅଚ୍ୟୁତାନନ୍ଦ ପତି, ନାରାୟଣ ମହାନ୍ତି, ବିଷ୍ଣୁଚରଣ ସାମଲ, ସତ୍ୟପ୍ରିୟ ନାୟକ, ନୃସିଂହ ଚରଣ ସେନାପତି, ଡ. ବୈରାଗୀ ଚରଣ ଦ୍ୱିବେଦୀ, ବସନ୍ତ ସାହୁ, ଇଂ ରଞ୍ଜିତ୍ ମୁଦୁଲୀ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ବିଜୟ ନାୟକ ପ୍ରାରମ୍ଭିକ ଆଲୋଚନା କରିଥିଲେ। ସହ-ପ୍ରତିଋତିକ୍ ଅଲେଖ ମହାରଣା, ଗୋପାଳ ମହାନ୍ତି, ଦିବାକର ସ୍ୱାଇଁ, ଗଜେନ୍ଦ୍ର ସାହୁ, ମାନସ ପଣ୍ଡା, ବିନୟ ରାଉତ, ଶରତ ସ୍ୱାଇଁ, ମାୟାଧର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ଚିତାଲୋ କଲେଜରେ ପୁରୁଷ ଟେନିସ୍ ବଲ୍ କ୍ରିକେଟ୍ ପ୍ରତିଯୋଗିତା

## ବ୍ୟାସନଗରକୁ ହରାଇ ଚିତାଲୋ ଚାମ୍ପିଅନ୍



ଦଶରଥପୁର, ୨୪।୧ (ସମିସ): ଦଶରଥପୁର ବ୍ଲକ୍ ଚିତାଲୋ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଖେଳପଡ଼ିଆରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତ ୨୨ରେ ଆରମ୍ଭ ହୋଇଥିବା ଆନ୍ତଃବିଦ୍ୟାଳୟ ଜୋନାଲ୍ ପୁରୁଷ ଟେନିସ ବଲ୍ କ୍ରିକେଟ୍ ଆଜି ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ କଲେଜରୁ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଚିତାଲୋ ଓ ନରସିଂହ ଚୌଧୁରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତାଲୋ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ୍ କେନ୍ଦ୍ରାପଡ଼ା ସାନ୍ଧ୍ୟ ଉଚ୍ଚମାଧ୍ୟମିକ ଓ ବ୍ୟାସନଗର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବ୍ୟାସନଗର ବିଜୟୀ ହୋଇ ଫାଇନାଲ୍ ଖେଳିବାକୁ ଯୋଗ୍ୟତା ଲାଭ କରିଥିଲା। ଚିତାଲୋ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ବ୍ୟାସନଗର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷରେ ଚିତାଲୋ ବିଜୟୀ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଜ୍ୟୋତିର୍ମୟ ନାଥଶର୍ମା ଓ ଡିଗ୍ରୀ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଲୋକନାଥ ମହାପାତ୍ର ଖେଳ ପରିଚାଳନା କରିଥିଲେ। କିଶାନ ପଣ୍ଡା ଓ ଲୋକନାଥ ମହାପାତ୍ର ଅମ୍ପାୟାର ଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ରାଜେନ୍ଦ୍ର ବାରିକ ଅଫିସିଆଲ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଚିତାଲୋ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବଟକୃଷ୍ଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନରସିଂହ ଚୌଧୁରୀ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଞ୍ଜନ ସୂତାର ଯୋଗଦେଇଥିଲେ। ରିତେନ୍ଦ୍ର ବିଶ୍ୱାଳ, ମହେଶ୍ୱର ବିଶ୍ୱାଳ, କ୍ଷୀରୋଦ ହାତୀ, ସଞ୍ଜିବ ଭଦ୍ର ଖେଳ ପରିଚାଳନାରେ ସହଯୋଗ କରିଥିଲେ। କ୍ରୀଡ଼ା ସଂସଦ ସଭାପତି ପ୍ରଭାତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ଅଶୋକଝରରେ ବେନିୟମ ଅର୍ଥ ଆଦାୟ ଘଟଣା

# ରିପୋର୍ଟ ତଲବ କଲେ ଗୃହ ବିଭାଗ ସଚିବ

ଯାଜପୁର, ୨୪।୧(ସମିସ)

ପର୍ଯ୍ୟଟନ ସ୍ଥଳ ଅଶୋକଝରରେ ବେନିୟମ ଅର୍ଥ ଆଦାୟ ହେଉଛି। ରୁଦ୍ଧ ଦ୍ୱାର ବୈଠକ କରି ସଂକଳ୍ପ ଅଧିବେଶନ କରି ସୁକିନ୍ଦା ଆଇଆଇସି ବେନିୟମ ଅର୍ଥ ଆଦାୟକୁ ପ୍ରୋତ୍ସାହନ ଦେଇଥିବା ସମ୍ବନ୍ଧରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ୨୦୨୫୧୦୭୩୧୫୮ ସଂଖ୍ୟାରେ ଯାଜପୁର ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଏସ୍‌ପି କଳିଙ୍ଗନଗର ଅତିରିକ୍ତ ଏସ୍‌ପିଙ୍କୁ ରିପୋର୍ଟ ମାଗିଥିବା ଜଣାପଡିଛି।

ସୂଚନା ମୁତାବକ, ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ଅଶୋକଝର ପର୍ଯ୍ୟଟନ ସ୍ଥଳ ଜଙ୍ଗଲ ଜମି ଉପରେ ରହିଛି। ଉକ୍ତ ଜଙ୍ଗଲ କିସମ ଜମିରେ ସରକାରୀ ଅନୁମତି ଝୁଲି ରହିଥିବାବେଳେ ପର୍ଯ୍ୟଟନ ସ୍ଥଳରେ ଅର୍ଥ ଆଦାୟ କରିବାକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଟେଣ୍ଡର ବା କୌଣସି ବିଜ୍ଞପ୍ତି ପ୍ରକାଶ କରାଯାଇନାହିଁ। କିନ୍ତୁ ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଆଇଆଇସି ବିଲ୍ୱମଙ୍ଗଳ ସେଠୀ ନିଜ ଚ୍ୟାମ୍ବରରେ ହାତ ଗଣତି ଲୋକଙ୍କୁ ନେଇ ସଂକଳ୍ପ ଅଧିବେଶନ ପାରିତ କରି ନିଜେ ଦସ୍ତଖତ କରି ବେନିୟମ ଅର୍ଥ ଆଦାୟକୁ ପ୍ରୋତ୍ସାହନ ଦେଇ ଆଇନକୁ ଖୋଲା ଉଲ୍ଲଂଘନ କରିଥିବା ଦର୍ଶାଇ ସିଭିଲ ସୋସାଇଟ ପକ୍ଷରୁ ଗୃହ ବିଭାଗର ହସ୍ତକ୍ଷେପ ଲୋଡାଯାଇଥିଲା। ଗୃହ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରାଧାକିଶନ ଶର୍ମା ଯାଜପୁର ଏସ୍‌ପିଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ସହ ରିପୋର୍ଟ ତଲବ କରିବା ପରେ ଯାଜପୁର ଏସ୍‌ପି କଳିଙ୍ଗନଗର ଅତିରିକ୍ତ ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ ସହ ପର୍ଯ୍ୟଟକଙ୍କ ଗାଡ଼ିରୁ ବେନିୟମ ଅର୍ଥ ଆଦାୟ କରି ଆଦାୟ ଅର୍ଥର ହିସାବ ମଧ୍ୟ ଦେଇନାହାନ୍ତି। ଏଥିପାଇଁ ରସିଦ୍ ଛକାଯାଇଛି। ଆଦାୟ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ନେଇ ଯାଜପୁର ସିଭିଲ ସୋସାଇଟ ପକ୍ଷରୁ ବିଶ୍ୱନାଥ ପାତ୍ର ଗୃହ ବିଭାଗ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ପରେ ଜଙ୍ଗଲ କିସମ ଜମି ସହ ପର୍ଯ୍ୟଟନ ସ୍ଥଳ ଅଶୋକଝରରେ ଅର୍ଥ ଆଦାୟ ପାଇଁ ସରକାରୀ ନିର୍ଦ୍ଦେଶନାମା ନ ଥିବାବେଳେ ବଳପୂର୍ବକ ଅର୍ଥ ଆଦାୟ କରାଯାଇଥିବାରୁ ସୁକିନ୍ଦା ଥାନା ଆଇଆଇସିଙ୍କୁ ଚାକିରିରୁ ନିଲମ୍ବନ କରିବାକୁ ଲିଖିତ ଅଭିଯୋଗ ହୋଇଛି।









## ୨ରୁ ରେମୁଣା ଗୋଲେଇରେ ୬୭ଷ୍ଠ କୋଶମ୍ବ ମେଳା



ବାଲେଶ୍ୱର, ୨୪।୧ (ସମିସ): ରେମୁଣା ଗୋଲେଇଠାରେ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ଦ୍ୱାରା ଫେବୃୟାରୀ ୨ରୁ ଆୟୋଜିତ ହେବାକୁ ଥିବା କୋଶମ୍ବ ମେଳାରେ ଚଳିତ ବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଆଧାରିତ ସରସ୍ୱତୀ ମୂର୍ତ୍ତି ପୂଜା ପାଇଁ ପରିଷଦ ସିଦ୍ଧାନ୍ତ ନେଇଛନ୍ତି। ଶିଳ୍ପୀ କେଶୁ ଦାସଙ୍କ ଦ୍ୱାରା ପ୍ରସ୍ତୁତ ସରସ୍ୱତୀ ମୂର୍ତ୍ତିର ଲେଆଉଟ ବା ପ୍ରସ୍ତାବିତ ନକ୍ସା ପରିଷଦ ଦ୍ୱାରା ଗୃହିତ ହୋଇଛି। ଧାରାବାହିକ ଧାରାରେ କିଛି ନୂତନତ୍ୱ ଆଣିବା ପାଇଁ ପ୍ରୟାସ କରୁଛି ବୋଲି ଶିଳ୍ପୀ ଶ୍ରୀ ଦାସ କହିଛନ୍ତି। ଏହି ମୂର୍ତ୍ତିକୁ ବିଶିଷ୍ଟ ସମାଜସେବୀ ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରଯୋଜନା କରିବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି। କୋଶମ୍ବ ରାଜା ଭାବରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଓ କୋଶମ୍ବ ଯୁବରାଜ ଭାବରେ ଡ଼ କୁମାର ଗୋପାଳ, ସର୍ବେଶ୍ୱର ଜେନା ଅବତୀର୍ଣ୍ଣ ହେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି। ତିନିଦିନିଆ କୋଶମ୍ବ ମେଳାରେ ପ୍ରତିଦିନ ସନ୍ଧ୍ୟାରେ ଓଲିଉଡର ବିଶିଷ୍ଟ ଗାୟକ ଗାୟିକାଙ୍କ ଦ୍ୱାରା ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ ସନ୍ଧ୍ୟା, ଉଦଘାଟନୀ ସନ୍ଧ୍ୟାରେ ନନ୍ଦକିଶୋର ଦାସ ଓ କେଶୁ ଦାସଙ୍କର ସନ୍ତୁର ଓ ବାଲୁକା ଚିତ୍ରର ଜୀବନ୍ତ ଯୁଗଳବନ୍ଦୀ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ପାଳନ କରାଯିବ ବୋଲି ଚୂଡ଼ାନ୍ତ ବୈଠକରେ ସିଦ୍ଧାନ୍ତ ନିଆଯାଇଛି। ରେମୁଣା ଗୋଲେଇର ୬୭ଷ୍ଠ କୋଶମ୍ବ ମେଳା ଆସନ୍ତା ଫେବୃଆରୀ ୨, ୩ ଓ ୪ ତାରିଖ ତିନିଦିନ ଧରି ଆୟୋଜିତ ହେବ। ପରିଷଦର ସଭାପତି ଭଗବାନ ଦାସ ଖଣ୍ଡେଲୱାଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମସ୍ତ ସଦସ୍ୟ ସଦସ୍ୟା ଓ ଗ୍ରାମବାସୀଙ୍କ ଆଲୋଚନା କ୍ରମେ ଚୁଡାନ୍ତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି।

ବୈଠକରେ ଆଇନ ପରାମର୍ଶଦାତା କରୁଣାକର ମହାନ୍ତି, ଦେବାଶିଷ ରାଉଳ, ଅଭିଷେକ, ଦେବାଶିଷ ସାହୁ, ଦମୟନ୍ତୀ ବାଗ ପ୍ରମୁଖ ଯୋଗ ଦେଇଛନ୍ତି।

### ରେମୁଣା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ କୋଠା ହସ୍ତାନ୍ତର କେବେ

# ଉଦ୍‌ଘାଟନ ହୋଇନି, ପରିସର ପାଲଟିଛି ବଣଜଙ୍ଗଲ

ବାଲେଶ୍ୱର, ୨୪।୧(ସମିସ):






କୋଠାଟି ସମ୍ପୂର୍ଣ୍ଣ ନୂଆ। ଚାରିପାଖେ ପାଚେରୀ ଏବଂ ଗେଟ୍ ବି ଲାଗିଛି। ହେଲେ ଗେଟ୍‌ରେ ପଡ଼ିଛି ତାଲା। ଏମିତି ଅନେକ ଦିନ ହେଲାଣି ଗେଟ୍ ରେ ତାଲା ଝୁଲୁଛି ଯେ ତାଲାରେ ବି କଳଙ୍କି ଲାଗିଗଲାଣି। ଭିତର ପରିସର ଅନାବନା ଘାସଲତା ହୋଇ ଜଙ୍ଗଲରେ ପରିଣତ ହୋଇଗଲାଣି। ଏ ହେଉଛି ରେମୁଣା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଚିତ୍ର। ଚିକିତ୍ସା ଅବହେଳାରୁ ଯାଉଛି ନିରୀହ ପଶୁପକ୍ଷୀଙ୍କ ଜୀବନ। ଅନେକ ସମୟରେ ଗୃହପାଳିତ ପଶୁଙ୍କ ଚିକିତ୍ସା ପାଇଁ ସହଜରେ ମିଳିପାରୁନି ସୁବିଧା କିମ୍ବା ଡାକ୍ତରଖାନା। ଗ୍ରାମାଞ୍ଚଳ ତଥା ବ୍ଲକ ଗୁଡିକରେ ଗୃହପାଳିତ ପଶୁ ପକ୍ଷୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ସ୍ଥାନରେ ସରକାର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ଖୋଲିବାର ଯୋଜନା କଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକରେ ରେମୁଣା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ହେଲା। ରେମୁଣା ଗୋଲେଇରୁ ଫକୀରମୋହନ ମେଡିକାଲ କଲେଜ ଯିବା ରାସ୍ତା କଡ଼ରେ ଏହି ଚିକିତ୍ସାଳୟ ନିର୍ମାଣ ହୋଇଛି। ମାତ୍ର ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ନବନିର୍ମିତ ବିଲଡିଂ ଏବେ ଭୂତକୋଠିରେ ପରିଣତ ହୋଇଛି। ପାଖାପାଖି ଅଞ୍ଚଳର ପଶୁପକ୍ଷୀ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ସରକାରଙ୍କ ତରଫରୁ ସିଧାସଳଖ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ସହ ଇଂଜିନିୟରିଂ ସଂସ୍ଥାକୁ କାମ ଦିଆଯାଇଥିଲା। ସେମାନେ ବିଭିନ୍ନ ଜିଲ୍ଲାରେ ଚିକିତ୍ସାଳୟ ନିର୍ମାଣ କାମ ଆରମ୍ଭ କରିଥିଲେ। ସେହିପରି ବାଲେଶ୍ୱରର ରେମୁଣାରେ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଜାଗା ଯୋଗାଇବା ପରେ କଣ୍ଟ୍ରାକ୍ଟର କାମ ଆରମ୍ଭ କରିଥିଲା। ଡିପିଆର କରି ନିଜେ କାମ ପାଇଥିବା ସଂସ୍ଥା ସରକାରଙ୍କୁ ପ୍ରଦାନ କରିଥିଲେ। ତାପରେ ସେଠୁ ଅନୁମୋଦନ ହୋଇ ଟଙ୍କା ମଞ୍ଜୁର ହେବା ପରେ କାମ ଆରମ୍ଭ ହୋଇଥିଲା। ତାପରେ ଚିକିତ୍ସାଳୟ ନିର୍ମାଣ ହୋଇଥିଲା। ପ୍ରାଣୀଙ୍କ ସୁବିଧା ଜନକ ଚିକିତ୍ସାକୁ ଦୃଷ୍ଟିରେ ରଖି ବଡ଼ ଚିକିତ୍ସା ରୁମ୍ ସହ ଓପିଡି ବା ବାହ୍ୟ ପ୍ରାଣୀ ଚିକିତ୍ସା କକ୍ଷ ବି ରହିଛି। ଏଥିସହ କର୍ମଚାରୀଙ୍କ କାର୍ଯ୍ୟାଳୟ ମଧ ରହିଛି। ଏହି ଚିକିତ୍ସାଳୟର ନିର୍ମାଣ ଶେଷ ହୋଇଯାଇଥଲେ ବି ଏହା ଲୋକଙ୍କ କାମରେ ଆସୁନି। ଏହାକୁ ନେଇ ମନୀଷ ଜେନା ମଧ ଟୁଇଟ୍ ମାଧମରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ବାବଦରେ ସିଡିଭିଓ ଦେବେନ୍ଦ୍ର କୁମାର ସୋଲାଙ୍କିଙ୍କୁ ପଚାରିବାରୁ କହିଥିଲେ, ସେହି ବିଲଡିଂ ଉଦଘାଟନ ହୋଇନାହିଁ। କାମ କରୁଥିବା କଣ୍ଟ୍ରାକ୍ଟର ଏହା ଆମକୁ ହସ୍ତାନ୍ତର କରିନଥିଲା ବୋଲି ମୋ ପାଖରେ ଯାହା ସୂଚନା ଅଛି। ଏ ବାବଦରେ ଏଡିଭିଓ ଅଧିକ ତଥ୍ୟ ଦେଇପାରିବେ। ଏଡିଭିଓଙ୍କୁ ପଚାରିବାରୁ କହିଥିଲେ, ବିଲଡିଂଟି ନୂଆ ନିର୍ମାଣ ହୋଇଛି ହେଲେ ଆମକୁ ହସ୍ତାନ୍ତର ହୋଇନାହିଁ। ୬ ମାସ ପୂର୍ବରୁ ହସ୍ତାନ୍ତର ପାଇଁ ଚିଠି କରିଥିଲୁ। ସେତେବେଳେ ଦେଖିବା ବେଳକୁ କିଛି ଏସି ଚୋରି ହୋଇଯାଇଛି। ଏଥିପାଇଁ ଉକ୍ତ କମ୍ପାନୀ ଏକ ମାସ ସମୟ ନେବା ସହ ବିଲଡିଂର କାମ ସମ୍ପୂର୍ଣ୍ଣ ହେଲେ ହିଁ ଆମେ ହସ୍ତାନ୍ତରକୁ ନେବୁ ବୋଲି କହିଥିଲୁ। ଏବେ ଆମେ ପୁଣି ଚିଠି କରିଛୁ ଯେ ଆଗାମୀ ୨୭ ନ ହେଲେ ୨୮ ରେ ହସ୍ତାନ୍ତର କରନ୍ତୁ ବୋଲି। ଚିକିତ୍ସାଳୟ ପରିସର ବଣଜଙ୍ଗଲ ତ ହୋଇଛି ସତ ହେଲେ ଚାବି ତ ଆମକୁ ହସ୍ତାନ୍ତର ହୋଇନାହିଁ। ନହେଲେ ଆମ ଷ୍ଟାଫ୍ ତାହାକୁ ସଫା କରିଥାନ୍ତେ। ଆମକୁ ହସ୍ତାନ୍ତର ହେବା ପରେ ପରିସର ସଫା ବି ହୋଇଯିବ ଏବଂ ଲୋକଙ୍କ କାମରେ ମଧ ଆସିବ।

## ଡିଆରଡିଓ କେନ୍ଦ୍ରାଞ୍ଚଳ କବାଡ଼ି ପ୍ରତିଯୋଗିତା




ବାଲେଶ୍ୱର, ୨୪।୧(ସମିସ): ଡିଆରଡିଓ କେନ୍ଦ୍ରାଞ୍ଚଳ କବାଡି ପ୍ରତିଯୋଗିତା ପିଏକ୍ସଇ କ୍ରୀଡା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇଦ୍ରାବାଦର ୫ଟି ପ୍ରୟୋଗଶାଳା, ବିଶାଖାପାଟଣାର ଗୋଟିଏ ଏବଂ ଚାନ୍ଦିପୁରର ପିଏକ୍ସଇ ଓ ଆଇଟିଆର ଅଂଶଗ୍ରହଣ କରିଥିଲେ। ଚତୁର୍ଥ ଦିବସୀୟ ଏହି ପ୍ରତିଯୋଗିତାର ଉଦଘାଟନୀ ଉତ୍ସବ ଅର୍ଜୁନ ପୁରସ୍କାର ବିଜେତା ଦୂତି ଚାନ୍ଦଙ୍କ ଦ୍ୱାରା କରାଯାଇଥିଲା। ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ପିଏକ୍ସଇ ଓ ଆଇଟିଆର ମଧ୍ୟରେ ହୋଇଥିଲା। ଏଥିରେ ପିଏକ୍ସଇ ବିଜେତା ହୋଇଥିଲା। ଉଦଯାପନୀ ଉତ୍ସବରେ ଆଇଟିଆର ନିର୍ଦ୍ଦେଶକ କେ. ସୁନ୍ଦେର ମୁଖ୍ୟ ଅତିଥି, ପିଏକ୍ସଇର ଅନିରୁଦ୍ଧ ବୋଷ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ପିଏକ୍ସଇ ଏବଂ ରନର୍ସ ଅପ୍ ଆଇଟିଆରକୁ ଟ୍ରଫି ପ୍ରଦାନ କରିଥିଲେ। ବାଲେଶ୍ୱର କ୍ରୀଡା ସଂଘର ଅଭିଜ୍ଞ ରେଫରିମାନଙ୍କ ଦ୍ୱାରା ମ୍ୟାଚ୍ ପରିଚାଳିତ ହୋଇଥିଲା।

## ସରକାର ବାବାଙ୍କ ଜୟନ୍ତୀରେ ବିଶାଳ ରକ୍ତଦାନ ଶିବିର



ବାଲେଶ୍ୱର, ୨୪।୧(ସମିସ): ଧର୍ମଗୁରୁ ସୟଦ ୱାସିମ୍ ଅଖତର କାଦ୍ରି ବା ଛୋଟେ ସରକାର ବାବାଙ୍କ ଜୟନ୍ତୀ ଅବସରରେ ଅଖିଳ ଭାରତୀୟ ଦୁଃଖୀ ସମାଜ ବାଲେଶ୍ୱର ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଦରଘା ମୈଦାନରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ନାରୀ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ପୌରାଧକ୍ଷା ସବିତା ସାହୁ, ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ, ଶୁଭେନ୍ଦୁ ଦାସ ମଙ୍ଗରାଜ, ସରୋଜ ଲେଙ୍କା, ଯୁବନେତା ମାନସ ଦାସ ପଟ୍ଟନାୟକ, ବିକ୍ରମ ପଣ୍ଡା, ରିତିକ ଜି, ପୂର୍ବତନ ଉପାଧକ୍ଷ ମନୋଜ କୁମାର ରାଉତ, କାଉନସିଲର ମିନା ମହାନ୍ତି, ମିତା ପଟ୍ଟନାୟକ, ମିରାଜ ବାନୋ, ସଲିମା ବିବି, ବିଧାୟକ ଙ୍କ ପ୍ରତିନିଧି ଗୌରାଙ୍ଗ ଦାସ, ପୂର୍ବତନ କାଉନସିଲର ଚିତ୍ତରଞ୍ଜନ ପଣ୍ଡା, ପୂର୍ବତନ କାଉନସିଲର ସାକିର ଖାନ, ବିଶ୍ୱଜିତ ମହାପାତ୍ର, ସଞ୍ଜୟ ବେହେରା, ଧୀରେନ ନାୟକ ପ୍ରମୁଖ ଏଥିରେ ଅତିଥିଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ରକ୍ତଭଣ୍ଡାର ଓ କଟକ ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଛୋଟେ ସରକାର ବାବାଙ୍କ ଜୟନ୍ତୀ ଅବସରରେ ଅଖିଳ ଭାରତୀୟ ଦୁଃଖୀ ସମାଜ ବାଲେଶ୍ୱର ଶାଖା ପକ୍ଷରୁ ସକାଳେ ସହର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ବାଲେଶ୍ୱର ସହର ସମେତ, ଜଳେଶ୍ୱର ଓ ବାରିପଦାରେ ମଧ ଅନୁରୁପ ଭାବେ ରକ୍ତଦାନ ଶିବିର ଆୟୋଜନ ହୋଇଥିବା ସଂଗଠନର ଜିଲ୍ଲା ସଭାପତି ଶେଖ ଆୟୁବ ସୂଚନା ଦେଇଛନ୍ତି। ତିନୋଟି ଶିବିରରୁ ୨ହଜାରରୁ ଅଧିକ ୟୁନିଟ ରକ୍ତ ସଂଗୃହୀତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସଂଗଠନର ସମ୍ପାଦକ ନାଟିକ୍ ଖାନ୍, ସେଖ ଆନସାର, ସେଖ ରଜାବ ଅଲ୍ଲୀ, ଶେଖ୍ ମେହେମୁଦ୍, ଶେଖ ଭାନୁ, ଶେଖ ଅସଲମ, ଶେଖ ଜାମିଲ, ଶେଖ ପପି, ଶେଖ ହାଫିଜ, ଶେଖ ଶବିର, ଶେଖ ଅସିଫ, ଗୋଲାମ ମାନସୁର ଅଲି ଖାନ, ସେଖ ଏକୁନଉଦ୍ଦିନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ



ଚନ୍ଦନେଶ୍ୱର, ୨୪।୧ (ସମିସ): ଭୋଗରାଇର ଗୋଛିଦାତେଘରି ପଞ୍ଚାୟତ ଶ୍ୟାମସୁନ୍ଦରସ୍ଥିତ ଦକ୍ଷିଣ ତେଘରି ଲକ୍ଷ୍ମୀକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୬ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ସମାବେଶ ଓ ଗୁରୁପୂଜନ ଅନୁଷ୍ଠିତ ହୋଇ ଯାଇଛି। ଚନ୍ଦନେଶ୍ୱରସ୍ଥିତ ହୋଟେଲ ବେଲା ନିବାସ ପ୍ରକୋଷ୍ଠରେ ଆୟୋଜିତ ସଭାକୁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତରୁଣ କୁମାର ଦତ୍ତ ସଞ୍ଚାଳନ କରିଥିଲେ। ପୂର୍ବତନ ଶିକ୍ଷକ ରାଧା ବିନୋଦ ଦାସ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଶିକ୍ଷକ ଯାମିନୀ କାନ୍ତ ଦତ୍ତ, ଅମର ଚାନ୍ଦ, ବଂଶୀଧର ଦାସ, ସୁଧାଂଶୁ ଶେଖର ପ୍ରଧାନ, ଅନିଲ ଚନ୍ଦ୍ର ପାତ୍ର, ଲକ୍ଷ୍ମୀକାନ୍ତ ଧଡ଼ା, ଅନନ୍ତ ମହାନ୍ତି, ପ୍ରଶାନ୍ତ ମହାନ୍ତି, ସଞ୍ଜିବ କର, ଶିକ୍ଷା କର୍ମୀ ରାମକୃଷ୍ଣ ପ୍ରଧାନ, ଲକ୍ଷ୍ମୀକାନ୍ତ ଦେ ପ୍ରମୁଖ ଯୋଗଦେଇ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ୩୯ ବର୍ଷ ତଳର ସ୍ମୃତିକୁ ରୋମନ୍ଥନ କରିଥିଲେ। ପ୍ରାକ୍ତନ ଛାତ୍ର ତଥା ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ସୁଭାଷ ଚାନ୍ଦ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାକ୍ତନ ଛାତ୍ର ସୁଶାନ୍ତ ସାହୁ, ରବିନ ପ୍ରଧାନ, ପ୍ରମଥ ଦାସ ଅଧିକାରୀ, ସୁଦର୍ଶନ ଦାସ, ପଙ୍କଜ ଭଞ୍ଜ, ମନ୍ମଥ ପ୍ରଧାନ, ସୁଶାନ୍ତ ରଣା, ପ୍ରଦୀପ ମହାନ୍ତି, ବିଷ୍ଣୁପ୍ରିୟା ପ୍ରଧାନ, ମୁକ୍ତାରାଣୀ ସାହୁ, ସନ୍ଧ୍ୟାରାଣୀ ପଣ୍ଡା, ରଞ୍ଜୁ ପଣ୍ଡା ସହଯୋଗ କରିଥିଲେ।

## ଧାନକିଣାରେ ଅବ୍ୟବସ୍ଥା, ଚାଷୀଙ୍କ ହୋହଲ୍ଲା



ଦକ୍ଷିଣ ବାଲେଶ୍ୱର, ୨୪।୧(ସମିସ): ସରକାରୀ ଧାନ କିଣାରେ ଅବ୍ୟବସ୍ଥା। ଭୋକ ଉପାସରେ ଧାନ ମଣ୍ଡିରେ ଜଗି ରହିଛନ୍ତି ଚାଷୀ। ଔପଦା ବ୍ଲକ ତଳକିଆ ସେବା ସମବାୟ ସମିତି ପକ୍ଷରୁ ଗତ ଜାନୁଆରୀ ୩ ତାରିଖରୁ ଧାନ କିଣା ଆରମ୍ଭ ହୋଇଛି। ଧାନ କିଣା ଠାରୁ କଟ୍ନୀ ଛଟ୍ନୀକୁ ନେଇ ଚାଷୀ ଅସନ୍ତୋଷ ଦେଖା ଦେଇଥିବା ବେଳେ ଆଜି ୨୩ ଜଣ ଚାଷୀଙ୍କୁ ୫ ଶହ ୧ କୁଇଣ୍ଟାଲ ୨୫ କିଲୋ କିଣିବା ପାଇଁ ସୋସାଇଟି ତରଫରୁ ଟୋକନ ଦିଆଯାଇଥିଲା। ତେବେ ଆଜି ଧାନ କିଣା ପାଇଁ ବଜରଙ୍ଗୀ ମିଲର ଦାୟିତ୍ୱରେ ରହି ପୂର୍ବାହ୍ନ ୧୧ ଘଟିକା ରୁ ଅପରାହ୍ନ ୧ଟାରେ ଧାନ କିଣିବା ପରିବର୍ତ୍ତେ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଗାଡ଼ି ନ ପହଁଚିବାରୁ ଚାଷୀମାନେ ହୋ ହଲ୍ଲା କରିଥିଲେ। ଚାଷୀ ନାରାୟଣ ପଣ୍ଡା, ଶତ୍ରୁଘ୍ନ ପ୍ରଧାନ, ଗଜେନ୍ଦ୍ର ସେନାପତି, ନିରାକାର ଦାଶ, ମଣିଭଦ୍ର ରାଉତ, ପୁରୁଷୋତ୍ତମ ସ୍ୱାଇଁଙ୍କ ସମେତ ୨୩ ଜଣ ଚାଷୀ ଭୋକ ଉପବାସରେ ଜଗି ରହିଥିଲେ। ବହୁ ବିଳମ୍ବରେ ବଜରଙ୍ଗୀ ମିଲରଙ୍କ ଧାନ କିଣିବା ଟ୍ରକ ପହଁଚି ଥିବାରୁ ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତଳକିଆ ସେବା ସମବାୟ ସମିତିର ସମ୍ପାଦକ ଅଜୟ କୁମାର ପଟ୍ଟନାୟକ କହିଛନ୍ତି ମିଲର ଗାଡି ପଠେଇଛନ୍ତି, ରାତି ୧୦ ସୁଦ୍ଧା ସମସ୍ତ ଧାନ ଲୋଡ଼ ହୋଇଯିବ।

# ଅର୍ଥଶାସ୍ତ୍ର ବିଷୟରେ ରାଜ୍ୟସ୍ତରୀୟ ଅଧ୍ୟାପକ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର, ୨୪।୧(ସମିସ)



ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ଅର୍ଥଶାସ୍ତ୍ର ବିଷୟରେ ରାଜ୍ୟସ୍ତରୀୟ ଅଧ୍ୟାପକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ଏହା ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ପରିଚାଳିତ ହେବ। ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର କନିଷ୍ଠ ମହାବିଦ୍ୟାଳୟରୁ ଆସିଥିବା ୫୨ ଜଣ ଅଧ୍ୟାପକ ଓ ଅଧ୍ୟାପିକା ମାନେ ପ୍ରଶିକ୍ଷଣ ନେଉଛନ୍ତି। ଓଡ଼ିଶା ସରକାରଙ୍କ ତରଫରୁ ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ନିମନ୍ତେ ପ୍ରଶିକ୍ଷଣ ଦିଆଯାଉଛି। ଓଡ଼ିଶାର ବିଭିନ୍ନ ଖ୍ୟାତନାମା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ବରିଷ୍ଠ ଅଧ୍ୟାପକ ମାନେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଡ. ସନ୍ତୋଷ କୁମାର ରାଉତ, ଫକୀରମୋହନ ମହାବିଦ୍ୟାଳୟର ପ୍ରଶିକ୍ଷଣ ସଂଯୋଜକ ଭାବେ କାର୍ଯ୍ୟନିର୍ବାହ କରୁଥିବା ବେଳେ ଉତ୍ତର ଓଡ଼ିଶା ବାରିପଦା ସ୍ଥିତ +୨ କାଉନସିଲର ଡେପୁଟି ସେକ୍ରେଟାରୀ ଡକ୍ଟର ଜୟଦେବ ପ୍ରାମାଣିକ ତତ୍ତ୍ୱାବଧାରକ ଭାବେ ଦାୟିତ୍ୱ ବହନ କରୁଛନ୍ତି। ଏହାର ଉଦ୍‌ଘାଟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ +୨ କାଉନସିଲର ଡେପୁଟି ସେକ୍ରେଟାରୀ ଡ. ଜୟଦେବ ପ୍ରାମାଣିକ, ମୁଖ୍ୟ ବକ୍ତା ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଓ ସମ୍ମାନିତ ଅତିଥି ଓ ପ୍ରଶିକ୍ଷକ ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ସୁବ୍ରତ କୁମାର ରଣା, ଅନ୍ୟତମ ପ୍ରଶିକ୍ଷକ ଭାବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର କୁମର ବର ଦାସ, ରେଭେନସା ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗ ପ୍ରଫେସର ଡ. ମନୋଜ କୁମାର ଦାସ, ଡ. ସ୍ମୃତିରେଖା ମହାନ୍ତି, ଡ. ଆଶିଷ କୁମାର ସେନାପତି, ଡ. ସ୍ୱାତି ତିର୍କି, ଡ. ଅମିତ କୁମାର ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ପ୍ରଫେସର ଶିବ ଶଙ୍କର ମହାନ୍ତି, କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ପ୍ରଦୋଷ କୁମାର ଜେନା ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରଶିକ୍ଷଣ ଦେଉଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ସହାୟକ ଭାବେ ଇଞ୍ଜିନିୟର ଅଶୋକ ପ୍ରିୟଦର୍ଶୀ ଏବଂ ପ୍ରିୟଙ୍କା ପତି ଓ ଶାଶ୍?ତୀ ଦାଶ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବୀରବ୍ରହ୍ମପୁର ମହାବୀରଙ୍କ ବାର୍ଷିକ ଉତ୍ସବ

ସିମୁଳିଆ/ଖଇରା, ୨୪।୧ (ସମିସ): ସିମୁଳିଆ ବ୍ଲକ କାଞ୍ଚପଡ଼ା ବିରବ୍ରହ୍ମପୁର ମହାବୀରଙ୍କ ୪ର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସକାଳ ୭ଟା ବେଳେ ଅନୁଷ୍ଠାନର ସଭାପତି ହିମାଂଶୁ ଶେଖର କର ଓ ସମ୍ପାଦକ ଦିଗାମ୍ବର ମିଶ୍ରଙ୍କ ସହିତ ୫୧ ଜଣ ଭକ୍ତ କଳସ ଯାତ୍ରାରେ ଚଣ୍ଡୀ ପୋଖରୀରୁ ଜଳ ଆଣି ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ମନ୍ଦିରରେ ହନୁମାନ ଚାଳିଶା ପାଠ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୁରୋହିତ କହ୍ନେଇ ଚରଣ ଅଗସ୍ତି ଓ ଚଣ୍ଡୀ ପାଠ ପୂଜକ ଉମାକାନ୍ତ ମିଶ୍ରଙ୍କ ସହ ୨ଜଣ ପୁରୋହିତ ପୂଜା ଅର୍ଚ୍ଚନା କରିଥିଲେ। ଏହି ପୂଜାରେ ୧୦୦୦ରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।

## ଚୋରା କାଠ ସହ ବାଇକ୍ ଜବତ



ନୀଳଗିରି, ୨୪।୧(ସମିସ): ନୀଳଗିରି ବ୍ଲକ ବଣସୀମା ଅଞ୍ଚଳରେ କିଛିଦିନ ହେବ ବେଧଡ଼କ ଭାବେ ଗଛକଟା ଚାଲିଥିବାର ନୀଳଗିରି ବନବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିଲା। ଗତକାଲି ନୀଳଗିରି ବନାଞ୍ଚଳର କର୍ମଚାରୀମାନେ ସାନନୂଆଗାଁ ଗ୍ରାମ୍ୟ ରାସ୍ତାରେ ସରକାରୀ ଜମିରେ ବେଆଇନ ଭାବେ ଗଚ୍ଛିତ ହୋଇ ରହିଥିବା ଶିମିଳି, ପିଆଶାଳ, ଅସନ, ଆମ୍ବ ସମୁଦାୟ ୩୫ ଖଣ୍ଡ କାଠଗଣ୍ଡି (୧୨୬.୬୯ ସିଫ୍ଟ) ଯାହାର ଆନୁମାନିକ ମୂଲ୍ୟ ୯୦, ୦୦୦ ଟଙ୍କା ହେବ ଯାହାକୁ ବ୍ୟବସାୟ ଉଦ୍ଦେଶ୍ୟରେ ଜଗି ରହିଥିବା ଗୋହିରା ଗ୍ରାମର ସମରେନ୍ଦ୍ର ଭୂୟାଁଙ୍କୁ ଘଟଣାସ୍ଥଳରେ କାବୁକରି କାଠ ଗଣ୍ଡି ଓ ବ୍ୟବସାୟରେ ବ୍ୟବହୃତ ମୋଟର ସାଇକେଲକୁ ଜବତ କରି ନୀଳଗିରି ବନାଞ୍ଚଳ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଛି।

## ମନୋରଞ୍ଜନ ସୀମାନ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜଳେଶ୍ୱର, ୨୪।୧(ସମିସ): ଜଳେଶ୍ୱର ବ୍ଲକ ନେତୁଆ ଗ୍ରାମ ପଞ୍ଚାୟତସ୍ଥିତ କମାରଶାଳିଆ ମନୋରଞ୍ଜନ ସୀମାନ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଦ୍ୟାଳୟର ସ୍ଥାୟୀ ସଭାପତି ସୁଧୀର କୁମାର କର ଉପସ୍ଥିତ ରହି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଡ. ବିଜୟ କୁମାର ମିଶ୍ର ଯୋଗଦେଇ ବିଦ୍ୟାଳୟ ଏକ ମନ୍ଦିର ସଦୃଶ ଓ ଶିକ୍ଷକମାନେ ଜଣେ ଜଣେ ଦେବତା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ଜିତାରାମ ଦେ ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ପରିଡ଼ା ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଦତ୍ତ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସତିଶ ଚନ୍ଦ୍ର ପାତ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଅରବିନ୍ଦ ସାମଲ, ବିଷ୍ଣୁପଦ ଦାସ, ସତ୍ୟ ନାରାୟଣ ପାତ୍ର, ରଞ୍ଜିତ ହୁଇ, ହେମନ୍ତ କର, ଧନଞ୍ଜୟ ସିଂ, ତଥା ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟ ସଭ୍ୟା ଅଭିଭାବକ ମାନେ ଉପସ୍ଥିତ ଥିଲେ। ସଭା ଶେଷରେ ସତ୍ୟ ନାରାୟଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭଏସ୍ ଅଫ୍ ଭୋଗରାଇ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ

ଚନ୍ଦନେଶ୍ୱର, ୨୪।୧(ସମିସ) : ଚନ୍ଦନେଶ୍ୱରର ଅନ୍ୟତମ ସଂଗଠନ ଭଏସ ଅଫ ଭୋଗରାଇ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ଅବସରରେ ବିଦ୍ୟାଳୟ ସ୍ତରୀୟ ପ୍ୟାରେଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଏ ନେଇ ଆୟୋଜିତ ପୁରସ୍କାର ବିତରଣୀ ସଭାକୁ ସଂଗଠନର ସଭାପତି ସୁବାସ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଲୋକାୟୁକ୍ତର ଅବସରପ୍ରାପ୍ତ ଅଧିକାରୀ ତଥା ଅବସରପ୍ରାପ୍ତ ପିସିସିଏଫ ଡ. ଦେବବ୍ରତ ସ୍ୱାଇଁ ଯୋଗଦେଇ ଦୁର୍ନୀତିମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ବାଳ ଅପରାଧ ସମିତିର ସଦସ୍ୟ ଯାଦବେଶ ମିଶ୍ର ଯୋଗଦେଇ ନେତାଜୀଙ୍କ ସ୍ୱାଧୀନତା ସଂଗ୍ରାମ ଓ ଦେଶପ୍ରେମ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ତଥା ସୁ ସାହିତ୍ୟିକ ଡ. ସନ୍ତୋଷ କୁମାର ପାତ୍ର, ଶ୍ରୀହରି ଦାସ, କଲେଜ ଅଧକ୍ଷ ଅଶୋକ କୁମାର ପ୍ରଧାନ, ଭୋଲାନାଥ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାଶ୍ୟାମ ଦାସ, ଗୌର ଗୋପାଳ ପ୍ରଧାନ, ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଘନଶ୍ୟାମ ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଯାଦବେଶ ମିଶ୍ର ଓ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଭଞ୍ଜ କିଶୋର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା।

## କାଳାହି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ

ଭୋଗରାଇ, ୨୪।୧(ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ପ୍ରାଥମିକ ବିଦ୍ୟାଳୟରେ କାଳାହି ଆଞ୍ଚଳିକ ସାଧନ କେନ୍ଦ୍ରର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଉଦଘାଟନ କରିଥିବା ବେଳେ ସିଆରସିସି ବେନୁଚରଣ ଜେନା ବୈଠକକୁ ପରିଚାଳନା କରିଥିଲେ। ଏହି ବୈଠକରେ ୧୬ ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ୧୩ ଜଣ ଏଫ୍ ଏଲ୍ ଏନ୍ ଶିକ୍ଷକ ଭାଗ ନେଇଥିଲେ। ଏହି ବୈଠକରେ ବିଦ୍ୟାଳୟମାନଙ୍କର ସୈକ୍ଷିକ ଏବଂ ଭୌତିକ ପରିବେଶର ଅଭିବୃଦ୍ଧି ପାଇଁ ଆଲୋଚନା କରାଯାଇଥିଲା। ଏହି ବୈଠକରେ କାର୍ତ୍ତିକ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସେଠୀ, ପ୍ରଦୀପ କୁମାର ଗିରି, ଅନାଦି ରଞ୍ଜନ ଦାସମହାପାତ୍ର, ସଲମା ଖାତୁନ, ଅନୁପମା ଦାସ, ଜଗନ୍ନାଥ ସେଠୀ, ପ୍ରଦୀପ ଦାସ, ଅରୁଣ ଧଡା, ମମତା ମୁର୍ମୁ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବୈଠକରେ ଉପସ୍ଥିତ ରହି ଆଲୋଚନା ଅଂଶଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ଭରତ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ଭୟ ବଢ଼ାଉଛି ଅଘୋରୀ ବାବାଙ୍କ ଭବିଷ୍ୟବାଣୀ



**ଗତିପଥ ବଦଳାଇ ସହରକୁ ମାଡ଼ି ଆସିବ ନଦୀ**

**ବଦଳିଯିବ ସଙ୍ଗମସ୍ଥଳ; କଳା ପଡ଼ିବ ବାୟୁ**

ପ୍ରୟାଗରାଜ, ୨୪।୧ (ଏଜେନ୍ସି): ବିଶ୍ୱର ସବୁଠୁ ବଡ଼ ଧାର୍ମିକ ମେଳା ମହାକୁମ୍ଭରେ ସାମିଲ ୯୫ ବର୍ଷୀୟ ନାଗା ସନ୍ୟାସୀ ବାବା କାଳପୁରୁଷ ଭବିଷ୍ୟତକୁ ନେଇ ଭୟଙ୍କର ଭବିଷ୍ୟବାଣୀ କରିଛନ୍ତି। ଏହାକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଭବିଷ୍ୟତରେ ପୃଥିବୀରେ ହେବାକୁ ଥିବା ବଡ଼ ପରିବର୍ତ୍ତନ ବିଷୟରେ ବାବା ସଙ୍କେତ ଦେଇ ବାବା କାଳପୁରୁଷ କହିଛନ୍ତି ଯେ ପୃଥିବୀ ନିଜ ଗତି ବଦଳାଇଲାଣି। ଆଗାମୀ ଦିନରେ ସଙ୍ଗମ ସ୍ଥଳ ବଦଳି ଯିବ। ସମୟ ସହିତ ସଙ୍ଗମକୁ ନୂଆ ସ୍ଥାନ ମିଳିବ। ଭବିଷ୍ୟତ ପିଢି ନୂଆ ସ୍ଥାନରେ କୁମ୍ଭର ଆୟୋଜନ କରିବେ। ସେହିପରି ଆଗାମୀ ଦିନରେ ଚିତା ଜଳିବ। ବାୟୁ କଳା ପଡ଼ିଯିବ। ମନୁଷ୍ୟ ସବୁ କିଛି ଭୁଲି ଯାଉଛି, ମାତ୍ର ନଦୀ ସବୁ ମନେ ରଖିଛି। ଯେତେବେଳେ ଗଙ୍ଗା କାନ୍ଦିବ ସେତେବେଳେ ବନ୍ୟା ଆସିବ। ଆଉ ଗଙ୍ଗାର ଲୁହରେ ସମତଳ କ୍ଷେତ୍ରରେ ପାଣି ମାଡ଼ିଯିବ। ଏହି ବିନାଶ ଆରମ୍ଭ ହୋଇଯାଇଛି।

ବାବା କାଳପୁରୁଷ ମହାକୁମ୍ଭରେ ଦର୍ଶକଙ୍କ ମନକୁ ମୋହିତ କରିଦେଉଛନ୍ତି। ସେ ମୁଖରେ ଲାଲ ରଙ୍ଗ, ଶରୀରରେ ଭସ୍ମ ଏବଂ ହାତରେ ମାନବ ଖପୁରୀ ଧରିଛନ୍ତି। ଏହା ମାଧ୍ୟମରେ ସେ ପାଣି ପିଉଛନ୍ତି। ସେ ହିମାଳୟ ଶିଖରରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଧ୍ୟାନ କରିଥିଲେ ବୋଲି କୁହାଯାଉଛି। ଏଥିଯୋଗୁଁ ତାଙ୍କ ସ୍ୱର ବଦଳି ଯାଇଛି। ଅତି ମଧୁର ସ୍ୱରରେ ସେ ଶ୍ରଦ୍ଧାଳୁଙ୍କୁ ମୋହିତ କରିଦେଉଛନ୍ତି। ଏହି ବାବା ୭ଟି ମହାକୁମ୍ଭରେ ସାମିଲ ହେଲେଣି। କିନ୍ତୁ ସେ ପ୍ରତି ଥର ଏହି ଅଞ୍ଚଳରେ ବୁଲିଛନ୍ତି। ମାତ୍ର ଚଳିତ ଥର କିଛି ଅଲଗା ସଙ୍କେତ ଅନୁଭବ କରୁଛନ୍ତି। ଶ୍ମଶାନରେ କାଉ ଭିନ୍ନ ସ୍ୱରରେ ବୋବାଉଛନ୍ତି। ମୃତକ ଅଧିକ ଅସ୍ଥିର ହେଉଛନ୍ତି। ବାବା ଦାବି କରିଛନ୍ତି ଯେ ନଦୀ ନିଜ ଗତିପଥ ବଦଳାଇ ଦେବ। ସେ ସମୟରେ ଆଉ କାହାର ଜମିରେ ରହିଛୁ ବୋଲି ସହରବାସୀ ଅନୁଭବ କରିବେ। ଆଗାମୀ ଚାରି ବର୍ଷ ଏହି ସବୁ ଘଟଣା ଘଟିବ।

ବାବା କାଳପୁରୁଷ ପାଣିକୁ ନେଇ କହିଛନ୍ତି ଯେ ପାହାଡ଼ ରାସ୍ତା ଛାଡ଼ିଦେବ। ଧିରେ ଧିରେ ନଦୀ ନିଜ ପାଇଁ ନୂଆ ମାର୍ଗ ଖୋଜିନେବେ। ପୃଥିବୀରେ ଥିବା ଅନେକ ମନ୍ଦିର ଅଚାନକ ପୁଣି ବାହାରି ଆସିବ।

**ରେକର୍ଡ କରିବ ଇସ୍ରୋ**

## ୨୯ରେ ଶହେତମ ଉତ୍କ୍ଷେପଣ

ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ଭାରତ ମହାକାଶ କ୍ଷେତ୍ରରେ ନୂଆ ରେକର୍ଡ କରିବାକୁ ଯାଉଛି। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ୨୯ ତାରିଖ ସନ୍ଧ୍ୟାରେ ନିଜର ଶହେତମ ଉତ୍କ୍ଷେପଣ କରିବାକୁ ଯାଉଛି। ଏହି ଦିନ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ର (ଏସ୍ଏଚଏଆର)ରୁ ଜିଏସଏଲ୍ଭି-ଏଫ୍୧୫ ଅଭିଯାନ ଆରମ୍ଭ ହେବ। ଏହି ରକେଟ୍ ଏନ୍ଭିଏସ୍-୨ ଉପଗ୍ରହକୁ ମହାକାଶକୁ ନେଇଯିବ। ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ଉପଗ୍ରହ ନାଭିଗେସନ ୱିଥ୍ ଇଣ୍ଡିଆନ କନଷ୍ଟେଲେସନ (ନାଭିକ) ବ୍ୟବସ୍ଥାକୁ ଅଧିକ ମଜବୁତ କରିବ। ଏହା ଜିଏସ୍ଏଲ୍ଭିର ୧୭ତମ ଏବଂ ସ୍ୱଦେଶୀ କ୍ରାୟୋଜେନିକ ସ୍ତରର ୧୧ ତମ ଉଡ଼ାଣ ହେବ। ସେହିପରି ସମ୍ପୂର୍ଣ୍ଣ କ୍ରାୟୋଜନିକ ପର୍ଯ୍ୟାୟରେ ଏହା ଜିଏସ୍ଏଲ୍ଭିର ଅଷ୍ଟମ ଉଡ଼ାଣ ହେବ। ଏହା ଇସ୍ରୋର କ୍ଷମତା ବୃଦ୍ଧିକୁ ଦର୍ଶାଉଛି। ଶ୍ରୀହରିକୋଟାର ଦ୍ୱିତୀୟ ଲଞ୍ଚ ପ୍ୟାଡ୍‌ରୁ ହେବାକୁ ଥିବା ଏହି ଉତ୍କ୍ଷେପଣରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ମଜବୁତ କରାଯିବ। ପ୍ରକୃତ ସ୍ଥିତି, ଗତି ଏବଂ ସମୟ (ପିଭିଟି) ସଠିକ୍ ଭାବେ ପ୍ରଦାନ କରିବାରେ ନାଭିକ୍ ସହାୟକ ହେବ। ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାରତ ଏବଂ ବିଦେଶର ୧୫୦୦ କିମି କ୍ଷେତ୍ରର ଦିଗ ବିଷୟରେ ସୂଚନା ଦେଇପାରିବ। ନାଭିକର ଉନ୍ନତ ସଂସ୍କରଣ ହେଉଛି ଏନ୍ଭିଏସ-୨ ଉପଗ୍ରହ। ଏହାର ଓଜନ ପ୍ରାୟ ୨୨୫୦ କେଜି ରହିଛି।

## ଟଙ୍କା ବାଣ୍ଟୁଛି ବିଜେପି: କେଜ୍ରିୱାଲ

ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ପ୍ରଚାର ଏବେ ଜୋରସୋରରେ ଚାଲିଛି। ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ଦଳର ନେତାମାନେ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି। ତେବେ ନିଜର ଭୋଟ ବିକ୍ରି କରିବା ବଦଳରେ ବିକାଶ ପାଇଁ ଭୋଟ ଦେବାକୁ ଆମ୍ ଆଦମୀ ପାର୍ଟି (ଆପ୍)ର ଆବାହକ ଅରବିନ୍ଦ କେଜ୍ରିଓ୍ୱାଲ ଦିଲ୍ଲୀବାସୀଙ୍କୁ ନିବେଦନ କରିଛନ୍ତି। ବିଜେପି ଟଙ୍କା ବାଣ୍ଟୁଛି ବୋଲି ସେ ଅଭିଯୋଗ କରିଛନ୍ତି। ସେ ବିଜେପିକୁ ସବୁଠୁ ଖରାପ ଦଳ କହିଛନ୍ତି।

# ୫୩୮ ବେଆଇନ ପ୍ରବାସୀ ଗିରଫ; ଶତାଧିକ ବିଦା




ୱାଶିଂଟନ, ୨୪।୧ (ଏଜେନ୍ସି): ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଡୋନାଲ୍ଡ ଟ୍ରମ୍ପ ବେଆଇନ ପ୍ରବାସୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଦେଇଛନ୍ତି। ଏ ପର୍ଯ୍ୟନ୍ତ ୫୩୮ ବେଆଇନ ପ୍ରବାସୀଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରୁ ୩୭୩ଙ୍କୁ ଜଣଙ୍କୁ ହେପାଜତକୁ ନେଇ କ୍ୟାମ୍ପକୁ ପଠାଇ ଦିଆଯାଇଛି। ଏମାନେ ସମସ୍ତେ ଅପରାଧୀ। ଦୁଷ୍କର୍ମ, ହତ୍ୟା ଏବଂ ଅପହରଣ ଆଦି ମାମଲାରେ ଜଡ଼ିତ ଥିଲେ। ରିପୋର୍ଟ ଅନୁଯାୟୀ ଟ୍ରମ୍ପ ପ୍ରଶାସନ ସବୁଠୁ ବଡ଼ ପ୍ରତ୍ୟର୍ପଣ ଅଭିଯାନ ଚଳାଇଛି। ଅପରାଧିଙ୍କୁ ଗିରଫ କରି ସେନା ବିମାନରେ ଅନ୍ୟସ୍ଥାନକୁ ପଠାଯାଉଛି। ତେବେ କେଉଁଠିକୁ ପଠାଯାଉଛି ତାହାର କୌଣସି ସୂଚନା ଦିଆଯାଇ ନାହିଁ। ଏବେ ପୁଣି ଟ୍ରମ୍ପ ବେଆଇନ ପ୍ରବାସୀଙ୍କୁ ଚେତାବନୀ ଦେଇଛନ୍ତି। ସମସ୍ତଙ୍କୁ ଚିହ୍ନଟ କରି ଗିରଫ କରାଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ହେବା ମାତ୍ରେ ଟ୍ରମ୍ପ ସୀମାରେ ଜାତୀୟ ଜରୁରୀ ସ୍ଥିତି ଘୋଷଣା କରିଥିଲେ। ଏହା ପରେ ସୀମାରେ ଅନୁପ୍ରବେଶକୁ ରୋକିବା ପାଇଁ ସୁରକ୍ଷାକୁ ଅଧିକ କଡ଼ାକଡି କରିଦିଆଯାଇଥିଲା। ମେକ୍ସିକୋ ସୀମାକୁ ୧୫୦୦ ଅତିରିକ୍ତ ସୁରକ୍ଷାକର୍ମୀ ପଠାଯାଇଛି। ଅନୁପ୍ରବେଶକାରୀଙ୍କୁ ଦୟା କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଶପଥ ନେବାର ୫ ଦିନ ପରେ ଟ୍ରମ୍ପ ତୃତୀୟ ରାଷ୍ଟ୍ରପତି ହେବାକୁ ସ୍ୱପ୍ନ ଦେଖିଲେଣି। ଏହାକୁ ଅନୁମତି ଦେବାକୁ ଗୁରୁବାର ଆମେରିକା ସଂସଦର ନିମ୍ନ ସଦନ 'ହାଉସ୍ ଅଫ୍ ରିପ୍ରେଜେନଟେଟିଭ୍'ରେ ବିଲ୍ ଉପସ୍ଥାପନ କରାଯାଇଛି। ଟ୍ରମ୍ପ ଦଳ ରିପବ୍ଲିକାନର ପାର୍ଟିର ସାଂସଦ ଏଣ୍ଡି ଓଗଲ୍ସ ଏହି ବିଲ୍ ଆଗତ କରିଛନ୍ତି। ସେ କହିଛନ୍ତି ଯେ କେବଳ ଟ୍ରମ୍ପ ହିଁ ଆମେରିକାକୁ ପୁଣିଥରେ ମହାନ ବନାଇ ପାରିବେ। ଏଥିପାଇଁ ତାଙ୍କୁ ଅଧିକ ସମୟ ଦେବାକୁ ହେବ। ଜୋ ବାଇଡେନଙ୍କ କାର୍ଯ୍ୟକାଳରେ ନିଆଯାଇଥିବା ଭୁଲ୍ ନିଷ୍ପତ୍ତିକୁ ଠିକ୍ କରିବା ପାଇଁ ଟ୍ରମ୍ପଙ୍କୁ ଜରୁରୀ ସହଯୋଗ ଦିଆଯିବା ଉଚିତ। ମାତ୍ର ଆମେରିକାରେ ତୃତୀୟ ଥର ରାଷ୍ଟ୍ରପତି ହେବାର ନିୟମ ନାହିଁ। ୧୯୫୧ର ୨୨ତମ ସମ୍ବିଧାନ ସଂଶୋଧନରେ ଏହି ନିୟମକୁ କାର୍ଯ୍ୟକାରୀ କରାଯାଇଛି। କେବଳ ଫ୍ରାଙ୍କଲିନ ରୁଜଭେଲ୍ଟ ୪ ଥର ପାଇଁ ଆମେରିକା ରାଷ୍ଟ୍ରପତି ହୋଇଥିଲେ।

ନୂଆ ବିଲ୍‌ରେ କୁହାଯାଇଛି ଯେ ଟ୍ରମ୍ପ ତୃତୀୟ ଥର ରାଷ୍ଟ୍ରପତି ହେବାକୁ ଯୋଗ୍ୟ। ତେବେ ଉଭୟ ଗୃହରେ ବହୁମତ ଥିବା ସତ୍ତ୍ୱେ ଏହି ବିଲ୍‌କୁ ପାରିତ କରାଇବା ଟ୍ରମ୍ପଙ୍କ ଦଳ ପାଇଁ କଷ୍ଟସାଧ ହେବ। କାରଣ ଉଭୟ ସଦନର ଦୁଇ ତୃତୀୟାଂଶ ସଦସ୍ୟ ସମର୍ଥନ କଲେ ଏହାର ଆଇନରେ ପରିଣତ ହେବ। କିନ୍ତୁ ରିପବ୍ଲିକାନ ପାଖରେ ସିନେଟରେ ୧୦୦ରୁ ୫୩ ଏବଂ ହାଉସ ଅଫ୍ ରିପ୍ରେଜନଟେଟିଭରେ ୪୩୫ରୁ ୨୨୦ ସିଟ୍ ରହିଛି। ଏହା ସହିତ ବିଲ୍‌କୁ ୫୦ରୁ ୩୮ ରାଜ୍ୟର ସମର୍ଥନ ଦେବା ଆବଶ୍ୟକ। କିନ୍ତୁ ଏବେ ୨୨ ରାଜ୍ୟରେ ବିରୋଧୀ ଡେମୋକ୍ରାଟ ଦଳର ସରକାର ରହିଛି। ଏହା ପୂର୍ବରୁ ଟ୍ରମ୍ପ ମଧ୍ୟ ଅନେକ ଥର ତୃତୀୟଥର ରାଷ୍ଟ୍ରପତି ହେବା କଥା କହିଛନ୍ତି। ଯଦି ଆବଶ୍ୟକ ହୁଏ ତେବେ ଟ୍ରମ୍ପ ଏଥିପାଇଁ ଅନ୍ୟ ଉପାୟ ଅବଲମ୍ବନ କରିପାରନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

- ତୃତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ହେବେ ଟ୍ରମ୍ପ !
- ସଂସଦରେ ବିଲ୍ ଉପସ୍ଥାପନ
- ଦୁଇ ଥର ରାଷ୍ଟ୍ରପତି ହେବାର ରହିଛି ନିୟମ
- ଆଉ ଥରେ ସୁଯୋଗ ଦେବାକୁ ସାଂସଦଙ୍କ ଦାବି

## ଟ୍ରମ୍ପଙ୍କ ଜନ୍ମଜାତ ନାଗରିକତା ବନ୍ଦ ନିଷ୍ପତ୍ତି ଉପରେ କଟକଣା



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଲାଗିଛି। ଜନ୍ମଜାତ ନାଗରିକତା ଅଧିକାର ବନ୍ଦ କରିବା ନିଷ୍ପତ୍ତି ଉପରେ ଆମେରିକାର ଫେଡେରାଲ କୋର୍ଟ ୧୪ ଦିନ ପାଇଁ କଟକଣା ଲଗାଇ ଦେଇଛନ୍ତି। ୱାଶିଂଟନ, ଏରିଜୋନା, ଇଲନୋଇସ ଏବଂ ଓରେଗନ ରାଜ୍ୟର ଆବେଦନ ଉପରେ ଶୁଣାଣି କରି ଫେଡେରାଲ କୋର୍ଟର ବିଚାରପତି ଜନ୍ କଫନୌର ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଶୁଣାଣି ସମୟରେ ନ୍ୟାୟ ବିଭାଗର ଓକିଲଙ୍କୁ କୋର୍ଟ ପ୍ରଶ୍ନ କରିଥିଲେ ଯେ ଏହି ନିର୍ଦ୍ଦେଶକୁ କେମିତି ସାମ୍ବିଧାନିକ ଧରାଯିବ? ଏହା ବହୁତ ସମସ୍ୟା ସୃଷ୍ଟି କରିବ। ଏହା ଏକ ଅସାମ୍ବିଧାନିକ ନିର୍ଦ୍ଦେଶ। ଏଭଳି ମାମଲା ଗତ ୪୦ ବର୍ଷ ହେଲା ଦେଖିନାହାନ୍ତି ବୋଲି ବିଚାରପତି କହିଛନ୍ତି। ଜଣେ ଓକିଲ କଦାପି ଏହାକୁ ସାମ୍ବିଧାନିକ କହିପାରିବ ନାହିଁ। ଆସନ୍ତା ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି।

**ସୈଫ ଅଲ୍ଲୀ ଖାନ୍‌ଙ୍କୁ ଆକ୍ରମଣ ମାମଲା**

# ଚୋରି ଓ ଛୁରା ମାଡ଼କୁ ନେଇ ବଢୁଛି ସନ୍ଦେହ



ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ଅଭିନେତା ସୈଫ ଅଲ୍ଲୀ ଖାନ୍‌ଙ୍କ ଉପରେ ଆକ୍ରମଣ ମାମଲାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଚୋରି ଉଦ୍ଦେଶ୍ୟରେ ଅଭିଯୁକ୍ତ ତାଙ୍କ ଘରେ ପଶିବା, ଅଭିନେତାଙ୍କୁ ଛୁରା ମାଡ଼ କରିବା, ଅଟୋରେ ଡାକ୍ତରଖାନା ଯିବା, ମାମଲାରେ ବାଂଲାଦେଶୀ ନାଗରିକଙ୍କୁ ଗିରଫ ଏବଂ ଅଭିନେତାଙ୍କ ଜାଲ୍ ରିପୋର୍ଟକୁ ନେଇ ସଂଶୟ ସୃଷ୍ଟି ହୋଇଛି। ଏହା ଉପରେ ରାଜନେତାମାନେ ପ୍ରଶ୍ନଉଠାଉଥିବାବେଳେ ସୈଫ ପୁଲିସ ନିକଟରେ ବୟାନ ରେକର୍ଡ କରିଛନ୍ତି। ତେବେ ବିରୋଧୀ ଦଳଗୁଡିକ ସୈଫଙ୍କ ଉପରେ ଆକ୍ରମଣ ଏବଂ ଗିରଫ ବ୍ୟକ୍ତିକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ଅଭିଯୁକ୍ତର ବାପା ମଧ୍ୟ ଗିରଫକୁ ମିଛ ବୋଲି କହିଛନ୍ତି।

ସୈଫ ପୁଲିସକୁ କହିଛନ୍ତି ଯେ ୧୧ ମହଲାରେ ଥିବା ତାଙ୍କ ଘରେ ଚୋର ପ୍ରବେଶ କରିଥିଲା। ଏହା ଦେଖି ସଦସ୍ୟ ଭୟଭୀତ ହୋଇଯାଇଥିଲେ। ଅଭିନେତା ତାଙ୍କୁ ଧରି ନେଇଥିବାବେଳେ ଆକ୍ରମଣକାରୀ ତାଙ୍କ ପିଠିକୁ ଛୁରାମାଡ଼ କରିଥିଲା। ଏହି ସମୟରେ କରିନା ଶୋଇବାଘରେ ଏବଂ ତୈମୁର ନର୍ସଙ୍କ ସହ ଅନ୍ୟ ଏକ ପ୍ରକୋଷ୍ଠରେ ଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଆଜି ଲିଳାବତୀ ହସ୍ପିଟାଲ ପକ୍ଷରୁ ସୈଫଙ୍କ ମେଡିକାଲ ରିପୋର୍ଟ ଜାରି କରାଯାଇଛି। ଏଥିରେ ସୈଫଙ୍କ ଶରୀରରେ ୫ ଟି କ୍ଷତ ଥିବା କୁହାଯାଇଛି। ମାତ୍ର ଏହାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଅସ୍ତ୍ରୋପଚାର ସମୟରେ ଦିଆଯାଇଥିବା ସୂଚନା ରିପୋର୍ଟଠାରୁ ଭିନ୍ନ ରହିଛି। ସେହିପରି ଏହି ରିପୋର୍ଟରେ ସୈଫକୁ ତାଙ୍କର ଜଣେ ବନ୍ଧୁ ମେଡିକାଲକୁ ନେଇ ଯାଇଥିବା କୁହାଯାଇଛି। ମାତ୍ର ପ୍ରଥମେ ପୁଅ ତାଙ୍କୁ ଏକ ଅଟୋରେ ମେଡିକାଲକୁ ନେଇ ଯାଇଥିବା କୁହାଯାଇଥିଲା।

# ଶିବକୁମାର ହେବେ କର୍ଣ୍ଣାଟକର ନୂଆ ମୁଖ୍ୟମନ୍ତ୍ରୀ !

ବେଙ୍ଗାଲୁରୁ, ୨୪ ।୧: କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ବଦଳିବେ। କଂଗ୍ରେସ ନେତା ତଥା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଇସ୍ତଫା ଦେବେ ଏବଂ ତାଙ୍କ ସ୍ଥାନରେ ଅନ୍ୟତମ କଂଗ୍ରେସ ନେତା ତଥା ଉପମୁଖ୍ୟମନ୍ତ୍ରୀ ଡି. ଶିବକୁମାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବେ। ଏଭଳି ଖବରକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି। ଏହି କଥାକୁ ଉଭୟ ସିଦ୍ଧରମୈୟା ଏବଂ ଶିବକୁମାର ସ୍ୱୀକାର କରିଛନ୍ତି। ତେବେ ଚୂଡ଼ାନ୍ତ ନିଷ୍ପତ୍ତି ଦଳୀୟ ହାଇକମାଣ୍ଡ ନେବେ ବୋଲି କହିଛନ୍ତି।

୨୦୨୩ରେ ଅନୁଷ୍ଠିତ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ବିପୁଳ ସଫଳତା ମିଳିଥିଲା। ତେବେ ମୁଖ୍ୟମନ୍ତ୍ରୀ ପଦ ଲାଗି ସିଦ୍ଧରମୈୟା ଏବଂ ଶିବ କୁମାର ଆଶାୟୀ ଥିବାରୁ କାହାକୁ ବାଛିବେ, କାହାକୁ ଛାଡ଼ିବେ? ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ କଂଗ୍ରେସ ହାଇକମାଣ୍ଡ। ଉଭୟ ନେତା ମୁଖ୍ୟମନ୍ତ୍ରୀ ପଦ ଲାଗି ଅଡ଼ିବସିବାରୁ ହାଇକମାଣ୍ଡ ସେମାନଙ୍କ ମଧ୍ୟରେ କ୍ଷମତା ବଣ୍ଟନ ପାଇଁ ବୁଝାମଣା କରାଇଥିଲେ। ବୁଝାମଣା ଅନୁଯାୟୀ ସିଦ୍ଧରମୈୟା ୩୦ ମାସ ପାଇଁ ମୁଖ୍ୟମନ୍ତ୍ରୀ ରହିବେ ।। ପରବର୍ତ୍ତୀ ୩୦ ମାସ ଲାଗି ଶିବକୁମାର ମୁଖ୍ୟମନ୍ତ୍ରୀ ରହିବେ। ଏହି ବୁଝାମଣାକୁ ଗୋପନୀୟ ରଖାଯାଇଥିଲା। ଗଣମାଧ୍ୟମରେ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଥିଲା। କିନ୍ତୁ ସିଦ୍ଧରମୈୟା ଏଭଳି କୌଣସି ବୁଝାମଣା ହୋଇଥିବା ଘଟଣାକୁ ଅସ୍ୱୀକାର କରୁଥିଲେ। କିନ୍ତୁ ଆଜି ପ୍ରଥମ ଥର ଲାଗି ସେ ଏହା ସ୍ୱୀକାର କରିଛନ୍ତି। କହିଛନ୍ତି ଯେ ନିର୍ବାଚନ ପରେ ଏଭଳି ବୁଝାମଣା ହୋଇଥିଲା। ତେବେ ଏସଂପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି କଂଗ୍ରେସ ହାଇକମାଣ୍ଡ ନେବେ। ବୁଝାମଣା ଅନୁଯାୟୀ ସିଦ୍ଧରମୈୟା ଚଳିତ ବର୍ଷ ଶେଷ ଆଡ଼କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ। ଡି. ଶିବକୁମାର ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ହାଇକମାଣ୍ଡ ଯାହା ଦାୟିତ୍ୱ ଦେବେ ତାହାକୁ ସେ ନିଷ୍ଠା ସହ ତୁଲାଇବାକୁ ଉଦ୍ୟମ କରିବେ।

ଇତିମଧ୍ୟରେ ଏକ ଦୁର୍ନୀତି ମାମଲାରେ ରାଜ୍ୟ ଲୋକାୟୁକ୍ତ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ କ୍ଲିନଚିଟ୍ ଦେଇଛନ୍ତି। ଏହାକୁ ନିମ୍ନ ଅଦାଲତ ମଧ୍ୟ ଗ୍ରହଣ କରିବା ସହିତ ମାମଲାର ଅନ୍ତ ଘଟାଇଛନ୍ତି। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ଥିବା ବେଳେ ବେଙ୍ଗାଲୁରୁ ଟର୍ଫ କ୍ଲବରେ ନିଯୁକ୍ତି ପାଇଁ ସିଦ୍ଧରମୈୟା ଏକ କୋଟି ୩୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିଲେ ବୋଲି ବିଜେପିର ଜଣେ ନେତା ଅଭିଯୋଗ କରିଥି।।ଲେ। ଏହାର ତଦନ୍ତ କରି ଅଭିଯୋଗକୁ ମିଥ୍ୟା ବୋଲି ଦର୍ଶାଇଛନ୍ତି ଲୋକାୟୁକ୍ତ।

**କୁମ୍ଭାଶ୍ଚର୍ଯ୍ୟ...**

# ଗୋଲ୍ଡେନ ବାବାଙ୍କ ସୁନା ସିଂହାସନ



**ଦାମ୍ ୨୦୦ କୋଟିକୁ ଓଜନ ୨୫୧ କେଜି**

ଲକ୍ଷ୍ନୌ, ୨୪।୧ (ଏଜେନ୍ସି): ବିଶ୍ୱର ସବୁଠୁ ବଡ଼ ମେଳା ମହାକୁମ୍ଭ ଶୁକ୍ରବାର ଦ୍ୱାଦଶ ଦିନରେ ପହଞ୍ଚିଛି। ଆଜି ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ମହାକୁମ୍ଭରେ ସ୍ନାନ କରିଛନ୍ତି। ଏ ପର୍ଯ୍ୟନ୍ତ ରେକର୍ଡ ୧୦ କୋଟିରୁ ଅଧିକ ଶ୍ରଦ୍ଧାଳୁ ସଂଗମରେ ବୁଡ଼ ପକାଇଲେଣି। ସେହିପରି ମୌନି ଅମାବାସ୍ୟା ପାଇଁ ଜୋର୍‌ସୋର୍‌ରେ ପ୍ରସ୍ତୁତି ଚାଲିଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଆଜିଠାରୁ ମହାକୁମ୍ଭକୁ ବାହାର ଗାଡ଼ି ପ୍ରବେଶ ଉପରେ କଟକଣା ଲଗାଇ ଦିଆଯାଇଛି। ଏହା ମଧ୍ୟରେ ଗୋଲ୍ଡେନ ବାବା ଓରଫ ମହାମଣ୍ଡଳେଶ୍ୱର ଅରୁଣ ଗିରି ପୁଣି ଚର୍ଚ୍ଚାରେ ଅଛନ୍ତି। ଜଣେ ଶିଷ୍ୟ ତାଙ୍କୁ ୨୫୧ କେଜିର ସୁନା ସିଂହାସନ ଉପହାର ଦେଇଛନ୍ତି।

ସୁନାର ଏହି ସିଂହାସନ ଅତ୍ୟନ୍ତ ଆକର୍ଷକ ହୋଇଛି। ଏହାର ମୂଲ୍ୟ ୨୦୦ କୋଟି ଟଙ୍କା। କୁମ୍ଭ କ୍ଷେତ୍ରର ସେକ୍ଟର-୧୪ ସ୍ଥିତ ଅବଧୂତ ବାବାଙ୍କ ଶିବିରରେ ଥିବା ଏହି ସିଂହାସନକୁ ଦେଖିବା ପାଇଁ ପ୍ରବଳ ଭିଡ଼ ଲାଗୁଛି। ଅରୁଣ ଗିରି ଆବାହନ ଆଖଡ଼ାର ପୀଠାଧିଶ୍ୱର। ତାଙ୍କୁ ଅବଧୂତ ବାବା ମଧ୍ୟ କୁହାଯାଉଛି। ସେ ପ୍ରାୟ ୬ କୋଟି ଟଙ୍କାର ସୁନା ଅଳଙ୍କାର ମଧ୍ୟ ପିନ୍ଧୁଛନ୍ତି। ମହାମଣ୍ଡଳେଶ୍ୱର ସ୍ୱାମୀ ପ୍ରକାଶାନନ୍ଦ କହିଛନ୍ତି ଯେ ଏହି ସୁନା ସିଂହାସନ ନିର୍ମାଣ କରିବାକୁ ୪ ମାସ ସମୟ ଲାଗିଥିଲା। ଏହି ସୁନା ସିଂହାସନରେ ବଶି ବାବା ଅରୁଣ ଗିରି ମୌନି ଅମାବାସ୍ୟାରେ ଅମୃତ ସ୍ନାନ କରିବାକୁ ଯିବେ। ଏହି ସିଂହାସନରେ ବସି ତଳେ ପାଦ ରଖିବା ପାଇଁ ଏକ ଷ୍ଟୁଲ୍ ରହିଛି। ଏହା ମଧ୍ୟ ସୁନାରେ ତିଆରି।

## ନାଗା ସନ୍ନ୍ୟାସିନୀ ହେଲେ ୧୦୦ ମହିଳା



ପ୍ରୟାଗରାଜ: ମହାକୁମ୍ଭରେ ୨ ବିଦେଶୀଙ୍କ ସମେତ ଶହେ ମହିଳା ଏକାସଙ୍ଗେ ନାଗା ସନ୍ନ୍ୟାସିନୀ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ସବୁ ବୟସର ମହିଳା ସାମିଲ ଅଛନ୍ତି। ସମସ୍ତେ ଜୁନା ଆଖଡ଼ା ସହ ଜଡ଼ିତ। ଏବେ ଏହି ମହିଳାମାନଙ୍କର ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଛି। ଗତ ୧୯ ତାରିଖରୁ ଏହି ମହିଳାଙ୍କ ଦୀକ୍ଷା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମେ ସଙ୍ଗମ ଘାଟରେ ମହିଳାଙ୍କୁ ନିଜ କେଶ କାଟିବାକୁ ପଡ଼ିଥିଲା। ପରେ ଜୀବିତ ଅବସ୍ଥାରେ ସମସ୍ତେ ନିଜ ସହିତ ନିଜର ସାତ ପିଢ଼ିଙ୍କୁ ପିଣ୍ଡ ଦାନ କରିଥିଲେ। ଗଙ୍ଗାରେ ୧୭ ପିଣ୍ଡ ପ୍ରସ୍ତୁତ କରିଥିଲେ। ଏଥିରୁ ୧୬ଟିରେ ନିଜର ସାତ ପିଢ଼ି ଏବଂ ଗୋଟିଏ ନିଜର ପିଣ୍ଡ ଥିଲା। ଗଙ୍ଗା ସ୍ନାନ ପରେ ମହିଳା ଗେରୁଆ ବସ୍ତ୍ର ଛାଡ଼ି ବିନା ସିଲେଇରେ ପ୍ରସ୍ତୁତ ଶ୍ୱେତ ବସ୍ତ୍ର ଧାରଣ କରିଥିଲେ। ଏମାନେ ୨୯ ତାରିଖରେ ମୌନି ଅମାବାସ୍ୟାରେ ନାଗା ସନ୍ନ୍ୟାସିନୀ ହୋଇଯିବେ। ଅନ୍ୟପକ୍ଷରେ ଏହି ମହାକୁମ୍ଭରେ ୫ ହଜାରରୁ ଅଧିକ ପୁରୁଷ ନାଗା ସନ୍ୟାସୀ ହେବେ ବୋଲି ସୂଚନା ମିଳିଛି।

## ଚଳଚ୍ଚିତ୍ରରେ ନଜର ଆସିବେ ମୋନାଲିସା

ପ୍ରୟାଗରାଜ, ୨୪।୧ (ଏଜେନ୍ସି):ମହାକୁମ୍ଭରେ ମାଳା ବିକି ନିଜ ଆଖି ପାଇଁ ରାତାରାତି ଷ୍ଟାର ପାଲଟି ଯାଇଥିବା ବଞ୍ଜାରା ସମ୍ପ୍ରଦାୟର ମୋନାଲିସାଙ୍କ ଭାଗ୍ୟ ଖୋଲି ଯାଇଛି। ସୋସିଆଲ ମିଡିଆରେ ତାଙ୍କ ଫଲୋଅର୍ସଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। କିଛି ଦିନ ତଳେ ଯେଉଁ ସଂଖ୍ୟା ୭୦ ହଜାର ଥିଲା ଏବେ ତାହା ୩ ଲକ୍ଷ ୨୫ ହଜାରୁ ଅଧିକ ହୋଇଯାଇଛି। ଇନ୍ଦୋରର ଏହି ମୋନାଲିସା ଚଳଚ୍ଚିତ୍ରରେ କାମ କରିବାକୁ ଯାଉଛନ୍ତି। ଚଳଚ୍ଚିତ୍ର ନିର୍ମାତା ସନୋଜ ମିଶ୍ରା ତାଙ୍କୁ ନିଜ ଚଳଚ୍ଚିତ୍ର 'ଦ ଡାଏରୀ ଅଫ୍ ମଣିପୁର'ରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବାକୁ ଅନୁରୋଧ କରିଛନ୍ତି।



ସେ ଖୁବ୍‌ଶୀଘ୍ର ମୋନାଲିସାଙ୍କ ସହ ଚୁକ୍ତି ସ୍ୱାକ୍ଷର କରିବେ। ନିର୍ଦ୍ଦେଶକ ମୋନାଲିସାଙ୍କ ବାପାଙ୍କ ସହ କଥା ହୋଇଛନ୍ତି। ଏବେ ଭାଇରଲ ଗାର୍ଲ ମହାକୁମ୍ଭରେ ଅଛନ୍ତି। ସନୋଜ କହିଛନ୍ତି ଯେ ମୋନାଲିସାଙ୍କ ହସ ସମସ୍ତଙ୍କୁ ପ୍ରଭାବିତ କରିବ। ସେ ବିନା ମେକ୍‌ଅପ୍‌ରେ ଖୁବ ସୁନ୍ଦର ଦିଶୁଛନ୍ତି।

ଫିଲ୍ମ ଅଫର ମିଳିବାକୁ ନେଇ ମୋନାଲିସା ଏବଂ ତାଙ୍କ ପରିବାର ଲୋକ ଖୁସି ପ୍ରକଟ କରିଛନ୍ତି। ଫିଲ୍ମରେ କାମ କଲେ ପରିବାରର ଗିରବୀ ଦୂର ହୋଇଯିବ ବୋଲି କହିଛନ୍ତି। ଏହା ସହିତ ମୋନାଲିସାଙ୍କ ଦୀର୍ଘଦିନର ସ୍ୱପ୍ନ ମଧ୍ୟ ପୂରଣ ହୋଇଯିବ ବୋଲି ତାଙ୍କ ଜେଜେ କହିଛନ୍ତି।

## 'ଏମର୍ଜେନ୍ସି' ପ୍ରଦର୍ଶନକୁ ବ୍ରିଟେନରେ ବିରୋଧ

ଲଣ୍ଡନ, ୨୪।୧ (ଏଜେନ୍ସି): କଙ୍ଗନା ରଣାୱତଙ୍କ ଫିଲ୍ମ 'ଏମର୍ଜେନ୍ସି'ର ପ୍ରଦର୍ଶନକୁ ନେଇ ବ୍ରିଟେନରେ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହାକୁ ନେଇ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର ଚିନ୍ତା ପ୍ରକଟ କରିଛି। ଅନୁମତିପ୍ରାପ୍ତ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରୁଥିବା ଲୋକଙ୍କ ପାଇଁ ବ୍ରିଟେନ ସରକାର ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଅନେକ ପ୍ରେକ୍ଷାଳୟରେ ଫିଲ୍ମ ପ୍ରଦର୍ଶିତ ହେଉଛି, କିନ୍ତୁ ବିକ୍ଷୋଭ ଯୋଗୁଁ ଏହାର ପ୍ରଦର୍ଶନରେ ବାଧା ରହିଛି। ଭାରତ ବିରୋଧୀ ଶକ୍ତି ଏବଂ ଧମକଦେବା ଘଟଣାକୁ ନେଇ ବ୍ରିଟେନ ସରକାରଙ୍କ ସହ ଆଲୋଚନା କରାଯାଉଛି। ଯେଉଁମାନେ ଫିଲ୍ମର ପ୍ରଦର୍ଶନରେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ଦାୟୀ କରାଯିବା ଉଚିତ। ସୂଚନା ଅନୁଯାୟୀ ବ୍ରିଟିଶ ଶିଖ୍ ଗୋଷ୍ଠୀଙ୍କ ବିରୋଧ ଯୋଗୁଁ ବର୍ମିଂହାମ, ୱଲଭରହାମ୍ପଟନ୍ ଏବଂ ପଶ୍ଚିମ ଲଣ୍ଡନର କିଛି ଅଞ୍ଚଳରେ ସିନେମା ହଲ୍ ଗୁଡ଼ିକ ପ୍ରଦର୍ଶନ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ।

## ଷ୍ଟେସନରୁ ଉଦ୍ଧାର ଶିଶୁର ୭୦ ଦାବିଦାର୍

ଜୟପୁର, ୨୪।୧ (ଏଜେନ୍ସି): ରାଜସ୍ଥାନ ସିରୋହିର ପିଣ୍ଡୱାଡ଼ା ରେଳ ଷ୍ଟେସନରୁ ଏକ ଶିଶୁ ଉଦ୍ଧାର କରାଯାଇଛି। ତେବେ ଏହି ଶିଶୁକୁ ନେବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଜଣେ କି ଦୁଇ ଜଣ ନୁହେଁ, ୭୦ରୁ ଅଧିକ ମାତାପିତା ଏହି ଶିଶୁକୁ ନିଜର ବୋଲି ଦାବି କରିଛନ୍ତି। ମାତ୍ର କେହି ଏ ସମ୍ବନ୍ଧିତ ପ୍ରମାଣ ଉପସ୍ଥାପନ କରିପାରି ନାହାନ୍ତି। କାହାର ଦାବି ଠିକ୍ ନାହିଁ ବୋଲି ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ରତନ ବାଫନା କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ ଗତ ୨୧ ତାରିଖରେ ତିନି ମାସର ଏହି ଶିଶୁକୁ ଠାବ କରାଯାଇଥିଲା। ଏହା ପରେ ୨୦ ଜଣ ଅଭିଭାବକ ସମିତିରେ ପହଞ୍ଚି ଶିଶୁକୁ ନିଜ ବୋଲି ଦାବି କରିଥିଲେ। ସେହିପରି ୫୦ରୁ ଅଧିକ ଦମ୍ପତି ଥାନାରେ ପହଞ୍ଚି ଶିଶୁକୁ ନିଜର କହିଥିଲେ। ଅନ୍ୟପକ୍ଷରେ ରେଳବାଇ ପୁଲିସ (ଜିଆରପି) ଶିଶୁର ଅସଲ ମାତାପିତାଙ୍କୁ ଠାବ କରିଥିବା ଦାବି କରିଛି। ଋଣ ଭାରରେ ବୁଡ଼ି ରହିଥିବାରୁ ଶିଶୁର ମାତାପିତା 'କ୍ରାଇମ ପାଟ୍ରୋଲ' ଧାରାବାହିକ ଦେଖି ଏଭଳି ଯୋଜନା କରିଥିଲେ।

### ୩୨ ହଜାର କୋଟିର ୮ ଶିଳ୍ପ ପ୍ରସ୍ତାବକୁ ମଞ୍ଜୁରୀ

## ୧୮,୬୮୮ ଲୋକଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର,୨୪ ।୧(ସମିସ): ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ଅନୁମୋଦନ କର୍ତ୍ତୃପକ୍ଷ ୩୨,୭୩୬ କୋଟି ଟଙ୍କା ମୂଲ୍ୟର ୮ଟି ଶିଳ୍ପ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୧୮,୬୮୮ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏସବୁ ପୁଞ୍ଜି ନିବେଶ ପ୍ରସ୍ତାବ ଉପରେ ମୋହର ବାଜିଛି ।

ସୂଚନାଅନୁସାରେସୋମାଗ୍ରୀନ୍ଏନର୍ଜୀ ଟେକ୍ନୋଲୋଜିସ୍ ଲିମିଟେଡ୍ ଖୋର୍ଦ୍ଧାରେ ୬୯୪୮ କୋଟି ଟଙ୍କା ବିନିଯୋଗ କରି ସବୁଜ ଶକ୍ତି ଉପକରଣ କାରଖାନା ପ୍ରତିଷ୍ଠା କରିବ । ଏଠାରେ ୨୮୯୮ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି କମ୍ପାନୀ ପ୍ରତିଶ୍ରୁତି ଦେଇଛି । ସେହିପରି ଧୁନ୍‌ସେରୀ ଭେଣ୍ଟ୍ୟୁର୍ସ ଲିମିଟେଡ୍ ଜଗତସିଂହପୁରରେ ୬୨୫୦ କୋଟି ଟଙ୍କା ନିବେଶରେ କେମିକାଲ ପ୍ଲାଣ୍ଟ ପ୍ରତିଷ୍ଠା କରିବ ଏବଂ ୧୯୦୦ ଲୋକଙ୍କୁ ନିଯୁକ୍ତି ଦେବ । ସେହି ଜିଲ୍ଲାରେ ୟୁନାଇଟେଡ୍ ପେଟ୍ରୋ ସିଫି ପିଟିଇ ଲିମିଟେଡ୍ ୫୬୩୭ କୋଟି ଟଙ୍କା ବିନିଯୋଗ କରି ଯାହାଜ ନିର୍ମାଣ ଓ ମରାମତି କାରଖାନା ପ୍ରତିଷ୍ଠା କରିବ । ଏଠାରେ ୧୬୯୦ ଜଣଙ୍କୁ ନିଯୁକ୍ତି ମିଳିବ । ଅପରପକ୍ଷେ ଗଞ୍ଜାମ ଜିଲ୍ଲାରେ ୟୁପିଏଲ୍ ଲିମିଟେଡ୍ ୪୦୦୧ କୋଟି ଟଙ୍କା ନିବେଶରେ କେମିକାଲ ପ୍ଲାଣ୍ଟ ପ୍ରତିଷ୍ଠା କରି ୪୧୦୦ ଲୋକଙ୍କୁ ନିଯୁକ୍ତି ଦେବ । ଗଞ୍ଜାମରେ ଡିସିଏମ୍ ଶ୍ରୀରାମ ଲିମିଟେଡ୍ ୫୨୦୦ କୋଟି ଟଙ୍କା ବିନିଯୋଗରେ କେମିକାଲ କାରଖାନା ପ୍ରତିଷ୍ଠା ସହ ୨୦୦୦ ଲୋକଙ୍କୁ ନିଯୁକ୍ତି ଦେବ । ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ସମ୍ବଲପୁରରେ ୨ ହଜାର କୋଟି ଟଙ୍କା ନିବେଶ କରି କେମିକାଲ କାରଖାନା ପ୍ରତିଷ୍ଠା କରିବ । ଏଠାରେ ୧୫୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏଫଏସ୍ ଗ୍ରୀନ୍ ଇନର୍ଜିସ୍ ଲିମିଟେଡ୍ ଗଞ୍ଜାମ ଜିଲ୍ଲାରେ ସବୁଜ ଶକ୍ତି ଉପକରଣ ଉତ୍ପାଦନ ପାଇଁ ୧୫୦୦ କୋଟି ଟଙ୍କା ଏବଂ ରତ୍ନମଣୀ ମେଟାଲ୍ସ ଆଣ୍ଡ ଟ୍ୟୁବ୍ସ ଲିମିଟେଡ୍ ଭଦ୍ରକରେ ୧୨୦୦ କୋଟି ବିନିଯୋଗରେ ଷ୍ଟିଲ୍ ରାଉଣ୍ଡ ବାର୍ ଉତ୍ପାଦନ କରିବ । ଦୁଇ କମ୍ପାନୀ ଯଥାକ୍ରମେ ୪୦୦୦ ଏବଂ ୬୦୦ ଲୋକଙ୍କୁ ନିଯୁକ୍ତି ଦେବେ ବୋଲି ଶିଳ୍ପ ବିଭାଗ ପକ୍ଷରୁ କୁହାଯାଇଛି ।

### ବୈଜ୍ଞାନିକଙ୍କୁ ୧.୬କୋଟି ଠକିବା ଘଟଣା

## ମଧ୍ୟପ୍ରଦେଶରୁ ୨ ସାଇବର ଠକ ଗିରଫ

ଭୁବନେଶ୍ୱର,୨୪ ।୧(ସମିସ): ରାଜଧାନୀର ଜଣେ ବରିଷ୍ଠ ବୈଜ୍ଞାନିକଙ୍କୁ ଡିଜିଟାଲ ଆରେଷ୍ଟ କରି ୧.୬ କୋଟି ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଆଉ ଦୁଇ ଜଣ ସାଇବର ଠକଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ମଧ୍ୟପ୍ରଦେଶ ଉଜ୍ଜୟିନୀର ସଚିନ କୋଲାନ ଏବଂ ସମୀର ଅଲ୍ଲୀ । ଉଭୟଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଛି କ୍ରାଇମ୍‌ବ୍ରାଞ୍ଚ । ଠକେଇ ୧.୦୬ କୋଟିରୁ ୮.୮୨ଲକ୍ଷ ସଚିନଙ୍କ ଆକାଉଣ୍ଟକୁ ଆସିଥିବା ବେଳେ ୨.୫୮ କୋଟି ଠକେଇ ଟଙ୍କାରୁ ସମୀର ଅଲ୍ଲୀଙ୍କ ଆକାଉଣ୍ଟକୁ ୩୪ ଲକ୍ଷ ୯୦ ହଜାର ଟଙ୍କା ଆସିଛି ।




### ପୂର୍ବରୁ ୫ଜଣଙ୍କୁ ଗିରଫ କରିଥିଲା କ୍ରାଇମ୍‌ବ୍ରାଞ୍ଚ

କ୍ରାଇମ୍‌ବ୍ରାଞ୍ଚ ସୂଚନା ଅନୁସାରେ, ରାଜଧାନୀରେ ରହୁଥିବା ଜଣେ ବରିଷ୍ଠ ବୈଜ୍ଞାନିକଙ୍କ ନିକଟକୁ ଗତ ଅଗଷ୍ଟ ୯ ତାରିଖରେ ଏକ ଅଜଣା ମୋବାଇଲ ନମ୍ବରରୁ ଏକ କଲ୍ ଆସିଥିଲା । ଫୋନ୍ କରିଥିବା ବ୍ୟକ୍ତି ନିଜକୁ ଡିଏଚ୍ଏଲ୍ କୋରିୟରରୁ କଲ୍ କରିଥିବା କହିଥିଲେ । ତାଙ୍କ ନାମରେ ଏକ ପାର୍ସଲ ବ୍ୟବହାର କରି ଜାପାନ ପଠାଯାଇଥିଲା । ଯେଉଁଥିରେ ୫ଟି ପାସପୋର୍ଟ, ୩ଟି କ୍ରେଡିଟ୍ କାର୍ଡ, ୨୦୦ ଗ୍ରାମ ଡ୍ରଗ୍ସ, ୪ କିଲୋଗ୍ରାମ କପଡ଼ା, ଗୋଟିଏ ଲାପଟପ୍ ଏବଂ ୩୫,୦୦୦ ଟଙ୍କା ରହିଥିଲା । ଏହି ପାର୍ସଲକୁ ଜବତ କରି ନାର୍କୋଟିକ୍ସ ବିଭାଗ ମାମଲା ପଞ୍ଜୀକରଣ ପାଇଁ ପଠାଇଥିଲା । ତାଙ୍କୁ ତୁରନ୍ତ ମୁମ୍ବାଇ କ୍ରାଇମ୍ ବ୍ରାଞ୍ଚ ସହିତ କଥା ହେବା ପାଇଁ କହିଥିଲେ । ଏହାର କିଛି ସମୟ ପରେ ତାଙ୍କର ହ୍ୱାଟ୍ସଆପ୍‌କୁ ଭିଡିଓ କଲ୍ ଆସିଥିଲା । ଭିଡିଓ କଲ୍‌ରେ ଜଣେ ପୁଲିସ ପୋଷାକ ପିନ୍ଧି ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚର ଡିସିପି କହିଥିଲେ । ତାଙ୍କ ବିରୋଧରେ ମାମଲା ବନ୍ଦ କରିବା ପାଇଁ ଅନ୍ୟ ଏକ ଆକାଉଣ୍ଟକୁ ଟଙ୍କା ପଠାଇବାକୁ କହିଥିଲେ । ଟଙ୍କା ଆସିବା ପରେ ପୁଲିସ ତାଙ୍କ ଆକାଉଣ୍ଟକୁ ପଠାଇ ଦିଆଯିବ ବୋଲି କହିଥିଲେ । ବୈଜ୍ଞାନିକଙ୍କୁ ଡିଜିଟାଲ ଆରେଷ୍ଟ କରି ଟଙ୍କା ପଠାଇବାକୁ କହିଥିଲେ । ଟଙ୍କା ଟ୍ରାନ୍ସଫର ହେବା ପରେ ଠକ ଭିଡିଓ କଲ୍ କାଟି ଦେଇଥିଲେ ।

ସେହିପରି କ୍ରାଇମ୍‌ବ୍ରାଞ୍ଚର କେସ୍ ନଂ-୨୧/୨୪ ମାମଲରେ ମଧ୍ୟ ଏହି ଦୁଇ ଅଭିଯୁକ୍ତ ସଂପୃକ୍ତ ରହିଥିଲେ । ସେମାନେ ଷ୍ଟକ୍ ମାର୍କେଟ ଆଳରେ ଆଉ ଜଣେ ବ୍ୟକ୍ତିଙ୍କ ଠାରୁ ୨କୋଟି ୫୮ ଲକ୍ଷ ଠକି ନେଇଥିଲେ । ରାମ ଇନ୍‌ଭେଷ୍ଟମେଣ୍ଟ ଏକାଡେମୀ ନାମରେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରି ଏକାଧିକ ବ୍ୟକ୍ତିଙ୍କୁ ଯୋଡୁଥିଲେ । ଏହି ଗ୍ରୁପ୍‌ରେ ପ୍ରତିଦିନ ଟଙ୍କା ଲଗାଇ ଲାଭ ପାଇବା ପାଇଁ ପ୍ରବର୍ତ୍ତାଯାଉଥିଲା । ଏହି ଦୁଇ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ରାଜ୍ୟରେ ୧୬ରୁ ଅଧିକ ମାମଲା ରହିଛି । ପୂର୍ବରୁ ଏହି ରାକେଟର ୫ଜଣ ସଦସ୍ୟଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ତାମିଲନାଡୁର ହୋଇଥିବା ବେଳେ ଜଣେ ରାଜସ୍ଥାନ, ଜଣେ ସୁରଟ ଏବଂ ଦୁଇ ଜଣ କେରଳର ଥିଲେ ।

## ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନ୍ ପାଇଁ ୨ୟ ପର୍ଯ୍ୟାୟ ପରିବେଶ ମଞ୍ଜୁରୀ

ଭୁବନେଶ୍ୱର,୨୪ ।୧(ସମିସ): ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଅନ୍ତର୍ଗତ ଦଶପଲ୍ଲା ଏବଂ ଆଡ଼େଣିଗଡ଼ ମଧ୍ୟରେ ଥିବା ରେଳ ସେକ୍ସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପରିବେଶ ମଞ୍ଜୁରୀ ମିଳିଛି । ଏବେ ସୁଦ୍ଧା, ମୋଟ ୩୦୧ କିଲୋମିଟର ରେଳ ଲାଇନ ମଧ୍ୟରୁ ୨୨୬ କିଲୋମିଟର ରେଳ ଲାଇନ ସମ୍ପୂର୍ଣ୍ଣ ହୋଇଛି । ସମ୍ପ୍ରତି ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିଲୋମିଟର ଏବଂ ବଲାଙ୍ଗୀରରୁ ପୁରୁଣାକଟକ ପର୍ଯ୍ୟନ୍ତ ୧୨୦ କିଲୋମିଟର ଲାଇନ୍ ଅନ୍ତର୍ଭୁକ୍ତ । ପୁରୁଣାକଟକ ଏବଂ ଦଶପଲ୍ଲା ମଧ୍ୟରେ ଅବଶିଷ୍ଟ ୭୫ କିଲୋମିଟର ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ ଚାଲୁରହିଛି । ଏହି ପ୍ରକଳ୍ପ ପାଇଁ ୩,୨୭୪.୩୩୬ ହେକ୍ଟର ଜମି ଅଧିଗ୍ରହଣ ଆବଶ୍ୟକ ଥିଲା, ଯେଉଁଥିରେ ୭୪୬.୪୨ ହେକ୍ଟର ଜଙ୍ଗଲ ଜମି ଅନ୍ତର୍ଭୁକ୍ତ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଆହ୍ୱାନ ଥିଲା ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ଜଙ୍ଗଲ ଜମିରେ ନିର୍ମାଣ କାର୍ଯ୍ୟପାଇଁ ଅନୁମୋଦନ ହାସଲ କରିବା । ଏଥିରେ ୫୯୪.୬୧୮ ହେକ୍ଟର ଘନ ଜଙ୍ଗଲ ଅନ୍ତର୍ଭୁକ୍ତ ଥିଲା । ନିର୍ମାଣ କ୍ଷେତ୍ରରେ ବିଭିନ୍ନ ପ୍ରକାର ବାଧାକୁ ହ୍ରାସ କରିବା ପାଇଁ ପଶୁପକ୍ଷୀଙ୍କ ଯାତାୟାତ (ଉଭୟ ରେଳ ଲାଇନ ଉପରେ ଏବଂ ତଳେ) ଏବଂ ଜଳପଥ ଏବଂ ବନ୍ୟପ୍ରାଣୀଙ୍କ ଚଳାଚଳ ପାଇଁ ସେତୁ ଭଳି ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି । ଏହି ରେଳ ଲାଇନରେ ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ୭୫ କିଲୋମିଟର ଦୈର୍ଘ୍ୟରେ ସାତୋଟି ସୁଡ଼ଙ୍ଗ ଅନ୍ତର୍ଭୁକ୍ତ, ଯାହାର ମୋଟ ଲମ୍ବ ୧୨.୭୬ କିଲୋମିଟର ରହିଛି ।


**AFFIDAVIT**

By virtue of an affidavit sworn before Executive Magistrate Khordha, Affidavit No-187 dated -18.01.2025. I, Dipanjali Charchi Address : At/Po-Balidihi, Ps-Banapur, Dist-Khordha, Odisha,Pin-752031 declare that I have changed my daughter's name from C Arnika Devi to Suchitra Charchi. Henceforth, she shall be known as Suchitra Charchi for all purposes.

**AFFIDAVIT**

By an affidavit before Executive Magistrate, Tigiria 24/01/2025, I Santosh Kumar Bahadi declare that my wife's surname has been changed from Behera to Bahadi. Hence forth she will be known as Sarojini Bahadi instead of Sarojini Behera for all purpose.

**AFFIDAVIT**

I, Kumari Madili, W/o- Gopal Rao Gumudi, resident of At-Chandibeda, PO-Banasola, PS- Jarada, Bansola, Ganjam, Pin-761006, Odisha declared by this affidavit No. 190, dtd- 22/01/2025 that now onwards I shall be known as **KUMARI GUMUDI** for all future purposes.

**AFFIDAVIT**

I, Jayashri Mahapatra, W/o- Santosh Kumar Mahapatra, resident of QTRS No. 114, LIC Colony, PO- Chhatrapur, Ganjam, Odisha declared by this affidavit No. 211, dtd- 22/01/2025 that now onwards I shall be known as **JAYASHRI DAS** for all future purposes.


## ଖାତିଗୁଡ଼ା ନବୋଦୟ ବିଦ୍ୟାଳୟରେ ଝାଡ଼ାବାନ୍ତି

ତେନ୍ତୁଳିଖୁଣ୍ଟି, ୨୪।୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଖାତିଗୁଡ଼ା ଜବାହାର ନବୋଦୟ ବିଦ୍ୟାଳୟରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି । ଗୁରୁବାର ସ୍କୁଲର ୧୨୨ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଥିବା ବେଳେ ଶୁକ୍ରବାର ଆଉ ୫ଜଣ ଆକ୍ରାନ୍ତ ହୋଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରୁ ୯ଜଣଙ୍କ ଅବସ୍ଥା ଉଦ୍‌ବେଗଜନକ ରହିବାରୁ ସେମାନଙ୍କୁ ତେନ୍ତୁଳିଖୁଣ୍ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ତେବେ ହଠାତ୍ ସ୍କୁଲରେ ଏପରି ଝାଡ଼ାବାନ୍ତି ବ୍ୟାପିବାର କାରଣ ଜଣା ପଡ଼ିନଥିବା ବେଳେ ଅପମିଶ୍ରିତ ଖାଦ୍ୟ କିମ୍ବା ଦୂଷିତ ପାନୀୟଜଳ କାରଣ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ଅପରପକ୍ଷେ, ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ନବରଙ୍ଗପୁର ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନବକିଶୋର ବେହେରା ସ୍କୁଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ସେହିପରି ନବରଙ୍ଗପୁର ସ୍ୱାସ୍ଥ୍ୟ ବିଭାଗର ୪ଜଣିଆ ଏକ ଡାକ୍ତରୀ ଟିମ୍ ପହଞ୍ଚି ଛାତ୍ରଛାତ୍ରୀଙ୍କ ମଳମୂତ୍ର ନମୁନା ସହ ସେମାନଙ୍କୁ ଦିଆଯାଇଥିବା

### ୧୨୭ ଛାତ୍ରଛାତ୍ରୀ ଆକ୍ରାନ୍ତ

ଖାଦ୍ୟ, ପାନୀୟ ଜଳ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି । ତେନ୍ତୁଳିଖୁଣ୍ଟି ସ୍ୱାସ୍ଥ୍ୟ ବିଭାଗର ଗୋଟିଏ ଟିମ୍ ବିଦ୍ୟାଳୟରେ ରହି ଛାତ୍ରଛାତ୍ରୀ ଅହରହ ସେବା ଯୋଗାଉଛନ୍ତି । ଏନେଇ ସ୍କୁଲ ଅଧ୍ୟକ୍ଷ ରତ୍ନାକର ସାହୁ କହିଛନ୍ତି, ଅସୁସ୍ଥ ଛାତ୍ରଛାତ୍ରୀମାନଙ୍କ ଚିକିତ୍ସା ଜାରି ରହିଛି । ସବୁ ଆକ୍ରାନ୍ତ ଛାତ୍ରଛାତ୍ରୀ ସୁସ୍ଥ ଅଛନ୍ତି । ଅପରପକ୍ଷେ, ଏହି ଘଟଣା ପରେ ଅଭିଭାବକମାନେ ଆତଙ୍କିତ ହୋଇପଡ଼ିଛନ୍ତି । କିଛି ଅଭିଭାବକ ସେମାନଙ୍କ ପିଲାଙ୍କୁ ଘରକୁ ନେବା ପାଇଁ ଆସିଥିଲେ ହେଁ ବିଦ୍ୟାଳୟ କର୍ତ୍ତୃପକ୍ଷ ସୋମାନଙ୍କୁ ଛାଡ଼ିନଥିବା ଜଣାପଡ଼ିଛି ।

ସୂଚନାନୁଯାୟୀ, ସ୍କୁଲରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୫୦୬ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଗୁରୁବାର ମଧ୍ୟାହ୍ନରେ ଖାଇ ସାରିବା ପରେ ଜଣେ ପରେ ଜଣେ ଛାତ୍ରଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ଖବର ପାଇ ତେନ୍ତୁଳିଖୁଣ୍ଟି ସ୍ୱାସ୍ଥ୍ୟ ବିଭାଗର ଏମଏଚ୍‌ୟୁ ଟିମ୍‌ର ଡା. ଅମରେଶ ମହାନ୍ତି, ଡା. ଶୁଭେନ୍ଦୁ ବାଗ, ଭେଷଜକ ରଶ୍ମିତା ପଲେଇ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଦୀପ ଦାସ, ତପନ ରାଓ, ମହିଳା ସ୍ୱାସ୍ଥ୍ୟ କର୍ମୀ ସୁଷମା ନାୟକ, ରତ୍ନ ମଞ୍ଜୁରୀ ମହାଳି ନବୋଦୟ ବିଦ୍ୟାଳୟରେ ପହଞ୍ଚିଥିଲେ ।

## ଦଶାହ ବୁଡ଼ ବେଳେ ବୁଡ଼ିଗଲେ ହାବିଲ୍‌ଦାର

କେନ୍ଦୁଝର,୨୪।୧(ସମିସ): କେନ୍ଦୁଝର ଟାଉନ୍ ଥାନା ନରଣପୁର ଟାଙ୍ଗରପଳସା ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି । ଦଶାହ କାର୍ଯ୍ୟରେ ଯୋଗଦେବାକୁ ଆସିଥିବା ଜଣେ ହାବିଲଦାର ଆଜି ପୋଖରୀରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି । ଦଶ ତୁଠରେ ଗାଧୋଉଥିବା ବେଳେ ଏହି ଅଘଟଣ ଘଟିଛି । ସେ ହେଲେ, ମୃତ୍ୟୁଞ୍ଜୟ ନାଏକ । ସେ ସିଲୁଆଁ ନିକଟରେ ରହୁଥିବା ବେଳେ କେନ୍ଦୁଝର ପୁଲିସ ରିଜର୍ଭରେ ହାବିଲଦାର ଭାବେ କାର୍ଯ୍ୟରତ ଅଛନ୍ତି । ଖବର ପାଇ ସ୍ଥାନୀୟ ଅଗ୍ନିଶମବାହିନୀ ତାଙ୍କୁ ପୋଖରୀ ସାରା ଖୋଜାଖୋଜି କରି ନୟାନ୍ତ ହୋଇଥିଲେ ହେଁ ସଂଧ୍ୟା ସୁଦ୍ଧା ତାଙ୍କ ପତ୍ତା ପାଇନାହାଁନ୍ତି । ସୂଚନାନୁସାରେ, ମୃତ୍ୟୁଞ୍ଜୟ ଆଜି ଜଣେ ସମ୍ପର୍କୀୟଙ୍କ ଦଶାହରେ ଯୋଗଦେବାକୁ ଟାଙ୍ଗରପଳସା ଆସିଥିଲେ । ଗାଁ ନିକଟ ଶାଗୁ ଭୁଆଶୁଣି ପୋଖରୀକୁ ଅନ୍ୟମାନଙ୍କ ସହ ଦଶାହ ବୁଡ଼ ଦେବାକୁ ଯାଇଥିଲେ । ଅନ୍ୟମାନେ ଗାଧୋଇ ଚାଲିଆସିବା ପରେ ଆଉ ଜଣେ ଦୁଇଜଣ ଛୋଟ ପିଲା ସେଠାରେ ରହିଯାଇଥିଲେ । ଏତିକିବେଳେ ମୃତ୍ୟୁଞ୍ଜୟ ପାଣି ଭିତରେ ପଶିଥିଲେ । କିନ୍ତୁ ଅସାବଧାନତାବଶତଃ ସେ ଗଭୀର ପାଣି ଭିତରକୁ ଚାଲିଯିବାରୁ ବୁଡ଼ିଯାଇଥିଲେ । ଅଗ୍ନିଶମ ବାହିନୀ ପୋଖରୀରେ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇନଥିଲା । ତେଣୁ ଶନିବାର ସକାଳୁ ପୁଣି ତାଙ୍କୁ ଖୋଜାଖୋଜି କରାଯିବ ବୋଲି ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୮ ମୃତ...

କୋଲତେ କହିଛନ୍ତି । ଏହି ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିଶ, କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ପ୍ରମୁଖ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ କରୁଛନ୍ତି । ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡ଼ି ନାହିଁ ।

ଜବାହରନଗର ସ୍ଥିତ ଗୋଳାବାରୁଦ କାରଖାନାର ଆରକେଆର ଶାଖା ସେକ୍ସନରେ ଏହି ବିସ୍ଫୋରଣ ହୋଇଥିଲା । ଏଠାରେ ଆରଡିଏକ୍ସ ପ୍ରସ୍ତୁତ କରାଯାଏ । ତେଣୁ ଆରଡିଏକ୍ସ ବିସ୍ଫୋରଣ ହୋଇଥିବା କୁହାଯାଉଛି । ବିସ୍ଫୋରଣରେ ଏହି କୋଠା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି । ଏହି କାରଖାନାରେ ଏସିଡ୍‌ଠାରୁ ନେଇ ଅନେକ ବିସ୍ଫୋରକ ପ୍ରସ୍ତୁତ କରାଯାଇଥାଏ ।

### ମମତା କୁଲକର୍ଣ୍ଣୀ...

ଲୋକେ ମମତାଙ୍କ ସହ ଫଟୋ ଉଠାଇବା ପାଇଁ ଭିଡ଼ ଲଗାଇ ଥିଲେ । ପରେ ଅଭିନେତ୍ରୀ କିନ୍ନର ଆଖଡ଼ାର ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ଲକ୍ଷ୍ମୀନାରାୟଣ ତ୍ରିପାଠୀଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ । ମହାମଣ୍ଡଳେଶ୍ୱର ହେବାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଚର୍ଚ୍ଚା ହୋଇଥିଲା । ଏହା ପରେ ଆଖଡ଼ା ତାଙ୍କୁ ଏହି ପଦବୀ ଦେଇଥିଲା । ଲକ୍ଷ୍ମୀ ନାରାୟଣ ତାଙ୍କୁ ନେଇ ଅଖିଳ ଭାରତୀୟ ଆଖଡ଼ା ପରିଷଦର ଅଧ୍ୟକ୍ଷ ରବୀନ୍ଦ୍ର ପୁରିଙ୍କ ପାଖକୁ ଯାଇଥିଲେ । ଏଠାରେ ମମତା ଏବଂ ପୁରିଙ୍କ ମଧ୍ୟରେ ଦୀର୍ଘ ଆଲୋଚନା ହୋଇଥିଲା । ଏହି ସମୟରେ କିନ୍ନର ଆଖଡ଼ାର ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ପରେ ତାଙ୍କୁ ମହାମଣ୍ଡଳେଶ୍ୱର କରିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ମମତା କହିଛନ୍ତି ଯେ ମହାକୁମ୍ଭକୁ ଆସି ଏହାର ଭବ୍ୟତାକୁ ଦେଖିବା ସୌଭାଗ୍ୟର ବିଷୟ । ଏହି ପବିତ୍ରବେଳାର ସାକ୍ଷୀ ହୋଇ ସନ୍ଥଙ୍କ ଆଶୀର୍ବାଦ ନେଉଛି ।

### ୧୦ ସାଂସଦ...

କ୍ଷତିକାରକ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ସେହିପରି କଂଗ୍ରେସ ସାଂସଦ ଗୌରବ ଗୋଗେଇ ଜେପିସିରୁ ୧୦ ସାଂସଦଙ୍କ ନିଲମ୍ବନକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଓ ଏକଦେଶଦର୍ଶୀ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି । ତେବେ ଜେପିସି ଅଧ୍ୟକ୍ଷ ଜଗଦମ୍ବିକା ପାଲ ବିରୋଧୀଙ୍କ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି । ସେ କହିଛନ୍ତି ଯେ ବୈଠକ ସମୟରେ କଂଗ୍ରେସ ସାଂସଦ ଗୌରବ ଗୋଗେଇ ଅନୁପସ୍ଥିତ ଥିଲେ । ସେହିପରି ଅନ୍ୟ ସାଂସଦମାନଙ୍କୁ ନିଜର ପକ୍ଷ ରଖିବାକୁ ପୂର୍ଣ୍ଣ ସୁଯୋଗ ଦିଆଯାଇଥିଲା । ସେମାନଙ୍କ ପ୍ରଶ୍ନର ଉତ୍ତର ଦେବା ସମୟରେ ବିରୋଧୀ ସାଂସଦମାନେ ହୋହଲ୍ଲା କରିବା ସହ ଅସଂସଦୀୟ ଶବ୍ଦ ପ୍ରୟୋଗ କରି ହଲ୍ଲା କରିଥିଲେ । ସେମାନଙ୍କ କାର୍ଯ୍ୟ ଯୋଗୁଁ ବୈଠକ କାର୍ଯ୍ୟ ବ୍ୟାହତ ହୋଇଥିଲା । ଯେଉଁଥିପାଇଁ ସେମାନଙ୍କୁ ବୈଠକରୁ ନିଲମ୍ବିତ କରିବାକୁ ପଡ଼ିଲା । ଜେପିସିର ସବୁ ବୈଠକଗୁଡ଼ିକରେ ଉତ୍ତମ ଚର୍ଚ୍ଚା ହୋଇଛି, ବିରୋଧୀ ସେମାନଙ୍କର ପକ୍ଷ ରଖିଛନ୍ତି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଡିଏମ୍‌କେ ଦଳର ମୁଖ୍ୟ ସଚେତକ ଏ.ରାଜା ଜେପିସି ବୈଠକକୁ ସ୍ଥଗିତ ରଖିବାକୁ ଦାବି କରିଛନ୍ତି । ଅଧ୍ୟକ୍ଷ ଶ୍ରୀ ପାଲ୍‌ଙ୍କୁ ଏକ ଚିଠି ଲେଖି ଶ୍ରୀ ରାଜା କହିଛନ୍ତି ଯେ ଜେପିସିର ପାଟନା, କଲକତା ଓ ଲକ୍ଷ୍ନୌ ଗସ୍ତ ଜାନୁଆରୀ ୨୧ରେ ସମ୍ପୂର୍ଣ୍ଣ ହେବା ପରେ ବିନା ତାରିଖ ଘୋଷଣାରେ ୨୪ ତାରିଖରେ ଜେପିସିର ବୈଠକ ତରବରିଆ ଭାବରେ କରାଯାଉଛି । ଏହା ସମ୍ପୂର୍ଣ୍ଣ ରୂପେ ଅଗଣତାନ୍ତ୍ରିକ ବୋଲି ଶ୍ରୀ ରାଜା ଚିଠିରେ ଉଲ୍ଲେଖ କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଶୀତକାଳୀନ ଅଧିବେଶନ ସମୟରେ ଜେପିସିର କାର୍ଯ୍ୟକାଳ ବଢ଼ା ଯାଇଥିଲା । ୱାକଫ୍ ସଂଶୋଧନ ଚିଠା ପ୍ରସ୍ତାବ ଆସନ୍ତା ୩୧ ତାରିଖରୁ ଅନୁଷ୍ଠିତ ହେବାକୁଥିବା ବଜେଟ୍ ଅଧିବେଶନ ସମୟରେ ଆଗତ କରାଯିବ । ଜେପିସିର ପ୍ରଥମ ବୈଠକ ଅଗଷ୍ଟ ୨୨ରେ ଅନୁଷ୍ଠିତ ହୋଇଥିଲା ଓ ଇତିମଧ୍ୟରେ ୩୪ଟି ବୈଠକ ଅନୁଷ୍ଠିତ ହୋଇଛି । ବିଲ୍‌ରେ ମୋଟ ୪୪ଟି ସଂଶୋଧନ ପ୍ରସ୍ତାବ ଉପରେ ଜେପିସିରେ ଆଲୋଚନା ହୋଇଛି ।

### 'ପଶ୍ଚିମ'କୁ ପ୍ରତାରଣା...

ପାଇଥିଲା, ସେହି କାମଗୁଡ଼ିକ ଅଲିଖିତ ନିର୍ଦ୍ଦେଶରେ ବନ୍ଦ କରାଯାଇଛି । ଅସିତ୍ ତ୍ରିପାଠୀଙ୍କ ଇସ୍ତଫା ପରେ ଅଧ୍ୟକ୍ଷ ପଦ ଦୀର୍ଘଦିନ ହେଲା ଖାଲି ପଡ଼ିଛି ଓ ନୂଆ ଅଧ୍ୟକ୍ଷ ନିଯୁକ୍ତ କରିବାରେ ସରକାର ବିଫଳ ହୋଇଛନ୍ତି । ପରିଷଦ ଏବେ ସମ୍ପୂର୍ଣ୍ଣ ସ୍ଥାଣୁ ଅବସ୍ଥାରେ ଥିବା ବେଳେ ଯେଉଁ ଜରୁରୀ ପ୍ରକଳ୍ପ ପାଇଁ ଅନୁଦାନ ଦିଆଯାଇଥିଲା ତାହା ଏବେ କ'ଣ ହେବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାକୁ ରାଜ୍ୟ ସରକାରଙ୍କ ଅବହେଳାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିରୋଧୀ ବିଜେଡି ଓ କଂଗ୍ରେସ ମଧ୍ୟ ଏହାକୁ ପ୍ରସଙ୍ଗ କରିବା ସହ ସରକାରଙ୍କ ଆଭିମୁଖ୍ୟକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ଗତ ୭ ମାସ ମଧ୍ୟରେ ସାମାନ୍ୟ ଆନ୍ତରିକତା ଦେଖାଇଥିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କ୍ରିୟାଶୀଳ ହୋଇ ପାରିଥାଆନ୍ତା ଓ ବିକାଶମୂଳକ କାମଗୁଡ଼ିକ ନିମନ୍ତେ ମଞ୍ଜୁର ଅର୍ଥ ବିନିଯୋଗ ହୋଇ ପାରିଥାଆନ୍ତା । ମାତ୍ର ଅନୁଦାନ ମଞ୍ଜୁର ପରେ କାମକୁ ରୋକିବା ପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି ବୋଲି ଅଭିଯୋଗ କରିଛନ୍ତି ବିଜେଡି ନେତା ଦେବେଶ ଆଚାର୍ଯ୍ୟ । ସେ କହିଛନ୍ତି ବିକାଶ ପରିଷଦ ଏବେ ମାତ୍ର ଦୁଇଜଣ ଚପରାଶୀଙ୍କୁ ନେଇ ଚାଲିଛି । ପଶ୍ଚିମ ଓଡ଼ିଶାର ଲୋକଙ୍କ ଭାବାବେଗ ବୁଝିବାକୁ ସରକାରଙ୍କ ପାଖରେ ସମୟ ନାହିଁ । ଲୋକଙ୍କ ପାଇଁ କାମ କରିବାକୁ ଆଗ୍ରହ ନାହିଁ । ପୂର୍ବ ସରକାର ମଞ୍ଜୁର କରିଥିବା କାମଗୁଡ଼ିକୁ ଉଦ୍ଦେଶ୍ୟମୂଳକ ଭାବରେ ଅଟକାଇ ରଖାଯାଇଛି । ଚଳିତ ବର୍ଷ ସରକାର ବିକାଶ ପରିଷଦକୁ ମଞ୍ଜୁର କରିଥିବା ୫୦୦ କୋଟି ଟଙ୍କାରେ କିଛି କାମ ହୋଇ ପାରିନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କରିଛନ୍ତି ।

ଅନ୍ୟପକ୍ଷରେ କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ମଧ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିକାଶ ପରିଷଦ ଏବେ ମୃତପ୍ରାୟ ବୋଲି ଉଲ୍ଲେଖ କରି ଏଥିରେ ବର୍ତ୍ତମାନ କେହି ମୁରବୀ ନାହାନ୍ତି ବୋଲି ସେ କହିଛନ୍ତି । ନରସିଂହ କହିଛନ୍ତି ଯେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦ ଖାଲି, ମୁଖ୍ୟ ନିବାହୀ ମଧ୍ୟ ନିଯୁକ୍ତ ହୋଇ ନାହାନ୍ତି । କାମ ହେବ କେମିତି, ପ୍ରସ୍ତାବର କାର୍ଯ୍ୟାନ୍ୱୟନ କରିବ କିଏ? ସରକାର ପଶ୍ଚିମ ଓଡ଼ିଶାକୁ ଉପେକ୍ଷା କରି ଚାଲିଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି ।

### କେକେବିଏନ୍ ନେତା...

ଯୋଗାଯୋଗ ନ ହେବାରୁ ମୃତ୍ୟୁ ହୋଇଯାଇଥିବା ଭାବି ୧୨ ବର୍ଷ ତଳେ ପରିବାର ଲୋକେ ତା'ର ଶୁଦ୍ଧିକ୍ରିୟା ବି ସାରିଦେଇଥିଲେ । ଏପରିକି ତାଙ୍କ ବାପାଙ୍କ ମୃତ୍ୟୁ ବେଳେ ମଧ୍ୟ ସେ ଘରକୁ ଆସି ନ ଥିଲେ । ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଶବକୁ ଆଣିବାକୁ ମନା କରି ଦେଇଛନ୍ତି । ଯିଏ ଦେଶର ନୁହଁ; ସିଏ ଆମର ନୁହେଁ ବୋଲି କହିଛନ୍ତି ।

ତେବେ ୩ ରାଜ୍ୟର ପୁଲିସକୁ ନାକେଦମ୍ କରିଥିବା ବାଉରୀବନ୍ଧୁ ଥିଲା ମାଓ ଡିଭିଜନ କେକେବିଏନ୍ ସଂଗଠନର ସଦସ୍ୟ । ତା'ମୁଣ୍ଡ ଉପରେ ଛତିଶଗଡ଼ ସରକାର ୮ ଲକ୍ଷ, ଓଡ଼ିଶା ସରକାର ୫ ଲକ୍ଷ ଏବଂ ଆନ୍ଧ୍ର ସରକାର ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ । ୧୦ ବର୍ଷ ତଳେ ଜଣେ ମହିଳା ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ବାଉରୀବନ୍ଧୁ ସମ୍ପର୍କରେ ଖୁଲାସା କରିଥିଲା । ସେ ସମୟରେ ଘୁମୁସର ଡିଭିଜନ ବାଉରୀଙ୍କ ଅଧୀନରେ ଥିଲା । ବାଉରୀ ନିର୍ଦ୍ଦେଶରେ ପ୍ରାୟ ୫ଜଣ ଡଙ୍ଗରିଆ କନ୍ଧଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ବାଉରୀର ମୃତଦେହକୁ ଚିହ୍ନଟ ପରେ ପୁଲିସ ତା'ର ଭାଇ ଓ ମାଙ୍କ ପାଖକୁ ଆସି ଖବର ଦେଇଛି । ଶୁଦ୍ଧି ସରିଥିବା ପୁଅ ଯେ ବଞ୍ଚିଥିଲା ଏବଂ ସେ ପୁଲିସ ଗୁଳିରେ ପ୍ରାଣ ହରାଇଥିବା ଖବର ପାଇ ପରିବାରଲୋକ ଦୁଃଖରେ ଭାଙ୍ଗି ପଡ଼ିଥିବାବେଳେ ଉପକୂଳରୁ କେମିତି ଉପାନ୍ତ ଯାଏଁ ପହଞ୍ଚିଥିଲେ ବାଉରୀ ବନ୍ଧୁ ଏବଂ ଏକଦା ମେଧାବୀ ଛାତ୍ର ଥିବା ବାଉରୀ କେମିତି ଓ କାହିଁକି ମାଓ ବିଚାରଧାରାକୁ ଆପଣାଇଲା, ତାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି ।

### ରାଜ୍ୟସଭା ଛାଡ଼ିଲେ...

ସଭ୍ୟସଂଖ୍ୟା ୧୧ରୁ ୮କୁ ହ୍ରାସ ପାଇଥିଲା । ଏହି ତିନିଟି ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଟିଡିପି ଦୁଇଟି ଆସନ ପାଇଥିବା ବେଳେ ବିଜେପିକୁ ଗୋଟିଏ ଆସନ ମିଳିଥିଲା ।

ସୂଚନାଯୋଗ୍ୟ, ୬୭ ବର୍ଷୀୟ ରେଡୀ ହେଉଛନ୍ତି ୱାଇଏସ୍ଆର୍ କଂଗ୍ରେସର ପ୍ରତିଷ୍ଠାତା ସଭ୍ୟ । ସେ ଦୁଇ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜଶେଖର ରେଡୀ ଏବଂ ଜଗନ ରେଡୀଙ୍କର ଘନିଷ୍ଠ ସହଯୋଗୀ ଥିଲେ । ଦଳରେ ଜଗନ ରେଡୀଙ୍କ ପରେ ତାଙ୍କର ସ୍ଥାନ ଦୁଇ ନମ୍ବରରେ ଥିଲା । ଗତ ୨୦୨୩ରେ ତାଙ୍କୁ ଜଗନ ଦ୍ୱିତୀୟ ଥର ଲାଗି ରାଜ୍ୟସଭାକୁ ମନୋନୀତ କରିଥିଲେ ।

### ସପ୍ତରଥୀଙ୍କୁ ଗୁରୁମନ୍ତ୍ର...

କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ ପ୍ରସଙ୍ଗ ମଧ୍ୟ ସଂସଦରେ ବିଜେଡି ଉଠାଇବ ବୋଲି ସୂଚନା ମିଳିଛି । ତତ୍କାଳୀନ ବିଜେଡି ସରକାରଙ୍କ ଦାବିକୁ କେନ୍ଦ୍ର ସରକାର କର୍ଣ୍ଣପାତ କରି ନ ଥିଲେ ହେଁ ପଦ୍ମପୁର ଉପନିର୍ବାଚନ ସମୟରେ ବିଜେପି ନେତାମାନେ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ ପ୍ରତିଶ୍ରୁତି ଦେଇଥିଲେ । ଏହା ଏଯାଏ କାର୍ଯ୍ୟକାରୀ ହୋଇନାହିଁ । ତେଣୁ ଏହି ପ୍ରସଙ୍ଗରେ ବିଜେଡି ନିଜର ସ୍ୱର ତୀବ୍ର କରିପାରେ ବୋଲି କୁହାଯାଉଛି

ଏ ପ୍ରସଙ୍ଗରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ବିଜେଡି ଏକ ଦାୟିତ୍ୱ ସମ୍ପନ୍ନ ଦଳ । ରାଜ୍ୟ ତଥା ରାଜ୍ୟବାସୀଙ୍କ ସ୍ୱାର୍ଥ ହିଁ ବିଜେଡି ପାଇଁ ସର୍ବାଗ୍ରେ । ତେଣୁ ଦଳର ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ ସଂସଦରେ ଆମର ସାଂସଦମାନେ ସ୍ୱର ଉତ୍ତୋଳନ କରିବେ । ଗତ ଅଧିବେଶନ ସମୟରେ ବିଜେଡିର ସପ୍ତରଥୀ ରାଜ୍ୟସଭାରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ସଫଳତାର ସହ ଉଠାଇଥିଲେ । ଆଗାମୀ ଅଧିବେଶନରେ ଏହାର ପୁନରାବୃତ୍ତି ହେବ ବୋଲି ଶ୍ରୀ ମିଶ୍ର କହିଛନ୍ତି ।


A-947

E-mail: mi2_exe.engr@yahoo.co.in
Ph.No. 0680-2290475

OFFICE OF THE SUPERINTENDING ENGINEER
MINORIRRIGATION DIVISION, GANJAM-II, BERHAMPUR.
GOVERNMENT OF ODISHA
e-PROCUREMENT NOTICE
BID IDENTIFICATION No: GMID-II/09/2024-25
Ltr No294 Date.18.01.2025

| | |
|---|---|
| Name of work | : Civil Construction Works |
| No. of works | : 53 (Fifty Three)Nos. |
| Estimated cost | : Rs. 4.58 lakh to 93.96 lakh. |
| Tender paper cost | : Rs 10000.00 (for estimated cost above 50.00 Lakh)<br>Rs 6000.00 (for estimated cost below 50.00 Lakh)<br>Rs. 4000.00 (for estimated cost over 5.00 lakh)<br>Rs. 2000.00 (for estimated cost below 5.00 lakh) |
| Period of completion<br>Class of Contractor | : 02 (Two) to 03 (Three)calendar months.<br>"D", " C" & "B" |
| Availability of bid documents | : From 27.01.2025 at 10.00 AM to 05.02.2025upto5.00 PM in website (www.tendersorissa.gov.in) |
| Period of Receipt of bid through on Line | From 27.01.2025 at 10.00 AM to 05.02.2025 upto5.00 PM Through On- Line. |
| Mode of Payment | : Online. |
| Date of opening of bid documents | : 06.02.2025 at 11.30 AM (Technical Bid opening for double cover system)<br>10.02.2025 at 11.30 AM Financial Bid opening cover-II |
| Date of Lottery( If required) | : Shall be intimated through web site and E-mail specified for the purpose in e-tendering process. |
| Digital signature certificate of Bidder | : The bidder must possess compatible digital signature Certificate (DSC) of Class-II or Class-III. |

The detail tender call notice can also be seen in the DOWR website- http://dowrorissa.gov.in

| | |
|---|---|
| Name & Address of the OIT | : Superintending Engineer, M.I.Division, Ganjam-II<br>In front of DepaulSchool, Engineering school road<br>Berhampur, Dist-Ganjam<br>PIN-760010.<br>E-mail: mi2_exe.engr@yahoo.co.in |
| Further details can be seen from the E-Procurement market place. | : http://tendersorissa.gov.in |

OIPR-32043/11/0012/2425

SuperintendingEnginber
M.I.Division, Ganjam-II Berhampur

କେନରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ କାନାରା ବ୍ୟାଙ୍କର **ସମ୍ପୃକ୍ତ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ । **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡ଼ିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ପୁରୀ ଶାଖା (୧୪୩୯) /** **ଋଣଗ୍ରହୀତାମାନେ: ୧) ମେସର୍ସ କାଞ୍ଚନ ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଶ୍ରୀକାନ୍ତ କାନୁନ୍‌ଗୋ,** ଅବକାଶ ଲେନ୍, ଗ୍ରାଣ୍ଡ ରୋଡ, ପୁରୀ - ୭୫୨୦୦୨, ୨) **ଶ୍ରୀ ଶ୍ରୀକାନ୍ତ କାନୁନ୍‌ଗୋ,** ପିତା: ଶଶଧର କାନୁନ୍‌ଗୋ, ମାଉସୀମା ଲେନ୍, ଗ୍ରାଣ୍ଡ ରୋଡ, ପୁରୀ - ୭୫୨୦୦୧ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶଶଧର କାନୁନ୍‌ଗୋ,** ପିତା: ମାୟାଧର କାନୁନ୍‌ଗୋ, ମାଉସୀମା ଲେନ୍, ଗ୍ରାଣ୍ଡ ରୋଡ, ପୁରୀ - ୭୫୨୦୦୧, ୨) **ଶ୍ରୀମତୀ ନମିତା କାନୁନ୍‌ଗୋ,** ସ୍ୱାମୀ: ଶ୍ରୀ ଶ୍ରୀକାନ୍ତ କାନୁନ୍‌ଗୋ, ମାଉସୀମା ଲେନ୍, ଗ୍ରାଣ୍ଡ ରୋଡ, ପୁରୀ - ୭୫୨୦୦୧ | **କ) ଶ୍ରୀ ଶଶଧର କାନୁନ୍‌ଗୋ,** ଜିପିଏ ଧାରକ ଶ୍ରୀ ଶ୍ରୀକାନ୍ତ କାନୁନ୍‌ଗୋଙ୍କ ଦ୍ୱାରା ପ୍ରତିନିଧିତ୍ୱଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ମାଉସୀମା ଲେନ୍, ମୌଜା: ପୁରୀ ଟାଉନ୍ ୟୁନିଟ୍ ନଂ.: ୨୨, ଦୈତାପଡା ସାହି, ଗ୍ରାଣ୍ଡ ରୋଡ୍ ଏବଂ ମାଉସୀମା ମନ୍ଦିର ଠାରୁ ଅପାତତଃ ୮୦ ମିଟର ଦୂରତା, ପୁରୀ ଟାଉନ୍, ପୁରୀ, ପ୍ଲଟ୍ ନଂ.: ୧୧୮୧, ଖାତା ନଂ.: ୫୧୮, ଅନୁରୂପ ବୃତାନ୍ତ ହୋଇନଥିବା ଖାତା ନଂ.: ୭୮୬, ଅନୁରୂପ ସାବିକ ଖାତା ନଂ.: ୪, ସାବିକ ପ୍ଲଟ୍ ନଂ.: ୩୮, ଥାନା: ପୁରୀ ଟାଉନ୍, ତହସିଲ: ପୁରୀ, ଜିଲ୍ଲା: ପୁରୀ - ୭୫୨୦୦୧ ଏବଂ ଜମିର କ୍ଷେତ୍ର: ଏକର ୦.୦୨୫ ଡିସିମିଲ୍, (ଘରବାରୀ) କିମ୍ବା ୧୦୮୯.୦୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଝାଡୁଦାର ଗଳି, ଦକ୍ଷିଣ: ରାସ୍ତା, ପୂର୍ବ: ଶ୍ରୀ ପ୍ରଫୁଲ୍ଲ ପଟ୍ଟନାଏକ ଏବଂ ଅନ୍ୟମାନେ, ପଶ୍ଚିମ: ଶ୍ରୀ ରବିନ୍ଦ୍ର କୁମାର ଶାସ୍ତ୍ରୀ / ଖ) ୦୭.୧୧.୨୦୨୪ / ଗ) ୨୦.୦୧.୨୦୨୫ / ଘ) ଟ.୧,୫୧,୯୮,୮୬୦.୯୮ (ଏକ କୋଟି ଏକାବନ ଲକ୍ଷ ଅଠାନବେ ହଜାର ଆଠ ଶହ ଷାଠିଏ ଟଙ୍କା ଏବଂ ଅଠାନବେ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ । |
| **ସତ୍ୟବାଦୀ ଶାଖା (୬୨୩୯) /** **ଋଣଗ୍ରହୀତା: ସ୍ୱ ସୁରେଶ ଚନ୍ଦ୍ର ମହାପାତ୍ର,** ପିତା: ସଦାନନ୍ଦ ମହାପାତ୍ର / **ଶ୍ରୀମତୀ ସଞ୍ଜୁକ୍ତା ମହାପାତ୍ର, (ସ୍ୱ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀ),** ସ୍ୱାମୀ: ସ୍ୱ ସୁରେଶ ଚନ୍ଦ୍ର ମହାପାତ୍ର, ଉଭୟଙ୍କ ଠିକଣା ସା: ଚିତ୍ରାଙ୍ଗପୁର, ପୋ: ଦିପିଦେଉଳି, ଥାନା: ବଳଙ୍ଗା, ପୁରୀ, ଓଡ଼ିଶା - ୭୫୨୦୪୫ | କ) ସ୍ୱ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୩/୭୩, ପ୍ଲଟ୍ ନଂ.: ୯୫/୬୫୨, ଅନୁରୂପ ସାବିକ ଖାତା ନଂ.: ୧୬୭, ସାବିକ ପ୍ଲଟ୍ ନଂ.: ୯୫, କ୍ଷେତ୍ର: ଏକର ୦.୦୧୭୫ ଡିସିମିଲ୍, ସ୍ୱତଃ: ସ୍ଥିତିବାନ, କିସମ: ଘରବାରୀ, ମୌଜା: ଅଠାଇସ, ଥାନା: ସତ୍ୟବାଦୀ, ଥାନା ନଂ.: ୧୩୯, ତହସିଲ: ସତ୍ୟବାଦୀ, ତହସିଲ ନଂ.: ୫୧୦, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ନମିତା ପଣ୍ଡା, ପଶ୍ଚିମ: ସରକାରୀ ରାସ୍ତା, ଉତ୍ତର: ନିରଞ୍ଜନ ସାହୁ, ଦକ୍ଷିଣ: ରାସ୍ତା / ଖ) ୦୪.୧୧.୨୦୨୪ / ଗ) ୨୪.୦୧.୨୦୨୫ / ଘ) |

ଟ.୪,୯୫,୪୧୩.୮୪ (ଚାରି ଲକ୍ଷ ପଞ୍ଚାନବେ ହଜାର ଚାରି ଶହ ତେର ଟଙ୍କା ଏବଂ ଚଉରାଅଶୀ ପଇସା ମାତ୍ର) ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୪.୦୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

ସକାଳ
THE SAKALA

# ସମ୍ପାଦକୀୟ



ବ୍ୟକ୍ତିର ତିନୋଟି ଗୁଣ ଦେଖିବା ଉଚିତ - ବୁଦ୍ଧିମତ୍ତା, ସାମର୍ଥ୍ୟ ଓ ସାଧୁତା। ଯଦି ତୃତୀୟ ଗୁଣଟି ତା'ପାଖରେ ନାହିଁ, ତେବେ ଅନ୍ୟ ଦୁଇଟି ଥିଲେ ମଧ୍ୟ ମୂଲ୍ୟହୀନ।
- ୱାରେନ୍ ବଫେଟ୍

## ଛାୟାଯୁଦ୍ଧ ଛାନିଆଁ

ହିନ୍ଦୀ ଭାଷାଭାଷୀ ଅଞ୍ଚଳର ଶେଷଦୁର୍ଗ ବିହାର ଦଖଲର ମହତାକାଂକ୍ଷାକୁ ଦୃଷ୍ଟିରେ ରଖି ବିଜେପି ନିର୍ଣ୍ଣାୟକ ନିଷ୍ପତ୍ତି ନେବା ପୂର୍ବରୁ ନୀତୀଶ କୁମାର ନିଜର ରାଜନୈତିକ ଭବିଷ୍ୟତ ନେଇ ଅନିଶ୍ଚିତ ହୋଇପଡ଼ିଛନ୍ତି। ଏକଥା ସତ ଯେ କେନ୍ଦ୍ରର ମେଣ୍ଟ ସରକାରରେ ନୀତୀଶଙ୍କ ଜେଡିୟୁ କେବଳ ଅଂଶୀଦାର ନୁହେଁ, ଦଳର ସମର୍ଥନ ଓ ସହଯୋଗ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ତାଙ୍କୁ ବାଦଦେଇ ବିହାରର କ୍ଷମତା ଦଖଲ ପ୍ରୟାସ ମଧ୍ୟ ଅସମ୍ଭବ। ଏତେ ନିର୍ଭରଶୀଳତା ସତ୍ତ୍ୱେ ସେ କାହିଁକି ଅନିଶ୍ଚିତତା ଆଶଙ୍କାରେ ଭାଙ୍ଗିପଡୁଛନ୍ତି? ବିଜେପିର ଚତୁର ରାଜନୈତିକ ଗୋଟି ଚାଳନାରେ ଜେଡିୟୁରେ ନୀତୀଶଙ୍କ ପ୍ରଭାବ ଓ ପତିଆରା ଦିନକୁ ଦିନ ହ୍ରାସ ପାଉଥିବାର ପରିଲକ୍ଷିତ ହୋଇଛି। କେନ୍ଦ୍ରରେ ମୋଦୀ ସରକାରକୁ ସମର୍ଥନ ଦେଉଥିବା ଦଳର ୧୨ଜଣ ସାଂସଦଙ୍କ ଗତିବିଧିକୁ ଲକ୍ଷ୍ୟ କଲେ ସ୍ପଷ୍ଟ ହୋଇଛି ଯେ ସେମାନେ ଏବେ ଦଳର ମୁଖିଆଙ୍କ ନିୟନ୍ତ୍ରଣରେ ନାହାନ୍ତି। ଦିଲ୍ଲୀରେ ଅବସ୍ଥାପିତ ଜେଡିୟୁର କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝା ଓ ଦଳୀୟ ମନ୍ତ୍ରୀ ଲଲନ୍ ସିଂହଙ୍କ ନେତୃତ୍ୱରେ ସେମାନେ ପରିଚାଳିତ। ତେଣୁ ନୀତୀଶ ହଠାତ୍ ବିଦ୍ରୋହ ଘୋଷଣା କଲେ ମଧ୍ୟ କେନ୍ଦ୍ରରେ କ୍ଷମତାସୀନ ମେଣ୍ଟ ସରକାର ଅତୁଟ ରହିବ। କିନ୍ତୁ ବିହାର ନିର୍ବାଚନ ରାଜନୀତିରେ ନୀତୀଶଙ୍କ ଅପରିହାର୍ଯ୍ୟ ଭୂମିକାକୁ ଏଡ଼ାଇ ଦେଇ ବିଜେପି ଯେ କ୍ଷମତା ହାସଲ କରିବାକୁ ସମର୍ଥ ହେବ, ଏକଥା ନୁହେଁ। ତେଣୁ ଏହି ବିରୋଧାଭାସ ସତ୍ତ୍ୱେ ଶେଷ ପର୍ଯ୍ୟନ୍ତ ତାଙ୍କୁ ଢାଲକରି ବିଜେପି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବାକୁ ଚାହେଁ। ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ଶିବସେନା ଓ ଶରଦ ପାୱାରଙ୍କ ଏନ୍‌ସିପିରେ ବିଜେପି ଯେଭଳି କ୍ଷମତା ଦଖଲ କରିଛି, ତାହାର ପୁନରାବୃତ୍ତି ବିହାରରେ ଘଟିବନି ତ? ଅନୁରୂପ ସମ୍ଭାବନାର ଅଙ୍କ କଷି ନୀତୀଶ ମଣିପୁରରେ ଯେଉଁ ପଦକ୍ଷେପ ନେଇଥିଲେ, ତାହା କେନ୍ଦ୍ରକୁ ପରୋକ୍ଷ ଚେତାବନୀ ବୋଲି କୁହାଯାଇପାରେ।

ମଣିପୁର ବିଜେପି ସରକାରରୁ ଜେଡିୟୁର ସମର୍ଥନ ପ୍ରତ୍ୟାହାର ରାଜ୍ୟର କ୍ଷମତା ରାଜନୀତିରେ ପ୍ରଭାବଶୂନ୍ୟ ହୋଇଥିଲେ ମଧ୍ୟ ତାହାର ସୁଦୂରପ୍ରସାରୀ ପ୍ରଭାବ କେନ୍ଦ୍ରରେ ନିଶ୍ଚିତ ପ୍ରତିଫଳିତ ହେବାର ଆଶା କରି ନୀତୀଶ ବୁଧବାର ସକାଳେ ଏହି ନିଷ୍ପତ୍ତି ନେଇଥିଲେ। କିନ୍ତୁ ତାହା ୨୪ ଘଣ୍ଟା ମଧ୍ୟ କାଏମ ରହିପାରିଲାନି। ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝା ଙ୍କ ମାଧ୍ୟମରେ ପଡ଼ିଥିବା ଚାପକୁ ପ୍ରତିରୋଧ କରିପାରିଲେନି ନୀତୀଶ। ରାଜ୍ୟପାଳଙ୍କୁ ସମର୍ଥନ ପ୍ରତ୍ୟାହାର ସମ୍ପର୍କରେ ବିଧିବଦ୍ଧ ଚିଠି ଦେଇଥିବା ରାଜ୍ୟ ସଭାପତିଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ କି ମଣିପୁରର ୬୦ ଆସନ ବିଶିଷ୍ଟ ବିଧାନସଭାରେ ଜେଡିୟୁ ବିଧାୟକଙ୍କ ସଂଖ୍ୟା ୬। ସେମାନଙ୍କ ମଧ୍ୟରୁ ୫ଜଣ ଇତିମଧ୍ୟରେ ବିଜେପିରେ ଯୋଗ ଦେଇସାରିଛନ୍ତି। ଅବଶିଷ୍ଟ ଯେଉଁ ଜଣେ ସଦସ୍ୟ ଜେଡିୟୁରେ ଥିଲେ। ସେ ମଧ୍ୟ ଦଳର ଅନ୍ୟ ସଦସ୍ୟଙ୍କ ପନ୍ଥା ଅନୁସରଣ କରିଛନ୍ତି। ଏଥିରେ ସ୍ପଷ୍ଟ ଯେ ଦଳ ବିଧାନସଭାରୁ ମୂଳପୋଛ ହୋଇଯାଇଛି। ମେଣ୍ଟ ରାଜନୀତିରେ ଅଂଶୀଦାରଙ୍କର ବିଲୟ ଘଟୁଛି ମୁଖ୍ୟଦଳରେ।

ଚଳିତବର୍ଷ ଶେଷ ଭାଗରେ ବିହାରରେ ବିଧାନସଭା ନିର୍ବାଚନ ହେବ। ନୀତୀଶ ନିଜ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବାକୁ ଚାହୁଁଥିବା ବେଳେ, ବିଜେପି ଅନ୍ୟ କ୍ଷୁଦ୍ର ଅଂଶୀଦାରଙ୍କ ସହଯୋଗରେ କ୍ଷମତା ଦଖଲ କରିବାକୁ ଚାହେଁ। ମୁସଲମାନ, ଦଳିତ ଓ ଅନୁନ୍ନତ ବର୍ଗର ମତଦାତାଙ୍କ ଉପରେ ନୀତୀଶ ପ୍ରଭାବ ଦୃଷ୍ଟିରୁ ବିଜେପି କେବଳ ତାଙ୍କ ପତିଆରା ବ୍ୟବହାର କରିବାକୁ ଚାହେଁ। ତେଣୁ କ୍ରମାଗତ ଭାବେ ଜେଡିୟୁରେ ତାଙ୍କର ପ୍ରାଧାନ୍ୟ ହ୍ରାସ ସକାଶେ ଚାଲିଥିବା ଉଦ୍ୟମକୁ ସେ ପ୍ରତିହତ କରିପାରୁ ନ ଥିଲେ ବି ମୁଖ୍ୟମନ୍ତ୍ରୀ ପଦ ଆଶା ଛାଡ଼ିନାହାନ୍ତି। କେନ୍ଦ୍ରକୁ ସମର୍ଥନ କରୁଥିବା ଦଳର ସାଂସଦଙ୍କ ଉପରୁ ସେ ଆସ୍ଥା ଓ ବିଶ୍ୱାସ ହରାଇଥିଲେ ମଧ୍ୟ ବିଧାନସଭା କ୍ଷେତ୍ରର ତୃଣମୂଳ ରାଜନୀତିରେ ତାଙ୍କୁ ବାଦଦେଇ ଦଳ ନିର୍ବାଚନକୁ ଓହ୍ଲାଇପାରିବ ନାହିଁ। ତେଣୁ ତାଙ୍କ ନେତୃତ୍ୱ ପ୍ରତି ଦଳରେ ଏବେ ମଧ୍ୟ ଭରସା ଅତୁଟ ରହିଛି।

ନୀତୀଶ-ଲାଲୁ ସମ୍ପର୍କ ବେଳେବେଳେ ବିହାର ମେଣ୍ଟ ରାଜନୀତିରେ କମ୍ପନ ସୃଷ୍ଟି କରୁଥିଲେ ମଧ୍ୟ ତାଙ୍କ ଉପରେ ସତର୍କ ଦୃଷ୍ଟି ରଖି ଯୋଜନାବଦ୍ଧ ଗୋଟି ଚାଳନା କରାଯାଉଛି। ଅନ୍ୟ ଗୋଟିଏ ଦିଗ ହେଲା, ନୀତୀଶଙ୍କ ବୟସ ୭୦ ଅତିକ୍ରମ କରିଥିଲେ ମଧ୍ୟ ଜେଡିୟୁରେ ବିକଳ୍ପ ନେତୃତ୍ୱର ସେ କୌଣସି ସୁଯୋଗ ସୃଷ୍ଟି କରି ନ ଥିବାରୁ ଦଳର ଅନିଶ୍ଚିତ ଭବିଷ୍ୟତ ନେଇ ନେତା ଓ କର୍ମୀଙ୍କ ମହଲରେ ଆଶଙ୍କା ସୃଷ୍ଟି ହୋଇଛି। ସୁଦୂର ରାଜନୈତିକ ଭବିଷ୍ୟତ ନେଇ ତାଙ୍କ ଉପରେ ନିର୍ଭରଶୀଳତା କ୍ରମେ ହ୍ରାସ ପାଉଛି। ଏହି ଅନସ୍ୱୀକାର୍ଯ୍ୟ ଦିଗ ଆଧାରରେ କିଛି ନେତା ଦଳରୁ ମୁହଁ ଫେରାଇବା ଆରମ୍ଭ କରିଛନ୍ତି।

କେନ୍ଦ୍ରୀୟ ନେତୃବର୍ଗଙ୍କୁ କରଛଡ଼ା ଦେଉଥିବା ନୀତୀଶଙ୍କ କାର୍ଯ୍ୟକଳାପରୁ ସ୍ପଷ୍ଟ ହେଉଛି। ଜେଡିୟୁର ଦିଲ୍ଲୀ ଓ ପାଟନା ଆଭିମୁଖ୍ୟରେ ପରିଲକ୍ଷିତ ପାର୍ଥକ୍ୟ ନେଇ ମୁହଁ ନ ଖୋଲିଲେ ମଧ୍ୟ ଏହା ପଛରେ ଥିବା ବିଜେପିର ଷଡ଼ଯନ୍ତ୍ର ସମ୍ପର୍କରେ ସେ ଅବଗତ ଅଛନ୍ତି। ଏବେ ମଧ୍ୟ ସେ ଦଳର ସର୍ବମାନ୍ୟ ନେତା, ତାହାର ପ୍ରମାଣ ଦେବାକୁ ଯାଇ ମଣିପୁର ସରକାରରୁ ସମର୍ଥନ ପ୍ରତ୍ୟାହାରର ଇଙ୍ଗିତ ଦେଇଥିଲେ। ପରିସ୍ଥିତି ସୁଧାରି ଯାଇଥିଲେ ମଧ୍ୟ କେନ୍ଦ୍ରୀୟ ବିଜେପି ନେତୃବର୍ଗ ନୀତୀଶଙ୍କ ସହ ଯୋଗାଯୋଗ ରକ୍ଷା କରିବାକୁ ବାଧ୍ୟ ହୋଇଥିଲେ। ବୁଝାମଣାର ଦିଗ ଅସ୍ପଷ୍ଟ ଥିଲେ ମଧ୍ୟ ନୀତୀଶଙ୍କ ମନରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଦୂର ପାଇଁ ଆଶ୍ୱାସନା ଦିଆଯାଇଥିବା ସୂଚନା ମିଳିଛି। ଆଗାମୀ ଦିନରେ ସବୁ ଠିକ୍‌ଠାକ୍ ଚାଲିବ ଓ ବୁଝାମଣା ଅତୁଟ ରହିବ, ତାହାର କୌଣସି ଗ୍ୟାରେଣ୍ଟି କେହି ଦେଇପାରିବେନି। ମେଣ୍ଟ ରାଜନୀତିରେ ଅଂଶୀଦାର ଦଳର ସ୍ୱାର୍ଥ ବିନିମୟରେ ବିସ୍ତାରବାଦୀ ଆଭିମୁଖ୍ୟ ନେଇ ଯେତେବେଳେ ମୁଖ୍ୟଦଳ କାର୍ଯ୍ୟକ୍ରମ ପ୍ରସ୍ତୁତ କରେ, ତାହାର ପ୍ରତିଫଳନରେ ଅଭିଯୋଗ ଓ ଅସନ୍ତୋଷ ସୃଷ୍ଟି ହେବା ସ୍ୱାଭାବିକ। ସରକାର ନିଜର ଅଖଣ୍ଡ କ୍ଷମତା ପ୍ରୟୋଗ କରିବା ପୂର୍ବରୁ କିଛି ରାଜନୈତିକ ବିପର୍ଯ୍ୟୟ ଘଟିଯିବା ଅସମ୍ଭବ ନୁହେଁ। ତେଣୁ ମଣିପୁର ଘଟଣା ସୁଧୁରି ଯାଇଥିଲେ ମଧ୍ୟ ଏହାକୁ ଏକ ଚେତାବନୀ ରୂପେ ଗ୍ରହଣ କରାଯାଇପାରେ।

ବିଜେପି ଓ ଜେଡିୟୁ ମଧ୍ୟରେ ଦୀର୍ଘ ୨୦ ବର୍ଷର ରାଜନୈତିକ ସମ୍ପର୍କ ସତ୍ତ୍ୱେ ୨୦୧୩ ଓ ୨୦୨୨ ମଧ୍ୟରେ ନୀତୀଶ ଦୁଇ ଦୁଇଥର ବିଜେପି ମେଣ୍ଟରୁ ଓହରି ଯାଇଛନ୍ତି। ଫେବ୍ରୁଆରୀରେ କେନ୍ଦ୍ର ବଜେଟରେ ଯଦି ପ୍ରତିଶ୍ରୁତି ଅନୁଯାୟୀ ବିହାର ସକାଶେ ସ୍ୱତନ୍ତ୍ର ଯୋଜନା ଓ ଜନକଲ୍ୟାଣ କାର୍ଯ୍ୟକ୍ରମକୁ ଆବଶ୍ୟକ ଅର୍ଥ ବରାଦ କରାନଯାଏ, ତାହାକୁ ନେଇ ମଧ୍ୟ ନୀତୀଶ ପୁଣି କିଛି ହଟଚମଟ ସୃଷ୍ଟି କରିବା ଅସମ୍ଭବ ନୁହେଁ। ନିଜ ପଦମର୍ଯ୍ୟାଦା ବଜାୟ ରଖିବା ପାଇଁ ନିର୍ବାଚନ ବର୍ଷରେ କେନ୍ଦ୍ରୀୟ ଅବହେଳା ଦର୍ଶାଇ ମେଣ୍ଟ ରାଜନୀତିରୁ ସେ ଓହରିଯିବାର ସମ୍ଭାବନା ଅଛି। ସେଭଳି ସମ୍ଭାବ୍ୟ ସ୍ଥିତି ନେଇ ପର୍ଯ୍ୟବେକ୍ଷକ ମହଲରେ ଅଙ୍କକଷା ଚାଲିଛି। କାରଣ ନୀତୀଶଙ୍କ ଭେଦ ଜାଣିବା ଏତେ ସହଜ ନୁହେଁ।

## ନିରବ ବସନ୍ତର ଯନ୍ତ୍ରଣା

**ବିଦ୍ୟାଧର ମହାରଣା**

ମାର୍କିନ ବୈଜ୍ଞାନିକ ରାକେଲ୍ କାର୍ସନଙ୍କ ନୋବେଲ୍ ପୁରସ୍କାରପ୍ରାପ୍ତ ପୁସ୍ତକ 'ସାଇଲେଣ୍ଟ ସ୍ପ୍ରିଙ୍ଗ'(ନିରବ ବସନ୍ତ), ଯୁଦ୍ଧ ଓ କୃଷିକ୍ଷେତ୍ରରେ କୀଟନାଶକ ବିଷ ପ୍ରୟୋଗର ସୁଦୂରପ୍ରସାରୀ ପ୍ରଭାବ ସମ୍ବନ୍ଧରେ ବିଶ୍ୱବାସୀଙ୍କୁ ପ୍ରଥମ ଥର ପାଇଁ ସତର୍କ କରାଇ ଦେଇଥିଲା। ଜଙ୍ଗଲ ଓ କୃଷି କ୍ଷେତ୍ରରେ ଅପକାରୀକୀଟ ନିୟନ୍ତ୍ରଣ ପାଇଁ ଡିଡିଟି ଓ ବିଏଚ୍‌ସି ପରି କୀଟନାଶକ ପ୍ରୟୋଗ କିପରି ନିଷ୍ଫଳ ହୁଏ ଏବଂ ଏଗୁଡ଼ିକ କିପରି ପରୋକ୍ଷରେ ଅଧିକ କୀଟ ଆକ୍ରମଣ ପାଇଁ ଦାୟୀ ସେ ସମ୍ବନ୍ଧରେ କାର୍ସନ୍ ବହୁ ଉପାଦେୟ ବୈଜ୍ଞାନିକ ତଥ୍ୟ ଲୋକଲୋଚନକୁ ଆଣିଥିଲେ।

ଫସଲରେ ରୋଗ ପୋକ ନିୟନ୍ତ୍ରଣ ପାଇଁ ସିଞ୍ଚନ କରାଯାଉଥିବା ରାସାୟନିକ ବିଷ ମାଟି, ଉଦ୍ଭିଦ ସହିତ ଖାଦ୍ୟଶୃଙ୍ଖଳରେ ଥିବା ସମସ୍ତ ଜୀବଜନ୍ତୁ ଓ ପ୍ରାଣୀମାନଙ୍କ ଶରୀରରେ ଦୀର୍ଘଦିନ ଧରି ରହେ। ବିଷ ପ୍ରୟୋଗ ଫଳରେ ଫସଲରେ ଥିବା ଉଭୟ ଅପକାରୀ ଓ ଉପକାରୀ କୀଟ ପତଙ୍ଗ ବିନଷ୍ଟ ହୁଅନ୍ତି। ସେହିପରି ଆଣବିକ ବିସ୍ଫୋରଣରେ ବ୍ୟବହୃତ ଷ୍ଟ୍ରୋନିୟମର ୯୦ ବାୟୁମଣ୍ଡଳରୁ ପୃଥିବୀପୃଷ୍ଠକୁ ବର୍ଷା ଆକାରରେ ଆସି ମାଟି, ଉଦ୍ଭିଦ ଓ ଏପରିକି ଏଥିରୁ ଉତ୍ପନ୍ନ ଶସ୍ୟକୁ ଖାଦ୍ୟ ରୂପେ ଗ୍ରହଣ କରୁଥିବା ମଣିଷର ଅସ୍ଥି ମଧ୍ୟରେ ଆଜୀବନ ରହେ। ମଣିଷ ଶରୀରରେ ପ୍ରବେଶ କରୁଥିବା ବିଷ ପ୍ରଜନନ କୋଷଗୁଡ଼ିକୁ ବିଷାକ୍ତ କରି ଭବିଷ୍ୟତ ପିଢ଼ି ପାଇଁ ବିପଦର କାରଣ ହୁଅନ୍ତି। କେତେକ ଅବାଞ୍ଛିତ କୀଟ ପାଇଁ ସମସ୍ତ ପରିବେଶକୁ ପ୍ରଦୂଷଣ କରି ବିପଦକୁ ବରଣ କରିବା କ'ଣ ବିଜ୍ଞତାର କାର୍ଯ୍ୟ? ତେଣୁ ରାକେଲ୍ କାର୍ସନ କୀଟନାଶକ ବିଷକୁ 'ମୃତ୍ୟୁର ମହୌଷଧି' ରୂପେ ବର୍ଣ୍ଣନା କରିଛନ୍ତି।

ମାଟିରେ ଥିବା କୋଟି କୋଟି ବୀଜାଣୁ, କବକ, ଶୈବାଳ ପ୍ରାଣୀ ଓ ଉଦ୍ଭିଦ ଅବଶେଷକୁ ଭାଙ୍ଗି ଅଙ୍ଗାର ଓ ଯବକ୍ଷାରଜାନ ସୃଷ୍ଟି କରନ୍ତି। ରାଇଜୋବିୟମ ବ୍ୟାକ୍ଟେରିଆ ବାୟୁମଣ୍ଡଳୀୟ ଯବକ୍ଷାରଜାନ ବିବନ୍ଧନ କରିବା ବେଳେ ଆଉ କେତେକ ଅଣୁଜୀବ ଜାରଣ ଓ ଅପଘଟନ ପ୍ରକ୍ରିୟାରେ ଲୌହ, ମାଙ୍ଗାନିଜ, ଗନ୍ଧକ ପରି ଖଣିଜ ପଦାର୍ଥ କୁ ଉଦ୍ଭିଦ ଗ୍ରହଣୀୟ ଅବସ୍ଥାକୁ ରୂପାନ୍ତରିତ କରନ୍ତି। କୃଷକବନ୍ଧୁ ଜିଆ ମୃତ୍ତିକା କର୍ଷଣ କରିବା ସହିତ ପ୍ରାଣୀ ଓ ଉଦ୍ଭିଦ ଅବଶେଷକୁ ଭକ୍ଷଣ କରି ମଳତ୍ୟାଗ କରିବା ଫଳରେ ମାଟିର ଉର୍ବରତା ବଢ଼େ। ମୃତ୍ତିକା ମଧ୍ୟରେ ଏପରି ଅଣୁଜୀବ ଗୋଷ୍ଠୀର ଏକ ପରସ୍ପର ନିର୍ଭରଶୀଳ ଜାଲକ ଅବିଚାରିତ କୀଟନାଶକ ପ୍ରୟୋଗ ଫଳରେ ଅକାମୀ ହୋଇଯାଏ। ମୃତ୍ତିକାର ନାଇଟ୍ରିଫିକେସନ ପରି ସ୍ୱାଭାବିକ ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ।

୧୯୫୯ ମସିହାରେ ଜାପାନୀ ଭୃଙ୍ଗ ନିୟନ୍ତ୍ରଣ ପାଇଁ ଆମେରିକାରେ ଆଲଡ୍ରିନ ଗୁଣ୍ଡ ପ୍ରୟୋଗ କରାଗଲା। ଏହାଯୋଗୁଁ ବହୁ ପକ୍ଷୀ, ଗୁଣ୍ଡୁଚି ମୂଷା, ବିରାଡ଼ି ମୃତ୍ୟୁବରଣ କଲେ। ଯେଉଁ କେତେକ ବଞ୍ଚି ରହିଲେ ସେମାନେ ନପୁଂସକ ହୋଇଗଲେ। ମେଣ୍ଢାମାନେ ଅସୁସ୍ଥ ହୋଇ ଖାଦ୍ୟ ତ୍ୟାଗ କଲେ। ବସନ୍ତ ଋତୁରେ ପକ୍ଷୀଙ୍କ କାକଳି ଶୁଣା ଗଲାନି। ଶିକାରୀ ବୁଢ଼ିଆଣୀ ଓ ମାଟିରେ ଥିବା ଜିଆ ମରିଯିବାରୁ ଏମାନଙ୍କୁ ଖାଦ୍ୟ ରୂପେ ବ୍ୟବହାର କରୁଥିବା ପକ୍ଷୀମାନେ ଅକାଳରେ ମୃତ୍ୟୁବରଣ କଲେ। ପରିସଂସ୍ଥାରେ ଥିବା ମହୁମାଛି, ଭ୍ରମର ଇତ୍ୟାଦି ମରିବା ଫଳରେ ପରାଗ ସଂଗମ ପ୍ରକ୍ରିୟା ବାଧାପ୍ରାପ୍ତ ହେଲା। ନଦୀରେ ସଲମାନ ମାଛ ଅଣ୍ଡା ଦେବା ପରେ ଏଥିରୁ ଲାର୍ଭା ବାହାରି କୀଟପତଙ୍ଗ ଖାଇ ଦିଅନ୍ତି। କିନ୍ତୁ ଜଙ୍ଗଲ ଓ ଫସଲରେ କୀଟନାଶକ ସିଞ୍ଚନ ଯୋଗୁଁ କେନାଲ ଓ ନଦୀ ପାଣି ବିଷାକ୍ତ ହେବା ଫଳରେ ମାଛ, କଙ୍କଡ଼ା ଓ ଗେଣ୍ଡା ଇତ୍ୟାଦି ମରିଗଲେ। ଡିଡିଟି ବାହାରିବା ପରେ ମଣିଷ ଶରୀରରେ ୫ .୩ ରୁ ୭.୪ ନିୟୁତ ଅଂଶ ବିଷ ବାହାରିଲା। ଏପରିକି ପାଉଁରୁଟିରେ ୧୦୦.୯ ନିୟୁତ ଅଂଶ ଡିଡିଟି ମିଳିଲା। କୀଟନାଶକ କ୍ଲୋରିନେଟେଡ ହାଇଡ୍ରୋକାର୍ବନ ମଣିଷର ଚର୍ବିରେ ମିଶି ଯକୃତ ଓ ସ୍ନାୟୁ ପ୍ରଣାଳୀକୁ କ୍ଷତିଗ୍ରସ୍ତ କରେ। ମହିଳା ଓ ଶିଶୁମାନଙ୍କ ସ୍ମରଣ ଶକ୍ତି ହ୍ରାସ, ନିଦ୍ରାହୀନତା ଓ ସ୍ନାୟୁ ରୋଗ ସୃଷ୍ଟି କରେ। ବିଂଶ ଶତାବ୍ଦୀରେ କର୍କଟ ସୃଷ୍ଟିକାରୀ ବହୁ ରସାୟନ ଚିହ୍ନଟ ହେଲାଣି। ଏଥିମଧ୍ୟରୁ ୫/୬ କୀଟନାଶକ ଚିହ୍ନଟ ହୋଇଛି। କୀଟନାଶକ ବିଷ ଆମ ଶରୀରରେ କ୍ରୋମୋଜମ ନଷ୍ଟ କରେ ଓ ମ୍ୟୁଟେସନ କରାଏ। ଏହା ସହିତ ଭିଟାମିନ୍ ବି ମାତ୍ରା କମାଏ, ଏସ୍ଟ୍ରୋଜେନ ହରମୋନ ବଢ଼ାଇ କର୍କଟ ସୃଷ୍ଟି କରାଏ। ପ୍ରଦୂଷିତ ଜଳ ଓ ପରିବେଶ, ବିକିରଣ ଓ ରସାୟନ କ୍ୟାନସର ପାଇଁ ମୁଖ୍ୟତଃ ଦାୟୀ।

କୀଟନାଶକ ପ୍ରୟୋଗ ଫଳରେ ଅପକାରୀ କୀଟଙ୍କ ଶରୀରରେ କ୍ରମଶଃ ପ୍ରତିରୋଧକ ଶକ୍ତି ସୃଷ୍ଟି ହେବା ଯୋଗୁଁ ଅଧିକରୁ ଅଧିକ ରାସାୟନିକ କୀଟନାଶକ ଆବଶ୍ୟକ ହୁଏ। ଅପରପକ୍ଷରେ ଏକଦା ଗୌଣ କୀଟ ଥିବା କେତେକ କୀଟ ସାଂଘାତିକ ଭାବରେ ସୃଷ୍ଟି ହୁଅନ୍ତି। ଏହାଯୋଗୁଁ ପ୍ରକୃତି ଅସନ୍ତୁଳିତ ଓ ଜଟିଳ ହେବାରେ ଲାଗିଛି। କୀଟ ନିୟନ୍ତ୍ରଣ ପ୍ରକୃତିର କାମ, ମଣିଷର ନୁହେଁ। ଅଯଥାରେ ବିଷ ପ୍ରୟୋଗ ଯୋଗୁଁ ଆମେ ନିଜ ଗୋଡ଼ରେ କୁରାଡ଼ି ମାରୁଛୁ। ଥୋମାସ ହକ୍ସଲେ ୧୦୦ ବର୍ଷ ପୂର୍ବେ ହିସାବ କରିଥିଲେ ଗୋଟିଏ ମାଇ ଜଉପୋକ ବର୍ଷରେ ଯେତେ ଛୁଆ ଜନ୍ମ କରେ ତାହା ଚୀନ ଦେଶର ଲୋକ ସଂଖ୍ୟା ସହିତ ସମାନ। ଏହା କିନ୍ତୁ ଘଟେ ନାହିଁ, କାରଣ ପ୍ରକୃତି ଏହାର ନିୟନ୍ତ୍ରଣ କରେ। ଜଙ୍ଗଲରେ ହରିଣ ସଂଖ୍ୟା ନିୟନ୍ତ୍ରଣ ପାଇଁ ଗଧିଆ, ବାଘ ଇତ୍ୟାଦି ଥା'ନ୍ତି। ଆମେ ଏମାନଙ୍କୁ ମାରି ହରିଣ ସଂରକ୍ଷଣ କରିବାକୁ ଚେଷ୍ଟା କଲେ ହରିଣ ସଂଖ୍ୟା ବଢ଼ିବ। ପରବର୍ତ୍ତୀ କାଳରେ ହରିଣ ଖାଦ୍ୟ ନପାଇ ମରିବେ। ଏହା ପ୍ରକୃତିର ନିୟମ। ସେହିପରି କୃଷି କ୍ଷେତ୍ରରେ ପ୍ରକୃତି ଅପକାରୀ କୀଟମାନଙ୍କୁ ଶିକାରୀ କୀଟ ଓ ପରାଶ୍ରୟୀ କୀଟ ମାଧ୍ୟମରେ ନିୟନ୍ତ୍ରଣ କରେ। ଗୋଟିଏ କାଇଁଚ ପୋକ ଦିନରେ ୧୦୦ ପୋକ ଖାଇ ଦିଏ। ଗୋଟିଏ ବୁଢ଼ିଆଣୀ ଦିନକୁ ୨୦ ପୋକ ଖାଏ। ଏଣୁ ଉପକାରୀ କୀଟମାନଙ୍କୁ ସଂରକ୍ଷଣ ପାଇଁ କୀଟନାଶକ ପ୍ରୟୋଗ କରିବା ଅନାବଶ୍ୟକ।

ଯେତେବେଳେ ଅପକାରୀ କୀଟ ଅଧିକ ମାତ୍ରାରେ ଫସଲ କ୍ଷତି କରିବା ଜଣାଯାଏ ସେତେବେଳେ ଆମେ ଜୈବ ନିୟନ୍ତ୍ରଣ ପଦ୍ଧତି ଅନୁସରଣ କରିବା ଭଲ। ଏପରିକି ପୁରୁଷ କୀଟ ବନ୍ଧ୍ୟାକରଣ, ପୁରୁଷ କୀଟକୁ ଆକର୍ଷିତ କରି ମାରିବା ପାଇଁ ଫେରୋମେନ ଯନ୍ତା ବ୍ୟବହାର କରା ଯାଇପାରେ। ବାସିଲସ୍ ଥୁରିଏନ୍ ଜେନସିସ୍ ନାମକ ପରାଶ୍ରୟୀ ଅପକାରୀ କୀଟଙ୍କ ଶରୀରରେ ରୋଗ ସୃଷ୍ଟି କରି ସେମାନଙ୍କୁ ମାରିଦିଏ। ଏହି କାରଣରୁ ବିଷାକ୍ତ କୀଟନାଶକ ପ୍ରୟୋଗ ନକରି ପ୍ରାକୃତିକ ଉପାୟରେ କୀଟ ନିୟନ୍ତ୍ରଣ ଆମ ସମସ୍ତଙ୍କ ପାଇଁ ମଙ୍ଗଳକର।

'ନିରବ ବସନ୍ତ' ପ୍ରକାଶ ପାଇବାର କିଛି ବର୍ଷ ପରେ ଏଚ୍.ଏଫ୍ ଭାନ୍ ଏମଡେନ୍ ଓ ଡେଭିଡ ବି.ପିକଲ ଆଉ ଏକ ପୁସ୍ତକ 'ବିୟଣ୍ଡ ଦ ସାଇଲେର୍ଟ ସ୍ପ୍ରିଙ୍ଗ'(ନିରବ ବସନ୍ତ ପରେ) ରଚନା କଲେ। ଏହାପରେ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ବାହାର ହେଲା। ଏହା ଏକ ପରିବେଶୀୟ ମାର୍ଗ। ଏହି ପଦ୍ଧତିରେ ଫସଲରେ ରୋଗପୋକ ଜନିତ କ୍ଷତିକୁ ସୀମିତ କରିବା ପାଇଁ କେବଳ ବିଷାକ୍ତ କୀଟନାଶକ ଉପରେ ନିର୍ଭର ନକରି ରୋଗ ପୋକ ସହନଶୀଳ ବିହନ ବ୍ୟବହାର, କର୍ଷଣ ନିୟନ୍ତ୍ରଣ, ଫସଲ ପର୍ଯ୍ୟାୟ ଅନୁସରଣ, ଭୌତିକ ଓ ଦୈହିକ ନିୟନ୍ତ୍ରଣ, ଜୈବ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଏ। ଏସବୁ ସତ୍ତ୍ୱେ ପୋକ ରୋଗ ଯଦି ସୀମା ଅତିକ୍ରମ କରେ ତେବେ ନିରାପଦ ଓ ସଠିକ ରସାୟନ ବ୍ୟବହାର କରିବାକୁ ପଡ଼ିବ। ସାଧାରଣତଃ ଉପକାରୀ କୀଟ ଏକ ଭାଗ ଓ ଅପକାରୀ କୀଟ ଦୁଇଭାଗ ଥିଲେ କୀଟନାଶକ ବିଷ ପ୍ରୟୋଗ ନିଷ୍ପ୍ରୟୋଜନ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ମହାଯାନ ବୌଦ୍ଧଧର୍ମ ଓ ଓଡ଼ିଶା

**ପ୍ରବୀର କୁମାର ପଟ୍ଟନାୟକ**

ଅଶୋକଙ୍କ ପରବର୍ତ୍ତୀ କାଳରେ ବୁଦ୍ଧଙ୍କଠାରେ ଅତିମାନବତ୍ୱ ବା ଲୋକୋତ୍ତର ତତ୍ତ୍ୱର ଆରୋପ ତଥା ବୌଦ୍ଧଧର୍ମରେ ଆସ୍ତିକତାର ପ୍ରବେଶ ଯୋଗୁଁ ଏଥିରେ ବ୍ୟାପକ ତଥା ଅକଳ୍ପନୀୟ ରୂପାନ୍ତର ଏବଂ ତା'ସହ ପାରମିତା ମତର ଆବିର୍ଭାବ ମଧ୍ୟ ଘଟିଲା। ଏହି ପାରମିତା ତତ୍ତ୍ୱ ବୌଦ୍ଧଧର୍ମର ଦୃଷ୍ଟିଭଙ୍ଗୀରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିବା ସହ 'ପ୍ରଜ୍ଞାପାରମିତା' ନାମରେ ବିଶାଳ ବୌଦ୍ଧ ସାହିତ୍ୟର ସୃଷ୍ଟି ହେଲା। ଏହି 'ପ୍ରଜ୍ଞାପାରମିତା'ରୁ 'ଧର୍ମଶୂନ୍ୟତା'ବାଦର ସୃଷ୍ଟି ହେବା ସହ ଏହା ହିଁ ମହାଯାନର ବିକାଶର ମୂଳତତ୍ତ୍ୱ ହେଲା।

ଲାମା ତାରାନାଥଙ୍କ ମତରେ 'ଅଷ୍ଟସହସ୍ରିକା ପ୍ରଜ୍ଞାପାରମିତା' ହେଉଛି ପାରମିତା ଶାସ୍ତ୍ରର ମୂଳଗ୍ରନ୍ଥ। ଏହାକୁ ପ୍ରଥମେ ମଞ୍ଜୁଶ୍ରୀ ହିଁ ପ୍ରଚଳନ କରିଥିଲେ। ଏଣୁ ଏହା ନିଃସନ୍ଦେହ ଯେ 'ଅଷ୍ଟସହସ୍ରିକା' ହେଉଛି ପାରମିତା ଶାସ୍ତ୍ରର ମୂଳଗ୍ରନ୍ଥ ଏବଂ ଏହି ଗ୍ରନ୍ଥର ସଂଯୋଜନା ଯେଉଁଠାରେ ହୋଇଥିବ, ତାହା ହିଁ ମହାଯାନର ବିକାଶର ମୂଳସ୍ଥାନ।

ତାରାନାଥଙ୍କ ବିବରଣୀ ଅନୁଯାୟୀ 'ରାଜା ମହାପଦ୍ମଙ୍କର ଅଳ୍ପକାଳ ପରେ 'ଓଡ଼ିଭିଶ' (ଓଡ଼ିଶା) ଭୂମିରେ ଚନ୍ଦ୍ରଗୁପ୍ତ ନାମକ ରାଜା ଶାସନ କରୁଥିଲେ। ତାଙ୍କ ଗୃହକୁ ମଞ୍ଜୁଶ୍ରୀ ଭିକ୍ଷୁ ବେଶରେ ଆସି ମହାଯାନ ସମ୍ପର୍କରେ ବିଭିନ୍ନ ଶିକ୍ଷା ପ୍ରଦାନ କରିବା ସହ ଗୋଟିଏ ଗ୍ରନ୍ଥ ସେଠାରେ ଛାଡ଼ିଗଲେ। ସୌତ୍ରାନ୍ତିକମାନଙ୍କ ମତରେ ଏହି ଗ୍ରନ୍ଥ ହେଉଛି 'ଅଷ୍ଟସହସ୍ରିକା ପ୍ରଜ୍ଞାପାରମିତା' ଏବଂ ତାନ୍ତ୍ରିକ ଶାଖା ମତରେ ଏହା ହେଉଛି 'ତତ୍ତ୍ୱ ସଂଗ୍ରହ'। ଗ୍ରନ୍ଥ ଯାହା ବି ହେଉ ବୁଦ୍ଧଙ୍କ ମହାପରିନିର୍ବାଣ ପରେ ଏହି ଓଡ଼ିଶାରୁ ହିଁ ମହାଯାନର ଆବିର୍ଭାବ ଘଟିଲା। ତାରାନାଥଙ୍କ ମତ ଅତ୍ୟନ୍ତ ସ୍ପଷ୍ଟଭାବେ ଦର୍ଶାଉଅଛି ଯେ ମହାଯାନର ମୂଳସ୍ଥାନ ହେଉଛି ଓଡ଼ିଭିଶ ବା ଓଡ଼ିଶା। ତାରାନାଥଙ୍କ ଏହି ମତସହ ଅନ୍ୟତମ ପ୍ରସିଦ୍ଧ ତିବ୍ବତୀୟ ଗ୍ରନ୍ଥ ପାଗ୍-ସାମ୍-ଜନ୍-ଜାଙ୍ଗରେ ସୂଚିତ ଯେ ମହାପଦ୍ମନନ୍ଦଙ୍କ ଶାସନର ଅଳ୍ପକାଳ ପରେ ମହାଯାନ ବୌଦ୍ଧଧର୍ମର ଆରମ୍ଭ ହେଲା ଓଡ଼ିଭିଶ ବା ଓଡ଼ିଶାରୁ।

ବୌଦ୍ଧସୂତ୍ର ଓ ଐତିହାସିକ ବିବରଣୀ ମୁତାବକ ପ୍ରଥମ 'ପ୍ରଜ୍ଞାପାରମିତା' ଶାସ୍ତ୍ର ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରୁ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିଲା। 'ଅଷ୍ଟସହସ୍ରିକା ପ୍ରଜ୍ଞାପାରମିତା' ସର୍ବପ୍ରଥମେ ଚୀନା ଭାଷାରେ ଖ୍ରୀ ୧୪୮ ରେ ଅନୂଦିତ ହୋଇଥିଲା। ଏଣୁ ଏହା ନିଶ୍ଚିତ ଯେ ଉପରୋକ୍ତ କାଳ ମଧ୍ୟରେ ହିଁ ଏହି ଶାସ୍ତ୍ରର ସୃଷ୍ଟି ହୋଇଥିଲା। ଏଣୁ ସମ୍ଭବତଃ ଏହି କାଳରେ ହିଁ ପ୍ରକୃତ ମହାଯାନ ଓ ତାହାର ଧର୍ମଶୂନ୍ୟତା ତତ୍ତ୍ୱର ଓଡ଼ିଶାରେ ହିଁ ଉତ୍ପତ୍ତି ଘଟିଥିଲା।



ଦ୍ୱିତୀୟ ବୁଦ୍ଧ କଥା

ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ବୌଦ୍ଧଧର୍ମକୁ କୌଣସି ରାଜକୀୟ ସାହାଯ୍ୟ ସହଯୋଗ ମିଳି ନଥିଲା। ମହାଯାନ ଓଡ଼ିଶାରେ କେବଳ ସାଧାରଣ ଲୋକଙ୍କ ସହଯୋଗରେ ଏକ ସମୃଦ୍ଧ ତଥା ପ୍ରଭାବଶାଳୀ ଧର୍ମ ଭାବେ ପ୍ରତିଷ୍ଠା ଲାଭ କରିପାରିଥିଲା। ବିଶାଳ ଓ ଚିତ୍ତାକର୍ଷକ ବୌଦ୍ଧବିହାର ଓ ଅନ୍ୟାନ୍ୟ ଧାର୍ମିକ ସ୍ଥଳ ତଥା ଉତ୍କୃଷ୍ଟ କଳାଶୈଳୀର ବୁଦ୍ଧ, ବୋଧିସତ୍ତ୍ୱ ଓ ଅନ୍ୟାନ୍ୟ ବୌଦ୍ଧ ମୂର୍ତ୍ତିମାନ ବହୁସଂଖ୍ୟାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠିତ ତଥା ଗଢ଼ି ଉଠିବା ସହ ଶତାବ୍ଦୀ ଶତାବ୍ଦୀ ଧରି ଜନସାଧାରଣଙ୍କର ଧାର୍ମିକ କେନ୍ଦ୍ର ଭାବେ ରହିପାରିଥିଲା। ଏହି ବୌଦ୍ଧ ଅନୁଷ୍ଠାନ ସବୁ ଶିକ୍ଷା ଓ ସାଂସ୍କୃତିକ କେନ୍ଦ୍ର ଭାବେ ପରିଣତ ହୋଇଥିଲା। ସମୟକ୍ରମେ ଏହି ବିହାରମାନଙ୍କ ମଧ୍ୟରୁ କେତେକ ବିଶ୍ୱବିଦ୍ୟାଳୟ ଭାବେ ପ୍ରସିଦ୍ଧି ଲାଭ କରି ଦେଶବିଦେଶରୁ ଶିକ୍ଷାର୍ଥୀମାନଙ୍କୁ ଆକର୍ଷିତ କରିପାରିଥିଲେ।

ନାଗାର୍ଜୁନକୋଣ୍ଡା ଅଭିଲେଖ ମୁତାବକ ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ ତୋଷାଳୀ, ପାଲୁର, ହିରିମ୍ବୁ, ପପିଳ ଏବଂ ପୁଷ୍ପଗିରି ପ୍ରଭୃତି ହୀନଯାନ ଶାଖାର ପ୍ରସିଦ୍ଧ ତଥା ସୁରକ୍ଷିତ କେନ୍ଦ୍ର ଭାବେ ଗଢ଼ି ଉଠିଥିଲେ। ସମୟକ୍ରମେ ତୋଷାଳୀ ମହାଯାନ ଶାଖାର ଏକ ପ୍ରସିଦ୍ଧ କେନ୍ଦ୍ରଭାବେ ପରିଣତ ହୋଇଥିଲା। ଅନ୍ୟ ପ୍ରମୁଖ ମହାଯାନ କେନ୍ଦ୍ରମାନ ଭୋରାଶୈଳ, ତାମ୍ରଲିପ୍ତ, ଚେଲିତୋଲା, ବିରଜା, ରତ୍ନଗିରି ଏବଂ ଆହୁରି ଅନେକ ସ୍ଥାନରେ ଗଢ଼ି ଉଠିଥିଲା। ଓଡ଼ିଶାର ଚାରିଆଡ଼େ ବହୁ ସଂଖ୍ୟାରେ ବୌଦ୍ଧ କୀର୍ତ୍ତିରାଜିର ଉପସ୍ଥିତି ହିଁ ଏଠାରେ ଶହ ଶହ ବର୍ଷ ଧରି ଏକ ବୃହତ ଓ ଶକ୍ତିଶାଳୀ ବୌଦ୍ଧ ସଂସ୍କୃତିର ପ୍ରାଧାନ୍ୟ ବଜାୟ ରହିଥିବା ସୂଚାଇଥାଏ। ପ୍ରଥମ ଶତାବ୍ଦୀ ପରଠାରୁ ଗଢ଼ି ଉଠିଥିବା କେତେକ ବୌଦ୍ଧ ଅନୁଷ୍ଠାନ ସ୍ୱତନ୍ତ୍ର ଶିକ୍ଷାଦାନ ସ୍ଥଳ ରୂପରେ ମାନ୍ୟତା ପାଇଥିଲେ। ଏଗୁଡ଼ିକର ବିଶେଷ ଅବଦାନ ଯୋଗୁଁ ଓଡ଼ିଶାରେ ଓ ଓଡ଼ିଶା ବାହାରେ ବୌଦ୍ଧଧର୍ମ ଅତ୍ୟନ୍ତ ଲୋକପ୍ରିୟ ଓ ସମୃଦ୍ଧ ଧର୍ମ ରୂପେ ପ୍ରତିଷ୍ଠିତ ହୋଇପାରିଥିଲା। ଏହିକ୍ରମରେ ଭୋରାଶୈଳ ବୌଦ୍ଧ ନ୍ୟାୟ ପାଇଁ ଏବଂ ପ୍ରଥମେ ତୋଷାଳୀ ଓ ପରେ ରତ୍ନଗିରି ବୌଦ୍ଧ ଯୋଗ ନିମନ୍ତେ ଖ୍ୟାତି ଅର୍ଜନ କରିଥିଲେ।

ପ୍ରଥମ କିମ୍ବା ଦ୍ୱିତୀୟ ଶତାବ୍ଦୀ ବେଳକୁ କୋଶଳ ଓ କଳିଙ୍ଗରେ ମହାଯାନର ମାଧ୍ୟମିକ ସମ୍ପ୍ରଦାୟ ଓ 'ଶୂନ୍ୟତା' ରୂପରେ ଏହାର ବଳିଷ୍ଠ ଦାର୍ଶନିକ ମତ ବୌଦ୍ଧଧର୍ମ ମଧ୍ୟରେ ଏକ ନୂତନ ଦୃଶ୍ୟପଟ ରୂପେ ଅବତୀର୍ଣ୍ଣ ହେଲା। ଆଚାର୍ଯ୍ୟ ନାଗାର୍ଜୁନ ଏହି ସମ୍ପ୍ରଦାୟର ଦାର୍ଶନିକ ମତର ପ୍ରତିଷ୍ଠାତା। ହୁଏନସାଂଙ୍କ ବିବରଣୀ ଅନୁଯାୟୀ ଦକ୍ଷିଣକୋଶଳର ରାଜଧାନୀଠାରୁ ଦକ୍ଷିଣ-ପଶ୍ଚିମକୁ ପ୍ରାୟ ପଚାଶ ମାଇଲ ଦୂରସ୍ଥ ପରିମଳଗିରିଠାରେ ଆଚାର୍ଯ୍ୟ ନାଗାର୍ଜୁନଙ୍କ ନିବାସସ୍ଥଳୀ ରହିଥିଲା। କଳିଙ୍ଗ ଜନ୍ମିତ ଆଚାର୍ଯ୍ୟ ଆର୍ଯ୍ୟଦେବ ନାଗାର୍ଜୁନଙ୍କ ପ୍ରମୁଖ ଶିଷ୍ୟ ଥିଲେ ଓ ନାଗାର୍ଜୁନଙ୍କ ପରେ ସେ ତାଙ୍କ ମତକୁ ସଫଳତାର ଶିଖରରେ ପହଞ୍ଚାଇ ପାରିଥିଲେ ଏବଂ ମହାଯାନର ଜଣେ ଖ୍ୟାତନାମା ଆଚାର୍ଯ୍ୟ ଭାବେ ପ୍ରସିଦ୍ଧି ଲାଭ କରିଥିଲେ।

ମହାଯାନର ମାଧ୍ୟମିକ ଶୂନ୍ୟବାଦ ସହ ତାହାର ଅନ୍ୟ ସମ୍ପ୍ରଦାୟ ଭାବେ ତୃତୀୟ ଶତାବ୍ଦୀରେ ଆଚାର୍ଯ୍ୟ ମୈତ୍ରେୟନାଥଙ୍କ ଦ୍ୱାରା ଯୋଗାଚାର ପନ୍ଥାର ଉଦ୍ଭବ ହେଲା। ଏହାର ଦାର୍ଶନିକ ମତ ହେଲା ବିଜ୍ଞାନବାଦ। ଓଡ଼ିଶାରେ ଯୋଗାଚାର ବିଜ୍ଞାନବାଦ ସମ୍ପ୍ରଦାୟ ତାହାର ପ୍ରତିଷ୍ଠାର ଚରମ ଶିଖରରେ ପହଞ୍ଚି ପାରିଥିଲା ଓ ଏହାର କର୍ତ୍ତାଥିଲେ ପ୍ରସିଦ୍ଧ ବୌଦ୍ଧ ଆଚାର୍ଯ୍ୟ ଦିଙ୍‌ନାଗ ଓ ଧର୍ମକୀର୍ତ୍ତି ପ୍ରମୁଖ। ଦିଙ୍‌ନାଗ (୪ର୍ଥ ଶତାବ୍ଦୀ) ଆଚାର୍ଯ୍ୟ ବସୁବନ୍ଧୁଙ୍କ ଶିଷ୍ୟ ଥିଲେ ଓ ଭୋରାଶୈଳଠାରେ ତାଙ୍କର ନିବାସସ୍ଥଳ ଥିଲା। ସେ କିଛି କାଳ ନାଳନ୍ଦାରେ କୁଳପତି ଦାୟିତ୍ୱ ଗ୍ରହଣ କରିଥିଲେ। ଏମାନଙ୍କ ବ୍ୟତୀତ ଓଡ଼ିଶାରେ ଏହି ପନ୍ଥାର ଅନ୍ୟ ଯେଉଁ ଆଚାର୍ଯ୍ୟମାନେ କାର୍ଯ୍ୟ କରିଥିଲେ ସେମାନେ ହେଲେ ତ୍ରିରତ୍ନଦାସ (୫ମ ଶତାବ୍ଦୀ), ସ୍ଥିରମତି (ପଞ୍ଚମ ଶତାବ୍ଦୀ), ଧର୍ମପାଳ (୬ଷ୍ଠ ଶତାବ୍ଦୀ, ଚନ୍ଦ୍ରକୀର୍ତ୍ତି (୭ମ ଶତାବ୍ଦୀ), ଶାନ୍ତିଦେବ (୭ମ ଶତାବ୍ଦୀ) ପ୍ରମୁଖ। ଧର୍ମପାଳ ନାଳନ୍ଦାର ମୁଖ୍ୟ ଆଚାର୍ଯ୍ୟ ଭାବେ କିଛିକାଳ କାର୍ଯ୍ୟ କରିଥିଲେ। ଏହି ସବୁ ସ୍ୱନାମଧନ୍ୟ ବୌଦ୍ଧ ଆଚାର୍ଯ୍ୟମାନେ ଓଡ଼ିଶାରେ ମହାଯାନକୁ ସଫଳତାର ଉଚ୍ଚସ୍ଥାନରେ ପହଞ୍ଚାଇ ପାରିଥିଲେ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ସନ୍ଦେହମୋଚନର କିଞ୍ଚିତ ପ୍ରୟାସ

**ସତ୍ୟଜ୍ୟୋତି**

ଇତିମଧ୍ୟରେ ଏହି ସ୍ତମ୍ଭର ପାଠକ ବର୍ଗ ଓ ପରିସର ଆଶାତୀତ ବୃଦ୍ଧିପାଇଛି। ସାମ୍ପ୍ରତିକ କୂଟନୈତିକ-ରାଜନୈତିକ-ଅର୍ଥନୈତିକ ବିଚାରବିମର୍ଶ, ଯୁଦ୍ଧର ଘନଘଟା, ମନୋରଞ୍ଜନ ଓ କ୍ରିକେଟ୍‌ର କୋଳାହଳ ମଧ୍ୟରେ ଏଭଳି ଏକ ଅପ୍ରାସଙ୍ଗିକ-ଅବର୍ତ୍ତମାନ ବିଷୟବସ୍ତୁ ପ୍ରତି ପାଠକୀୟ ଆଦୃତି ଯେ ତଥାପି ରହିଛି ତାହା ବିଶ୍ୱାସ କରିହେଉନାହିଁ। ଆନ୍ଧ୍ର ଓ ଛତିଶଗଡ଼ ସୀମାନ୍ତରୁ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶା ପର୍ଯ୍ୟନ୍ତ ପାଠକମାନଙ୍କ ମଧ୍ୟରୁ ଅନେକ ଏହି ସ୍ତମ୍ଭ ପାଇଁ ସାଧୁବାଦ ଜଣାଇଛନ୍ତି, ଅଶେଷ କଲ୍ୟାଣ ଓ ଉନ୍ନତିକାମନା କରିଛନ୍ତି। ଆଉ କିଛି ପାଠକ ଆମ ସାଧବର ସମୁଦ୍ର ସନ୍ଧାନରେ ଆଶ୍ଚର୍ଯ୍ୟଚକିତ ହୋଇଛନ୍ତି। ପୁଣି କିଛି ପାଠକ ସନ୍ଦେହ ପ୍ରକଟ କରିବା ସହିତ ପ୍ରମାଣର ପ୍ରଶ୍ନ ଉଠାଇଛନ୍ତି। ଏତେସବୁ ଜାଣିସାରିବା ପରେ ମଧ୍ୟ ପ୍ରଶ୍ନଟିଏ ଉଠୁଛି ସତରେ କ'ଣ କଳିଙ୍ଗ ସାଧବ ଆମେରିକାରେ ପହଞ୍ଚିଥିଲେ? ବିଷୟାସକ୍ତ ଆଗ୍ରହ ଓ ଆଦୃତି ପାଇଁ ସବୁବର୍ଗର ପାଠକଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଏଥିସହିତ ପାଠକୀୟ ଆଗ୍ରହ ଓ ଉତ୍ସାହକୁ ଦୃଷ୍ଟିରେ ରଖି ସତ୍ୟାସତ୍ୟର ତାର୍କିକ ଅବତାରଣା ପାଇଁ ବିଷୟବସ୍ତୁର ଧାରାବାହିକ ଉପସ୍ଥାପନରୁ ସାମୟିକ ବିରାମ ନେବାର ଧୃଷ୍ଟତା କରୁଛି।

**ସାତଦରିଆପାରେ**

ମେକ୍ସିକୋରେ କଳିଙ୍ଗ ପଦଚିହ୍ନର ପ୍ରମାଣ ସ୍ୱରୂପ ଚମନ୍‌ଲାଲ୍ ଯେଉଁସବୁ ମ୍ୟୁଜିୟମ୍ ରିପୋର୍ଟର ଉପସ୍ଥାପନା ଓ ଉଦ୍ଧୃତି କରିଛନ୍ତି ତାହାର ସତ୍ୟାସତ୍ୟ ଓ ବିଶ୍ୱସନୀୟତାକୁ ଯାଞ୍ଚ କରିବାର ସାମର୍ଥ୍ୟ ମୋର ନାହିଁ। ସେହିପରି ତାଙ୍କର ଗବେଷଣାତ୍ମକ ପାରଦର୍ଶିତା ଓ ଅନୁଶୀଳନ ଦକ୍ଷତାକୁ ବୌଦ୍ଧିକ ଅତିକ୍ରମଣ କରିବାର ଧୃଷ୍ଟତା କରିବା ଉଚିତ ହେବ ନାହିଁ। 'ହିନ୍ଦୁ-ଆମେରିକା' ମୁଖବନ୍ଧରେ ସ୍ଥାନିତ ପ୍ରଥିତଯଶା ଓ ପ୍ରଚଣ୍ଡ ପ୍ରତିଭାଧାରୀ ପ୍ରଜ୍ଞାପୁରୁଷମାନଙ୍କ ପ୍ରଶ୍ନାତୀତ ସାଧୁତା ଓ ଧୀସମ୍ପନ୍ନ ଶବ୍ଦାବଳୀ ହିଁ ପୁସ୍ତକରେ ସନ୍ନିହିତ ତଥ୍ୟାବଳୀର ସ୍ୱତଃସ୍ୱୀକୃତି। ଯଦି ଚମନ୍‌ଲାଲ୍‌ଙ୍କ ଗବେଷଣା ସେତେ ଗୁରୁତ୍ୱପୂର୍ଣ୍ଣ ହୋଇନଥା'ନ୍ତା ତେବେ ଇତିହାସ ବଦଳିଯିବା ଭୟରେ ବ୍ରିଟିଶ୍ ସରକାର ତାଙ୍କ ପାସପୋର୍ଟ ଜବତ କରି ଗବେଷଣାରେ ବାଧା ସୃଷ୍ଟି କରି ନଥା'ନ୍ତେ କି ପରୋକ୍ଷ ଧମକ ଦେଇ ନ ଥା'ନ୍ତେ। 'ହିନ୍ଦୁ ଆମେରିକା' ଯଦି କପୋଳକଳ୍ପିତ ଉପନ୍ୟାସଟିଏ ହୋଇଥା'ନ୍ତା ତେବେ ତାହା ବିଶ୍ୱର କୋଣଅନୁକୋଣରେ ଭାରତୀୟ ଦୂତାବାସରେ ସ୍ଥାନିତ ହୋଇ ନଥା'ନ୍ତା। ଏହାଠାରୁ ଅଧିକ ତଥ୍ୟଗତ ସତ୍ୟାସତ୍ୟ ଓ ବିଶ୍ୱସନୀୟତା ଆଜିର ଇଣ୍ଟରନେଟ୍ ଯୁଗରେ ଖୋଜିବା ନିଶ୍ଚୟ ଏକ ମହତାକାଂକ୍ଷୀ ଗବେଷଣା ପ୍ରତି ଅପମାନସୂଚକ ବୋଲି ମନେ ହୁଏ।

ଉତ୍ତର ଆମେରିକାରେ ଯେଉଁ ହିନ୍ଦୁମାନଙ୍କର ପଦଚିହ୍ନର ପ୍ରମାଣ ମିଳିଛି ତାହା ଯେ କଳିଙ୍ଗର ସେଭଳି ନିର୍ଦ୍ଦିଷ୍ଟ ପ୍ରମାଣକୁ ନେଇ ଯଦି ତଥାପି ପ୍ରଶ୍ନ ଉଠେ ତେବେ ତାହାର ଉତ୍ତର ହେବ - ପୃଥିବୀର ଅନେକ ସ୍ଥାନରେ ପ୍ରକୃତି ପୂଜାର ପରମ୍ପରା ରହିଛି ସତ; କିନ୍ତୁ ରଜ ଉତ୍ସବର ଜନ୍ମଭୂମି ଯେ କେବଳ ଉତ୍କଳ ବା କଳିଙ୍ଗ ଏହାକୁ ଅସ୍ୱୀକାର କରିହେବ କି? ମେକ୍ସିକୋରେ ତିନିଦିନ ପ୍ରକୃତି ଓ ଧରଣୀ ପୂଜାର ପରମ୍ପରା ବିଷୟରେ ଚମନ୍‌ଲାଲ୍ ଯାହା ଉଲ୍ଲେଖ କରିଛନ୍ତି ତାହା କେବଳ କଳିଙ୍ଗର ପ୍ରଭାବ ବିନା ସମ୍ଭବ ନୁହେଁ ଏଥିରେ ଦ୍ୱିରୁକ୍ତି ରହିବା ଅନୁଚିତ। ଏହାଛଡ଼ା ସେଠାକାର ଦେବପୂଜାରେ ହଜାର ହଜାର ବର୍ଷ ପୂର୍ବରୁ ପ୍ରଚଳିତ ଦେବଦାସୀ ପରମ୍ପରା ଯେ ଉତ୍କଳର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ବ୍ୟତିରେକ ଆଉ କେଉଁଠି ପ୍ରଚଳିତ ଥିବ ତାହାର ପ୍ରମାଣ ଗବେଷକମାନେ ଦେଇପାରିବେ କି? ଭାରତୀୟ ନୌବାଣିଜ୍ୟରେ ବ୍ୟବହୃତ ନୌପୋତମାନଙ୍କର ନାମରୁ ନୌବାଣିଜ୍ୟରେ କଳିଙ୍ଗ ଆଧିପତ୍ୟ ଥିବା ପ୍ରମାଣିତ ହେଉନାହିଁ କି?

ବିଡ଼ମ୍ବନା ହେଉଛି ଆମ ଉଦାରତା, ସରଳତା, ଉଦାସୀନତା ଓ ନମ୍ରତା ଆମକୁ ଏହି ସ୍ତରରେ ଆଣି ପହଞ୍ଚାଇ ଦେଇଛି ଯେ ଆମେ ନିଜ ଉପଲବ୍ଧିର ଉଦ୍‌ଘୋଷଣା କରିବା ବଦଳରେ ଗୌରବର ଶ୍ରେୟ ଅନ୍ୟକୁ ଦେବାକୁ ଉଚିତ ମଣୁ। ନିଜକୁ ଗୌଣ କରି ଆତ୍ମସନ୍ତୋଷ ଲାଭ କରିବାର ପ୍ରବଣତା ଆମକୁ କେବଳ ବିଶ୍ୱ ଇତିହାସ ନୁହେଁ ଜାତୀୟ ଇତିହାସରେ ମଧ୍ୟ ଅପାଂକ୍ତେୟ କରିଚାଲିଛି ଏବଂ ପିଢ଼ି ପରେ ପିଢ଼ି ଆମେ ଅନାସକ୍ତ ଓ ନିର୍ବିକାର ଭାବରେ ତାହା ଗ୍ରହଣ କରିଚାଲିଛୁ। (କ୍ରମଶଃ...)

ମୋ: ୯୩୩୮୦୮୭୯୦୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବାଳିକା ଦିବସ ପାଳିତ

**ଭଦ୍ରକ,୨୪ ।୧(ସମିସ):** ଜିଲ୍ଲା ସମଗ୍ର ଶିକ୍ଷା ଓ ଭଦ୍ରକ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଆଜି ବିନ୍ଦୁ ମାଧବ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି । ବାଳିକା ଶିକ୍ଷାର ବିକାଶ ସହିତ ଝିଅ-ପୁଅଙ୍କ ମଧ୍ୟରେ ସମାଜରୁ ଭେଦଭାବ ଦୂର କରି ଉତ୍ତମ ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ପର୍କରେ ସଚେତନ କରାଇ ବାଳିକା ମାନେ ସଶକ୍ତ ହେଲେ ଦେଶ ଆଗେଇଲେ ଦେଶର ବିକାଶ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଡିସନାଲ ଏସପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ଆଜିର ସମାଜରେ କନ୍ୟା ସନ୍ତାନମାନେ ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ଗଠନ ପାଇଁ ଡିଜିଟାଲ ଦୁନିଆର ମିଥ୍ୟା ଆକର୍ଷଣ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ସ୍ୱାଧୀ ଆଦ୍ୟାଶା ବର୍ତ୍ତମାନ ସମୟରେ ନିଜର ଚରିତ୍ର ଓ ସୁସ୍ଥ ସମାଜ ଗଠନ ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଜିଲ୍ଲା ସମଗ୍ର ଶିକ୍ଷା ବାଳିକା ସଂଯୋଜିକା ଇପ୍‌ସିତା ଜେନା, ଗୀତାରାଣି ଆଇଚ, ପ୍ରଫୁଲ୍ଲ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପିଲାମାନଙ୍କ ମଧ୍ୟରେ ସ୍ଲୋଗାନ, ପ୍ରବନ୍ଧ, ସଙ୍ଗୀତ ଓ ରଙ୍ଗୋଲି ଆଦି ପ୍ରତିଯୋଗିତାଅନୁଷ୍ଠିତହୋଇଥିଲା ।ଏଥିରେକୃତୀଛାତ୍ରଛାତ୍ରୀମାନଙ୍କୁପୁରସ୍କାରବିତରଣ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଶେଷରେ ସିଆରସିସି ରଚନା ପାଲ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏସ୍‌ଏଜେ ହାଇସ୍କୁଲର ବାର୍ଷିକ ଉତ୍ସବ

**ଦୋବଲ,୨୪ ।୧(ସମିସ):** ଦୋବଲସ୍ଥିତ ଏସ୍‌ଏଜେ ହାଇସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣି ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର୍ ବେଜ୍, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ବିଶିଷ୍ଟ ଅତିଥି କୋଠାର ସ୍ଥିତ ସାରଦା ଦେବୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ଭାରତୀ, ଅନ୍ୟତମ ଅତିଥି ସରପଞ୍ଚ ଅଶୋକ କୁମାର ପଣ୍ଡା, ସିଆରସିସି ହାପା ମାରାଣ୍ଡି, ପୂର୍ବତନ ଏବିଇଓ ଭୋଳାନାଥ ସାହୁ, ତପନ କୁମାର ଦାସ, ସ୍କୁଲ ପରିଚାଳନା କମିଟି ଉପସଭାପତି ଗାୟତ୍ରୀ ଦଳେଇ ଯୋଗଦେଇଥିଲେ। ଅତିଥି ପରିଚୟ ତପନ କୁମାର ପାଢ଼ୀ, ସ୍ୱାଗତ ଭାଷଣ ସରୋଜିନୀ ନାୟକ, ସ୍ୱଚ୍ଛନ୍ଦା ତ୍ରିପାଠୀ ବାର୍ଷିକ ବିବରଣୀ ପ୍ରଦାନ, ହାପା ମାରାଣ୍ଡି ଧନ୍ୟବାଦ ପ୍ରଦାନ କରିଥିଲେ।

## ଜୟଦୁର୍ଗା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଅସୁରାଳି,୨୪ ।୧(ସମିସ):** ରଇପୁରସ୍ଥିତ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗଙ୍ଗାଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଧାମନଗର ପଞ୍ଚାୟତ ସମିତିର ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ମୁଖ୍ୟବକ୍ତା ଭାବେ ବ୍ଲକ୍ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ରଇପୁର ସରପଞ୍ଚ ଜଗଦାନନ୍ଦ ସେଠୀ, ମୁରଲୀଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା, ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କର, ଅସୁରାଳି ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହୃଷୀକେଶ ରାଉତ, ବାବାମନି ମହାବିଦ୍ୟାଳୟର ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସବିତା ସ୍ୱାଇଁ, ସମାଜସେବୀ ନିମାଇଁ ଚରଣ ବାରିକ୍ ଓ ପାଳ ସାହି ସମବାୟ ସମିତିର ସଭାପତି ଭାଗବତ ଖଟୁଆ ପ୍ରମୁଖ ସଭା ମଣ୍ଡନ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ବହୁ ପ୍ରତିଭାବାନ ବ୍ୟକ୍ତିତ୍ୱ ବଟକୃଷ୍ଣ ରାଉତ, ଭଜଗୋବିନ୍ଦ ଖଟୁଆ, ପ୍ରମିଳା ଦାସ, ପ୍ରମୋଦ ନାୟକ, ନବଘନ ଓଝା ପ୍ରମୁଖଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧାନମଣ୍ଡି ବୁଲି ମାନ ପରଖିଲେ ଜିଲ୍ଲାପାଳ




**ଧାମନଗର,୨୪ ।୧(ସମିସ):** ଧାମନଗର ବ୍ଲକରେ ଖୋଲାଯାଇ ଥିବା ସରକାରୀ ମଣ୍ଡିରେ ଧାନ କିଣା ଓ କଟନୀ ଛଟନୀକୁ ନେଇ ଚାଷୀଙ୍କ ମହଲରେ ଘୋର ଅସନ୍ତୋଷ ଦେଖାଦେବା ପରେ ଜିଲ୍ଲାପାଳ ବିଭିନ୍ନ ମଣ୍ଡି ବୁଲି ସ୍ଥିତି ପରଖିଛନ୍ତି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଅଚାନକ ଶ୍ରୀଜଗନ୍ନାଥ ସେବା ସମବାୟ ସମିତି ଧାନ ମଣ୍ଡି ପରିଦର୍ଶନ କରିଥିଲେ । ସମିତିର ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ଓ ଉପସ୍ଥିତ ଚାଷୀ ମାନଙ୍କ ସହ କଟନୀ ଛଟନୀ ସମ୍ପର୍କରେ ପଚାରି ବୁଝି ଏଫ୍‌ଏକ୍ୟୁମାନ ତଦନ୍ତ କରିଥିଲେ । ଗୋଦାମ ଘର, ଓଜନ କଣ୍ଟା, ଚାଷୀଙ୍କ ପାଇଁ ପାନୀୟ ଜଳ ଓ ଧାନର ସୁରକ୍ଷା ପାଇଁ ପାଲର ବ୍ୟବସ୍ଥା ପରଖିଥିଲେ । ସୂଚନା ଅନୁସାରେ ସୁଦ୍ଧା ଧାମନଗର ବ୍ଲକର ମୋଟ ୬୨୮୪ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଯୋଗାଣ ବିଭାଗ ଧାର୍ଯ୍ୟ ରଖିଥିବା ବେଳେ ମୋଟ ୪୪୭ ଜଣ ଚାଷୀ ୭୭,୩୭୭ କ୍ୱିଣ୍ଟାଲ ବିକ୍ରି କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଧାମନଗର ପାଲଟିଛିକି ଚୋରା ମୋବାଇଲ୍ ହବ୍

**ଦୋବଲ,୨୪ ।୧(ସମିସ)**

ଭଦ୍ରକ ଜିଲ୍ଲା ଧାମନଗର ଓ ଧୂଷୁରୀ ଥାନା ଅଞ୍ଚଳରୁ ପ୍ରତ୍ୟେକ ମାସ ୪ରୁ ୫ଟି ଚୋରା ମୋବାଇଲ୍ ଉଦ୍ଧାର ହେଉଛି । ଏହି ମୋବାଇଲ ଗୁଡ଼ିକ ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚୋରି ହୋଇ ଏଠାରେ ବିକ୍ରି କରାଯାଉଥିବା ଜଣାପଡ଼ିଛି। ପ୍ରତି ମାସ ଏଭଳି ମାମଲା ହେଉଥିବାରୁ ଧାମନଗର ଓ ଧୂଷୁରୀ ଥାନା ପୁଲିସ ପାଇଁ ଚିନ୍ତା ବଢ଼ିଯାଇଛି। ଅପରପକ୍ଷରେ ଶସ୍ତାରେ ପାଇଯିବା ନାଁରେ ଅର୍ଦ୍ଧଶିକ୍ଷିତ ଓ ଅପାଠୁଆ ମୋବାଇଲ୍ ବ୍ୟବହାରକାରୀ ହଇରାଣ ହେଉଛନ୍ତି । କମ୍ ପଇସା ଦେଇ ମୋବାଇଲ୍ କିଣୁଛନ୍ତି। ଚୋରା ମୋବାଇଲ୍ ବିକୁଥିବା ଚୋର ପଇସା ନେଇ ମାଲାମାଲ୍ ହେଉଛନ୍ତି । ହେଲେ ଚଢ଼ଉ ବେଳେ କିଣିଥିବା ଲୋକ ଫସୁଛନ୍ତି । ଲୋକଲଜ୍ଜା ଓ କେଶ୍ ହେବା ଭୟରେ ପୁଲିସକୁ ଲାଞ୍ଚ ଦେଇ ଉଦ୍ଧାର ପାଇବାକୁ ଚେଷ୍ଟା କରୁଥିବା ଜଣାଯାଇଛି । ଦି ଆଡୁ ଏମାନେ ଆର୍ôଥକ କ୍ଷତିଗ୍ରସ୍ତ ହେଉଥିବା ଦେଖିବାକୁ ମିଳୁଛି। ତେବେ ଏହିସବୁ ଚୋରା ମୋବାଇଲ୍ ମୁସ୍ତଫାପୁର ପଞ୍ଚାୟତ ଓ ଧାମନଗର ମଝିରେ ଥିବା କଲେଜ ପଛପଟ ବସ୍ତିର କିଛି ପିଲାଙ୍କଠାରୁ ସେମାନେ କିଣୁଥିବା ଜଣାପଡ଼ିଛି। ବସ୍ତିର କିଛି ଯୁବକ ପଡ଼ୋଶୀ କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲା ଅଞ୍ଚଳରୁ ବିଭିନ୍ନ ସମୟରେ ମୋବାଇଲ୍ ଚୋରି କରୁଥିବା ଅଭିଯୋଗ ହୋଇ ଆସିଛି । ସେସବୁ ଜାଗାରୁ ମୋବାଇଲ୍ ଆଣି ଧାମନଗର, ଧୂଷୁରୀ ଅଞ୍ଚଳରେ ଗାଁରେ ରହୁଥିବା ଅର୍ଦ୍ଧଶିକ୍ଷିତ ଯୁବକମାନଙ୍କୁ ଲୋଭ ଦେଖାଇ କମ୍ ଦାମରେ ବିକି ଦେଉଛନ୍ତି। ସେମାନଙ୍କଠାରୁ ଅଳ୍ପ କିଛି ଟଙ୍କା ନେଇ ଯାଉଛନ୍ତି। ଧାମନଗର ଥାନା ଆଇଆଇସି ଫଣୀନ୍ଦ୍ର ଭୂଷଣ ନାଇକଙ୍କ କହିବା ଅନୁସାରେ, ଏମାନେ ସିନା ମୋବାଇଲ୍ ଚୋରି କରିଆଣୁଛନ୍ତି । ଚୋରିର ଶିକାର ହୋଇଥିବା ମୋବାଇଲ ବ୍ୟବହାରକାରୀ ପୁଲିସରେ ଅଭିଯୋଗ କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ଟ୍ରାକିଂ ବ୍ୟବସ୍ଥା ସଞ୍ଚାର ସାଥୀରେ ଅଭିଯୋଗ ପଞ୍ଜୀକରଣ କରୁଛନ୍ତି। ତା' ପରେ ଏହି ଅଭିଯୋଗଟି ସେଣ୍ଟ୍ରାଲ ଇକ୍ୟୁଇପମେଣ୍ଟ ଆଇଡେଟିଂ ରେଜିଷ୍ଟର ମାଧ୍ୟମରେ ଟେଲିକମ୍ ଆନାଲିଟିକସ ଫର୍ ଫ୍ରଡ୍ ମ୍ୟାନେଜମେଣ୍ଟ ଆଣ୍ଡ କଞ୍ଜୁମର ପ୍ରୋଟେକସନକୁ ଚାଲିଯାଉଛି । ଅଭିଯୋଗ ପତ୍ରରେ ଥିବା ଆଇଏମ୍ଇଆଇ ନମ୍ବରକୁ ଟ୍ରାକ କରାଯାଉଛି। କେଉଁ ଅଞ୍ଚଳରେ ଏହି ଆଇଏମ୍ଇଆଇ ନମ୍ବରର ଫୋନ୍ ଆକ୍ଟିଭ୍ ରହିଛି, ତାହାର ସୂଚନା ମିଳିଯାଉଛି । ଏହାପରେ ସଂପୃକ୍ତ ବିଭାଗ ପକ୍ଷରୁ ସେହି ଅଞ୍ଚଳର ଥାନାକୁ ଜଣାଇ ଦିଆଯାଉଛି। ତା ପରେ ପୋଲିସ ଏହାକୁ ଖୋଜି ମୋବାଇଲ ବ୍ୟବହାରକାରୀଙ୍କ ପାଖରେ ପହଞ୍ଚୁଛି । ୨୦୨୩ ମସିହା ମେ' ମାସରେ କେନ୍ଦ୍ର ସରକାରଙ୍କ ଦୂରସଞ୍ଚାର ବିଭାଗ ଏହି ସଞ୍ଚାରସାଥୀ ପୋର୍ଟାଲ ଲୋକାର୍ପଣ କରାଯାଇଥିଲା। ଏହାପରେ ମୋବାଇଲ୍ ଚୋରି ରୋକିବା ଦିଗରେ ବେଶ୍ ପାରଦର୍ଶୀ ଭାବେ କାମ କରୁଛି ଏହି ପୋର୍ଟାଲ।

### ଭଦ୍ରକ - ଆରଡ଼ି ରାସ୍ତା ମରାମତି ମନ୍ଥର

## ଆନ୍ଦୋଳନ କରିବେ ରହିପୁର- ପାଳସାହିବାସୀ



ଅସୁରାଳି,୨୪।୧(ସମିସ): ଭଦ୍ରକରୁ-ଆରଡ଼ି ୩୫ ନଂ. ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ଗାଡ଼ି ଆଖଣ୍ଡଳମଣି ପୀଠକୁ ଯାଉଛି। ଏହି ରାସ୍ତାର ଦୂରାବସ୍ଥା ଯୋଗୁଁ ଫଳରେ ଲୋକେ ନାନା ଦୁର୍ଦ୍ଦଶା ଭୋଗକରୁଛନ୍ତି। ଅର୍ଣ୍ଣପାଳଠାରୁ ଅସୁରାଳି ପର୍ଯ୍ୟନ୍ତ ରାସ୍ତାରେ ବଜୁରୀ ପକାଇବାରୁ ରାସ୍ତା ଅଧିକ ଖରାପ ହୋଇଛି । ବେତାଳି ଗାଁ ନିକଟରେ ମଧ୍ୟ ରାସ୍ତାର ଅବସ୍ଥା ଶୋଚନୀୟ । ତେବେ କୋଟି କୋଟି ଟଙ୍କାର ବ୍ୟୟରେ ଏବେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଅନାବଶ୍ୟକ ସତ୍ତ୍ୱେ ହଜାର ହଜାର ଗଛ ରାସ୍ତା କଡ଼ରୁ କଟା ଯାଇ ଭଦ୍ରକରୁ-ଆରଡ଼ି ଯାଏଁ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର ବହୁ ଦିନ ବିତି ଯାଇଥିଲେ ମଧ୍ୟ ରାସ୍ତା ମରାମତି କାର୍ଯ୍ୟ ଏତେ ମନ୍ଥର ଯେ କଇଁଚ ସଦୃଶ ପ୍ରତ୍ୟୟ ହେଉଛି । ମରାମତି ଆଳରେ ଟ୍ରାଫିକ ସମସ୍ୟା ବୃଦ୍ଧି ହେବାରେ ଲାଗିଛି । ମରାମତି ହେଉଥିବା ଅଞ୍ଚଳରେ ଟ୍ରାଫିକ ସମସ୍ୟା ଯୋଗୁଁ ଦୁର୍ଘଟଣାର ସମ୍ଭାବନା ଏଡାଇ ଦିଆଯାଇନପାରେ । ଭଦ୍ରକରୁ ଆରଡ଼ି ଯିବା ପାଇଁ ଘଣ୍ଟାଏ ଲାଗୁଥିବା ବେଳେ ରାସ୍ତାର ଦୂରାବସ୍ଥା ଯୋଗୁଁ ତିନି ଗୁଣା ସମୟ ଅଧିକ ଲାଗୁଛି। ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି । ତେଣୁ ଏହି ସଂକ୍ରାନ୍ତରେ ରହିପୁର ଓ ପାଳସାହି ପଞ୍ଚାୟତବାସୀ ସ୍ୱର ଉତ୍ତୋଳନ କରିଛନ୍ତି । ଆଗାମୀ ଦିନ ମାନଙ୍କରେ ମରାମତି କାର୍ଯ୍ୟ ତ୍ୱରାନ୍ୱିତ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେବା ସହିତ ଠିକାଦାର ଓ ରାସ୍ତା ବିଭାଗର ଯନ୍ତ୍ରୀଙ୍କ ସହ ମଧୁଚନ୍ଦ୍ରିକା ଅଛି ବୋଲି ଜନସାଧାରଣ କହିଛନ୍ତି। ଧାମନଗର ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ଅନିଲ କୁମାର ଦାସ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକ, ସମାଜସେବୀ ମୃତ୍ୟୁଞ୍ଜୟ ସାହୁ, କାଶୀନାଥ ମହାନ୍ତି, ଗଜେନ୍ଦ୍ର ମହାନ୍ତି ଓ ପାଳସାହି ଏବଂ ରଇପୁର ଗ୍ରାମପଞ୍ଚାୟତର ବହୁ ଅଧିବାସୀ ମତ ପ୍ରକାଶ କରିଛନ୍ତି।

## ଜଗନ୍ନାଥ ରାଉତଙ୍କ ଶ୍ରାଦ୍ଧବାର୍ଷିକ ସମାରୋହ

**ଧାମନଗର,୨୪ ।୧(ସମିସ):** ଧାମନଗର ମାଟିର ସୁଯୋଗ୍ୟ ସନ୍ତାନ, ବିଶିଷ୍ଟ ଶିକ୍ଷାବିତ୍, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ୫ମ ଶ୍ରାଦ୍ଧବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ରାଉତ ସ୍ମୃତି କମିଟି ପକ୍ଷରୁ ଏନ୍‌ଏସି କଲ୍ୟାଣ ମଣ୍ଡପରେ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକ ସମାରୋହ କାର୍ଯ୍ୟରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ହୃଦାନନ୍ଦ ସେଠୀ, ବିଦ୍ୟାଧର ଯେନା, ରଞ୍ଜନ ବେହେରା, ଦେବାଶିଷ ମହାନ୍ତି, ରାଧାକାନ୍ତ ସାମଲ, ପ୍ରସନ୍ନ ଧଳ, ଏବିଇଓ ହେମେନ୍ଦ୍ର ମହାନ୍ତି, ବରିଷ୍ଠ ନାଗରିକ ପରିଷଦ ସଭାପତି ଅନୀଲ କୁମାର ବାରିକ, ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲ, ଧାମନଗର ଓକିଲ ସଂଘର ସମ୍ପାଦକ ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ଓକିଲ ରମେଶ ଚନ୍ଦ୍ର ବେହେରା, ଧିରେନ କୁମାର ନାୟକ, ଶିକ୍ଷାବିତ୍




ମନ୍ତ୍ରୀପ୍ରଫୁଲ୍ଲ ସାମଲ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ମୁରଲୀଧର ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ମ୍ୟୁନସିପାଲଟି ଅଧ୍ୟକ୍ଷା ଗୁଲମକ୍କୀ ହବିବ୍, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, କଂଗ୍ରେସ ନେତା ଅତିସ ପଟ୍ଟନାୟକ, ମହେଶ୍ୱର ସ୍ୱାଇଁ, ହୃଦାନନ୍ଦ କର, ନିରାକାର ଧଳ, ରାମଚନ୍ଦ୍ର ସାହୁ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏଥିରେ ତାଙ୍କର ପରିବାର ସଦସ୍ୟ ସହଯୋଗ କରିଥିଲେ। ଏହି ଅବସରରେ ଜଗନ୍ନାଥ ରାଉତ ସ୍ମୃତି କମିଟି ପକ୍ଷରୁ ଦୁଇ ଜଣ ବରିଷ୍ଠ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୧୫୧ ସରକାରୀ ଚାକିରିଆ ନେଉଛନ୍ତି ରାସନ

**ବନ୍ତ/ଆଗରପଡ଼ା,୨୪।୧(ସମିସ):** ଭୂତ ଖାଉଥିଲା ରାସନ୍ ଚର୍ଚ୍ଚାକୁ ଆସିବା ପରେ ବନ୍ତ ବ୍ଲକରେ ସରକାରୀ ଚାକିରିଆ ରାସନ୍ କାଡର୍ ହାତେଇଥିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁଯାୟୀ ବନ୍ତ ବ୍ଲକରେ ୧୫୧ ଜଣ ସରକାରୀ ଚାକିରିଆ ରାସନକାର୍ଡ଼ ହାତେଇ ଥିବା ନେଇ ପ୍ରାଥମିକ ଆକଳନ କରାଯାଇଛି । ତାଲିକା ଭିତରେ ପାଖାପାଖି ସବୁ ବିଭାଗର ବାବୁ ରହିଛନ୍ତି। ଧରପଗଡ଼ ସମୟରେ ବନ୍ତ ବ୍ଲକର ୧୫୧ ଜଣ ସରକାରୀ ଚାକିରିଆଙ୍କ ନାମ ସହ ନିଜ ପରିବାରର ସସସ୍ୟ ଯୋଡ଼ି ହୋଇ ରାସନ ସାମଗ୍ରୀ ନେଉଥିବା ଜଣାପଡ଼ିଛି । ବନ୍ତ ବ୍ଲକର ୨୫ଗୋଟି ପଞ୍ଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୧ଲକ୍ଷ ୨୫ହଜାର ୧ଶହ ୫୫ଜଣ ହିତାଧିକାରୀ ରାସନ କାର୍ଡରେ ଅନ୍ତର୍ଭୁକ୍ତ ହୋଇ ରାସନ ସାମଗ୍ରୀ ପାଉଛନ୍ତି । ସେମାନଙ୍କ ମଧ୍ୟରୁ ପାଖାପାଖି ୮୭ ଶତକଡ଼ା ହୀତାଧିକାରୀ ଇ-କେୱାଇସି କରିସାରିଛନ୍ତି। ଅପରପକ୍ଷରେ ୨୫ ପଞ୍ଚାୟତରୁ ଜନସୂଚନା ଅଧିକାର ଆଇନ ବଳରେ ବଡ଼ହାଟ ତ୍ରିଲୋଚନପୁର ପଞ୍ଚାୟତରେ ଭୁତ ରାସନ ଖାଉଥିବା ଖବର ଜଣାପଡ଼ିବା ପରେ ବିଭାଗ ପକ୍ଷରୁ ସେମାନଙ୍କ ନାମ ମଧ୍ୟ ହିତାଧିକାରୀଙ୍କ ତାଲିକାରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି। ଭୁତ ରାସନ ଖାଉଥିବା ଖବର ପଦାକୁ ଆସିବା ପରେ ଏବେ ସରକାରୀ ଚାକିରିଆ ରାସନ ହାତେଇଥିବା ପ୍ରକାଶ ପାଇବା ପରେ ଏହା ବନ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ତେଣୁ କେବେ ଏହି ପ୍ରକ୍ରିୟା ସରିବ ଅଯୋଗ୍ୟ କେବେ କଟିବେ । ଏହାକୁ ନେଇ ନୂଆ ରାସନ ପାଇବାକୁ ଚାହିଁ ବସିଥିବା ପ୍ରକୃତ ହିତାଧିକାରୀ ଚିନ୍ତାରେ ପଡ଼ିଯାଇଛନ୍ତି ।

## ପଞ୍ଚାୟତ ଗଠନକୁ ୩୨ ବର୍ଷ; ଅଧାରେ ଅଟକିଛି ଅଧା ପ୍ରକଳ୍ପ

**ବନ୍ତ/ଆଗରପଡ଼ା,୨୪।୧(ସମିସ):** ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ୧୯୯୨ରେ ପ୍ରତିଷ୍ଠିତ। ୩୨ବର୍ଷ ପୂରିବା ସହ ୬ଜଣ ସରପଞ୍ଚ ଶାସନ ଗାଦି ସମ୍ଭାଳିଥିଲେ ସୁଦ୍ଧା ସେମାନଙ୍କ ଶାସନ ପ୍ରଣାଳିରେ ତ୍ରୁଟି ହେଉ ଅବା ପ୍ରଶାସନିକ ଉଦାସୀନତା; ସମସ୍ୟାର ସୁଧାର ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ପାଖାପାଖି ୭୦୦୦ ଜନସଂଖ୍ୟାକୁ ନେଇ ଗଠିତ ଉକ୍ତ ପଞ୍ଚାୟତରେ ଆଜିବି ବହୁ ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ତୋଟାସାହିଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଂଜୁର କରାଯାଇଥିଲା। ଉକ୍ତ ପ୍ରକଳ୍ପ ନିର୍ମାଣକୁ ୫ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ପ୍ରକଳ୍ପଟିର ନିର୍ମାଣ କାର୍ଯ୍ୟ ସରିପାରିନାହିଁ। ଉକ୍ତ ଆର୍ôଥକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଭଦ୍ରକ ଆନୁକୂଲ୍ୟରେ ପଞ୍ଚାୟତସମିତି ବନ୍ତ ପକ୍ଷରୁ ସିଏଫସି ଯୋଜନାରେ ୪ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଏକ ପାଠାଗାର ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଥିଲା କିନ୍ତୁ ଏହାର ନିର୍ମାଣ କାର୍ଯ୍ୟ ସରିବାର ନା ଧରୁନି । ଏହାର ଛାତ ପଡ଼ି ନପାରି ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଗରିବ ରୋଜଗାର ଯୋଜନାରେ ପଞ୍ଚାୟତବାସୀଙ୍କ ନିମନ୍ତେ ଗୋଷ୍ଠୀ ପରିମଳ କେନ୍ଦ୍ର ନିର୍ମାଣ କରାଯାଇଥିଲା । ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ କେନ୍ଦ୍ରଟି କାର୍ଯ୍ୟକ୍ଷମ ହେବା ପୂର୍ବରୁ ନଷ୍ଟ ହେବାକୁ ବସିଲାଣି। ତୋଟାସାହିଠାରେ ଥିବା ତୋଟାସାହି ଖେଳପଡ଼ିଆର ଉନ୍ନତିକରଣ ନିମନ୍ତେ ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ପଞ୍ଚାୟତସମିତି ବନ୍ତ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ କାର୍ଯ୍ୟାରମ୍ଭ ହୋଇଥିଲା । ଉକ୍ତ ଯୋଜନାକୁ ଇତିମଧ୍ୟରେ ୪ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହାର ଉନ୍ନତିକରଣ କେବଳ ଫଳକରେ ସୀମିତ ହୋଇ ରହିଯାଇଛି।

ସେହିପରି ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ସତୀ ସାବିତ୍ରୀ ବିଦ୍ୟାପୀଠର ଖେଳପଡ଼ିଆ ଉନ୍ନତିକରଣ ନିମନ୍ତେ ପଞ୍ଚାୟତସମିତି ବନ୍ତ ପକ୍ଷରୁ ସାଂସଦଙ୍କ ଅନୁଦାନ ପାଣ୍ଠିରୁ ୫ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ କାର୍ଯ୍ୟାରମ୍ଭ ହୋଇଥିଲା। ଏହାକୁ ୮ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ପିଲାଙ୍କ ଖେଳ ଉପଯୋଗୀ ହୋଇ ନପାରି ଉକ୍ତ ଖେଳ ପଡ଼ିଆ କେବଳ ଫଳକରେ ସୀମିତ ରହିଯାଇଛି। ପାରାବନ୍ଧଠାରେ ୨୦୧୯-୨୦ ଆର୍ଥିକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଆନୁକୂଲ୍ୟରେ ପଞ୍ଚାୟତସମିତି ବନ୍ତ ପକ୍ଷରୁ ଏସଏଫସି ଯୋଜନାରେ ଟଙ୍କା ଏକ ଲକ୍ଷ ଚଉସ୍ତରୀ ହଜାର ଚଉଷଠି ଅଟକଳ ମୂଲ୍ୟରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଆରମ୍ଭ କରାଯାଇଥିଲା। ୬ବର୍ଷ ପୂରିବାକୁ ବସିଥିଲେ ସୁଦ୍ଧା ଏହା ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସେହିପରି ଗ୍ରାମୀଣ ପାନୀୟଜଳ ଯୋଗାଣ ଉକ୍ତ ପଞ୍ଚାୟତରେ ଫେଲ ମାରିଥିବା ହେତୁ ବସୁଧା ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବସୁଧା ଯୋଜନାରେ ନିର୍ମିତ ବହୁ ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି।



ଜୟକୃଷ୍ଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ଅଭାବାରୁ ୫ଟି ଗୃହରେ ଚାଲିଛି ୮ଟି ଶ୍ରେଣୀର ପାଠପଢା। ବିଭିନ୍ନ ଯୋଜନା ତାର ମୂଳ ଲକ୍ଷ୍ୟଠାରୁ ବହୁ ଦୂରରେ ଥିବା ବେଳେ ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। 'ଆମ ଓଡ଼ିଶା ନବୀନ ଓଡ଼ିଶା'ରେବିଭିନ୍ନନୂତନପ୍ରକଳ୍ପରକାର୍ଯ୍ୟଚାଲୁଥିଲେସୁଦ୍ଧା ଏବେବିଅଧାରେ ଅଟକିଛି ଅଧା ପ୍ରକଳ୍ପ । ତେଣୁ ଅଧପନ୍ତରିଆ ଯୋଜନାକୁ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।ଗେ

### ସାଇଁକୁଳ ହିଙ୍ଗୁଳା କପ୍ ଫୁଟବଲ

## ଫାଇନାଲରେ ବାଲେଶ୍ୱର-କଟକ ମୁହାଁମୁହିଁ

**ରାମଚନ୍ଦ୍ରପୁର,୨୪ ।୧(ସମିସ):** ସାଇଁକୁଳ ହିଙ୍ଗୁଳା ଆଥଲେଟିକ ଆସୋସିଏସନ ପକ୍ଷରୁ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ୟୁନାଇଟେଡ କ୍ଲବ ବରଗଡ଼କୁ ୨-୦ ଗୋଲରେ ପରାସ୍ତ କରି ମିଶନ ଟାଇଗର ବାଲେଶ୍ୱର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଏକତରଫା ଭାବେ ମିଶନ ଟାଇଗର ବାଲେଶ୍ୱର ଦଳ ଉନ୍ନତ ଖେଳ ପ୍ରଦର୍ଶନ କରି ପ୍ରତିପକ୍ଷ ଦଳ ଉପରେ ଭାରି ପଡି ଏକ ସହଜ ବିଜୟ ହାସଲ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ରବିବାର ମିଶନ ଟାଇଗର ବାଲେଶ୍ୱର ବନାମ ମଙ୍କଳା କ୍ଲବ କଟକ ମଧ୍ୟରେ ମେଗା ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଆଜିର ସେମିଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ସାଇଁକୁଳ ନେହରୁ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲିଲିମା ଖୁଣ୍ଟିଆ ଯାଗଦେଇ ପ୍ରାକ୍ତନ ଫୁଟବଲ ଖେଳାଳି ସାରଥି ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କ୍ଲବର ସଭାପତି ଗୋପିନାଥ ସ୍ୱାଇଁ, ଉପସଭାପତି ଶତ୍ରୁଘନ ବେହେରା, ସମ୍ପାଦକ ମାର୍କଣ୍ଡ ସାମଲ କ୍ଲବ ବରିଷ୍ଠ କାର୍ଯ୍ୟକର୍ତ୍ତା ବ୍ରହ୍ମାନନ୍ଦ ପଟ୍ଟନାୟକ, ହିମାଦ୍ରି ଜେନା, ନନ୍ଦକିଶୋର ବେହେରା, ବିନୋଦ ଜେନା, ବିପିନ ବିହାରୀ ମହାନି, ରବିନ୍ଦ୍ର ତ୍ରିପାଠୀ, ରାମଚନ୍ଦ୍ର ଭଞ୍ଜ, ନାରାୟଣ ପ୍ରତିହାରୀ ତ୍ରିଲୋଚନ ପରିଡା, ଚିତ୍ତରଞ୍ଜନ ମହାପାତ୍ର, କୁଳମଣୀ ପରିଡ଼ା, ଚୈତନ ଦେହୁରୀ, ଆନନ୍ଦ ନାୟକ, ଚନ୍ଦ୍ରଶେଖର ବେହେରା, କ୍ଷିରୋଦ ପରିଡା, ଶ୍ରୀକାନ୍ତ ସେନାପତି, ପ୍ରିୟରଞ୍ଜନ ବାହିନୀପତି, ଅବିନାଶ ପଟ୍ଟନାୟକ, ବିଭାସଚନ୍ଦ୍ର ନାୟକ



ସମେତ କ୍ଲବର ଅନେକ ସଦସ୍ୟ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚ ପରିଚାଳନାରେ ରେଫରୀ ଭାବେ ମାନସ ବିଶ୍ୱାଳ, ଗଗନ ପରିଡା, କଳାକର ସାମଲ କାର୍ଯ୍ୟ ସମ୍ପାଦନ କରିଥିଲେ।

### ୧୩ ଦିନ ପରେ ଡାକ୍ତରଖାନାରୁ ମିଳିଲେ ଫାଇନାନ୍ସ କର୍ମଚାରୀ

# କେନ୍ଦୁଝରରୁ ନିଖୋଜ; ଭଦ୍ରକରୁ ଉଦ୍ଧାର

**ହାଟଡ଼ିହୀ,୨୪ ।୧(ସମିସ)**

କେନ୍ଦୁଝରରୁ ନିଖୋଜ କପୁଣ୍ଡି ଗ୍ରାମର ଫାଇନାନ୍ସ କର୍ମଚାରୀ ଲକ୍ଷ୍ମୀଧର ଜେନାଙ୍କୁ ଭଦ୍ରକ ରେଲଷ୍ଟେସନରୁ ଉଦ୍ଧାର କରିଛନ୍ତି ପରିବାର ଲୋକେ। ଅସୁସ୍ଥତା ହେତୁ ତାଙ୍କୁ ଏବେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା କପୁଣ୍ଡି ଗାଁର ପର୍ଶୁରାମ ଜେନାଙ୍କ ପୁଅ ଲକ୍ଷ୍ମୀଧର ଜେନା ପ୍ରାୟ ୮ ମାସ ହେବ କେନ୍ଦୁଝର ଠାରେ ଥିବା ଭାରତ ଫାଇନାନ୍ସ ନାମକ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାମ କରୁଥିଲେ। ସେ ଗତ ୧୦ ତାରିଖରେ ବାଇକ୍ ଯୋଗ କଲେକ୍ସନ ପାଇଁ ସାନ୍ତରାପୁର, ବାସନ୍ତୀ କଲୋନୀ, ମାଗୁର ଗଡ଼ିଆ, ବୁଲାଦରସାହି ପ୍ରଭୃତି ସ୍ଥାନକୁ ଯାଇଥିଲେ । ସେହିଦିନ ରାତି ପ୍ରାୟ ୧୦ଟା ବେଳେ ସ୍ଥାନୀୟ ବିଗ୍‌ବଜାର



ନିକଟସ୍ଥ ଏଟିଏମରୁ ଟଙ୍କା ଉଠାଣ କରିବା ପରେ ଆଉ ଅଫିସକୁ ଫେରିନଥିଲେ। ରାତିରେ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇଥିବା ସମୟରେ ଫାଇନାନ୍ସ କମ୍ପାନୀର ଅନ୍ୟଜଣେ କର୍ମଚାରୀ ମଧ୍ୟ ଯାଇଥିଲେ। ହେଲେ ଫେରିବା ସମୟରେ ଅଫିସକୁ ଯାଉଥିବା ରାସ୍ତାରେ ନଯାଇ ଅନ୍ୟ କର୍ମଚାରୀ ଜଣକ ଅନ୍ୟରାସ୍ତାରେ ପଳାଇଥିଲେ । ପରେ ପରେ ୨ଜଣ ଦୁର୍ବୃତ୍ତ ଲକ୍ଷ୍ମୀଙ୍କୁ ନିଶା ଶୁଙ୍ଘାଇ ବେହୋସ୍ କରିବା ପରେ ନିକଟରେ ଥିବା ମୈଦାନ କେଲ୍ ଜଙ୍ଗଲକୁ ନେଇ ଯାଇ ତାଙ୍କ ପାଖରେ ଥିବା ଲକ୍ଷାଧିକ ଟଙ୍କା ଲୁଟିନେଇ ଛାଡି ଚାଲିଯାଇଥିବା କହିଛନ୍ତି ଲକ୍ଷ୍ମୀଧର। ପରେ ପରେ ସେ କେନ୍ଦୁଝର ରେଳ ଷ୍ଟେସନରୁ ଟ୍ରେନ୍ ଯୋଗେ କେଉଁଆଡେ ଗଲେ ତାଙ୍କୁ ହୋସ୍ ନଥିଲା। ୧୩ ଦିନ ପରେ ଭଦ୍ରକ ରେଳ ଷ୍ଟେସନରୁ କେହିଜଣେ ଫୋନ୍ କରି ଲକ୍ଷ୍ମୀଧର ସେଠାରେ ଥିବା ଘର ଲୋକଙ୍କୁ ଜଣାଇବା ପରେ ଘରଲୋକେ ସେଠାକୁ ଯାଇ ତାଙ୍କୁ ଉଦ୍ଧାର କରିଥିଲେ। ନିଶା ମାତ୍ରା ଅଧିକ ଥିବାରୁ ଏବେ ମଧ୍ୟ ଲକ୍ଷ୍ମୀଧର ବାଉଳି ଚାଉଳି ହେଉଥିବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେରେ ଭର୍ତ୍ତି କରାଯାଇଛି। ତେବେ ଏହି ଘଟଣାରେ ସାଙ୍ଗରେ ଯାଇଥିବା ଅନ୍ୟ କର୍ମଚାରୀ ପ୍ରତି ସନ୍ଦେହ ଉପୁଜିଛି। ତାଙ୍କ ବାଇକ୍‌ର ସନ୍ଧାନ ମିଳିନି। ଫାଇନାନ୍ସ ସଂସ୍ଥା ଓ ପରିବାର ପକ୍ଷରୁ କେନ୍ଦୁଝର ଥାନା ରେ ଅଭିଯୋଗ ହୋଇଛି। ପୁଲିସ୍ ମଧ୍ୟ ଏହି ଘଟଣାର ତଦନ୍ତ ଚଳାଇଛି।

### ୭ମ ଭଦ୍ରକ ଜିଲ୍ଲା ପରିଷଦ ବୈଠକ

# ଧାନକିଣାରେ କଟ୍‌ନୀ ଛଟ୍‌ନୀକୁ ନେଇ ବୈଠକ ସରଗରମ

ଭଦ୍ରକ,୨୪ ।୧(ସମିସ)



- ଏସିଏସ୍‌ଓଙ୍କ ଲାଗି ଚାଷୀ ଆତ୍ମହତ୍ୟା କରିବେ : ଭଣ୍ଡାରିପୋଖରୀ ବିଧାୟକ
- କଟ୍‌ନୀ ଛଟନୀ ହେଉନଥିଲେ ମୁଁ ଲଣ୍ଡା ହେବାକୁ ପ୍ରସ୍ତୁତ: ଚାନ୍ଦବାଲି ବିଧାୟକ

ଭଦ୍ରକ ଜିଲ୍ଲା ପରିଷଦର ଆଜି ୭ମ ବୈଠକରେ ଧାନକିଣାରେ କଟ୍‌ନୀ ଛଟ୍‌ନୀକୁ ନେଇ ବୈଠକ ବେଶ ସରଗରମ ହୋଇଥିଲା। ସୂଚନାଯୋଗ୍ୟ, ଜିଲ୍ଲାରେ ଚଳିତ ଖରିଫ୍ ଧାନ କିଣାରେ ଚାଲିଥିବା ନାନା ଅବ୍ୟବସ୍ଥା ସମ୍ପର୍କରେ ଗତ କିଛି ଦିନ ଧରି ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିବା ବେଳେ ଆଜି ଜିଲ୍ଲା ପରିଷଦ ବୈଠକରେ ଏହାର ପ୍ରତିଫଳିତ ହୋଇଛି। ଜିଲ୍ଲା ପରିଷଦର ୭ମ ବୈଠକ ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନାଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ବୈଠକ ଆରମ୍ଭରେ ଜିଲ୍ଲାରେ ଧାନକିଣାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ବୈଠକ ପ୍ରାରମ୍ଭ ପୂର୍ବରୁ ପ୍ରଦୀପ ପ୍ରଜ୍ୱଳନ ପର୍ବ ବି କରାଯାଇ ପାରିନି। ବିଜେଡିର କେତେକ ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଓ ଚାଷୀମାନେ ଅତିଥିମାନଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାନର ମାନ ନିର୍ଦ୍ଧାରଣ ନେଇ ଜିଲ୍ଲାପାଳଙ୍କ ଟେବୁଲ ଉପରେ ଧାନ ସାମ୍ପୁଲ ରଖିଥିଲେ। କଟ୍‌ନୀ ଛଟ୍‌ନୀ ଓ ମିଲରଙ୍କ ମନମାନୀ ଯୋଗୁଁ ମଣ୍ଡିରେ ଧାନ ଉଠା ଯାଉନଥିବା ଆଦି ଅଭିଯୋଗ କରିଥିଲେ। ସରକାରଙ୍କ ଚାଷୀ ମାରଣା ନୀତି ନେଇ ସଭାଗୃହରେ ସ୍ଲୋଗାନ ମାନ ଦିଆଯାଇଥିଲା। କିଛି ସମୟ ଧରି ନାରାବାଜି ଚାଲିବା ପରେ ଜିଲ୍ଲା ପରିଷଦ ସଭାପତି ଓ ଜିଲ୍ଲାପାଳଙ୍କ ଅନୁରୋଧକ୍ରମେ ସଭାଗୃହରେ ଅଶାନ୍ତ ବାତାବରଣ ଶାନ୍ତ ପଡିଥିଲା। ପରେ ସଭାଗୃହର କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ବୈଠକ ଆରମ୍ଭ ହେବା କ୍ଷଣି ଧାନକିଣାରେ ମିଲରମାନେ ପ୍ରତି କ୍ୱିଣ୍ଟାଲ ପିଛା ୮ରୁ ୧୨କେଜି କଟିଂକୁ ନେଇ ଉପସ୍ଥିତ ବହୁ ବ୍ଲକ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତ ପ୍ରତିନିଧିମାନେ ଦୃଷ୍ଟି ଆକର୍ଷଣ କରି ହୋ ହାଲ୍ଲା କରିଥିଲେ। ଏପରିକି ସରକାର ଓ ଜିଲ୍ଲା ପ୍ରଶାସନକୁ କଡ଼ା ଭର୍ତ୍ସନା କରିବାକୁ ପଛାଇନଥିଲେ। ଏଭଳି ପରିସ୍ଥିତିରେ ଜିଲ୍ଲାପାଳ ଦିଲ୍ଲିପ ରାଉତରାଏ କିଂକର୍ତ୍ତବ୍ୟମୂଢ ହୋଇପଡିଥିବା ଦେଖିବାକୁ ମିଳିଥିଲା। ଜିଲ୍ଲାପାଳଙ୍କ ଅନୁରୋଧକୁ ଖାତିର ନକରି ପଞ୍ଚାୟତ ପ୍ରତିନିଧିମାନେ ପ୍ରତିବାଦ ଜୋରଦାର ହୋଇଥିଲା। ଏତିକିବେଳେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଧାନକିଣାରେ କଟିଂକୁ ନେଇ ଯୋଗାଣ ବିଭାଗ ଜିଲ୍ଲାପାଳଙ୍କୁ ଅନ୍ଧାରରେ ରଖି ପ୍ରାୟୋଜିତ ଢଙ୍ଗରେ ରିପୋର୍ଟ ଦେଉଥିବା କହିଥିଲେ। ଭଣ୍ଡାରିପୋଖରୀ ବିଧାୟକ ଶ୍ରୀ ମଲ୍ଲିକ କଟନୀକୁ ନେଇ ଖୋଦ ଜିଲ୍ଲାର ମନ୍ତ୍ରୀ ୮ କିଲୋ କଟିଂ ହେଉଥିବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଆଣିଥିବା ସୂଚନା ଦେଇଥିଲେ। ସେହିଭଳି ଯୋଗାଣ ବିଭାଗର ସର୍ବେସର୍ବା ସାଜିଥିବା ଧାନକିଣା ଦାୟିତ୍ୱ ମୁଣ୍ଡାଇଥିବା ଏସିଏସ୍‌ଓ ଶରତ ବେହେରା ଚାଷୀଙ୍କୁ ଶୋଷଣ କରୁଛନ୍ତି ଓ ଚାଷୀ ଯଦି ଆତ୍ମହତ୍ୟା କଲେ ଏଥିପାଇଁ ଶ୍ରୀ ବେହେରା ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ବୈଠକରେ ମତପ୍ରକାଶ କରିଥିଲେ। ସେହିଭଳି ଚାନ୍ଦବାଲି ବିଧାୟକ ଶ୍ରୀ ରାୟ ୮ରୁ ୧୦କେଜି ଧାନ କଟ୍‌ନୀ ଛଟନୀ ଅଭିଯୋଗ କରିବା ସହ ଏହା ମିଥ୍ୟା ପ୍ରାମଣିତ ହେଲେ ସେ ଲଣ୍ଡା ହେବାକୁ ପଛାଇବେ ନାହିଁ ବୋଲି ବୈଠକରେ ଦୃଢୋକ୍ତି ପ୍ରକାଶ କରିଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତ ସମିତିରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସଂପୃକ୍ତ ବ୍ଲକ ଅଧକ୍ଷାମାନଙ୍କୁ ବାଦ୍ ଦେଇ କାର୍ଯ୍ୟକାରୀ ହେବାକୁ ନେଇ ମଧ କ୍ଷୋଭ ପ୍ରକାଶ କରିଥିଲେ। ଏତିକିବେଳେ ବୈଠକରେ ଉପସ୍ଥିତ ଥିବା ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସହ ଚାନ୍ଦବାଲି ବିଧାୟକ ଶ୍ରୀ ରାୟଙ୍କ କଥା କଟାକଟି ହୋଇଥିଲା। ବୈଠକ ଭିତରେ ଏହି କଥା କଟାକଟି ପରେ ସଭାଗୃହ ବାହାରେ ଉଭୟ ଦଳର ଶତାଧିକ ସମର୍ଥକ ପହଞ୍ଚିଥିଲେ। ଯାହାକୁ ନେଇ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଚାପା ଉତ୍ତେଜନା ପରିସ୍ଥିତି ଦେଖା ଦେଇଥିଲା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁଲିସ ଫୋର୍ସ ମଧ ମୁତୟନ କରାଯାଇଥିଲା। ଏହାବାଦ ବୈଠକରେ ଆସନ୍ତା ବର୍ଷା ଋତୁ ପୂର୍ବରୁ ରାସ୍ତାଘାଟର ମରାମତି ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ କୁହାଯାଇଥିଲା। ଅନ୍ୟପକ୍ଷରେ ଆଗରେ ଜାଗରଯାତ୍ରା ଥିବାରୁ ଭଦ୍ରକ-ଆରଡ଼ ରାସ୍ତାର ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ସାରିବାକୁ ନିଷ୍ପତି ହୋଇଥିଲା। ସେହିପରି ମେଗା ପାଇପ୍ ଜଳ ପ୍ରକଳ୍ପ କାର୍ଯ୍ୟରେ ପାଇପ୍ ସଂଯୋଗ ସମ୍ପୂର୍ଣ୍ଣ ନହେବା ପୁଣି ଏହି ପ୍ରକଳ୍ପ ଅନ୍ତର୍ଗତ ଅଞ୍ଚଳକୁ ନଳକୂପ ନ ଆସିବା କାରଣରୁ ଆଗାମୀ ଗ୍ରୀଷ୍ମଦିନରେ ପାନୀୟ ଜଳ ସଂକଟ ଦେଖାଦେବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ପଞ୍ଚାୟତ ସମିତିରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସ୍ଥାନାନ୍ତରିତ ହେବାକୁ ଥିବା ରାସ୍ତା ଗୁଡିକର ତାଲିକା ଯଥାଶିଘ୍ର ପ୍ରଦାନ କରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ପାନୀୟ ଜଳ ବିଭାଗ, ଶିକ୍ଷା, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଜଳସମ୍ପଦ ବିଭାଗ, କୃଷି ଆଦି ବିଭାଗର କାର୍ଯ୍ୟଧାରା ଗୁଡିକର ସମୀକ୍ଷା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଜିର ୭ମ ବୈଠକରେ ବାସୁଦେବପୁର ବିଧାୟକ ଅଶୋକ ଦାସ, ଧାମନଗର ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ, ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଅବନ୍ତୀ ଦାସ ଓ ଶର୍ମିଷ୍ଠା ବେହେରାଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ଲେଙ୍କା, ପ୍ରଦୀପ ମଲ୍ଲିକ, ପ୍ରିନ୍ସ ରାକେଶ ନାୟକ, ମଳୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭଦ୍ରକ,୨୪ ।୧(ସମିସ):** ଭଦ୍ରକ ଉତ୍ତର ବାହିନୀ ସ୍ଥିତ ସାଳନ୍ଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟେର (ଉଭୟ ଧନ୍ଦାମୂଳକ ଓ କଳା) ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ଦୁଇ ସପ୍ତାହ ବ୍ୟାପି ଏହି ପ୍ରଶିକ୍ଷଣ ଶିବିରରେ ଅନେକ ଛାତ୍ରୀ ତାଲିମ ପ୍ରାପ୍ତ ପ୍ରଶିକ୍ଷିକା ମାନଙ୍କ ଦ୍ୱାରା ଆତ୍ମରକ୍ଷାର କଳା କୌଶଳ ଶିକ୍ଷା କରିଥିଲେ। ଅଧ୍ୟକ୍ଷ ପ୍ରାଧାପକ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଉକ୍ତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧାପକ ବିଜୟ କୁମାର ଦାସ ମୁଖ୍ୟଅତିଥି ଓ ପ୍ରାକ୍ତନ ଅଧାପକ ଶୁଭକାନ୍ତ କୁଅଁର ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ସାହସିକତା ଓ ଆତ୍ମରକ୍ଷା କୌଶଳ ଶିକ୍ଷା କରିବା ପାଇଁ ଉପେଦଶ ଦେଇଥିଲ। କାର୍ଯ୍ୟକ୍ରମ ଅଧିକାରୀ ମଧୁମିତା ସ୍ୱାଇଁ ଉଦ୍ଦେଶ୍ୟ କହିଥିବା ବେଳେ ଅଧ୍ୟାପକ ବିଶ୍ୱଜିତ୍ ରାଉତ ଧନ୍ୟବାଦ ଅପର୍ଣ କରିଥିଲେ।

## ବିଦ୍ୟାଳୟ ବାର୍ଷିକ ଉତ୍ସବ

ବାରିକପୁର,୨୪।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ନରେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପରମାନନ୍ଦ ନାୟକ, ସମ୍ମାନୀତ ଅତିଥି ବିଇଓ ଅଧିର ତରାଇ, ସମିତିସଭ୍ୟା ମାମିଲତା ଜେନା, ପ୍ରଧାନଶିକ୍ଷକ ସଞ୍ଜୟ କୁମାର ନନ୍ଦ, ଧନେଶ୍ୱର ବେହୁରିଆ, ଶିକ୍ଷୟତ୍ରୀ ଗୌରୀବାଳା ପୂର୍ତ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅଭିମନ୍ୟୁ ରାଉତ, ତାରାକାନ୍ତ ଘଡେଇ, ଅଶୋକ ମଲ୍ଲିକଙ୍କୁ ଅତିଥି ମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ଶିକ୍ଷୟତ୍ରୀ ଶ୍ରୀମତୀ ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ପରିଚାଳନା କରିଥିଲେ।

## ୨୬ରୁ ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ମଞ୍ଜୁରୀ ରୋଡ,୨୪।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଯଶୋଟିକିରି ଖେଳ ପଡିଆ ଠାରେ ଆସନ୍ତା ୨୬ ତାରିଖ ଠାରୁ ୨୮ତମ ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଛି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଉତ୍କଳିକା ଭଦ୍ରକ ଓ ଟାଉନ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ମହାବୀର ପୁରୀ ସହିତ ୟୁନିକ ଭଦ୍ରକ ମଧ୍ୟରେ ଖେଳାଯିବ। ସେହିଭଳି ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ଆଦର୍ଶ ବାଲେଶ୍ୱର ସହିତ ଇଲେଭେନ ଷ୍ଟାର ଯାଜପୁର ଏବଂ ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ ଇନ୍ଦୁପୁର କେନ୍ଦ୍ରାପଡା ସହିତ ଆଜାଦ ଇଲେଭେନ ଗଜପତି ମଧ୍ୟରେ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲ ୩୦ ଓ ଦ୍ୱିତୀୟ ସେମିଫାଇନାଲ ୩୧ ତାରିଖରେ ଅନୁଷ୍ଠିତ ହେଉଥିବା ବେଳେ ଫାଇନାଲ ମ୍ୟାଚ ଫେବୃଆରୀ ୨ତାରିଖ ଦିନ ଆୟୋଜନ ହେବା ସହିତ ପ୍ରତିଯୋଗିତା ଉଦଯାପନୀ ହେବ ବୋଲି କ୍ଲବ ପକ୍ଷରୁ ଜଣାଯାଇଛି।

### ବାଟକୁ ନୁହେଁ ଘାଟକୁ ଜଗ

## ବାଲି ଟ୍ରକ ଜବତ ପ୍ରତିବାଦରେ ଗାଡ଼ି ମାଲିକଙ୍କ ଅନଶନ

**ବାରିକପୁର,୨୪ ।୧(ସମିସ):** ଗତ ଗୁରୁବାର ମଧ୍ୟରାତ୍ରରୁ ଶୁକ୍ରବାର ଭୋର ଯାଏଁ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରୁ ପ୍ରଶାସନ ଅନେକ ଗୁଡିଏ ବାଲି ଟ୍ରକ ଜବତ କରିଛି। ବିଶେଷ କରି ୧୬ନଂ. ଜାତୀୟ ରାଜପଥ ଉପରୁ ବହୁ ବାଲି ଗାଡ଼ି ଜବତ ହୋଇଥିବା ଜଣାପଡିଛି। ଗାଡି ଗୁଡିକ ବୈତରଣୀ ନଦୀର ଯାଜପୁର ପାର୍ଶ୍ୱରୁ ବାଲି ବୋଝେଇ କରି ଭଦ୍ରକ ଓ ବାଲେଶ୍ୱର ଅଭିମୁଖେ ଆସୁଥିବା ବେଳେ ସ୍ଥାନୀୟ ତହସିଲଦାରଙ୍କ ସମେତ ପୁଲିସ ଏବଂ ଖଣି ନିଗମ ଅଧିକାରୀ ଏଗୁଡିକୁ ଅଟକ ରଖିଥିଲେ। ପରିବହନ ପାସ୍ ଓ ଅନ୍ୟାନ୍ୟ କାଗଜପତ୍ର ଆଳରେ ପ୍ରଶାସନ ଗାଡ଼ି ମାଲିକଙ୍କ ଉପରେ ଜୁଲମ କରୁଥିବା ଅଭିଯୋଗ ହୋଇଛି। ଗାଡ଼ିରେ ବେଆଇନ ଭାବେ ବାଲି ପରିବହନ ହେଉଥିବା ଦର୍ଶାଇ ପ୍ରଶାସନିକ ଅଧିକାରୀ ମାନେ ଲକ୍ଷାଧିକ ଟଙ୍କା ଜୋରିମାନା କରୁଥିବାରୁ ଟ୍ରକ ମାଲିକ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ତେଣୁ ଭଦ୍ରକ ସମେତ ସୋର, ବାରିକପୁର, ଧାମନଗର, ଭଣ୍ଡାରିପୋଖରୀ ଓ ଯାଜପୁର ଅଞ୍ଚଳର ଟ୍ରକ ମାଲିକ ମାନେ ପ୍ରତିବାଦ ସ୍ୱରୂପ ତହସିଲ ଆଗରେ ଅନଶନ ଆରମ୍ଭ କରିଛନ୍ତି। ଧାରଣାରତ ଟ୍ରକ୍ ମାଲିକ ମାନଙ୍କ କହିବା କଥା ହେଲା ଯେଉଁ ସରକାରୀ ସ୍ୱୀକୃତି ପ୍ରାପ୍ତ ସୈରାତରୁ ଆମେ ବାଲି ଆଣୁଛୁ ସେଠି ଗମନାଗମନ ପାସ (ଟିପି) ପ୍ରଦାନ କରାଯାଉଛି। ପ୍ରଶାସନ ଓ ଅଧିକାରୀ ମାନେ ଉକ୍ତ ଟିପିକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ଜରିମାନା ଆଦାୟ ସକାଶେ ଆମ୍ଭମାନଙ୍କ ଉପରେ ଏକପ୍ରକାର ଜୁଲମ ଆରମ୍ଭ କରିଛନ୍ତି। ଯଦି ସାହସ ଅଛି ଅଧିକାରୀ ମାନେ ବାଟରେ ନୁହେଁ ଘାଟକୁ ଯାଇ ଟିପି ଚେକ କରିବା ଉଚିତ ବୋଲି ମାଲିକ ମାନେ କହିଛନ୍ତି। ସଂଘ ପକ୍ଷରୁ ସୁରେଶ ଚନ୍ଦ୍ର ନାୟକ, ମନୋଜ କବି, ନିତ୍ୟାନନ୍ଦ ନାୟକ, ଚନ୍ଦନ ଜେନା, ଗୟାଧର ନାୟକ, ରାଜା ମହାପାତ୍ର, ଗୌତମ ରାଉତ, ରଞ୍ଜନ ବିଶ୍ୱାଳ ପ୍ରମୁଖ ଗାଡି ମାଲିକ ମାନେ ଆଜି ଅନଶନ ଆରମ୍ଭ କରିଛନ୍ତି। ଖବର ଲେଖାହେବା ଯାଏଁ ଧାରଣା ଜାରି ରହିଥିବା ବେଳେ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ତହସିଲଦାର କିମ୍ବା ଖଣି ନିଗମ ଅଧିକାରୀଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



## ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ଭଦ୍ରକ,୨୪।୧(ସମିସ): ସ୍ଥାନୀୟ ବାଗୁରାଇ ଆଦିବାସୀ କଲୋନୀରେ ବିଦ୍ୟାର୍ଥୀ ବିକାଶ ମଞ୍ଚ ତରଫରୁ ନତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାର୍ଥୀ ବିକାଶ ମଞ୍ଚର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେଆଦିବାସୀ ବସ୍ତିରେ ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଓ ବିଭିନ୍ନ ସଚେତନତାମୂଳକ ଜନ ଜାଗରଣ କାର୍ଯ୍ୟକ୍ରମ ଦିବସ ବ୍ୟାପୀ କରାଯାଇଥିଲା। ସନ୍ଧ୍ୟାରେ ଉକ୍ତ ଅନୁଷ୍ଠାନ ତରଫରୁ ଗତ ୨୦୧୦ ମସିହାରୁ ଏଯାବତ୍ ପରିଚାଳିତ ବିଦ୍ୟାର୍ଥୀ ସଂସ୍କାର କେନ୍ଦ୍ର ପରିସରରେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୁରସ୍କାର ବିତରଣ ସଭାରେ ବରିଷ୍ଠ ଉପଦେଷ୍ଟା ପ୍ରଫେସର ଡ. ଗୋଲକ ବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପ୍ରାଧାପିକା ଡ. ରାଧାରାଣୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧାପକ ଲକ୍ଷ୍ମୀଧର ରାଉତ, ଅନ୍ୟତମ ଅତିଥି ଭାବେ ରୋଟାରିଆନ ଅଭିଜିତ୍ ନାୟକ, ଉଦ୍ୟାନବିତ୍ ବିଚିତ୍ରାନନ୍ଦ ମହାନ୍ତି, ପ୍ରାକ୍ତନ ଶିକ୍ଷକ ଅକ୍ଷୟ କୁମାର ଜେନା, ପ୍ରାକ୍ତନ ଶିକ୍ଷୟିତ୍ରୀ ଗୀତାରାଣୀ ଆଇଚ, ସମାଜସେବୀ ଶ୍ରୀହର୍ଷ ସ୍ୱାଇଁ, ଅଧ୍ୟାପିକା ସ୍ନେହଲତା ଲେଙ୍କା ଓ ପ୍ରମୋଦା ମହାରଣା ଯୋଗ ଦେଇଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ତିହିଡ଼ି, ୨୪।୧(ସମିସ): ତିହିଡ଼ି ଥାନା ଅଧୀନ ମହରମପୁର ପଞ୍ଚାୟତ ମିଶ୍ର ସାହିର ଆଶୀଷ ଭଞ୍ଜ (୨୮) ନାମକ ଜନୈକ ଆତ୍ମହତ୍ୟା କରିଛନ୍ତି। ଗତକାଲି ରାତ୍ରିରେ ଭେଟି ପୋଖରୀ ଆଡ଼ିରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ତିହିଡ଼ି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲେ। ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅପରାହ୍ନରେ ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଛି। ସେ ବିବାହିତ ଥିଲେ ଓ ତାଙ୍କର ସ୍ତ୍ରୀ ଓ ଝିଅପୁଅ ଅଛନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକ ପ୍ରକାଶ ପାଇଛି।

## ଜାତୀୟ ବାଳିକା ଦିବସ ପାଳିତ

ତିହିଡ଼ି,୨୪।୧(ସମିସ): ତିହିଡ଼ି ବ୍ଲକ ଅଧୀନ ଗାଜିପୁର ପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗିରିଧାରୀ ଚାନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ପ୍ଲାକାଡର୍ ଧରି ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ପ୍ରମାଣ ପତ୍ର ଦିଆଯାଇଥିଲା। ସହକାରୀ ଶିକ୍ଷକ ବିଜୟ କୁମାର ସାହୁ, ତପସ୍ୱିନୀ ସାହୁ, ମଞ୍ଜୁଲତା ସାହୁ, ପୁଷ୍ପଲତା ତରାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ତିହିଡ଼ି ସିଆରଏସ ହାଇସ୍କୁଲରେ ମଧ ଜାତୀୟ ବାଳିକା ଦିବସ ପାଳିତ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ଶୁଭସ୍ମିତା ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ।

### ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି

## ସେମିରେ ଭଦ୍ରକ ଓ କେନ୍ଦ୍ରାପଡ଼ା



**ଭଣ୍ଡାରିପୋଖରୀ/ବାରିକପୁର, ୨୪।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରଘୁନାଥପୁର ଖେଳ ପଡିଆଠାରେ ଅଦ୍ୱୈତ ନାୟକ ମେମୋରିଆଲ ଗୋପିନାଥ ଚ୍ୟାଲେଞ୍ଜ ଟ୍ରଫିର ଆଜି ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ୟୁନିକ ଇଲେଭେନ ଭଦ୍ରକ ସହିତ ୟୁନିକ ସ୍ପୋର୍ଟିଂ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଭଦ୍ରକ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୧୯ ୯ ରନ ସଂଗ୍ରହ କରିଥିଲା। ଜବାବରେ କଟକ ଟିମ ସମସ୍ତ ୱିକେଟ ହରାଇ ୧୫୬ ରନ କରି ପରାଜୟ ବରଣ କରିଥିଲା। ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଡିଆରକେ ବାରିପଦା ଓ ଜିସିସି କେନ୍ଦ୍ରାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କେନ୍ଦ୍ରାପଡା ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ୱିକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା। ଜବାବରେ ଡିଆର୍‌କେ ବାରିପଦା ୭ ୱିକେଟ ହରାଇ ୧୨୦ରନ କରି ପରାଜୟ ବରଣ କରିଥିଲା। ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ଧନଞ୍ଜୟ ପ୍ରଧାନ ଓ ଏମ୍‌ଡି ଅର୍ବାଜଙ୍କୁ ମୁଖ୍ୟଅତିଥି ବିଶ୍ୱନାଥ ମାଝୀ ପୁରସ୍କୃତ କରିଥିଲେ। ଅମ୍ପାୟାର ଭାବେ ଲଲାଟ କେଶରୀ ନନ୍ଦ ଓ ଜ୍ୟୋତିପ୍ରକାଶ ମଲ୍ଲିକ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଜୟନ୍ତ ନାୟକ, ରାକେଶ ରଞ୍ଜନ ବୋଇତାଇ, ପାର୍ଥ ମାଝୀ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ପ୍ରଦୀପ୍ତ ନାୟକ, ବିଷ୍ଣୁ ବୋଇତାଇ, ଗୋପୀନାଥ ମାଝୀ, ଅମିତ ଧଳ ଧାରା ବିବରଣୀ ପ୍ରଦାନ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ




**ବନ୍ତ/ଆଗରପଡ଼ା,୨୪।୧(ସମିସ):** ବନ୍ତ ବ୍ଲକ ଆଡିଆସ୍ଥିତ ଆରଡ଼େଶ୍ୱର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ, କ୍ରୀଡ଼ା ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷାବିତ କାଳନ୍ଦୀ ଚରଣ ଖୁଣ୍ଟିଆଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବି ନାରାୟଣ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ଚତୁର୍ଭୁଜ ପହି, ଅନ୍ୟତମ ଅତିଥି ଭାବେ ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ଜେନା, ସ୍ଥାନୀୟ ସରପଞ୍ଚ ମୀନା କୁମାରୀ ଜେନା, ଶିକ୍ଷାବିତ କୃଷ୍ଣଚନ୍ଦ୍ର ଜେନା, ପରିଚାଳନା କମିଟି ସଭାପତି ଶଙ୍କର୍ଷଣ ରଥ, ବ୍ରିଗେଡ ସ୍କୁଲ ଅଧ୍ୟକ୍ଷ ହରିହର ଜେନା, ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ବିଶ୍ୱନାତ ବିନ୍ଧାଣୀ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷିକେଷ ମିଶ୍ର, ଆଡିଆ ନୋଡାଲ ପ୍ରଧାନ ଶିକ୍ଷକ ସୁବାସ ସେଠୀ, ପରିଚାଳନା କମିଟି ସଦସ୍ୟ ବୃନ୍ଦାବନ ଶତପଥି, ଶିକ୍ଷାବିତ ବିଜୟ କୁମାର ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ବସନ୍ତ କୁମାର ପ୍ରଦାନ ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷୟିତ୍ରୀ ବିଶ୍ୱବନ୍ଦିତା ବେହେରା, ଅନୀତା ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପରମାନନ୍ଦ ପଣ୍ଡା, କୁଞ୍ଜ ବିହାରୀ ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷକ ରବିନ୍ଦ୍ର ପ୍ରସାଦ ନନ୍ଦ ଧନ୍ୟବାଦ ଦେଇଥିଲେ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବନ୍ତ/ଆଗରପଡ଼ା, ୨୪।୧(ସମିସ): ଆଗରପଡ଼ା ମହାବିଦ୍ୟାଳୟ ପରିସରରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ ପତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ପରିସ୍ଥିତି ଅନୁଯାୟୀ ବିଭିନ୍ନ କୌଶଳ ପ୍ରୟୋଗକରି ନିଜକୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ବ୍ରଜମୋହନ ପତି, ଅଧ୍ୟାପକ ନାରାୟଣ ଚନ୍ଦ୍ର ପୁରୀ ଓ ମହେଶ୍ୱର ମଲ୍ଲିକ ପ୍ରମୁଖ ଶିବିରର ଯୋଗଦେଇଥିଲେ। ପୁରାତନ ଛାତ୍ରୀ ସଂଯୁକ୍ତା ତ୍ରିପାଠୀ ଓ ଅହଲ୍ୟା ଦାସ ଶିବିରାର୍ଥୀଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ସଂଯୋଜକ ଅଧ୍ୟାପକ ପ୍ରଶାନ୍ତ ନାୟକ, ଅଧ୍ୟାପିକା ରଂଜିତା ମହାପାତ୍ର ଓ ମନ୍ଦାକିନୀ ଦାସ ପ୍ରମୁଖ କାର୍ଯ୍ୟକ୍ରମର ସୁପରିଚାଳନାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ମହେଶ୍ୱର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟ ମୁଖ୍ୟ ସହାୟକ ଅଶୋକ ସାହୁ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

### ଦୁଃଖୀ ସମାଜର ସଫେଇ, ମେଗା ରକ୍ତଦାନ ଶିବିର

## ଭଦ୍ରକରୁ ୧୩୦୧ ୟୁନିଟ୍ ରକ୍ତ ସଂଗ୍ରହ

ଭଦ୍ରକ,୨୪ ।୧(ସମିସ)






ଭଦ୍ରକର ପ୍ରସିଦ୍ଧ ଧର୍ମଗୁରୁ ସୈୟଦ ଶାହା ୱସିମ ଅଖତର କାଦରୀ (ସାନ ସରକାର ବାବା) ଓରଫ ମାମାଜାନ ଭଦ୍ରକରେ ରହଣି ସମୟରେ ସମାଜ ସେବାରେ ଲିପ୍ତ ରହି ଅନେକ ଜନ ହିତକର କାର୍ଯ୍ୟ କରିଛନ୍ତି। ଗରିବ ଲୋକମାନେ ଅସୁବିଧା ସମୟରେ ରକ୍ତ ପାଇଁ ବହୁ ହଇରାଣ ହେଉଥିବା ବେଳେ ୨୦୦୫ ମସିହାରେ 'ଅଖିଳ ଭାରତୀୟ ଦୁଃଖୀ ସମାଜ' ସଂସ୍ଥା ଆରମ୍ଭ ପୂର୍ବକ ରକ୍ତଦାନ ଶିବିର ଆରମ୍ଭ କରିଥିଲେ। ତାଙ୍କର ଦେହାନ୍ତ ପରେ ବାବାଙ୍କ ଶ୍ରଦ୍ଧାଳୁମାନେ ମଧ ୨୦ ବର୍ଷ ପଥକୁ ଅନୁସରଣ କରୁଛନ୍ତି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ସକାଳେ ୬ ଘଟିକାରୁ ଭଦ୍ରକ ସହରର ପ୍ରତ୍ୟେକ ଗାଁରେ ସଫେଇ କାର୍ଯ୍ୟ ହୋଇ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସକାଳ ୮.୩୦ ଘଟିକା ପର୍ଯ୍ୟନ୍ତ ଚାଲୁ ରହିଥିଲା। ଶୁକ୍ରବାର ସାନ ସରକାର ବାବାଙ୍କ ୭୦ତମ ଜନ୍ମଦିନ ଉପଲକ୍ଷେ ସଭାପତି ଇଂ. ମନୱର ହୋସେନ, ସଂପାଦକ ଇଂ. ରେଜାଏ ରସୁଲ, ଇଂ. ହବିବୁଲ୍ଲା ଖାଁ, ସକିଲୁଜ ଜମା ଖାଁ, ହାଜୀ ଅବୁ ହୋସେନ ଖାଁ, ହାଜୀ ସବ୍‌ବିର ଅଲି, ହାଜୀ ତବାରକ ଅଲି, ହାଜୀ ମତଲୁବ ଅଲୀ, ମୁଖତାର ଅହେମଦ ରସିଦ, ଜମିଲ ଅଖତର ଖାନ, ଲିୱା ମାଷ୍ଟର ପ୍ରମୁଖଙ୍କ ନେତୃତ୍ୱରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ରକ୍ତ ଭଣ୍ଡାରର ଡା. ବିମଳା ମିଶ୍ରଙ୍କ ଟିମ ୪୨୪ ୟୁନିଟ, ଏସସିବି ରକ୍ତଭଣ୍ଡାରର ଡା. କୌସିକ ପାତ୍ରଙ୍କ ଟିମ ୫୭୭ ୟୁନିଟ, ଯାଜପୁର ରକ୍ତ ଭଣ୍ଡାରର ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଟିମ୍ ୩୦୦ ୟୁନିଟ୍ ରକ୍ତ ସଂଗୃହ କରିଥିଲେ। ଅପରପକ୍ଷେ ମାମାଜାନଙ୍କ ସ୍ମୃତିରେ ବାଲେଶ୍ୱରରେ ଅନୁଷ୍ଠିତ ଶିବିରରେ ୭୭୩ ୟୁନିଟ, ବାରିପଦାରେ ଅନୁଷ୍ଠିତ ଶିବିରରେ ୪୦ ୟୁନିଟ ଓ ଜଳେଶ୍ୱରରେ ଅନୁଷ୍ଠିତ ଶିବିରରେ ୧୫୪ ୟୁନିଟ ଓ ପଶ୍ଚିମବଙ୍ଗ ରାଜ୍ୟର ଡିସରଗଡ଼ରେ ଅନୁଷ୍ଠିତ ଶିବିରରେ ୬୦ ଏହିପରି ମୋଟ ୨୩୨୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ସୂଚନା ମିଳିଛି। ଏହି ଶିବିରରେ ୪୫୦ ଜଣ ଯୁବତୀ ରକ୍ତଦାନ କରିଥିଲେ। ଡା. ରବି ମହାପାତ୍ର, ଡ. ରବିନ୍ଦ୍ର ନାୟକ, ଡ. ହରି ନାୟକ, ଡ. ଫରମାନ ନବୀ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ପୌରପାଳିକା ଅଧ୍ୟକ୍ଷ ଗୁଲମକ୍ସୀ ଦଲୱାଜୀ ହବିବ, ଆଡସିନଲ ଏସପି ଅଂଶୁମାନ ଦ୍ୱିବେଦୀ, ଯୁବନେତା ଅସିତ ପଟ୍ଟନାୟକ, ଯୁବନେତା ନଳିନୀ ମହାନ୍ତି, ଯୁବ ନେତା ଶୁଭେନ୍ଦ୍ର ମହାପାତ୍ର, ଦଳିତ ନେତା ରାଜୁ ଜେନା, ବିଦ୍ୟାଧର ସାହୁ, ହାଜୀ ମହମ୍ମଦ ଅବଦୁଲ ବାରୀ, ହାଜୀ ଅବଦୁଲ ମୁକିତ ଖାଁ, ହାଜୀ ଏନାମ ମହମ୍ମଦ, ହାଜୀ ଏସଏମ୍ ଫାରୁକ, ହାଜୀ କାଶିମ ଖାନ, ହାଜୀ ଅନୱର ହୋସେନ, ନାସିର ବକ୍ସ, ଶେଖର ମହାପାତ୍ର, ଅଶୋକ କୁମାର ଦାସ, ସୁଧାକର ରାଉତ, ହରୀ ନନ୍ଦୀ, ମନୋରଞ୍ଜନ ସାହୁ, ଆଇନଜୀବୀ ତାହେର ମହମ୍ମଦ ପ୍ରମୁଖ ଯୋଗଦାନ କରିଥିଲେ। ଅଖିଳ ଭାରତୀୟ ଦୁଃଖୀ ସମାଜର ସଭ୍ୟ ମହମ୍ମଦ ଜକାଉଲ୍ଲା, ଡ. କମାଲ ଖାନ, ଝମ ଝମ ଅଲୀ, ଗୋଲାମ ମୋହିଦ୍ଦିନ, ଶେଖ ହବିବୁଲ୍ଲା, ଜାୱେଦ ଅଖତର, ମିଡିଆ ସେଲ ସଂଯୋଜକ ଶେଖ ଅନୱର, ଅତହର ଅଲି, ନାସର ଅଲି, ଅଖତର ଅଲି ଖାନ, ମୋଜୋ ଖାନ, ମିର୍ଜା ଫରିଦ ବେଗ, ମିର୍ଜା ଏକ୍ରାମ ବେଗ, ତନୱିର ଖାନ, ଜହୁର ଖାନ, ଶେଖ ନିୟାମତୁଲ୍ଲା, ମୁସ୍ତାକ ଗୌହର, ମହେବୁବ ଖାନ, ସେଖ ରଫିକ ପ୍ରମୁଖ ଉପସ୍ଥିତ ରହିଥିଲେ। ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମ ମିର୍ଜା ଇଜାଜ ବେଗ, ଜହିରୁଦ୍ଦିନ ଖାନ, ଅବଦୁଲ ରହେମାନ, ଦୟାନ ଜିୟା, ଶେଖ ମଇରାଜୁଦ୍ଦିନ, ସିରିନ କାଦରୀ, ଫାରୁକ ଖାନ ପ୍ରମୁଖ ପ୍ରଦାନ କରିଥିଲେ। ଏନପିଜି ପକ୍ଷରୁ ସାନ ସରକାର ବାବା ଓ ବଡ଼ ସରକାର ବାବାଙ୍କ ସମାଧିରେ ଚାଦର ଚଢ଼ା ଯାଇଥିଲା।

## ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ଟମକା, ୨୪।୧(ସମିସ):** ଟମକା ଥାନା ଅନ୍ତର୍ଗତ ଉଛବାଳି ପଞ୍ଚାୟତର ତରାଇଲୋ ଗ୍ରାମରେ ବଧୂହତ୍ୟାକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଟମକା ପୁଲିସ୍ ମାମଲା ରୁଜୁ କରି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଭିଯୁକ୍ତ ସ୍ୱାମୀକୁ ଅଟକ ରଖି ପୁଲିସ୍ ଅଧିକ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ତରାଇଲୋ ଗ୍ରାମର ଅଲେଖ ବେହେରାଙ୍କ ପୁଅ ରାଜେଶ (୨୭) କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ କଇନିପୁରା ଗ୍ରାମର ମନୋରଞ୍ଜନ ସାହୁଙ୍କ ଝିଅ ସୁମିତ୍ରା(୨୩)ଙ୍କୁ ଭଲ ପାଇ ଘରକୁ ନେଇ ଆସିଥିଲେ। ଦୁହେଁ ୨ ବର୍ଷ ଧରି ସ୍ୱାମୀସ୍ତ୍ରୀ ଭାବେ ରହୁଥିଲେ। ସେମାନଙ୍କର ୬ ମାସର ପୁତ୍ର ସନ୍ତାନ ଅଛି। ତେବେ ଗୁରୁବାର ରାଜେଶର ଡାକ ଶୁଣି ପରିବାର ଲୋକ ଉଠି ସୁମିତ୍ରା ଶାଢ଼ୀରେ ପଙ୍ଖାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଶାଢୀ ଖୋଲି ତଳକୁ ଆଣିବା ପରେ ସୁମିତ୍ରାଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଥିଲା। ସକାଳେ ଏ ନେଇ ସୁମିତ୍ରାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ସୁମିତ୍ରାଙ୍କ ଶାଶୂଘର ଲୋକେ ୨ଲକ୍ଷ ଟଙ୍କା ପାଇଁ ତାଙ୍କ ଝିଅକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବାବେଳେ ତାକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ନେଇ ପରିବାର ଲୋକ ଥାନାରେ ଏତଲା ଦେଇଥିଲେ। ପୁଲିସ୍ ୧୪/୨୦୨୫ରେ ମାମଲା ରୁଜୁ କରିବା ସହ ସ୍ୱାମୀକୁ ଥାନାକୁ ଆଣିଥିଲା। ଦାନଗଦି ତହସିଲ୍‌ଦାର ରଞ୍ଜିତ ମଲ୍ଲିକ ଓ ଜିଲ୍ଲା ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ୱାମୀ ରାଜେଶ ଦୈନିକ ମଦ୍ୟପାନ କରି ଘରେ ବିଶୃଙ୍ଖଳା ସୃଷ୍ଟି କରୁଥିବାବେଳେ ପରିବାରରେ ସବୁବେଳେ ଅଶାନ୍ତି ଲାଗି ରହୁଥିବା ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି।

### ମହୁଲଖାଲ ପ୍ରାଥମିକ ବିଦ୍ୟାଳୟ
## ଜଳକଷ୍ଟ ଭୋଗୁଛନ୍ତି ଛାତ୍ରଛାତ୍ରୀ



**କାଳିଆପାଣି, ୨୪।୧(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାସୋଳ ପଞ୍ଚାୟତର ମହୁଲଖାଲ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ପାନୀୟଜଳ ସମସ୍ୟା ଭୋଗୁଛନ୍ତି। ଏଭଳି ସମସ୍ୟା ଦୀର୍ଘ ମାସ ଧରି ଭୋଗୁଥିବାବେଳେ ବିଦ୍ୟାଳୟରେ ବିଜୁଳି ସଂଯୋଗ ମଧ୍ୟ ନାହିଁ। ଏଥିପାଇଁ ଅଙ୍ଗନବାଡ଼ି କେନ୍ଦ୍ର ନଳକୂପକୁ ଭରସା କରିଛନ୍ତି ବିଦ୍ୟାଳୟର ଛାତ୍ରଛାତ୍ରୀ। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଆଗାମୀ ଦିନରେ ଏହି ଜଳକଷ୍ଟ ସମସ୍ୟା ଦୂର ନ ହେଲେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଟମକା, ୨୪।୧(ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ଚମ୍ପାଝରଠାରେ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ କମର୍ଦ୍ଧା ଅଞ୍ଚଳର ସିଙ୍ଗିରାଇ ହେମ୍ବ୍ରମ। କାଳିଆପାଣି ଖଣି ଅଞ୍ଚଳରୁ ମାଲ ବୋଝେଇ ଟ୍ରକ୍ ଟମକା ଆଡ଼କୁ ଆସୁଥିବା ସମୟରେ ଚମ୍ପାଝର ଗ୍ରାମ ନିକଟରେ ଟମକା ପଟୁ ଖଣି ଅଞ୍ଚଳକୁ ସିଙ୍ଗିରାମ ବାଇକ୍ ଯୋଗେ ଯାଉଥିବା ସମୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଦାନଗଦି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୬ ଶହ ଲିଟର ଦେଶୀମଦ ଜବତ

**ଯାଜପୁର, ୨୪।୧(ସମିସ):** ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଅଧିକାରିଣୀ ସସ୍ମିତା ହୋତା ମୋଟରଙ୍ଗାପାଳ ଅଞ୍ଚଳରେ ଚଢ଼ଉ କରିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି କାର୍‌ରେ ଦେଶୀମଦ ବିକିବାକୁ ଆଣୁଥିବାକୁ ଦେଖି ତାଙ୍କୁ ଗିରଫ କରିଥିବାବେଳେ ୬ ଶହ ଲିଟର ଦେଶୀମଦ ଜବତ କରିଥିଲେ। ଗିରଫ ବ୍ୟକ୍ତି ଜଣଙ୍କ କୋରେଇ ଅଞ୍ଚଳର ସାଗର କୁମାର ଜେନା ବୋଲି ଜଣାପଡ଼ିଛି। ଅବକାରୀ ବିଭାଗ ଏହି ଅଭିଯୁକ୍ତକୁ ଗିରଫ କରିବା ପରେ ଯାଜପୁର କୋର୍ଟକୁ ଚାଲାଣ କରାଯାଇଛି। ଏହି ଚଢ଼ଉରେ ସବଇନ୍ସପେକ୍ଟର ବିଭୁପ୍ରସାଦ ସାହୁ, ରମେଶ ନାୟକ, କର୍ମଚାରୀ ବିକ୍ରମ ବେହେରା ଓ ଲିପ୍‌ସା ସାହୁ ପ୍ରମୁଖ ସାମିଲ ଥିଲେ।

## ଗାୟକ ଭାସ୍କର ବଟକୃଷ୍ଣ ବେହେରା ସମ୍ବର୍ଦ୍ଧିତ

**ଜାରକା, ୨୪।୧(ସମିସ):** ଧର୍ମଶାଳା ବ୍ଲକ କୁମାରୀ ଗ୍ରାମର ଗାୟକ ଭାସ୍କର ବଟକୃଷ୍ଣ ବେହେରାଙ୍କୁ ଚନ୍ଦନେଶ୍ୱର କଳା ଓ ସଂସ୍କୃତି ପ୍ରୋତ୍ସାହନ ପରିଷଦ ପକ୍ଷରୁ ତାଙ୍କ ବାସଭବନରେ ଶୁକ୍ରବାର ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଛି। କୈଳାସ ଚନ୍ଦ୍ର ରାଉତଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉପଦେଷ୍ଟା ବିଚିତ୍ରାନନ୍ଦ କର, ଉପସଭାପତି ବୃନ୍ଦାବନ ପଣ୍ଡା, ପ୍ରତିଷ୍ଠାତା ଜିତେନ୍ଦ୍ର ଦାସ, ସହସମ୍ପାଦକ କେଶବ ଚନ୍ଦ୍ର ପଣ୍ଡା, ସଦସ୍ୟ ଅଭିରାମ ବେହେରା, ରବୀନ୍ଦ୍ର ମିଶ୍ର, ଯୁବ ପାଲାକାର ଲକ୍ଷ୍ମୀଧର ମହାରଣା, ପାଲାକାର ରବିନାରାୟଣ କର, ପାଳିଆ ବିନୋଦ ବିହାରୀ ବେହେରା ପ୍ରମୁଖ ଯୋଗଦେଇ ପାଲାକାର ଶ୍ରୀ ବେହେରାଙ୍କ ୫୦ ବର୍ଷ ପାଲା ପରିବେଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ସଦସ୍ୟ କଳ୍ପତରୁ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ସଦସ୍ୟ ଅଶୋକ ପଣ୍ଡା ଧନ୍ୟବାଦ ଦେଇଥିଲେ। ଶ୍ୟାମସୁନ୍ଦର ବେହେରା, ପ୍ରଶାନ୍ତ ବେହେରା, ଲକ୍ଷ୍ମୀକାନ୍ତ ଶତପଥୀ, ଦିବାକର ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସିଏମ୍ ଟ୍ରଫି ଆନ୍ତଃକ୍ଲବ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ



**ଯାଜପୁର, ୨୪।୧(ସମିସ):** ଯାଜପୁର ଜିଲ୍ଲା ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ଫାଓ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପୃଷ୍ଠପୋଷକତାରେ ବ୍ୟାସନଗର ଷ୍ଟାଡ଼ିୟମରେ ଚାଲିଥିବା ସିଏମ ଟ୍ରଫି ଆନ୍ତଃକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ନବମ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଖେଳରେ କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ୪-୦ ଗୋଲରେ ମଧୁବନ ଫୁଟବଲ କ୍ଲବ୍‌କୁ ପରାସ୍ତ କରିଥିଲା। ଏହି ଖେଳରେ ୧୧ ନମ୍ବର ଖେଳାଳି ରସିକ ପିଙ୍ଗୁଆ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ତ୍ରିଜଙ୍ଗା କ୍ଲବ୍‌କୁ ୧-୦ ଗୋଲରେ ଗୋବରଘାଟି କ୍ଲବ୍ ପରାସ୍ତ କରିଥିଲା। ଶୁଭ ବଦରା ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ଆନ୍ତର୍ଜାତିକ କ୍ରୀଡାବିତ୍ ପୂର୍ଣ୍ଣିମା ହେମ୍ବ୍ରମ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଫକୀରମୋହନ ଟୁଡୁ, ପୂର୍ବତନ ଖେଳାଳି ଭରତ କିସ୍କୁ, କୈଳାସ ଜେନା ଓ ସୁଧାଂଶୁ ରାଉତ ରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିବ ଡାଙ୍ଗିଲ, ଉପେନ୍ଦ୍ର ଡାଙ୍ଗିଲ, ମୁନମୁନ ସୀମାତ୍, ରାମବାଲାର ବେସ୍ରା ଓ ଦୁଃଖବନ୍ଧୁ ମାଝୀ ଖେଳ ପରିଚାଳନା କରିଥିଲେ।

### ବାଲିଆ କଲେଜ ଛାତ୍ରୀ ଅସଦାଚରଣ ମାମଲା
# ଥାନା ସମ୍ମୁଖରେ ବିଜେଡିର ଧାରଣା; ଅଧ୍ୟାପକ ବହିଷ୍କୃତ

**ବରୀ, ୨୪।୧(ସମିସ)**

ବରୀ ବାଲିଆସ୍ଥ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଅଧ୍ୟାପକ କରିଥିବା ଅସଦାଚରଣ ମାମଲାକୁ ନେଇ କିଛିଦିନ ଧରି ସ୍ଥାନୀୟ ଅଞ୍ଚଳରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ ରାଜରାସ୍ତାକୁ ଓହ୍ଲାଇଥିବାବେଳେ ବିଜେଡି ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଜେଡି ଅଧ୍ୟାପକଙ୍କ ବହିଷ୍କାର ଦାବି କରିଥିଲା। ଯାଜପୁର ଉପଜିଲ୍ଲାପାଳ ଅଭିଯୁକ୍ତ ଅଧ୍ୟାପକଙ୍କୁ ଚାକିରିରୁ ବହିଷ୍କାର କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଅଭିମନ୍ୟୁ ସାମନ୍ତସିଂହାର କଲେଜର ଜଣେ ଛାତ୍ରୀ ରାଜନୀତି ବିଜ୍ଞାନ ଅଧ୍ୟାପକ ବିଦ୍ୟାଧର ଧଳଙ୍କ ବିରୋଧରେ ଅସଦାଚରଣ ଓ ଦୁଷ୍କର୍ମ ଭଳି ସଙ୍ଗୀନ ଅଭିଯୋଗ ଆଣିଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ। ଏହାକୁ ନେଇ କଲେଜ ଓ ସମଗ୍ର ବରୀ ଅଞ୍ଚଳରେ ଅଶାନ୍ତର ବାତାବରଣ ସୃଷ୍ଟି ହୋଇଛି। ପୁଲିସ ଓ ସରକାରଙ୍କ ବିଫଳତାକୁ ପ୍ରସଙ୍ଗ କରି ଆଜି ବିଜୁ ଜନତା ଦଳ ପକ୍ଷରୁ ବରୀ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ବିଜେଡି ପକ୍ଷରୁ ଶହ ଶହ କର୍ମକର୍ତ୍ତା ସାମିଲ ହୋଇ ବରୀ ପୁଲିସ ଓ ବିଜେପି ସରକାରଙ୍କ ବିରୁଦ୍ଧରେ ନାରାବାଜି କରିବା ସହିତ ବରୀ ଥାନା ଅଧିକାରିଣୀଙ୍କ ବଦଳି, ଅଭିଯୁକ୍ତ ଅଧ୍ୟାପକଙ୍କ ବହିଷ୍କାର ଓ ଗିରଫ କରିବାକୁ ଦାବି କରିଥିଲେ। ଏ ସଂକ୍ରାନ୍ତରେ ଏକ ସ୍ମାରକ ପତ୍ର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନଗୋଙ୍କୁ ପ୍ରଦାନ କରିଥିଲେ। ପରେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ିଙ୍କ ନେତୃତ୍ୱରେ ଏକ ପ୍ରତନିଧି ଦଳ ବାଲିଆ କଲେଜ ସମ୍ମୁଖରେ ଅନଶନରେ ବସିଥିବା



ଛାତ୍ରୀଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏହି ପ୍ରତିନିଧି ଦଳରେ ବ୍ଲକ ବିଜେଡି ସଭାପତି କେଦାର ସାମଲ, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲୀପ କୁମାର ମହାନ୍ତିଙ୍କ ସମେତ ବହୁ ଆଗ ଧାଡ଼ିର କର୍ମୀ ଉପସ୍ଥିତ ଥିଲେ।

ସେହିପରି ଅପରାହ୍ନରେ ଓଡ଼ିଶା ଯୁବ କଂଗ୍ରେସର ଏକ ପ୍ରତନିଧି ଦଳ ଅନଶନରତ ଛାତ୍ରୀଙ୍କୁ ଭେଟି ଘଟଣାକୁ ନିନ୍ଦା କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଅନ୍ୟପକ୍ଷରେ କ୍ରାଇମ ବ୍ରାଞ୍ଚର ଅଧିକାରିଣୀ ଇସାନି କଲ୍ୟାଣୀ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲେ। ଏହି ଘଟଣାକୁ ନେଇ ବରୀ ଅଞ୍ଚଳରେ ବିଗୁଡୁଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ଦେଖି ଘଟଣାର ମୁଖ୍ୟ ଅଭିଯୁକ୍ତ ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ବିଦ୍ୟାଧର ଧଳଙ୍କୁ ଚାକିରିରୁ ଉପଜିଲ୍ଲାପାଳ ବହିଷ୍କୃତ କରିଥିଲେ। ଏହାପରେ ଆମରଣ ଅନଶନରେ ବସିଥିବା ଛାତ୍ରୀ, ତାଙ୍କ ମାଆ, ସହପାଠୀ ଓ ନବ ନିର୍ମାଣ ଯୁବଛାତ୍ର ସଂଗଠନ ସଦସ୍ୟଙ୍କୁ ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ ଫଳରସ ପିଆଇ ଆମରଣ ଅନଶନ ଭଙ୍ଗ କରିଥିଲେ। ଘଟଣାସ୍ଥଳରେ ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତିକଣ୍ଠ କାନୁନ୍‌ଗୋ, ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ଅତିରିକ୍ତ ତହସିଲଦାର କଲ୍ଲୋଳ ମିଶ୍ର, ବିଡିଓ ଅସିତ କୁମାର ମହାନ୍ତି ପ୍ରମୁଖ ବାରମ୍ବାର ଉପସ୍ଥିତ ରହିବା ସହ ଆଲୋଚନା କରିଥିଲେ।

# ୧୭ ଦଫା ଦାବିରେ ରୋହିତ ପ୍ଲାଣ୍ଟ ଠିକା ଶ୍ରମିକଙ୍କ ଧାରଣା

**ଯଖପୁରା/ଦାନଗଦି, ୨୪।୧(ସମିସ):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ଦିନକୁ ଦିନ କାରଖାନାମାନଙ୍କର ମନମୁଖୀ କାର୍ଯ୍ୟ ଶ୍ରମିକଙ୍କ ମନରେ ଅଶାନ୍ତି ଭରୁଛି। ଲାଭଖୋର ମନୋବୃତ୍ତି ପାଇଁ ଶ୍ରମିକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଥିବା ଦେଖିବାକୁ ମିଳୁଛି। ଯେଉଁ ଶ୍ରମିକଙ୍କ ଅହରହ ପରିଶ୍ରମ ପାଇଁ କାରଖାନା ମାଲିକ ମାଲାମାଲ ହେଉଛନ୍ତି, ପରବର୍ତ୍ତୀ ମୁହୂର୍ତ୍ତରେ କମ୍ପାନୀ ମାଲିକ ଶ୍ରମିକଙ୍କ ପ୍ରତିଦାନକୁ ଭୁଲି ଯାଉଛନ୍ତି। ଫଳରେ ଅନେକ ସମୟରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଶ୍ରମିକ ଅଶାନ୍ତିକୁ ନେଇ କାରଖାନା ଫାଟକ ସମ୍ମୁଖରେ ଧାରଣା ଦେଖିବାକୁ ମିଳୁଛି। ସେମିତି ଆଜି ଭୋରୁ ଟାଟା ଅଧିକୃତ ରୋହିତ କାରଖାନା ସମ୍ମୁଖରେ ଠିକା ଶ୍ରମିକଙ୍କ ଧାରଣା ଦେଖିବାକୁ ମିଳିଛି। ଶ୍ରମିକମାନେ ଭୋରୁ ପ୍ରାୟ ୪ଟା ସମୟରୁ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି। ୧୭ ଦଫା ଦାବି ନେଇ ଶ୍ରମିକମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଶ୍ରମିକଙ୍କ ଦାବି ମୁତାବକ ଯେଉଁ ଶ୍ରମିକଙ୍କୁ ହିଟ୍ ଆନାଉନ୍ସ, ଡଷ୍ଟ ଆନାଉନ୍ସ, ଉଚ୍ଚ ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାଇଁ ହାଇଟ ଆନାଉନ୍ସ ଓ ନାଇଟରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାଇଁ ନାଇଟ ଆନାଉନ୍ସ ଆଦି ପ୍ରଦାନ କରାଯାଉ। ସେହିପରି ଯେଉଁ ଶ୍ରମିକଙ୍କୁ ୬୦ ବର୍ଷ ପୂରଣ ହୋଇଯାଉଛି, ସେମାନଙ୍କୁ ଛଟେଇ ତ କରାଯାଉଛି; କିନ୍ତୁ ତାଙ୍କୁ କୌଣସି ଜମାରାଶି ଦିଆଯାଉନାହିଁ। ନିୟମିତ ଠିକା ଶ୍ରମିକ ୧୬ ବର୍ଷ ସପ୍ଲାଏରେ



କାର୍ଯ୍ୟ କରିବା ପରେ ତାଙ୍କୁ ଭେଣ୍ଡର ଅଧୀନକୁ ଦିଆଗଲା ପରେ ତାଙ୍କୁ ପୂର୍ବରୁ କାର୍ଯ୍ୟ କରୁଥିବା ସପ୍ଲାଏର ଗ୍ରାଚ୍ୟୁଏଟ ଟଙ୍କା ଦିଆଯାଉନାହିଁ। ରୋହିତ କାରଖାନା ଟି ଚାନ୍ଦିଆ ପଞ୍ଚାୟତ ରେ ସ୍ଥାପିତ ହୋଇଥିବା ପରେ ମଧ୍ୟ ଚାନ୍ଦିଆ ପଞ୍ଚାୟତ ରେ ଯେଉଁ ବିସ୍ଥାପିତ ପରିବାରରୁ ଯଦି କାହାକୁ କାରଖାନାରେ ଚାକିରି ଦିଆଯାଇଛି, ତେବେ ତାଙ୍କର ଯଦି ମୃତ୍ୟୁ ଘଟୁଛି ତେବେ ତାଙ୍କୁ ପିଢ଼ି ପରେ ପିଢ଼ି ଚାକିରିର କୌଣସି ବ୍ୟବସ୍ଥା ନାହିଁ। ସେହିପରି ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ଶ୍ରମିକଙ୍କୁ ୪ ବର୍ଷର ବୋନସ ଦିଆଯାଇନାହିଁ। ଅନ୍ୟ କାରଖାନାରେ ଲାଗୁ ହେଉଥିବା କାଣ୍ଟିନ ବ୍ୟବସ୍ଥା କରି ଶ୍ରମିକଙ୍କୁ ସୁଲଭ ମୂଲ୍ୟରେ ଖାଦ୍ୟ ଦିଆଯାଉ। ଯେମିତିକି ମଧ୍ୟାହ୍ନ ଭୋଜନକୁ ୮ ଟଙ୍କାରେ ଓ ଜଳଖିଆ ପାଇଁ ୪ ଟଙ୍କାରେ ଖାଦ୍ୟ ଯୋଗାଇ ଦିଆଯାଉ। ପ୍ରଥମେ ଶ୍ରମିକଙ୍କ ଦାବି ପୂରଣ କରାଯାଉ ଓ ପରେ କାରଖାନା ଚାଲୁ କରାଯାଉ। ଯେପର୍ଯ୍ୟନ୍ତ ଶ୍ରମିକଙ୍କ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ କାରଖାନାକୁ ଅଚଳ କରିଦିଆଯିବ ବୋଲି ଶ୍ରମିକମାନେ କହିଛନ୍ତି। ଶ୍ରମିକଙ୍କ ସମସ୍ତ ଦାବି ବିଷୟରେ ଆଲୋଚନା କରିବା ପାଇଁ କାରଖାନା କର୍ତ୍ତୃପକ୍ଷ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ସମୟ ମାଗିଥିବା ଜଣାପଡ଼ିଛି। କାରଖାନା କର୍ତ୍ତୃପକ୍ଷ ବିଡି ନନ୍ଦ, ଗୌତମ ଚକ୍ରବର୍ତ୍ତୀ, ସୁଧାଂଶୁ ରାଉତରାୟ ସହିତ ଶ୍ରମିକଙ୍କ ପକ୍ଷରୁ ରାଜେନ୍ଦ୍ର କାଲୁମୁଣ୍ଡିଆ, ରାଜୁ ମହାନ୍ତ, ରାଜନ୍ ମୁର୍ମୁ, ପ୍ରଶାସନିକ ଅଧିକାରୀ ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଦାନଗଦି ତହସିଲଦାର ଓ ଯଖପୁରା ଥାନା ଅଧିକାରିଣୀ ଆଲୋଚନାରେ ଭାଗ ନେଇଥିଲେ।

## ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ଗଡ଼ିବ ତୀର୍ଥଯାତ୍ରୀ ବସ୍

**ଜାରକା, ୨୪।୧(ସମିସ):** ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ଟି ପଞ୍ଚାୟତର ଲୋକଙ୍କ ତୀର୍ଥ ପାଇଁ ପୁରୀ ଯିବାକୁ ବ୍ୟବସ୍ଥା କରାଯାଇଛି। ଧର୍ମଶାଳା ବିଧାୟକଙ୍କ ଉଦ୍ୟମକ୍ରମେ ଏହା ଆସନ୍ତା ୨୬ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତି ପଞ୍ଚାୟତ ପାଇଁ ୬ଟି ବସ୍‌ର ବ୍ୟବସ୍ଥା କରାଯାଇଥିବାବେଳେ ପ୍ରତ୍ୟେକ ଦିନ ୨ଟି ପଞ୍ଚାୟତରୁ ୧୨ଟି ବସ୍ ଯୋଗେ ୫୦୦ ତୀର୍ଥଯାତ୍ରୀ ପୁରୀ ଯିବାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ସକାଳୁ ତୀର୍ଥଯାତ୍ରୀଙ୍କୁ ସମ୍ପୃକ୍ତ ପଞ୍ଚାୟତରୁ ଜାରକାସ୍ଥ ମହୋତ୍ସବ ପଡ଼ିଆକୁ ଅଣାଯିବ। ସେଠାରେ ଡକ୍ଟରୀ ଟିମ୍ ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବସ୍ ଯୋଗେ ପୁରୀ ଅଭିମୁଖେ ଛଡ଼ାଯିବ। ତୀର୍ଥଯାତ୍ରୀଙ୍କ ଭଲମନ୍ଦ ବୁଝିବା ଲାଗି ପ୍ରତ୍ୟେକ ବସ୍‌ରେ ୨ ଜଣ ଲେଖାଏଁ ସ୍ୱେଚ୍ଛାସେବୀ ରହିବେ। ପୁରୀରେ ତୀର୍ଥଯାତ୍ରୀ କିଭଳି ଶୃଙ୍ଖଳିତ ଦର୍ଶନ କରିବେ, ସେ ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ଅପରାହ୍ନରେ ତୀର୍ଥଯାତ୍ରୀଙ୍କୁ ପୁରୀ ସମୁଦ୍ର ବେଳାଭୂମିରେ ବୁଲାଇ ସେମାନଙ୍କୁ ଆଣି ଘରେ ଛାଡିବାର ବ୍ୟବସ୍ଥା କରାଯାଇଥିବା ବିଧାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର

**ସୁକିନ୍ଦା, ୨୪।୧ (ସମିସ):** ଶୁକ୍ରବାର ସୁକିନ୍ଦା ଜଗନ୍ନାଥ ହାଇସ୍କୁଲ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ମାଧ୍ୟମରେ ଭିନ୍ନକ୍ଷମ ରୋଗୀ ଚିହ୍ନଟ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଶତାଧିକ ଭିନ୍ନକ୍ଷମ ପଞ୍ଜୀକରଣ କରିଥିବାବେଳେ ୭୭୫ଙ୍କୁ ଚିହ୍ନଟ କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟକୁ ପ୍ରମାଣପତ୍ର ପ୍ରଦାନ ପାଇଁ ପ୍ରେରଣ କରାଯାଇଥିବା ଜଣାପଡ଼ିଛି। ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇଥିବା ଏହି ଶିବିରରେ



ଏକ ହଜାରରୁ ଉର୍ଦ୍ଧ୍ୱ ରୋଗୀ ପାଞ୍ଜିକୃତ କରିଥିଲେ। ସେମାନଙ୍କର ଆବେଦନ ପତ୍ର ଯାଞ୍ଚ କରାଯାଇ ଜଗନ୍ନାଥ ହାଇସ୍କୁଲ ପରିସରରେ କ୍ୟାମ୍ପ କରିଥିବା ଅସ୍ଥିଶଲ୍ୟ ଭିନ୍ନକ୍ଷମ ରୋଗୀଙ୍କୁ ସମ୍ପୃକ୍ତ ବିଭାଗର ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ୩୭୦ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ସେହିପରି ମାନସିକ ଭିନ୍ନକ୍ଷମ ରୋଗୀଙ୍କୁ ମଧ୍ୟ ବିଭାଗୀୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ୧୭୨ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଦୃଷ୍ଟିଶକ୍ତି ହରାଇଥିବା ରୋଗୀଙ୍କୁ ପରୀକ୍ଷା କରାଯାଇ ୯୯ ଜଣଙ୍କୁ ଚିହ୍ନଟ କରାଯାଇଥିବାବେଳେ ଇଏନ୍‌ଟି ବିଭାଗର ରୋଗୀ ଯଥା ଶ୍ରବଣ ଶକ୍ତି ହରାଇଥିବା ୧୧୪ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଭେଷଜ ବିଭାଗ ଦ୍ୱାରା ୨୦ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ବିଭିନ୍ନ ବିଭାଗର ୭୭୫ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୨ଜଣ ଭିନ୍ନକ୍ଷମଙ୍କୁ ବିଭିନ୍ନ ସହାୟତା ଉପକରଣ ପ୍ରଦାନ କରାଯାଇଥିଲା। ତେବେ ଚିହ୍ନଟ ହୋଇଥିବା ଭିନ୍ନକ୍ଷମଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନ୍‌ଲାଇନ୍ ଯାଞ୍ଚ କରାଯାଇ ସେମାନଙ୍କୁ ସ୍ମାର୍ଟ କାର୍ଡର ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁକିନ୍ଦା ବିଧାୟକ ପ୍ରଦୀପ ବଳସାମନ୍ତ ଯୋଗ ଦେଇଥିଲେ। ସୁକିନ୍ଦା ବିଡିଓ ରେଶମା ଟେଟେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ବେହେରା, ତହସିଲଦାର ମାନସ ତ୍ରିପାଠୀ, ୩୯ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମଣୀରଞ୍ଜନ ବଳସାମନ୍ତ, ବିଧାୟକ ପ୍ରତିନିଧି ଶେଖର ମହାନ୍ତି, ପୂର୍ବତନ ସରପଞ୍ଚ ବିଜୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଜିପିଓ ସତ୍ୟଭୂଷଣ ବିଶ୍ୱାଳ, ଡିଏସଏସଓ ବୁଲୁ ଦେହେରା, ଏମ୍‌ଆଇ ଆନିବେସନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପଣ୍ଡା ଅଳଙ୍କାର ଗୁଳିକାଣ୍ଡ ଘଟଣାର ଫେରାର ଡକାୟତ ଗିରଫ; ଜୀବନ୍ତ ଗୁଳି, ବନ୍ଧୁକ ଜବତ

### ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଫେରିବ ନାକ୍ ମାନ୍ୟତା
# ୬ରେ ଆସିବ ନାକ୍ ଟିମ୍, ପୁରାତନ ଛାତ୍ର ସଂସଦର ବ୍ୟାପକ ପ୍ରସ୍ତୁତି

**ଯାଜପୁର, ୨୪।୧(ସମିସ)**

ଯାଜପୁର ଜିଲ୍ଲାର ପରିଚୟ ହେଉଛି ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ। ଏହି ମହାବିଦ୍ୟାଳୟ ଜିଲ୍ଲାର ସର୍ବପୁରାତନ ମାନ୍ୟତା ପାଇଥିବାବେଳେ ଦୀର୍ଘ ବର୍ଷ ଧରି ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରିବା ସହିତ ଭିତ୍ତିଭୂମିଜନିତ ସମସ୍ୟା ଯୋଗୁଁ ୨୦୧୨ରେ ଏହା ନାକ୍ ମାନ୍ୟତା ହରାଇଥିଲା। ଏହାପରଠାରୁ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ୟମ କ୍ରମେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସହଯୋଗ କ୍ରମେ ଏବେ ଏହା ସମ୍ପୂର୍ଣ୍ଣ ନବକଳେବର ହୋଇଛି। ଭିତ୍ତିଭୂମି ଦୃଷ୍ଟିରୁ ଏହା ସ୍ୱାବଲମ୍ବୀ ହୋଇଥିବାବେଳେ ଆସନ୍ତା ଫେବୃଆରି ୬ ଓ ୭ ତାରିଖ ଦିନ ନାକ ଟିମ୍ କଲେଜ ପରିଦର୍ଶନ କରିବାକୁ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଟିମ୍ ଆସିବା ପୂର୍ବରୁ କଲେଜର ଭିତ୍ତିଭୂମି ଓ ପରିବେଶକୁ ସୁନ୍ଦର କରିବା ପାଇଁ ପୁରାତନ ଛାତ୍ର ସଂସଦ ଅଣ୍ଟା ଭିଡିଛି।



ଏଥିପାଇଁ ଆଜି କଲେଜ ପରିସରରେ ପୁରାତନ ଛାତ୍ର ସଂସଦର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଅନୁପସ୍ଥିତିରେ ଭବପ୍ରସାଦ ଦାସ ସଭାପତିତ୍ୱ କରି ଯାଜପୁର ଜିଲ୍ଲାବାସୀଙ୍କ ଭାବାବେଗ ସହିତ ଜଡ଼ିତ ଥିବା ଏହି ମହାବିଦ୍ୟାଳୟର ହୃତ ଗୌରବକୁ ଫେରାଇ ଆଣିବାକୁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଏହି ବୈଠକରେ କଲେଜର ବାଉଣ୍ଡାରୀ ନିର୍ମାଣ, କଲେଜ କ୍ୟାଣ୍ଟିନକୁ କାର୍ଯ୍ୟକ୍ଷମ କରିବା, ବ୍ୟାପକ ବୃକ୍ଷରୋପଣ, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହିତ କଲେଜ ପରିସରରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାଠାରୁ ଆରମ୍ଭ କରି ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଶିକ୍ଷାନୁଷ୍ଠାନରେ ଉପଯୁକ୍ତ ବାତାବରଣ ସୃଷ୍ଟି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନାକ୍ ଟିମ୍ ଆସି କଲେଜର ଅଧ୍ୟାପକ, ଅଧ୍ୟାପିକା, ଅଭିଭାବକ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବାରୁ ସମସ୍ତ କାର୍ଯ୍ୟକୁ ସୁରୁଖୁରରେ କରିବା ପାଇଁ କଲେଜ କର୍ତ୍ତୃପକ୍ଷ ଯତ୍ନବାନ ଅଛନ୍ତି ବୋଲି ଅଧ୍ୟକ୍ଷ ଡଃ ରଞ୍ଜନ କୁମାର ବେହେରା ସୂଚନା ଦେଇଥିଲେ। ବୈଠକରେ ପୁରାତନ ଛାତ୍ର ସଂସଦ ସମ୍ପାଦକ ସନ୍ତୋଷ ନନ୍ଦ, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ପଦ୍ମାକର ଗୁରୁ, ୟୁଜିସିର ସଂଯୋଜକ ବିଶ୍ୱଜିତ ମହାପାତ୍ର, ନାକ୍‌ର ସଂଯୋଜକ ଡ. ସନ୍ତୋଷ ସାହୁ, ଡ. ଦିବ୍ୟଲୋଚନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ନାକ୍ ପକ୍ଷରୁ ଏହି କଲେଜକୁ ଭଲ ମାନ୍ୟତା ଦେଲେ କଲେଜର ବିକାଶ ଆଶାନୁରୂପେ ହୋଇପାରିବ ବୋଲି ଆଶା କରାଯାଉଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୨୨ ● ପାଉଣ୍ଡ ୧୦୬.୪୨
- ୟୁରୋ ୮୮.୭୮ ● ୟେନ୍ ୦.୫୪

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୭୫,୩୩୦ (ଭୁବନେଶ୍ୱର)
- ରୁପା : ୯୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୬,୧୯୦.୦୦
- ନିଫ୍ଟି ୨୩,୦୯୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଆଇଟିଇଆର ପୂର୍ବ ଭାରତର ଏକ ନମ୍ବର ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୨୪।୧(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)କୁ ପ୍ରଥମ ଟାଇମ୍ସ ବିଜିନେସ୍ ଆୱାର୍ଡ-ଝାଡ଼ଖଣ୍ଡ ୨୦୨୫ରେ ପୂର୍ବ ଭାରତର ଏକ ନମ୍ବର ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନ ପ୍ରଦାନ କରାଯାଇଛି। ଗତ ଜାନୁଆରୀ ୧୭ ତାରିଖରେ ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ



ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା ସମେତ ୩୬ ଟି ବର୍ଗରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିବା ବେଳେ ବଲିଉଡ୍ ତାରକା ସୋନୁ ସୁଦ୍ ଏହି ସମ୍ମାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୋଆର ଆଇଟିଇଆରକୁ 'ର୍ୟାଗିଙ୍ଗ ମୁକ୍ତ କ୍ୟାମ୍ପସ୍' ଭାବେ ସମ୍ମାନିତ କରାଯାଇଥିଲା। ଆଇଟିଇଆର୍‌ରେ ର୍ୟାଗିଙ୍ଗ୍‌କୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯାଏ ନାହିଁ କିମ୍ବା ସେଭଳି ପରିବେଶ ଏଠାରେ ନାହିଁ ବୋଲି ଆୟୋଜିତ କାର୍ଯ୍ୟକ୍ରମରେ କୁହାଯାଇଥିଲା। ସୋଆ ପକ୍ଷରୁ ଡିନ୍ (ସ୍ପନ୍ସର୍ଡ ରିସର୍ଚ୍ଚ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ କନ୍ସଲ୍ଟାନ୍‌ସି) ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଏହି ସମ୍ମାନ ଗ୍ରହଣ କରିଥିଲେ।

### ଟଙ୍କା ମୂଲ୍ୟରେ ହ୍ରାସ ରୋକିବାକୁ ମୁଦ୍ରା ବଜାରରେ ଆର୍‌ବିଆଇର ହସ୍ତକ୍ଷେପ

# ବୈଦେଶିକ ମୁଦ୍ରା ଭଣ୍ଡାର ୧୧ ମାସର ନିମ୍ନ ସ୍ତରରେ

ନୂଆଦିଲ୍ଲୀ,୨୪।୧(ଏଜେନ୍ସି)

ଖରାପ ହେଉଛି ଦେଶର ଆର୍ଥିକ ସ୍ଥିତି। କ୍ରମାଗତ ଭାବେ ଆମେରିକୀୟ ଡଲାର ତୁଳନାରେ ଘରୋଇ ମୁଦ୍ରା ଟଙ୍କା ମୂଲ୍ୟରେ ହ୍ରାସ ଯୋଗୁ ଦେଶର ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ହେଉଛି। ତେବେ ଟଙ୍କା ମୂଲ୍ୟରେ ଆହୁରି ହ୍ରାସକୁ ରୋକିବା ପାଇଁ ଦେଶର ମୁଦ୍ରା ବଜାରରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ହସ୍ତକ୍ଷେପ କରିଛି। ଏହାର ପ୍ରଭାବ ସ୍ୱରୂପ ବୈଦେଶିକ ମୁଦ୍ରା ଭଣ୍ଡାରରେ ଏଭଳି ହ୍ରାସ ଘଟିଛି। ଏପରିକି ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୧୧ ମାସର ନିମ୍ନ ସ୍ତରକୁ ଖସିଆସିଛି। ୨୦୨୪ ସେପ୍ଟେମ୍ବର ଶେଷ ଭାଗରେ ବିଦେଶୀ ମୁଦ୍ରା ଭଣ୍ଡାର ସର୍ବକାଳୀନ ରେକର୍ଡ ୭୦୪.୮୮୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିଲା। ତେବେ ଶୁକ୍ରବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ଜାନୁଆରୀ ୧୭ ତାରିଖରେ

**୧.୮୮ ବିଲିୟନ ଡଲାର ହ୍ରାସ ପାଇ ୬୨୩.୯୮୩ ବିଲିୟନ ଡଲାର ହୋଇଛି**

ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୮୮ ବିଲିୟନ ଡଲାର ହ୍ରାସ ହୋଇ ୬୨୩.୯୮୩ ବିଲିୟନ ଡଲାରରେ ପହଞ୍ଚିଛି।

ଜାନୁଆରୀ ୧୦ ରେ ଶେଷ ହୋଇଥିବା ସପ୍ତାହରେ, ମୋଟ ବିଦେଶୀ ମୁଦ୍ରା ଭଣ୍ଡାର ୮.୭୧୪ ବିଲିୟନ ଡଲାର ହ୍ରାସ ପାଇ ୬୨୫.୮୭୧ ବିଲିୟନ ଡଲାରରେ ପହଞ୍ଚିଥିଲା। ଗତ କିଛି ସପ୍ତାହ ଧରି



ମୁଦ୍ରା ଭଣ୍ଡାର ହ୍ରାସ ପାଇବାରେ ଲାଗିଛି। ଏହି ହ୍ରାସର କାରଣ ହେଉଛି ଟଙ୍କାରେ ଅସ୍ଥିରତା ହ୍ରାସ କରିବା ପାଇଁ ଆର୍‌ବିଆଇ ଦ୍ୱାରା ନିଆଯାଇଥିବା ପଦକ୍ଷେପ। ଟଙ୍କା ମୂଲ୍ୟକୁ ସ୍ଥିର ରଖିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ସମୟ ସମୟରେ ବିଦେଶୀ ମୁଦ୍ରା ବଜାରରେ ହସ୍ତକ୍ଷେପ କରିଥାଏ। ତଥ୍ୟ ଅନୁଯାୟୀ, ଜାନୁଆରୀ ୧୭ରେ ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାରର ଏକ ପ୍ରମୁଖ ଅଂଶ, ବିଦେଶୀ ମୁଦ୍ରା ସମ୍ପତ୍ତି(ଏଫ୍‌ସିଏ)ରେ ୨.୮୭୮ ବିଲିୟନ ଡଲାର ହ୍ରାସ ପାଇ ୫୩୩.୧୩୩ ବିଲିୟନ ଡଲାରରେ ପହଞ୍ଚିଛି। ଡଲାର ହିସାବରେ ମାପ କରାଯାଇଥିବା ବିଦେଶୀ ମୁଦ୍ରା ସମ୍ପତ୍ତିରେ ୟୁରୋ, ସୁନା ଏବଂ ରୂପା ଅନ୍ତର୍ଭୁକ୍ତ।

ବିଦେଶୀ ମୁଦ୍ରା ଭଣ୍ଡାରରେ ପାଉଣ୍ଡ ଏବଂ ୟେନ୍ ଭଳି ଅଣ-ଆମେରିକୀୟ ୟୁନିଟ୍‌ଗୁଡ଼ିକର ମୂଲ୍ୟବୃଦ୍ଧି କିମ୍ବା ମୂଲ୍ୟହ୍ରାସର ପ୍ରଭାବ ଅନ୍ତର୍ଭୁକ୍ତ। ଅପରପକ୍ଷେ ଆରବିଆଇ କହିଛି ଯେ ସପ୍ତାହକ ମଧ୍ୟରେ ସୁଦେଶର ନା ଭଣ୍ଡାର ୧.୦୬୩ ନିୟୁତ ଆମେରିକୀୟ ଡଲାର ବୃଦ୍ଧି ପାଇ ୬୮.୯୪୭ ବିଲିୟନ ଡଲାରରେ ପହଞ୍ଚିଛି। ସୂଚନା ଅନୁଯାୟୀ, ସମୀକ୍ଷାଧୀନ ସପ୍ତାହରେ ଆଇଏମ୍‌ଏଫ୍ ପାଖରେ ଭାରତର ଗଚ୍ଛିତ ମୁଦ୍ରା ସ୍ଥିତିରେ ୭୪ ନିୟୁତ ଆମେରିକୀୟ ଡଲାର ହ୍ରାସ ପାଇ ୪.୧୨୨ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି।

### ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକାରେ ଦୁର୍ନୀତି ଅଭିଯୋଗ

# ପାୱାର ପର୍ଚେଜ ଏଗ୍ରିମେଣ୍ଟ ବାତିଲ୍ କଲା ଶ୍ରୀଲଙ୍କା

ନୂଆଦିଲ୍ଲୀ,୨୪।୧(ଏଜେନ୍ସି)

ଆମେରିକାରେ ଆଦାନୀ ଗ୍ରୁପ ବିରୋଧରେ କୋଟି କୋଟି ଟଙ୍କାର ଲାଞ୍ଚ ଏବଂ ଠକେଇ ଅଭିଯୋଗ କମ୍ପାନୀ ପାଇଁ ପୁଣି ମହଙ୍ଗା ପଡିଛି। ଏଥିରେ ଆଦାନୀ ଗ୍ରୁପ୍‌କୁ ଶ୍ରୀଲଙ୍କାରେ ବଡ଼ ଝଟ୍‌କା ଲାଗିଛି। ଏଥର ଆଦାନୀ ଗ୍ରୁପ୍ ସହ ବିଜୁଳି କିଣାକୁ ନେଇ କରାଯାଇଥିବା ବୁଝାମଣାକୁ ରଦ୍ଦ କରିଛନ୍ତି ଶ୍ରୀଲଙ୍କା ସରକାର। ଗତ ବର୍ଷ ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକାରେ ଯେଉଁ ଦୁର୍ନୀତି ଅଭିଯୋଗ ଲାଗିଥିଲା, ତାହାକୁ ଦୃଷ୍ଟିରେ



ଶ୍ରୀଲଙ୍କା ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ରିପୋର୍ଟ ଅନୁଯାୟୀ, ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ସରକାର ଶ୍ରୀଲଙ୍କାରେ ଚାଲିଥିବା ଆଦାନୀଙ୍କ ସ୍ଥାନୀୟ ପ୍ରୋଜେକ୍ଟର ଯାଞ୍ଚ ଆରମ୍ଭ କରାଇଥିଲେ। ଆଉ ଏହି ଯାଞ୍ଚ ଆଧାରରେ ଏଭଳି ନିଷ୍ପତ୍ତି ନିଆଯାଇଛି।

ସୂଚନାଥାଉକି, ୨୦୨୪ ମେ ମାସରେ ଶ୍ରୀଲଙ୍କାର ପୂର୍ବତନ ସରକାର ଆଦାନୀ ଗ୍ରୁପ୍ ସହ ପବନ ଶକ୍ତି ପ୍ଲାଣ୍ଟରୁ ବିଜୁଳି କିଣିବା ପାଇଁ ଏକ ଚୁକ୍ତି କରିଥିଲା। ଚୁକ୍ତି ଅନୁଯାୟୀ, ଆଦାନୀ ଗ୍ରୁପ୍ ଶ୍ରୀଲଙ୍କାର ଉତ୍ତର-ପଶ୍ଚିମାଞ୍ଚଳରେ ଏକ ପବନ ଶକ୍ତି ପ୍ଲାଣ୍ଟ ନିର୍ମାଣ କରିବ ଏବଂ ଏଠାରୁ ଉତ୍ପାଦିତ ହେଉଥିବା ବିଜୁଳିକୁ କିଲୋୱାଟ ପିଛା ୦.୦୮୨୬ ଡଲାର ମୂଲ୍ୟରେ ଶ୍ରୀଲଙ୍କାକୁ ବିକ୍ରି କରିବ। ଅବଶ୍ୟ ଏହି ପ୍ଲାଣ୍ଟ ଏ ପର୍ଯ୍ୟନ୍ତ ନିର୍ମାଣ ହୋଇନାହିଁ। ଆଉ ଏବେ ଚୁକ୍ତି ରଦ୍ଦ ଆଦାନୀ ଗ୍ରୁପ୍ ପାଇଁ ଝଟ୍‌କା ହୋଇପାରେ। ତେବେ ରିପୋର୍ଟ ଅନୁଯାୟୀ, ଶ୍ରୀଲଙ୍କା ସରକାର ଆଦାନୀ ଗ୍ରୁପ୍ ସହ କରିଥିବା ପାଓ୍ୱାର ପର୍ଚେଜ ଆଗ୍ରିମେଣ୍ଟକୁ ରଦ୍ଦ କରିଛନ୍ତି, ସମ୍ପୂର୍ଣ୍ଣ ପ୍ରକଳ୍ପ ନୁହେଁ। ପୂରା ପ୍ରକଳ୍ପର ସମୀକ୍ଷା କରିବା ପାଇଁ ଏକ କମିଟି ନିଯୁକ୍ତ କରାଯାଇଛି। କମିଟି ସମୀକ୍ଷା କରି ରିପୋର୍ଟ ଦେବ।

# ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଶାଲୁ ଜିନ୍ଦଲଙ୍କ ଯୋଗଦାନ

ଡାଭୋସ୍, ୨୪।୧(ଏଜେନ୍ସି)

ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟର କୁଳପତି ଶାଲୁ ଜିନ୍ଦଲ ଡାଭୋସ୍‌ରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମ୍ ବୈଠକରେ ଅଂଶଗ୍ରହଣ କରି ସକାରାତ୍ମକ ସାମାଜିକ ଏବଂ ଅର୍ଥନୈତିକ ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେସନର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି। ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ଭବିଷ୍ୟତ ପିଢ଼ିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଫାଉଣ୍ଡେସନର ପ୍ରଭାବଶାଳୀ ପଦକ୍ଷେପଗୁଡିକ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ଏହି ଫୋରମରେ ଇନଭେଷ୍ଟ ଇଣ୍ଡିଆ ପକ୍ଷରୁ ଆୟୋଜିତ ଇଣ୍ଡିଆ ପ୍ୟାଭିଲିୟନରେ ଦକ୍ଷତା ବିକାଶ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସେ କେନ୍ଦ୍ର ମନ୍ତ୍ରୀ (ଦକ୍ଷତା ବିକାଶ ଓ ଉଦ୍ୟୋଗ) ଜୟନ୍ତ ଚୌଧୁରୀଙ୍କ ସହ ଯୋଗଦେଇଥିଲେ। ଦକ୍ଷତା ଅଭାବ ଦୂର କରିବା ଏବଂ ନିଯୁକ୍ତିକୁ ପ୍ରୋତ୍ସାହିତ କରିବାରେ ଜିନ୍ଦଲ ଫାଉଣ୍ଡେସନ ଏବଂ ଭାରତ ସରକାରଙ୍କ ମଧ୍ୟରେ ପ୍ରଭାବଶାଳୀ ସହଯୋଗ କୁ ସେ ଗୁରୁତ୍ୱାରୋପ କରିଛନ୍ତି। ଦକ୍ଷତା ବିକାଶ କ୍ଷେତ୍ରରେ ଶ୍ରୀ ଚୌଧୁରୀଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ତାଙ୍କୁ ପ୍ରଶଂସା କରିଥିଲେ। ଏହି ଅଧିବେଶନରେ ଦକ୍ଷତା ଅଭାବ ଦୂର କରିବା, ନିଯୁକ୍ତି ସୁଯୋଗ କୁ ପ୍ରୋତ୍ସାହିତ କରିବା ଏବଂ ଅବହେଳିତ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା ପାଇଁ



ଡିଜାଇନ୍ କରାଯାଇଥିବା ପ୍ରମୁଖ ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା।

# 'ବିଶ୍ୱକୁ ଖଣିରେ ୧.୭ ଟ୍ରିଲିୟନ୍ ଡଲାର ନିବେଶ ଆବଶ୍ୟକ'

■ ଶକ୍ତି କ୍ଷେତ୍ରର ରୂପାନ୍ତରଣ

**ନୂଆଦିଲ୍ଲୀ,୨୪।୧:** ସମ୍ପ୍ରତି ବିଶ୍ୱରେ ଶକ୍ତି କ୍ଷେତ୍ରରେ ରୂପାନ୍ତରଣ ବେଶ ଜରୁରୀ। ବିଶ୍ୱକୁ ଖଣି କ୍ଷେତ୍ରରେ ୧.୭ ଟ୍ରିଲିୟନ୍ ଆମେରିକୀୟ ଡଲାରର ଆନୁମାନିକ ନିବେଶର ଆବଶ୍ୟକତା ରହିଥିବା ହିନ୍ଦୁସ୍ତାନ ଜିଙ୍କ୍‌ର ଅଧ୍ୟକ୍ଷ ତଥା ବେଦାନ୍ତ ଲିମିଟେଡ୍‌ର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି। ଡାଭୋସଠାରେ ବିଶ୍ୱ ଅର୍ଥନୈତିକ ଫୋରମରେ ଯୋଗଦେଇ ପ୍ରିୟା ବିଶ୍ୱ ଶକ୍ତି ପରିବର୍ତ୍ତନ ପାଇଁ ଭାରତର ଅନନ୍ୟ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେରିକା, ଚୀନ୍ ଏବଂ ମଧ୍ୟପ୍ରାଚ୍ୟ ଭଳି ଦେଶ ସେମାନଙ୍କ ଅର୍ଥନୀତିକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କ ପ୍ରାକୃତିକ ସମ୍ପଦର ବ୍ୟାପକ ଉପଯୋଗ କରିଥିବାବେଳେ ଭାରତ ଏହାର ୧୫%ରୁ କମ୍ ଖଣିଜକୁ ଅନୁସନ୍ଧାନ କରିଛି। ଏହା ଭାରତ ପାଇଁ ଏହାର ସମ୍ବଳ ଖନନ ଏବଂ ସ୍ୱଚ୍ଛ ଶକ୍ତି ଦିଗରେ ବିଶ୍ୱସ୍ତରୀୟ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି ବୋଲି ପ୍ରିୟା କହିଛନ୍ତି। ଏଥିପାଇଁ ବେଦାନ୍ତ ୬ଟି ବ୍ଲକ ପାଇଁ ପସନ୍ଦର ନିଲାମଦାତା ଭାବେ ଉଭା ହୋଇସାରିଛି ଯାହା ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ପାଇଁ ପଥ ପ୍ରଶସ୍ତ କରିଛି। ଖଣି କାର୍ଯ୍ୟ ଯେପରି ପରିବେଶ ଉପରେ ସର୍ବନିମ୍ନ କିମ୍ବା ଶୂନ୍ୟ ପ୍ରଭାବ ପକାଇବ ତାହା ସୁନିଶ୍ଚିତ କରିବା ପାଇଁ ଉନ୍ନତ ଜ୍ଞାନକୌଶଳର ଉପଯୋଗ କରି ନିରନ୍ତର ଖଣି ଖନନ ପାଇଁ ବେଦାନ୍ତର ପ୍ରତିବଦ୍ଧତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ୨୦୫୦ ସୁଦ୍ଧା ନେଟ୍ ଜିରୋ କାର୍ବନ ଲକ୍ଷ୍ୟ ହାସଲ କରିବା ପାଇଁ ଆମର ପ୍ରତିବଦ୍ଧତା କେବଳ ଏକ ଲକ୍ଷ୍ୟ ନୁହେଁ ବରଂ ଏହା ଭବିଷ୍ୟତ ପିଢ଼ି ପ୍ରତି ଆମର ଏକ ଦାୟିତ୍ୱ। ଆମର ତିନୋଟି ବୃହତମ କମ୍ପାନୀ ହିନ୍ଦୁସ୍ତାନ ଜିଙ୍କ, ଜିଙ୍କ ଇଂଟରନ୍ୟାସନାଲ ଏବଂ କେର୍ଣ୍ଣ ଅଏଲ ଆଣ୍ଡ ଗ୍ୟାସ୍ ଆଗାମୀ ୫ ବର୍ଷ ମଧ୍ୟରେ ଏହି ମାଇଲଖୁଣ୍ଟରେ ପହଞ୍ଚିବେ। ଅକ୍ଷୟ ଶକ୍ତିକୁ ଗ୍ରହଣ କରି ଏବଂ ବ୍ୟାଟେରି ଚାଳିତ ଯାନ, ସମ୍ପୂର୍ଣ୍ଣ ବ୍ୟାଟେରି ଚାଳିତ ଲଜିଷ୍ଟିକ୍ସ ସମେତ ୨୦୩୦ ସୁଦ୍ଧା ନିୟୋଜିତ କରି ଆମେ ପ୍ରମାଣିତ କରୁଛୁ ଯେ ସ୍ଥାୟିତ୍ୱ କେବଳ ପୃଥିବୀ ପାଇଁ ଜରୁରୀ ନୁହେଁ ବରଂ ଦୀର୍ଘକାଳୀନ ବ୍ୟବସାୟ ଅଭିବୃଦ୍ଧି ପାଇଁ ସବୁଠାରୁ ଚତୁର ମାର୍ଗ ବୋଲି ସେ କହିଛନ୍ତି।



# ଜେଏସ୍‌ଡବ୍ଲ୍ୟୁ ଡିଫେନ୍ସ ଓ ତେଲେଙ୍ଗାନା ସରକାର ଏମ୍‌ଓୟୁ

ଭୁବନେଶ୍ୱର,୨୪।୧(ସମିସ): ତେଲେଙ୍ଗାନା ସରକାର ରାଜ୍ୟରେ ଅନମ୍ୟାନଡ୍ ଏରିଆଲ ସିଷ୍ଟମ୍ (ୟୁଏଏସ୍) ନିର୍ମାଣ ପାଇଁ ଏକ ଅତ୍ୟାଧୁନିକ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବା ପାଇଁ ଜେଏସଡବ୍ଲ୍ୟୁ ଡିଫେନ୍ସର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଜେଏସଡବ୍ଲ୍ୟୁ ୟୁଏଭି ଲିମିଟେଡ୍ ସହ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଏହି ପଦକ୍ଷେପର ଏକ ଅଂଶ ଭାବରେ ଜେଏସଡବ୍ଲ୍ୟୁ ୟୁଏଭି ଆମେରିକାର ଏକ ଅଗ୍ରଣୀ ପ୍ରତିରକ୍ଷା ପ୍ରଯୁକ୍ତି କମ୍ପାନି ସହିତ ପ୍ରଯୁକ୍ତି ମାଧ୍ୟମରେ ଏହି ପ୍ରକଳ୍ପରେ ପ୍ରାୟ ୮୦୦ କୋଟି ଟଙ୍କା ବିନିଯୋଗ କରିବ। ଡାଭୋସ୍‌ଠାରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍) ପରିପ୍ରେକ୍ଷୀରେ ରାଜ୍ୟର ବରିଷ୍ଠ ଅତିଥିମାନଙ୍କ ଉପସ୍ଥିତିରେ ତେଲେଙ୍ଗାନାର ମାନ୍ୟବର ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଏବଂ ଜେଏସଡବ୍ଲ୍ୟୁ ଗ୍ରୁପର ପାର୍ଥ ଜିନ୍ଦଲଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ତେଲେଙ୍ଗାନାର ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ହାଇଦ୍ରାବାଦ ଏବଂ ତେଲେଙ୍ଗାନା ଦୀର୍ଘ ଦିନ ଧରି ସଫ୍ଟୱେର ଏବଂ ଫାର୍ମାର ଅଗ୍ରଣୀ ସ୍ଥଳ ଭାବରେ ବିଶ୍ୱ ବଜାରରେ ପ୍ରତିଷ୍ଠିତ ରହିଛି। ଆମେ ବର୍ତ୍ତମାନ ସେମିକଣ୍ଡକ୍ଟର, ପ୍ରତିରକ୍ଷା, ଘରୋଇ ସ୍ଥାନଠାରୁ ଆରମ୍ଭ କରି ଏଫଏମସିଜି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ତେଲେଙ୍ଗାନାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା କରୁଛୁ।

### ଉତ୍କର୍ଷ ଓଡ଼ିଶା ପାଇଁ ସ୍କିଲ୍ସ ଇନ୍ ଓଡ଼ିଶା

# ୮୫୦୦ ଯୁବକ ଯୁବତୀଙ୍କୁ ଦକ୍ଷତା ତାଲିମ ଦେଲା ଟାଟା ପାୱାର



ଭୁବନେଶ୍ୱର,୨୪।୧(ସମିସ)

'ସ୍କିଲ୍ସ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଦକ୍ଷତା ବିକାଶ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଟାଟା ପାୱାର ସମଗ୍ର ଓଡ଼ିଶାର ଆଇଟିଆଇ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତା ପ୍ରଦାନ କରିବା ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଥିବା ଘୋଷଣା କରି ଗର୍ବ ଅନୁଭବ କରୁଛି। ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରଠାରୁ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦୦ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨୦୦୦ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବା ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଭୁକ୍ତ ୨୦ଟି ଆଇଟିଆଇ ଓଡ଼ିଶାର ଯାଜପୁର, କେନ୍ଦୁଝର, ବ୍ରହ୍ମପୁର, ରାଉରକେଲା, କଟକ, ପୁରୀରେ ରହିଛି। ଶ୍ରେଣୀଗୃହ ଶିକ୍ଷା ଏବଂ ବାସ୍ତବ ଶିଳ୍ପ ଦୁନିଆର ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଏହି ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏଥିରେ ଇଲେକ୍ଟ୍ରିକାଲ, ମେକାନିକାଲ, ଆଇଟି ଏବଂ ଲଘୁ ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ଶେଷ କରିଥିବା ଛାତ୍ରଛାତ୍ରୀମାନେ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମଗୁଡ଼ିକରେ କେବଳ ସାର୍ଟିଫିକେଟ୍ ନୁହେଁ ବରଂ ନିଯୁକ୍ତି ସୁଯୋଗ ମଧ୍ୟ ପାଇପାରିବେ।

### ବିଶ୍ୱ ଅର୍ଥନୈତିକ ଫୋରମ୍ ଡାଭୋସ୍ ୨୦୨୫ ସମ୍ମିଳନୀ

# ଭାରତର ଜଳ ଏବଂ ପରିମଳ ମଡେଲ୍ ବିଶ୍ୱ ପାଇଁ ପ୍ରେରଣା

ଡାଭୋସ୍, ୨୪।୧(ଏଜେନ୍ସି)

ଜଳ ସୁରକ୍ଷା ଏବଂ ପରିମଳ ଦିଗରେ ଭାରତ ପରିବର୍ତ୍ତନକାରୀ ପ୍ରୟାସ ଆରମ୍ଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜଳ ଏବଂ ପରିମଳ କ୍ଷେତ୍ରରେ ବିଶ୍ୱବ୍ୟାପୀ ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲ କରିବା ପାଇଁ ଭାରତ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛି। ବିଶ୍ୱ ଅର୍ଥନୈତିକ ଫୋରମ୍ ଡାଭୋସ୍ (ଡବ୍ଲ୍ୟୁଇଏଫ୍) ୨୦୨୫ ସମ୍ମିଳନୀରେ ପ୍ରମୁଖ ଭାବରେ ଏହାକୁ ପ୍ରଦର୍ଶିତ କରାଯାଇଛି। ଆଜି ସମ୍ମିଳନୀରେ ଭାରତର ଜଳ ଏବଂ ପରିମଳ ମଡେଲ୍




ବିଶ୍ୱ ପାଇଁ ପ୍ରେରଣାର ଉତ୍ସ ବୋଲି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର. ପାଟିଲ ଏକ ଉପସ୍ଥାପନରେ କହିଛନ୍ତି।

ସମ୍ମିଳନୀରେ "ଜଳ ସୁରକ୍ଷାର ଭବିଷ୍ୟତ ପାଇଁ ବିଶ୍ୱ ସହଯୋଗ" ଶୀର୍ଷକ ଅଧିବେଶନରେ ଶ୍ରୀ ପାଟିଲ ଭାରତର ଜଳ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ମିଳିତ ପଦକ୍ଷେପ ଉପରେ ମତ ରଖି ଗୁଜରାଟରେ ଜଳ ସଙ୍କଟ ପ୍ରସଙ୍ଗ ଉଠାଇଥିଲେ। ଜଳ ଶକ୍ତି ଅଭିଯାନ ଅଧୀନରେ ୬୦ ହଜାରରୁ ଅଧିକ ଅମୃତ ସରୋବର ନିର୍ମାଣ ଏବଂ ଭାରତରେ ପୁନରୁଦ୍ଧାର ଓ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ କରାଯାଇଛି।

ଏହି ଅଧିବେଶନରେ ଜଳ ସଙ୍କଟ ସମାଧାନର ଉପାୟ ବିଷୟରେ ଆଲୋଚନା କରାଯାଇଥିଲା। ସେ ଭାରତର ଜଳ ଏବଂ ପରିମଳ ସଫଳତା ଉପରେ ଆଲୋକପାତ କରି ଭାରତ ବିଶ୍ୱର ସବୁଠାରୁ ବଡ଼ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଥିବା ସେ କହିଥିଲେ। ଏଥିରେ ଗ୍ରାମାଞ୍ଚଳରେ ପରିବାରକୁ ପାନୀୟ ଜଳ ଯୋଗାଣ, ଗ୍ରାମାଞ୍ଚଳ ପରିମଳ ଏବଂ ନଦୀ ପୁନରୁଦ୍ଧାର କାର୍ଯ୍ୟ ଅନ୍ତର୍ଭୁକ୍ତ। ଜଳ ଜୀବନ ମିଶନରେ ୧୫ କୋଟି ଗ୍ରାମୀଣ ପରିବାରକୁ ନଳକୂପ ପାଣି ଯୋଗାଇ ଦିଆଯାଇଛି। ଏହାସହିତ, ସେ ନମାମି ନଦୀ ପୁନରୁଦ୍ଧାର ଏବଂ ପରିବେଶଗତ ସ୍ଥିରତା ପାଇଁ ଏକ ବିଶ୍ୱ ଉଦାହରଣ ପାଲଟିଥିବା ଗଙ୍ଗା ମିଶନ ବିଷୟରେ କହିଛନ୍ତି। ଅଧିବେଶନରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ, ପ୍ରମୁଖ ଜଳ ବିଶେଷଜ୍ଞ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରୁ ୩୦୦ ରୁ ଅଧିକ ଅତିଥି ଅଂଶଗ୍ରହଣ କରିଥିଲେ।

# ଆଇଏଫ୍‌ବିର ଏକ୍ସକ୍ଲୁସିଭ୍ ଷ୍ଟୋର ଉଦ୍‌ଘାଟିତ



ଭୁବନେଶ୍ୱର,୨୪।୧(ସମିସ): ଆଇଏଫ୍‌ବି ହୋମ୍ ଆପ୍ଲାଏନ୍‌ସେସ୍‌ର ନୂଆ ଏକ୍ସକ୍ଲୁସିଭ୍ ଷ୍ଟୋର ପାହାଳଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଷ୍ଟୋରକୁ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ଆଇଏଫ୍‌ବିର ୯ଟି ଷ୍ଟୋର ରହିଥିବାବେଳେ ଭୁବନେଶ୍ୱରରେ ୪ଟି ଷ୍ଟୋର ରହିଛି। ଏହି ଏକ୍ସକ୍ଲୁସିଭ୍ ଷ୍ଟୋରରୁ ଗ୍ରାହକମାନେ ରିଆତି ମୂଲ୍ୟରେ ଆକର୍ଷଣୀୟ ଉତ୍ପାରାଜ୍ୟର ୩୦ଟି ଯାକ ଜିଲାରେ ଆଇଏଫ୍‌ବିର ସର୍ଭିସ୍ ସେଣ୍ଟର ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସୁକୁମାର ସାହୁ, ଆଇଏଫ୍‌ବିର (ହେଡ୍) ରେଫ୍ରିଜିରେସନ୍) ଶଙ୍କର ପାଲ୍, ସେଲ୍ସ (ହେଡ୍) ଅନୁରୂପ ପଟ୍ଟନାୟକ, ସର୍ଭିସ୍ (ହେଡ୍)ରୋହିତ୍ ପାତ୍ର,ଆକାଉଣ୍ଟ (ହେଡ୍)ବେଦ ପ୍ରକାଶ ଏବଂ ମାର୍କେଟିଂରୁ ସଞ୍ଜୟ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ନିମ୍ବ ଆଉ ଆମ୍ବ




ଅର୍ଜୁନ ଦାସ

ସବୁଜ ସୁନ୍ଦର ଜଙ୍ଗଲଟିଏ। ବର୍ଷ ତମାମ ସେଥିରେ ଫୁଲ ଫଳ ଭରି ରହିଥାଏ। ସେହି ଜଙ୍ଗଲ ଦେଇ ବହି ଯାଉଥାଏ ଝରଣାଟି। ଝରଣାର କୁଳୁ କୁଳୁ ଶବ୍ଦ ଆହୁରି ନିଜ ଆଡ଼କୁ ଟାଣି ନେଉଥାଏ। ସେହି ଝରଣା ନିକଟରେ ରହିଥାଏ ଗୋଟିଏ ସୁନ୍ଦରୀ ଆମ୍ବଗଛ। ତା' ଆମ୍ବ ଭାରି ମିଠା। ବର୍ଷର ସବୁବେଳେ ସେଥିରେ ଫଳ ଭରିରହିଥାଏ। ଆମ୍ବ ବଉଳର ମହକରେ ସାରା ଜଙ୍ଗଲ ମହକି ଉଠେ। ଚାରିଆଡ଼ୁ ମହୁମାଛିମାନେ ମଧ୍ୟ ମଧୁ ସଂଗ୍ରହ ଆଶାରେ ଧାଇଁ ଆସନ୍ତି। ନିଜର ଏହି ସୁନ୍ଦରତା ଆଉ ମିଠା ଫଳକୁ ନେଇ ସେ ସବୁବେଳେ ଗର୍ବ କରେ। ଆଖପାଖରେ ଥିବା ସମସ୍ତ ଗଛକୁ ସେ ଥଟ୍ଟା ପରିହାସ କରିଥାଏ। "ଆରେ ଦେଖ ମୋ' ପାଖରେ କେତେ ଜୀବଜନ୍ତୁ ଆସୁଛନ୍ତି, ହେଲେ ତୁମ ପାଖକୁ କେହି ବି ଆସୁନାହାନ୍ତି। କେଡ଼େ କେଡ଼େ ମଣିଷ ମୋ' ଫଳକୁ ଖାଇ ପେଟର ଭୋକ ମେଣ୍ଟାଉଛନ୍ତି। ହେଇ ଦେଖୁନ, ସେଇ ନିମ୍ବ ଗଛକୁ ତା' ମୂଳକୁ କେହି ବି ଯାଉନାହାନ୍ତି। କି ପ୍ରକାରର ଗନ୍ଧ ଛାଡୁଛି ସେ। ସାଧାରଣ ପକ୍ଷୀଟିଏ ବି ଯାଉନାହାନ୍ତି। ପ୍ରତିଦିନ ଆମ୍ବ ପାଖରୁ ଏହି କଥା ଶୁଣିଶୁଣି ସେ ଆଉ ସହି ପାରିଲାନାହିଁ। ନିମ୍ବ କହିଲା, "ତୁମେ ଯେଉଁ ରୂପକୁ ନେଇ ଗର୍ବ କରୁଛ, ତାହା ଠିକ୍ ନୁହେଁ। ଭଗବାନ ଏ ସୃଷ୍ଟିରେ ଯାହାକୁ ଯେପରି ଗଢ଼ିଛନ୍ତି ସେମାନେ ସେପରି ଅଛନ୍ତି। ତୁମଠାରୁ ଯଦି କେହି କିଛି ଲାଭ ପାଉଛି ଆମମାନଙ୍କ ଠାରୁ ମଧ୍ୟ କିଛି ଲାଭ ମିଳୁଛି। ଭଗବାନଙ୍କ ସୃଷ୍ଟିରେ ସର୍ବେ ସମାନ। ତୁମେ ଜାଣିଛ, ମୋ ଗଛର ଛେଲିରେ ମ୍ୟାଲେରିଆ ଭଳି ଜ୍ୱରର ନିରାକରଣ ହୋଇଥାଏ। ମଧୁମେହ ଠାରୁ ଆରମ୍ଭ କରି ବିଭିନ୍ନ ଚର୍ମ ରୋଗ, ଆଣ୍ଠୁଗଣ୍ଠି ଭଳି ରୋଗରୁ ଉପଶମ ମିଳିଥାଏ। ତୁମ କଥା ଆମ କଥାକୁ ଭୁଲି ସଂସାରେ ଯେକୌଣସି ସୃଷ୍ଟିକୁ ଲକ୍ଷ୍ୟ କରନ୍ତୁ, କାହାର କିଛି ନା କିଛି ଉପକାରିତା ରହୁଛି। ଅନ୍ୟକୁ ଆକ୍ଷେପ କରିବାଟା କେବେବି ଭଲ ନୁହେଁ।" ନିମ୍ବ କଥା ଶୁଣି ଆମ୍ବ ଗଛର ମଥା ତଳକୁ ହୋଇଗଲା। ନିମ୍ବ କଥାରେ ସହମତ ହୋଇ ଅନ୍ୟ ଗଛମାନେ ମଧ୍ୟ କହିବାକୁ ଲାଗିଲେ, "ଆମେ ବି ବହୁତ ଦିନ ହେଲା ଲକ୍ଷ୍ୟ କରୁଛୁ, ତୁମେ ଆମମାନଙ୍କଠୁ ଦୂରେଇ ରହୁଛ। ମାନୁଛୁ, ତୁମେ ଆମଠାରୁ ବେଶ୍ ସୁନ୍ଦର ହୋଇପାର, ତୁମ ଫଳ ବି ରସାଳ ହୋଇପାରେ କିନ୍ତୁ ତାକୁ ନେଇ ଏତେ ଗର୍ବ କରିବାଟା ଆଦୌ ଠିକ୍ ନୁହେଁ। ହେଇ ଦେଖ ମୟୂର କେତେ ସୁନ୍ଦର, ସେ କ'ଣ କେବେ ଗର୍ବ କରିବାର ଦେଖିଛ। ତୁମେ ଯଦି ଏପରି କରିବ ସମୟ ଆସିବ ତୁମେ ବିପଦରେ ପଡ଼ିଥିବ, କିନ୍ତୁ ଆମେ କେହି ପାଖରେ ନଥିବୁ। ତେଣୁ ସବୁକଥାକୁ ବିଚାର କରି କାମ କର।" ଆମ୍ବ ତା'ର ଭୁଲ୍ ସ୍ୱୀକାର କରି କହିଲା, "ମୋ ସୁନ୍ଦରତାକୁ ନେଇ ଯେଉଁ ଗର୍ବ କରୁଥିଲି, ତା'ର ସଠିକ୍ ଜବାବ୍ ପାଇଗଲି, ତେଣୁ ଆଜିଠାରୁ ଶପଥ କରୁଛି ମିଳିମିଶି ଚଳିବା। କେବେ କାହା ସହ ଝଗଡ଼ା କରିବାର ନାହିଁ।"■

ମାଧବ,ନିଆଳି,କଟକ
ମୋ-୭୭୩୫୯୫୭୧୫୧

## ପ୍ରହେଳିକା



● ଜାତି ଧର୍ମ ଭୁଲି ହରଷ ମନେ
ଏ ପର୍ବ ପାଳନ୍ତି ଦେଶର ଜନେ
ଜାନୁଆରୀ ମାସ ଛବିଶ ଦିନ
ମନେ ପଡ଼େ ଆମରି ସମ୍ବିଧାନ
ଜାତୀୟ ପରବଟିଏ
ସେ ଦିବସ ଦିଏ ଜାତୀୟତା ଭାବ
ନାଆଁ କହିଦେବ କିଏ।

ଉତ୍ତର-ସାଧାରଣତନ୍ତ୍ର ଦିବସ

● ନାରଙ୍ଗୀ ଧବଳ ସବୁଜ ରଙ୍ଗେ
ଫର ଫର ହୋଇ ଉଡ଼ଇ ନଭେ
ଅଶୋକ ଚକ୍ର ତା' ମଝିରେ ଶୋହେ
ବିଶ୍ୱ ଦରବାରେ ଆଦର ପାଏ
ସଭିଏଁ କରନ୍ତି ତାକୁ ସଲାମ
ଏବେ କହିଦିଅ ସେ ନେତ ନାମ।

ଉତ୍ତର-ଜାତୀୟ ପତାକା

● ଗୋରା ଶାସକଙ୍କ ଦୁର୍ନୀତି ଦେଖି
ସାରା ଦେଶବାସୀ ଉଠିଲେ ଜାଗି
ସହି କାରାବାସ ଲାଠି ପ୍ରହାର
ସ୍ୱାଧୀନତା ଦେଲେ ହେଲେ ଅମର
ଭାରତର ଯୋଗ୍ୟ ପୁଅ
ସାରା ଦେଶ ତାଙ୍କୁ ଦିଏ ସନମାନ
ସିଏ କିଏ ଏବେ କୁହ।

ଉତ୍ତର-ସ୍ୱାଧୀନତା ସଂଗ୍ରାମୀ



- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର, ମୋ-୭୩୫୫୬୩୪୩୪୬

## କୁନି ତାରକା



ସ୍ମରଣିକା

# ଜନରାଜ୍ୟ ଦିବସ



ଅଶୋକ କୁମାର ପ୍ରଧାନ

ଡେରି ଯାଏ ଆଉ ଶୁଅନି କେ ଆଜି
ଆରେ କୁନା ମୁନା ସଅଳ ଉଠ
ନୂଆଁ ଜାମା ପିନ୍ଧି ନୂଆ ମନ ନେଇ
ବେଗେ ତୁମେ ବିଦ୍ୟାଳୟକୁ ଛୁଟ।
ଜାନୁଆରୀ ମାସ ଛବିଶ ତାରିଖ
ଆମ ଜନରାଜ୍ୟ ଦିବସ ପରା
ସେ ପରବ ପାଳି ନାଚିବା ଗାଇବା
ଖୁସିରେ ଚମକି ଉଠୁ ଏ ଧରା।
ଆଜିର ଦିନରେ ସମ୍ବିଧାନ ନୀତି
ପ୍ରଚଳନ ହେଲା ଆମରି ଦେଶେ
ଜାତୀୟ ପତାକା ଫରଫର ଉଡ଼ି
କହଇ ସଭିଙ୍କୁ ବୀରତ୍ୱ ବେଶେ।
ମୋ ପାଇଁ ଅଟରେ ସଭିଏଁ ସମାନ
ନୁହେଁ କେ ମୋଠାରେ ଆପଣା ପର
ଏକତାର ମନ୍ତ୍ରେ ସଭିଙ୍କୁ ମୁଁ ବାନ୍ଧି
ବାଣ୍ଟେ ନିତି ଦେଶପ୍ରେମର ଝର।
ଏ ଦେଶ ଶାସନ ଆଇନ କାନୁନ୍
ସମ୍ବିଧାନ ସାରା ବିଶ୍ୱରେ ବଡ଼
ଭାଙ୍ଗି ପାରିନାହିଁ ଏ ଦେଶ ଅସ୍ମିତା
ଆସି ଯାଏ କେତେ ବିପଦ ଝଡ଼।
କେତେ ବୀରଙ୍କର ବଳିଦାନ ପାଇଁ
ସ୍ୱାଧୀନତା ହେଲା ଆମରି ଦେଶ
ଏଇ ସ୍ୱାଧୀନତା ପାଇଁ ଆମ ବୀର
ସହିଥିଲେ ନାନା ଯାତନା କ୍ଲେଶ।
ସବୁରି ସ୍ମୃତି ମୁଁ ସାଇତି ରଖିଛି
ଏଇ ସମ୍ବିଧାନ ତୁମରି ଗର୍ବ
ଆମରି ଐତିହ୍ୟ ଆମରି ସଂସ୍କୃତି
ଅକ୍ଷୁଣ୍ଣ ରଖିବା କହେ ଏ ପର୍ବ।
ଆସ ଆଜି ଆମେ ମାଆ ଭାରତୀର
ବୀର, ବୀରାଙ୍କର ଗୌରବ ଗାଇ
ପ୍ରଣାମ କରିବା ସଭିଏଁ ଗରବେ
ଜାତିର ନେତକୁ ସମ୍ମାନେ ଚାହିଁ।
ଶପଥ କରିବା ଏ ପତାକା ତଳେ
ଦେଶକୁ ବିଭବ ଆଣିବା ବରି
ମାଆ ଭାରତୀର ମଙ୍ଗଳ ମନାସି
ଫୁଲ ପରି ଆମେ ଯିବାରେ ଝଡ଼ି।■

ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ କୁଲସୁମ୍

**କମ୍ ବୟସରେ ବିଚକ୍ଷଣ ବୁଦ୍ଧି। ଯେଉଁ ବୟସରେ ପିଲାମାନେ ଖେଳକୁଦରେ ମାତିଥାନ୍ତି, ସେହି ସମୟରେ ସେ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିବାକୁ ପସନ୍ଦ କରୁଛନ୍ତି। ଏଭଳି ଜଣେ ବିଚକ୍ଷଣ ବାଳିକା ହେଲେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ ଅନ୍ତର୍ଗତ କୁଶପଲା ଗ୍ରାମର କୁଲସୁମ୍। ବୟସ ତାଙ୍କୁ ସାଢ଼େ ଚାରିବର୍ଷ। ତୁଳସୀ ଦୁଇପତ୍ରରୁ ବାସିବା ଭଳି ତାଙ୍କ ପ୍ରତିଭା ମହକିଲାଣି। ଏତେ କମ୍ ବୟସରେ ସେ ବିଭିନ୍ନ ପନିପରିବା, ଫଳ, ମନୁଷ୍ୟ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ନାଁକୁ ଇଂରାଜୀରେ ଅତି ନିର୍ଭୁଲ ଭାବେ କହି 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍'ରେ ସ୍ଥାନ ପାଇ ନିଜ ଅଞ୍ଚଳ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।**



ଗଫୁର ଓ ଆମନା ବେଗମଙ୍କ କନ୍ୟା କୁଲସୁମ୍। ୨୨ ଜୁନ୍, ୨୦୨୦ ମସିହାରେ ସେ ଜନ୍ମଗ୍ରହଣ କରିଥିଲେ। ବର୍ତ୍ତମାନ ସେ କୁଶପଲାସ୍ଥିତ ସେଣ୍ଟ ଜାଭିୟର ସ୍କୁଲ୍‌ରେ ପ୍ରଥମ ଶ୍ରେଣୀର ଛାତ୍ରୀ। କୁଲସୁମ୍ ଯେବେଠୁ କଥା କହିବା ଆରମ୍ଭ କଲେ, ସେବେଠୁ ସେ ନୂଆ ନୂଆ କଥା ଜାଣିବାକୁ ଆଗ୍ରହ ପ୍ରକାଶ କରୁଥିଲେ। ଝିଅର ଏଭଳି ଆଗ୍ରହକୁ ଦେଖି ବାପା ଗଫୁର ଘରକୁ ଅନେକ ପ୍ରକାର ପାଠ୍ୟ ଉପକରଣ ଆଣିଥିଲେ। ଯାହାକୁ ଦେଖି କୁଲସୁମ୍ ଅନେକ କଥା ଜାଣିପାରିଥିଲେ। ଏହା ସହିତ ବେଳେବେଳେ ସେ ମୋବାଇଲରୁ ଅନେକ ଶିକ୍ଷଣୀୟ ଭିଡିଓ ମଧ୍ୟ ଦେଖିଥାନ୍ତି। ସେହିପରି କୁଲସୁମ୍‌ଙ୍କ ମା' ତାଙ୍କୁ ନିୟମିତ ବିଶ୍ୱର ବିଭିନ୍ନ ଦେଶ, ରାଜ୍ୟର ନାଁ, ଜୀବଜନ୍ତୁ, ସଂଖ୍ୟା, ଆଦି ବିଷୟରେ ଜଣାଇଥାନ୍ତି। କୁଲସୁମ୍‌ଙ୍କର ସବୁଠୁ ଭଲ ଗୁଣ ହେଲା ସେ ଥରେ ଯେଉଁ କଥାକୁ ଶୁଣନ୍ତି ତାହାକୁ ମନେ ରଖିଦିଅନ୍ତି। ତେବେ ନର୍ସରୀରେ ପାଠ ପଢୁଥିବାବେଳେ ତାଙ୍କର ଧିଶକ୍ତି ବଳରେ ସେ ଉର୍ଦ୍ଦୁ, ହିନ୍ଦୀ ଓ ଇଂରାଜୀ ତିନୋଟି ଭାଷାରେ ଜ୍ଞାନ ହାସଲ କରିପାରିଥିଲେ। ଏହାକୁ ଦୃଷ୍ଟିରେ ରଖି ପରିବାର ଲୋକେ ପ୍ରତିବର୍ଷ ହେଉଥିବା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପ୍ରତିଯୋଗିତାକୁ କୁଲସୁମ୍‌ଙ୍କ ଭିଡିଓ ରେକର୍ଡ କରି ପଠାଇଥିଲେ। ଏହାପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପକ୍ଷରୁ ତାଙ୍କୁ ଭୁବନେଶ୍ୱର ଡକାଯାଇଥିଲା। ସେଠାରେ ବିଚାରପତିମାନଙ୍କ ଉପସ୍ଥିତିରେ କୁଲସୁମ୍ ୧୨ଟି ପନିପରିବା, ୧୨ ପ୍ରକାର ଫଳ, ମଣିଷ ଶରୀରର ୧୫ଟି ଅଙ୍ଗପ୍ରତ୍ୟଙ୍ଗର ନାମ ଇଂରାଜୀ ଭାଷାରେ ନିର୍ଭୁଲ ଭାବରେ କହିବା ସହ ଓଡ଼ିଆରେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଇଂରାଜୀ ଭାଷାରେ ନର୍ସରୀର ରାଇମ୍ସଗୁଡ଼ିକ ମଧ୍ୟ କହିଥିଲେ। ଏହାପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପକ୍ଷରୁ ତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସ୍କୁଲ ଶିକ୍ଷୟିତ୍ରୀ ତଥା ପରିବାର ଲୋକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁଲ୍‌ସୁମ୍ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇ ପୂରା ଅଞ୍ଚଳ ପାଇଁ ଗର୍ବ ଆଣିଛନ୍ତି। ଏନେଇ କୁଲ୍‌ସୁମ୍‌ଙ୍କ ମା' କୁହନ୍ତି, 'ଖାଲି ସମୟ ପାଇଲେ ସେ ନୂଆ ନୂଆ କଥା ଜାଣିବାକୁ ଆଗ୍ରହ ପ୍ରକାଶ କରେ। ତେବେ ସେ ପାଠପଢ଼ା ସହିତ ସାଧାରଣ ଜ୍ଞାନ ପାଇଁ ଦିନକୁ ୫ଘଣ୍ଟା ସମୟ ଦେଇଥାଏ। ଆଗକୁ ମଧ୍ୟ ସେ ଏହି ପ୍ରୟାସ ଜାରି ରଖିବ।'■

- ଯୋଗେଶ୍ୱର ପଣ୍ଡା,
ବେଗୁନିଆ

# ତ୍ରିରଙ୍ଗା କହେ



ଅନସୂୟା ପଣ୍ଡା

ଭାରତ ମାଆର ଗୌରବ ଗାଥା
ତ୍ରିରଙ୍ଗା ପତାକା ଗାଏ
ମାଟିର ବାସ୍ନା ସାରା ଜଗତରେ
ଉଲ୍ଲସିତ କଣ୍ଠେ କହେ।
ସ୍ୱାଧୀନ ଭାରତ ଅମ୍ଳାନ ରାଗ
ଆକାଶେ ବିଜୟ ସଙ୍ଗୀତ ଗାଏ
ଦୁର୍ଗମ ପ୍ରହର ପାରି ହେବାର
ତୃପ୍ତ ପୁଲକ ଦେହେ।
ନାରଙ୍ଗୀ ରଙ୍ଗରେ ଭଗତ ସିଂର
ତ୍ୟାଗ ତିତିକ୍ଷାର ରୋମାଞ୍ଚ ଲୁଚି ଥାଏ
ଜୟୀ ରାଜଗୁରୁ ଚନ୍ଦ୍ରଶେଖର
କ୍ରାନ୍ତିକାରୀଙ୍କ ବଳିଦାନ ଗାଥା ଗାଏ।
ଧଳା ରଙ୍ଗ ନମ୍ର ନିବେଦନେ ଚାହେଁ
ସତ୍ୟ ଶାନ୍ତି ଅହିଂସା ରାଗରେ
ଜାତି ଧର୍ମ ବର୍ଣ୍ଣ ଏକାକାର କରି
ମାନବ ବାଦକୁ କହେ।
ସବୁଜ ରଙ୍ଗ ବିଶ୍ୱାସ ବୀରତା ନେଇ
ପୂର୍ଣ୍ଣତାର ଶିଖର ଯାଏ ଛୁଇଁ
ପର୍ତ୍ତୁଗୀଜ ଆଉ ମୋଗଲ୍ ଫିରଙ୍ଗୀ
ବିନାଶ ବାରତା ଯାଏ କହି
ଅଶୋକ ଚକ୍ର ନୀଳ ରଙ୍ଗରେ
ଆଙ୍କେ ପ୍ରଗତି ଗାଥା
ସ୍ୱର୍ଣ୍ଣିମ ଇତିହାସ ପୃଷ୍ଠାରେ
ଲେଖେ ସମୃଦ୍ଧି ସ୍ଥାପତ୍ୟ କଥା।
ଆଜିର ପିଲାଙ୍କୁ ଦିଏ ଚେତାଇ
ଗାନ୍ଧୀ ଗୋପବନ୍ଧୁ ରାଣା ପ୍ରତାପ ଲକ୍ଷ୍ମୀବାଈର କଥା
ଲିଭାଇ ଥିଲେ ଯେଉଁ ଭାରତର ବ୍ୟଥା
ତୁମେ ହିଁ ସେ ଦେଶ ଉଜ୍ଜ୍ୱଳତମ ଗାଥା
ସେ ଦେଶର ତୁମେ ଭାଗ୍ୟ ଭବିଷ୍ୟତ
ଲେଖିବ କେତେ ନବ ଉନ୍ମେଷର କଥା
ତୁମେ ହନୁମାନଙ୍କ ପରି ପାରିବ ଲଙ୍ଘି
ସମୁଦ୍ର ଗଗନ ଦୁର୍ଗମ ଯେତେ ଯାତ୍ରା
ଉଠରେ ଉଠରେ ଭାରତ ମାତାର
ଯୋଗ୍ୟ ସନ୍ତାନ ଛାଡ଼ଇ ଆଳସ୍ୟ ପଣ
ମନରେ ଜାଳ ସଫଳତା ବହ୍ନି
ତିଆରି ଦେଶର ତୃପ୍ତ ଚାରୁ ବନ।■

ବୁର୍ଲା, ସମ୍ବଲପୁର
ମୋ-୮୩୨୮ ୯୪୫୮୮୫

## ସକାଳ ଶିଶୁ କୁଇଜ୍ -୧୫୧

(୧) ନାଳନ୍ଦା ବିଶ୍ୱବିଦ୍ୟାଳୟ ଭାରତର କେଉଁ ରାଜ୍ୟରେ ରହିଛି?

ଉତ୍ତର : ______________________

(୨) 'ଟୀକା ଗୋବିନ୍ଦଚନ୍ଦ୍ର' କିଏ ରଚନା କରିଛନ୍ତି?

ଉତ୍ତର : ______________________

(୩) ପ୍ରାର୍ଥନା ସମାଜ କିଏ ଗଠନ କରିଥିଲେ?

ଉତ୍ତର : ______________________

(୪) ଏଭରେଷ୍ଟ ଶୃଙ୍ଗ ଚଢ଼ିଥିବା ପ୍ରଥମ ଓଡ଼ିଆ କିଏ?

ଉତ୍ତର : ______________________

(୫) 'ଦିଲ୍ଲୀ ଚଲୋ' ସ୍ଲୋଗାନ କିଏ ଦେଇଥିଲେ?

ଉତ୍ତର : ______________________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

### ଗତ ସପ୍ତାହର କୁଇଜ୍ ବିଜେତା

- ଅଂଶୁମାନ ପ୍ରଧାନ, ଲୋହାରପାଲି , ପଦ୍ମପୁର, ବରଗଡ଼
- ସୋମ୍ୟରାଣୀ ପ୍ରଧାନ, ସରେଇକେଲା, ପଦ୍ମପୁର, ବରଗଡ଼
- ଶ୍ରୀନିବାସ ପଣ୍ଡା, ଦିଗପହଣ୍ଡି, ଗଞ୍ଜାମ

### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯

## ତୁଳୀ ଉତ୍ସବ ଛୁଆ





ସାଇ ଶିବେଶ ବେହେରା
ଷଷ୍ଠ ଶ୍ରେଣୀ
କାରମେଲ୍ ସ୍କୁଲ
ରାଉରକେଲା






ଶ୍ରୀଦିକଶା ଦେହୁରି
ପ୍ରଥମ ଶ୍ରେଣୀ
ସେଣ୍ଟ ଜନ୍ ସ୍କୁଲ
ବୌଦ୍ଧ






ମାଇରା ମହାନ୍ତି
ଦ୍ୱିତୀୟ ଶ୍ରେଣୀ
ଡିଏଭି ସ୍କୁଲ
ୟୁନିଟ୍ -୮, ଭୁବନେଶ୍ୱର





ଭୈବାଶ୍ରୀ ପଣ୍ଡା
ତୃତୀୟ ଶ୍ରେଣୀ
ସେଣ୍ଟ ଜୋସେଫ୍ ହାଇସ୍କୁଲ
ୟୁନିଟ୍-୩, ଭୁବନେଶ୍ୱର

■ ମହିଳା ହକି ଇଣ୍ଡିଆ ଲିଗ୍

## ଓଡ଼ିଶା ୱାରିୟର୍ସ- ସୁରମା ହକି କ୍ଲବ୍ ଫାଇନାଲ

ରାଞ୍ଚି,୨୪ ।୧(ଏଜେନ୍ସି): ଏଠାରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ପ୍ରଥମ ସଂସ୍କରଣର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ ପାଇଁ ସ୍ଥାନୀୟ ଜୟପାଲ ସିଂ ଷ୍ଟାଡିୟମରେ ଅଙ୍କ ତାଲିକାର ଶୀର୍ଷରେ ରହିଥିବା ଦୁଇ ଦଳ ସୁରମା ହକି କ୍ଲବ ଓ ଓଡ଼ିଶା ୱାରିୟର୍ସ ପରସ୍ପରକୁ ଭେଟିବେ। ସୁରମା ୬ଟି ମ୍ୟାଚ୍ ଖେଳି ୪ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ସୁଟ୍‌ଆଉଟ ପରାଜୟ ପଏଣ୍ଟ ସହ ୧୩ ପଏଣ୍ଟ ପାଇ ତାଲିକା ଶୀର୍ଷରେ ରହିଥିବା ବେଳେ ଓଡ଼ିଶା ୬ଟି ମ୍ୟାଚ୍ ଖେଳି ୨ ବିଜୟ, ୨ ସୁଟ୍ ଆଉଟ ବିଜୟ ଓ ଗୋଟିଏ ସୁଟ୍ ଆଉଟ ପରାଜୟ ସହ ୧୧ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ବେଙ୍ଗଲ ୭ ପଏଣ୍ଟ ପାଇ ତୃତୀୟ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ୫ ପଏଣ୍ଟ ପାଇ ଚତୁର୍ଥ ତଥା ଅନ୍ତିମ ସ୍ଥାନରେ ରହି ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛନ୍ତି।

■ ସେହ୍ୱାଗ- ଆରତୀ ବିବାହ ବିଚ୍ଛେଦ ଚର୍ଚ୍ଚା

## ଦୁହେଁ ଦୁହିଁଙ୍କୁ ଇନ୍‌ଷ୍ଟାଗ୍ରାମ୍‌ରେ କଲେ ଅନ୍‌ଫଲୋ



ନୂଆଦିଲ୍ଲୀ,୨୪ ।୧(ଏଜେନ୍ସି): ଭାରତୀୟ ପୂର୍ବତନ ବିସ୍ଫୋରକ ବ୍ୟାଟର ବୀରେନ୍ଦ୍ର ସେହ୍ୱାଗ ଓ ପତ୍ନୀ ଆରତୀଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସେହ୍ୱାଗ ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ଆରତୀଙ୍କୁ ଅନଫଲୋ କରିବା ପରେ ପ୍ରଶଂସକଙ୍କ ମଧ୍ୟରେ ଏହି ଚର୍ଚ୍ଚା ସୃଷ୍ଟି ହୋଇଛି। ଦୁହେଁ ଗତକେତେ ମାସ ହେବ ଅଲଗା ରହୁଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଆରତୀ ମଧ୍ୟ ସେହ୍ୱାଗଙ୍କୁ ଇନ୍‌ଷ୍ଟାଗ୍ରମ୍‌ରେ ଅନଫଲୋ କରିଛନ୍ତି। ଫଳରେ ଦୁହିଁଙ୍କ ମଧ୍ୟରେ ବିବାହ ବିଚ୍ଛେଦର ସମ୍ଭାବନା ସୃଷ୍ଟି ହୋଇଛି ବୋଲି କୁହାଯାଇଛି। ୨୦୦୪ରେ ଦୁହେଁ ବିବାହ କରିଥିଲେ ଓ ସେମାନଙ୍କ ଦୁଇ ପୁଅ ଅଛନ୍ତି। ୨୦୦୭ରେ ଆର୍ଯ୍ୟବୀର ଓ ୨୦୧୦ରେ ବେଦାନ୍ତ ଜନ୍ମ ଗ୍ରହଣ କରିଥିଲେ। ଦୁଇ ସପ୍ତାହ ତଳେ ସେହ୍ୱାଗ ନିଜ ପରିବାର ସଦସ୍ୟଙ୍କୁ ନେଇ ଫଟୋ ପୋଷ୍ଟ କରିଥିଲେ। କିନ୍ତୁ ଏହି ଫଟୋରେ ଆରତୀଙ୍କୁ ଦେଖିବାକୁ ମିଳି ନଥିଲା। ଶେଷଥର ପାଇଁ ୨୦୨୪ ଦୀପାବଳୀରେ ସେହ୍ୱାଗ ଇନଷ୍ଟାଗ୍ରାମରେ ଫ୍ୟାମିଲି ଫଟୋ ପୋଷ୍ଟ କରିଥିଲେ। ଏଥିରେ ଦୁଇ ପୁଅ ଓ ତାଙ୍କ ମା'ଙ୍କୁ ଦେଖିବାକୁ ମିଳିଥିଲା। କିନ୍ତୁ ଏଥିରେ ଆରତୀଙ୍କୁ ଦେଖିବାକୁ ମିଳି ନଥିଲା। ଫଳରେ ଏବେ ଏହି ବିବାହ ବିଚ୍ଛେଦ ଆଡକୁ ଯାଉଛି ବୋଲି ଚର୍ଚ୍ଚା ଚାଲିଛି। ଆରତୀ ଓ ସେହ୍ୱାଗ ପିଲାଦିନର ବନ୍ଧୁ ଥିଲେ।

● ୨୦୨୪ରେ ଆଇସିସିର ବେଷ୍ଟ ଟେଷ୍ଟ ଟିମ୍

## ଭାରତରୁ ବୁମ୍‌ରା, ଜାଡେଜା ଓ ଜୟସ୍ୱାଲ୍

ଦୁବାଇ, ୨୪।୧(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ପକ୍ଷରୁ ୨୦୨୪ ବର୍ଷ ଲାଗି ବେଷ୍ଟ କ୍ରିକେଟ ଟିମ୍ ଘୋଷଣା କରାଯାଇଛି। ଏଥିରେ ଇଂଲଣ୍ଡରୁ ସର୍ବାଧିକ ୪, ଭାରତରୁ ୩, ନ୍ୟୁଜିଲାଣ୍ଡରୁ ୨ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆରୁ ଜଣେ ଲେଖାଏଁ ଖେଳାଳିଙ୍କୁ ସ୍ଥାନ ମିଳିଛି। ଭାରତରୁ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା, ଦଳର ସ୍ପିନର ରବୀନ୍ଦ୍ର ଜାଡେଜା ଓ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ଏହି ଦଳରେ ନିଆଯାଇଛି। ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସଙ୍କୁ ଦଳର ନେତୃତ୍ୱ ଦିଆଯାଇଥିଲାବେଳେ ଅନ୍ୟ କୌଣସି ଖେଳାଳିଙ୍କୁ ସ୍ଥାନ ମିଳିନାହିଁ। ନ୍ୟୁଜିଲାଣ୍ଡରୁ କେନ୍ ୱିଲିୟମସନ ଓ ଫାଷ୍ଟ ବୋଲର ମ୍ୟାଟ୍ ହେନରୀଙ୍କୁ ମନୋନୀତ କରାଯାଇଛି। ଇଂଲଣ୍ଡରୁ ସର୍ବାଧିକ ୪ଜଣ ଯଥା ଓପନର ବେନ୍ ଡକେଟ୍, ନଂ-୪ ଓ ନଂ-୫ରେ ଜୋ ରୁଟ୍, ହ୍ୟାରୀ ବ୍ରୁକ୍ ଏବଂ ୱିକେଟରକ୍ଷକ ଜାମି ସ୍ମିଥ୍‌ଙ୍କୁ ସ୍ଥାନ ଦିଆଯାଇଛି। ଶ୍ରୀଲଙ୍କାର ଅଲରାଉଣ୍ଡର କାମିନ୍ଦୁ ମେଣ୍ଡିସ୍ ଚମତ୍କାର ଖେଳ ପ୍ରଦର୍ଶନ କରି ଏହି ବେଷ୍ଟ ଟିମ୍‌ରେ ସ୍ଥାନ ହାସଲ କରିଛନ୍ତି।

**ବେଷ୍ଟ ଟେଷ୍ଟ ଟିମ୍:** ଯଶସ୍ୱୀ ଜୟସ୍ୱାଲ୍, ବେନ୍ ଡକେଟ୍, କେନ୍ ୱିଲିୟମସନ, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, କାମିନ୍ଦୁ ମେଣ୍ଡିସ୍, ଜାମି ସ୍ମିଥ୍ (ୱିକେଟରକ୍ଷକ), ରବୀନ୍ଦ୍ର ଜାଡେଜା, ପ୍ୟାଟ କମିନ୍ସ (ଅଧିନାୟକ), ମ୍ୟାଟ୍ ହେନରୀ ଓ ଯଶପ୍ରୀତ୍ ବୁମ୍‌ରା।

## ମହିଳା ଦିନିକିଆ ଦଳରେ ମନ୍ଧାନା ଓ ଦୀପ୍ତି

ଆଇସିସି ପକ୍ଷରୁ ଘୋଷିତ ଶ୍ରେଷ୍ଠ ପୁରୁଷ ଦିନିକିଆ ଦଳରେ କୌଣସି ଭାରତୀୟ ଖେଳାଳିଙ୍କୁ ସାମିଲ କରାଯାଇନାହିଁ। ଭାରତ ସମେତ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକାରୁ ମଧ୍ୟ କେହି ସ୍ଥାନ ପାଇନାହାନ୍ତି। କିନ୍ତୁ ମହିଳା ଦଳରେ ଭାରତର ଦୁଇ ତାରକା ଖେଳାଳି ସ୍ମୃତି ମନ୍ଧାନା ଓ ଦୀପ୍ତି ଶର୍ମାଙ୍କୁ ସ୍ଥାନ ମିଳିଛି। ଉଭୟ ଖେଳାଳି ୨୦୨୪ରେ ଚମତ୍କାର ପ୍ରଦର୍ଶନ କରିଛନ୍ତି।

ବାରବାଟୀ ଏକଦିବସୀୟ | ଆଉ ୧୫ ଦିନ

# ୨ରୁ ଅନ୍‌ଲାଇନ୍ ଟିକଟ; ୫ରେ ଖୋଲିବ କାଉଣ୍ଟର




କଟକ,୨୪।୧(ସମିସ): ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଭାରତ-ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍‌କୁ ଆଉ ୧୫ଦିନ ବାକି। ଏଥି ନିମନ୍ତେ ପ୍ରସ୍ତୁତି ଆଗେଇ ଚାଲିଛି। ଆଜି ଓସିଏ ସମ୍ମିଳନୀ କକ୍ଷରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅବସରରେ ମ୍ୟାଚ୍ ଆୟୋଜନ ଏବଂ ଟିକଟ ବିକ୍ରି ନେଇ ବିସ୍ତୃତ ସୂଚନା ଦିଆଯାଇଥିଲା। ଫେବୃୟାରୀ ୨ ତାରିଖରୁ ଅନଲାଇନ୍‌ରେ ଟିକଟ୍ ବିକ୍ରି ଆରମ୍ଭ ହେବ।

- **ମ୍ୟାଚ୍ ପାଇଁ ୫୦ କୋଟିର ବୀମା**
- **୭ରେ ଆସିବେ ଖେଳାଳି, ୮ରେ ଅଭ୍ୟାସ**
- **ଜୋମାଟୋ ଆପ୍‌ରେ ମିଳିବ ଟିକଟ**

ଜୋମାଟୋକୁ ଟିକଟ ବିକ୍ରି ଦାୟିତ୍ୱ ଦିଆଯାଇଛି। 'ଡିଷ୍ଟ୍ରିକ୍ଟ ବାୟ ଜୋମାଟୋ'('district by zomato') ଆପ୍ଲିକେସନ୍‌ରେ ଟିକଟ ଉପଲବ୍ଧ ହେବ। ଅନଲାଇନ୍‌ରେ ଟିକଟ୍ କ୍ରୟ କରିଥିବା କ୍ରୀଡ଼ାପ୍ରେମୀ ୭, ୮ ଓ ୯ ତାରିଖ ତିନି ଦିନ ଭିତରେ ଏହା ସଂଗ୍ରହ କରିବେ। କଟକର କେମ୍ବ୍ରିଜ ସ୍କୁଲ ଏବଂ ଭୁବନେଶ୍ୱରର ଦୂତୀ ଚାନ୍ଦ ଆଥଲେଟିକ ଷ୍ଟାଡିୟମରେ ଏଥି ପାଇଁ କାଉଣ୍ଟର ଖୋଲାଯିବ। ସେହିପରି ସାଧାରଣ ଦର୍ଶକ ୫ ଓ ୬ ତାରିଖରେ କାଉଣ୍ଟର ଟିକଟ କ୍ରୟ କରି ପାରିବେ। ଜଣେ ବ୍ୟକ୍ତି ପରିଚୟପତ୍ର ଦେଖାଇ ସର୍ବାଧିକ ୨ଟି ଟିକଟ କିଣି ପାରିବ। ଅନଲାଇନ ଜରିଆରେ ମୋଟ୍ ୪ହଜାର ଟିକଟ ବିକ୍ରି ନିମନ୍ତେ ଉପଲବ୍ଧ କରାଯିବ। ଏତଦବ୍ୟତୀତ ସାଧାରଣ ଦର୍ଶକ ଏବଂ ଓସିଏ ସହ ଅନୁବନ୍ଧିତ ୟୁନିଟ ଗୁଡିକ ନିମନ୍ତେ ୨୦ହଜାର ୬୯୨ ଟିକଟ ବିକ୍ରି ହେବ। ଏଣୁ ୪୦ହଜାର ଦର୍ଶକ କ୍ଷମତା ରଖିଥିବା ବାରବାଟୀ ଷ୍ଟାଡିୟମରେ ସର୍ବମୋଟ ୨୪ହଜାର ୬୯୨ ଟିକଟ ବିକ୍ରି ପାଇଁ ଧାର୍ଯ୍ୟ ହୋଇଛି। ଫେବୃୟାରୀ ୩ ଏବଂ ୪ ତାରିଖରେ ଅନୁବନ୍ଧିତ ସମେତ କର୍ମକର୍ତ୍ତା, କାଉନସିଲ ସଦସ୍ୟ ଟିକଟ କ୍ରୟ କରି ପାରିବେ।

### ଟିକଟ ମୂଲ୍ୟ

| | |
|---|---|
| ଗ୍ୟାଲେରୀ ନଂ ୫ | ୧୨୦୦ |
| ଗ୍ୟାଲେରୀ ନଂ ୧ ଓ ୩ | ୧୧୦୦ |
| ଗ୍ୟାଲେରୀ ନଂ ୨ ଓ ୪ | ୯୦୦ |
| ଗ୍ୟାଲେରୀ ନଂ ୭ | ୭୦୦ |
| ସ୍ପେଶିଆଲ ଏନକ୍ଲୋଜର | ୬୦୦୦ |
| ଏସି ବକ୍ସ | ୮୦୦୦ |
| ନ୍ୟୁ ପ୍ୟାଭିଲିୟନ | ୧୦୦୦୦ |
| କର୍ପୋରେଟ ବକ୍ସ | ୨୦୦୦୦ |

ଉଭୟ ଭାରତ ଏବଂ ଇଂଲଣ୍ଡ ଦଳ ୭ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ। ୮ ତାରିଖରେ ଉଭୟ ଦଳ ଅଭ୍ୟାସ କରିବେ। ଇଂଲଣ୍ଡ ଦଳ ଅପରାହ୍ନ ୧ଟାରୁ ୪ଟା ପର୍ଯ୍ୟନ୍ତ ଏବଂ ଘରୋଇ ଭାରତ ଦଳ ସନ୍ଧ୍ୟା ୫ଟାରୁ ୮ଟା ପର୍ଯ୍ୟନ୍ତ ବାରବାଟୀରେ ଅଭ୍ୟାସ କରିବ। ଭୁବନେଶ୍ୱରର ମେ ଫେୟାର ହୋଟେଲରେ ଖେଳାଳିଙ୍କ ରହଣି ବ୍ୟବସ୍ଥା କରାଯିବ। ମ୍ୟାଚ୍ ଲାଗି ୫୦କୋଟି ଟଙ୍କାର ବୀମା କରାଯାଇଛି। ସୁରକ୍ଷା, ମେଡିକାଲ ଏମର୍ଜେନ୍ସି, ଗ୍ୟାଲେରୀରେ ଥିବା ଦର୍ଶକଙ୍କ ଲାଗି ପର୍ଯ୍ୟାପ୍ତ ପାଣି, ଫୁଡ୍ ଷ୍ଟଲର ବ୍ୟବସ୍ଥା କରାଯାଇଛି।

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ମେୟର ସୁବାସ ସିଂହ, ବିଧାୟକ ସୌଭିକ ବିଶ୍ୱାଳ, ପ୍ରକାଶ ସେଠୀ, ଇରାଶିଷ ଆଚାର୍ଯ୍ୟ, ମାନସ କୁମାର ଦତ୍ତ, ରଞ୍ଜନ ତ୍ରିପାଠୀ, ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଓ ସଞ୍ଜଳୀ ମୁର୍ମୁ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଜଗମୋହନ ମୀନା, ହକି ପ୍ରମୋସନ କାଉନ୍ସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଓସିଏର କାର୍ଯ୍ୟକାରୀ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଓଡିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ସିଇଓ ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଥମଥର ଲିଜେଣ୍ଡାରୀ ବକ୍ସ

ପ୍ରଥମଥର ନିମନ୍ତେ ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ ପାଇଁ ଲିଜେଣ୍ଡାରୀ ବକ୍ସର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରାମର୍ଶ ଅନୁଯାୟୀ ଏହି ବକ୍ସ ଖୋଲାଯାଉଛି ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଯେଉଁଥିରେ ୬୦ଟି ସିଟ ଉପଲବ୍ଧ ରହିବ। ଏଠାରେ ରାଜ୍ୟର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ଦେଖିବାକୁ ମିଳିବ। ପଦ୍ମ ପୁରସ୍କାର ପ୍ରାପ୍ତ ସମେତ କ୍ରୀଡ଼ା ଜଗତର କିମ୍ବଦନ୍ତୀ ଖେଳାଳି, ବିଶିଷ୍ଟ ଡାକ୍ତର, ଶିଳ୍ପୋଦ୍ୟୋଗୀ, ସାମାଜିକକର୍ମୀ, ଆଇନଜୀବୀ ଆଦି ଶ୍ରେଣୀର ଚର୍ଚ୍ଚିତ ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ ଦେବ ଓସିଏ।

■ ହକି ଇଣ୍ଡିଆ ଲିଗ୍

## ଲାନ୍ସର୍ସଙ୍କୁ ହରାଇଲା ବେଙ୍ଗଲ ଟାଇଗର୍ସ

ରାଞ୍ଚି,୨୪ ।୧(ଏଜେନ୍ସି): ଚଳିତ ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଷଷ୍ଠ ସଂସ୍କରଣରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ପର୍ଯ୍ୟାୟର ପୁଲ-ଏ ମ୍ୟାଚ୍‌ରେ ଶ୍ରଚୀ ରାରହ ବେଙ୍ଗଲ ଟାଇଗର୍ସ ୫-୩ ଗୋଲରେ କଳିଙ୍ଗ ଲାନ୍ସର୍ସଙ୍କୁ ପରାସ୍ତ କରିଛି। ସ୍ଥାନୀୟ ଜୟପାଲ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ଲିଗ୍‌ର ଏହି ୩୪ତମ ମୁକାବିଲାରେ ବେଙ୍ଗଲ ତରଫରୁ ଯୋଗରାଜ ସିଂହ ୨ଟି, ରୂପିନ୍ଦରପାଲ ସିଂହ, ଅଭିଷେକ, ପର୍ଦୀପ ସିଂହ ସାନ୍ଧୁ ଗୋଲ ଦେଇଥିଲେ।

## ଦ୍ୱିତୀୟ ଟି-୨୦ ଆଜି: ଭାରତର ସ୍ପିନ୍ ମୁକାବିଲା ଲାଗି ଇଂଲଣ୍ଡ ପ୍ରସ୍ତୁତ

ଚେନ୍ନଇ,୨୪।୧(ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହୋଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଶନିବାର ସ୍ଥାନୀୟ ଚେପକ ଷ୍ଟାଡିୟମ୍‌ରେ ଖେଳାଯିବ। କୋଲକାତାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ପ୍ରତିପକ୍ଷ ଇଂଲଣ୍ଡକୁ ଚକିତ କରି ସହଜରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ସ୍ପିନର ଚମତ୍କାର ବୋଲିଂ ଓ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂର ମୁକାବିଲା କରିପାରି ନ ଥିଲା ଇଂଲଣ୍ଡ। ଆସନ୍ତାକାଲି ଏଠାରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟି-୨୦ର ପିଚ୍ ସ୍ପିନରଙ୍କୁ ଅଧିକ ସୁହାଇବ। ଏଣୁ ଏହି ମ୍ୟାଚ୍‌ରେ କିଛି ଭଲ ପ୍ରଦର୍ଶନ କରିବାକୁ ହେଲେ ଇଂଲଣ୍ଡକୁ ସ୍ପିନ୍ ବିପକ୍ଷରେ ନିଶ୍ଚିତ ଭଲ ମୁକାବିଲା କରିବାକୁ ହେବ। ଦଳ



କୋଲକାତାରେ ଖେଳିଥିବା ମ୍ୟାଚ୍‌ରୁ ଦୁଇ ଜଣ ଖେଳାଳିଙ୍କୁ ଘୋଷିତ ୧୨ ଜଣିଆ ଦଳରେ ସ୍ଥାନ ଦେଇଛି। ଫାଷ୍ଟ ବୋଲର ଗସ ଆଟକିନସନଙ୍କ ସ୍ଥାନରେ ବ୍ରାଇଡନ କାର୍ସଙ୍କୁ ଏହି ମ୍ୟାଚ୍ ଲାଗି ସାମିଲ କରିଛି। ଯୁବ ଅଲରାଉଣ୍ଡର ଜ୍ୟାକବ ବେଥେଲ

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ହଟ୍‌ଷ୍ଟାର**

ଅସୁସ୍ଥ ଅଛନ୍ତି। ଏଣୁ ୱିକେଟରକ୍ଷକ ଜାମି ସ୍ମିଥ୍‌ଙ୍କୁ ରିଜର୍ଭ ଖେଳାଳିଭାବେ ନିଆଯାଇଛି। ଅନ୍ୟ ପକ୍ଷରେ ଭାରତୀୟ ଦଳର ଖବର ମହମ୍ମଦ୍ ସାମିଙ୍କୁ ନେଇ ଚର୍ଚ୍ଚାରେ ରହିଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଦମ୍‌ଦାର ଖେଳୁଥିବାରୁ ଏବଂ ଅତି ସହଜରେ ପ୍ରଥମ ମ୍ୟାଚ୍ ଜିତିଥିବାରୁ ଦ୍ୱିତୀୟ ମ୍ୟାଚ୍ ଲାଗି ଦଳରେ ବିଶେଷ କିଛି ପରିବର୍ତ୍ତନ ହେବାର ସମ୍ଭାବନା କମ୍। କେବଳ ମହମ୍ମଦ୍ ସାମି ଫିଟ୍ ହେଲେ ନୀତୀଶ କୁମାର ରେଡ୍ଡୀଙ୍କ ସ୍ଥାନରେ ଖେଳିପାରିବେ। ଏହା ଛଡ଼ା ଆଉ କିଛି ପରିବର୍ତ୍ତନ ହେବ ନାହିଁ। ଦଳର ଦୁଇ ଓପନର ସଞ୍ଜୁ ସାମସନ ଓ ଅଭିଷେକ ଗତ ୩ଟି ସିରିଜ୍‌ରେ ଭଲ ଆରମ୍ଭ ଦେଇଛନ୍ତି ଓ ଏହି ସିରିଜ୍‌ରେ ମଧ୍ୟ ସମାନ ଖେଳିବା ଆରମ୍ଭ କରିଛନ୍ତି। ଉଭୟଙ୍କ ବ୍ୟାଟିଂ ଆଗରେ ଫେଲ ମାରିଛନ୍ତି ଇଂଲଣ୍ଡର ତଥାକଥିତ ବୋଲର।

## ସିନର୍-ଜ୍ୱେରେଭ୍ ଫାଇନାଲ

**ଅଷ୍ଟ୍ରେଲିଆନ୍ ଓପନ୍**
**ଆହତ ଜୋକୋଭିଚ୍ ସେମିରୁ ଓହରିଲେ**

ମେଲବୋର୍ଣ୍ଣ,୨୪ ।୧(ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ରବିବାର ଫାଇନାଲ ମୁକାବିଲାରେ ଗତଥରର ଚାମ୍ପିଅନ ତଥା ଟପ୍ ସିଡ୍ ଇଟାଲୀର ଜାନିକ ସିନର ଓ ଦ୍ୱିତୀୟ ସିଡ୍ ଆଲେକଜାଣ୍ଡର ଜ୍ୱେରେଭ ପରସ୍ପରକୁ ଭେଟିବେ। ସ୍ଥାନୀୟ ରୋଡ ଲେବର ଏରିନାରେ ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ସିନର ୭-୬, ୬-୨, ୬-୨ ସିଧାସଳଖ ସେଟ୍‌ରେ ଆମେରିକାର ୨୧ତମ ସିଡ୍ ବେନ୍ ସେଲ୍ଟନଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। କିନ୍ତୁ ଦ୍ୱିତୀୟ ସେମିରେ ୨୪ଟି ଗ୍ରାଣ୍ଡସ୍ଲାମ ଜିତିଥିବା ଓ ୧୦ଟି ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ ହାସଲ କରିଥିବା ସର୍ବିଆର ନୋଭାକ ଜୋକୋଭିଚ୍ ଆଘାତ ସମସ୍ୟା କାରଣରୁ ଅଧାରୁ ଓହରିଯିବାକୁ ବାଧ୍ୟ ହୋଇଥିଲେ। ଫଳରେ ଜ୍ୱେରେଭ ୱାକ୍‌ଓଭର ପାଇ ଫାଇନାଲରେ ପ୍ରବେଶ କରିଥିଲେ। ଜୋକୋଭିଚ୍ ଓହରିବା ପ୍ରଥମ ସେଟ୍‌ରେ ୬--୭ରେ ପରାସ୍ତ ହୋଇଥିଲେ। ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଚାମ୍ପିଅନ ଜୋକୋଭିଚ୍ ପୂର୍ବରୁ କ୍ୱାର୍ଟର ଫାଇନାଲରେ ସ୍ପେନର କାର୍ଲୋସ ଆଲକାରାଜଙ୍କୁ ୪





ସେଟ୍‌ରେ ହରାଇଥିଲେ। ମାଂସପେସୀରେ ଆଘାତ କାରଣରୁ ୩୭ ବର୍ଷୀୟ ଜୋକୋଭିଚ୍‌ଙ୍କୁ ଓହରିବାକୁ ହୋଇଥିଲା। ପ୍ରଥମ ସେଟ୍ ହାରିବା ପରେ ମାଂସପେସୀରେ ଯନ୍ତ୍ରଣା ଅନୁଭବ କରିଥିଲି ଓ ଖେଳିବା ଅସମ୍ଭବ ହୋଇ ପଡିଥିଲା ବୋଲି କୋଭୋଭିଚ୍ କହିଛନ୍ତି। ମ୍ୟାଚ୍‌ରୁ ଓହରିବା ପରେ ଜୋକୋଭିଚ୍‌ଙ୍କ ନାମ ନେଇ ଦର୍ଶକ ହୁଟିଂ ଅର୍ଥାତ୍ ପାଟିକରି ଚିଲାଇଥିଲେ। ଫାଇନାଲ ମ୍ୟାଚ୍ ଜିତିଲେ ଜ୍ୱେରେଭ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବେ।

### ଗଡେକି- ପିୟର୍ସଙ୍କୁ ମିଶ୍ରିତ ଯୁଗଳ ଟାଇଟଲ

ଅଷ୍ଟ୍ରେଲିଆନ ଓପନ୍ ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ଘରୋଇ ଯୋଡି ଓଲିଭିଆ ଗଡେକି ଓ ଜନ୍ ପିୟର୍ସ ଚାମ୍ପିଅନ ହୋଇଛନ୍ତି। ଅଣସିଡ୍ ଏହି ଅଷ୍ଟ୍ରେଲିଆ ଯୋଡି ୩-୬, ୬-୪, ୧୦-୬ ସେଟ୍‌ରେ ନିଜ ଦେଶର କିମ୍ବର୍ଲି ବିରେଲ ଓ ଜନ୍- ପାଟ୍ରିକ୍ ସ୍ମିଥ୍‌ଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ୧୯୬୭ ପରେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆର ଦୁଇ ଯୋଡି ଫାଇନାଲ ଖେଳିଥିଲେ।

**ମେଘାଳୟ ବିପକ୍ଷ ରଣଜୀ ମ୍ୟାଚ୍**

## ଗୋବିନ୍ଦଙ୍କ ଶତକ; ଦୃଢ଼ ସ୍ଥିତିରେ ଓଡ଼ିଶା



କଟକ,୨୪।୧(ସମିସ): ସିଳଂର ଏମସିଏ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫିର ମେଘାଳୟ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଦୃଢ଼ ସ୍ଥିତିରେ ରହିଛି। ମେଘାଳୟ ୧୯୮ରନରେ ସୀମିତ ରହିବା ପରେ ଓଡ଼ିଶା ୭ ୱିକେଟ ବିନିମୟରେ ୫୨୩ରନ ସଂଗ୍ରହ କରିଛି। ଗୋବିନ୍ଦ ପୋଦ୍ଦାର ଚଳିତ ସଂସ୍କରଣରେ ଦ୍ୱିତୀୟ ଶତକୀୟ ପାଳି ଖେଳିଛନ୍ତି। ଏଠାରେ ସେ ୧୨୧ରନ କରିଥିଲେ। ଏହାଛଡ଼ା ୪ଜଣ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ଦଳକୁ ବିଶାଳ ରନ୍ ଅଭିମୁଖେ ଆଗେଇ ନେଇଥିଲେ। ମ୍ୟାଚ୍ ଆହୁରି ଦୁଇ ଦିନ ବାକିଥିବା ଯୋଗୁଁ ଓଡ଼ିଶାର ବିଜୟ ନିଶ୍ଚିତ ବୋଲି ଆଶା କରାଯାଉଛି।

ଅସମାପ୍ତ ପ୍ରଥମ ପାଳି ୭୦/୦ରୁ ଆଜି ଓଡ଼ିଶା ବ୍ୟାଟିଂ ଆରମ୍ଭ କରିଥିଲା। ଓପନର ସ୍ୱସ୍ତିକ ସାମଲ ୪୪ରନ ଏବଂ ଶାନ୍ତନୁ ମିଶ୍ର ୨୩ରନରେ ଅପରାଜିତ ଥିଲେ। ବଡ ସଟ୍ ଖେଳି ସ୍ୱସ୍ତିକ ଦଳୀୟ ସ୍କୋରକୁ ୧୦୦ ପାର୍ କରାଇଥିଲେ। ୮୦ରନ କରିଥିବା ବେଳେ ଆକାଶ ଚୌଧୁରୀଙ୍କ ବଲରେ ସେ କ୍ଲିନ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ପରେ ଶାନ୍ତନୁଙ୍କୁ ୩୭ରନରେ ଆଉଟ କରି ମିଡିୟମ ପେସ୍ ବୋଲର ନଫିସ ସିଦ୍ଦିକ ଦଳକୁ ଦ୍ୱିତୀୟ ସଫଳତା ଦେଇଥିଲେ। ୧୨୦ରନ୍‌ରେ ଓଡ଼ିଶା ଦୁଇ ଓପନରଙ୍କୁ ହରାଇଥିଲା। ଅଧିନାୟକ ସନ୍ଦୀପ ପଟ୍ଟନାୟକ ଏବଂ ଗୋବିନ୍ଦଙ୍କ ଭିତରେ ୩ୟ ୱିକେଟରେ ୧୪୦ରନର ଭାଗିଦାରୀ ସୃଷ୍ଟି ହୋଇଥିଲା। ଉଭୟ ଖୁବ୍ ସହଜରେ ମେଘାଳୟ ବୋଲରଙ୍କ ଠାରୁ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ସନ୍ଦୀପ ୭୮ରନ କରିଥିବା ବେଳେ ଆକାଶଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ତେବେ ମଧ୍ୟକ୍ରମ ବ୍ୟାଟରମାନଙ୍କ ଉପଯୋଗୀ ପାଳି ଯୋଗୁଁ ଓଡିଶା ଗୋଟିଏ ଦିନରେ ୪୫୩ରନ ସଂଗ୍ରହ କରି ପାରିଥିଲା। ୧୫୭ବଲରୁ ୧୭ଟି ଚୌକା ବଲରେ ୧୨୧ରନ କରି ଗୋବିନ୍ଦ ଆଉଟ ହେବା ପରେ କାର୍ତ୍ତିକ ବିଶ୍ୱାଳ ୬୮ରନ, ଆଶୀର୍ବାଦ ସ୍ୱାଇଁ ୩୪ରନ ଏବଂ ରାଜେଶ ମହାନ୍ତି ଶୂନରେ କ୍ରିଜ ଛାଡ଼ିଥିଲେ। ରାଜେଶ ଧୂପର ୭ଟି ଚୌକା ଏବଂ ୪ଟି ଛକା ବଳରେ ୮୦ରନ ଏବଂ ସୁନୀଲ ରାଉଳ ୪ରନରେ ଅପରାଜିତ ଅଛନ୍ତି। ମେଘାଳୟର ସିଦ୍ଦିକଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଛି।

**ଜାଡେଜାଙ୍କ ଅଲ୍‌ରାଉଣ୍ଡ ସଫଳତା**

## ଦିଲ୍ଲୀକୁ ହରାଇଲା ସୌରାଷ୍ଟ୍ର



ରାଜକୋଟ, ୨୪।୧(ଏଜେନ୍ସି): ଟେଷ୍ଟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଚମତ୍କାର ଭଙ୍ଗୀରେ ରଣଜୀ ଟ୍ରଫିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ତାଙ୍କ ପ୍ରତ୍ୟାବର୍ତ୍ତନ ମ୍ୟାଚ୍‌ରେ ୧୨ଟି ୱିକେଟ ନେବା ସହ ୩୮ ରନ୍ କରିବା ଫଳରେ ଏଠାରେ ଶେଷ ହୋଇଥିବା ରଣଜୀ ମ୍ୟାଚ୍‌ରେ ସୌରାଷ୍ଟ୍ର ୧୦ ୱିକେଟରେ ଦିଲ୍ଲୀକୁ ପରାସ୍ତ କରିଛି। ଜାଡେଜା ଦିଲ୍ଲୀର ପ୍ରଥମ ଇନିଂସରେ ୫ଟି ଓ ଦ୍ୱିତୀୟ ଇନିଂସରେ ୭ଟି ୱିକେଟ ପାଇଥିଲେ। କିନ୍ତୁ ଟେଷ୍ଟ ୱିକେଟକିପର ଋଷଭ ପନ୍ତ ପ୍ରଥମ ଇନିଂସରେ ୧ ଓ ଦ୍ୱିତୀୟ ଇନିଂସରେ ୧୭ ରନ୍ କରି ବ୍ୟାଟିଂରେ ଫେଲ ମାରିଛନ୍ତି।

### ସମ୍ମାନ ରଖିଲେ ସାର୍ଦ୍ଦୁଳ

ମୁମ୍ବଇରେ ଚାଲିଥିବା ଜମ୍ମୁ-କଶ୍ମୀର ବିପକ୍ଷ ରଣଜୀ ମୁକାବିଲାରେ ଟେଷ୍ଟ ଅଧିନାୟକ ରୋହିତ ଶର୍ମା ୨୮ ଓ ଯଶସ୍ୱୀ ଜୟସ୍ୱାଲ ୨୬ ରନ୍ କରି ପୁଣିଥରେ ବ୍ୟାଟିଂରେ ଫେଲ ହୋଇଛନ୍ତି। ପ୍ରଥମ ଇନିଂସରେ ଏମାନେ ଯଥାକ୍ରମେ ୩ ଓ ୪ ରନ୍ କରିଥିଲେ। ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମୁମ୍ବାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ୧୦୧ ରନ୍‌ରେ ୭ଟି ୱିକେଟ ହରାଇଥିଲା। କିନ୍ତୁ ୮ମ ୱିକେଟରେ ସାର୍ଦ୍ଦୁଳ ଠାକୁର ଓ ତନୁସ କୋଟିଆନ ୧୭୩ ରନ୍ ଉଠାଇ ଦଳର ସମ୍ମାନ ରଖିବାରେ ସମର୍ଥ ହୋଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ସାର୍ଦ୍ଦୁଳ ୧୧୩ ଓ ତନୁଷ ୫୮ ରନ୍‌ରେ ବ୍ୟାଟିଂ କରୁଥିଲେ।

### ସ୍ମରନ୍‌ଙ୍କ ଦ୍ୱିଶତକ

କର୍ଣ୍ଣାଟକର ଯୁବ ଖେଳାଳି ସ୍ମରନ୍ ରବିଚନ୍ଦ୍ରନ ତାଙ୍କ ପ୍ରଥମ ପ୍ରଥମଶ୍ରେଣୀ ଶତକକୁ ଦ୍ୱିଶତକରେ ପରିଣତ କରିବାରେ ସମର୍ଥ ହୋଇଛନ୍ତି। ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ସେ ୨୦୩ ରନ୍ କରିଥିଲାବେଳେ ଅଭିନବ ମନୋହର ୩୪ ରନ୍ କରି ଦ୍ୱିତୀୟ ଟପ୍ ସ୍କୋରର ହୋଇଥିଲେ। ପଞ୍ଜାବର ପ୍ରଥମ ପାଳି ଜବାବରେ କର୍ଣ୍ଣାଟକ ୪୭୫ ରନ୍ କରିଛି। ଦ୍ୱିତୀୟ ଦିନ ଖେଳ ଶେଷବେଳକୁ ପଞ୍ଜାବ ଦ୍ୱିତୀୟ ଇନିଂସରେ ୨ ୱିକେଟ ହରି ୨୪ ରନ୍ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS